# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୬/୨୦୧୮ (୧୬ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, December 26/ 2018 ★★★★

୪୫ଶ ଭାଗ ୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଭାର୍ଗବୀଙ୍କୁ ଟାଇଟଲ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅଲ ଓଡ଼ିଶା ନାଲ୍‌କୋ ଓପନ୍ ଟେନିସ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଭାର୍ଗବୀ କାଲାଗା।

୧୪

୦୨

**କମେଡି କିଙ୍ଗ୍‌ଙ୍କ ରିସେପ୍ସନ୍ ପାର୍ଟି**

ହାସ୍ୟାଭିନେତା କପିଲ ଶର୍ମା ସୋମବାର ସନ୍ଧ୍ୟାରେ ଟିଭି ଓ ଫିଲ୍ମ ଇଣ୍ଡଷ୍ଟ୍ରିର ବନ୍ଧୁଙ୍କ ନିମନ୍ତେ ଏକ ରିସେପ୍ସନ୍ ପାର୍ଟି ଆୟୋଜନ କରିଥିଲେ।





### ଉତ୍ତର-ପୂର୍ବକୁ ପ୍ରଧାନମନ୍ତ୍ରୀଙ୍କ ଏକ୍ସମାସ ଉପହାର

# ବୋଗିବିଲ୍ ସେତୁ ଲୋକାର୍ପିତ

ଗୁଆହାଟୀ,୨୫।୧୨(ଆଇଏଏନ୍‌ଏସ୍/ପି.ଟି.)

ଆସାମର ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ବୋଗିବିଲ ସେତୁ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଏହା ହେଉଛି ଏସିଆର ଦ୍ୱିତୀୟ ଏବଂ ଦେଶର ଦୀର୍ଘତମ ରେଳ ତଥା ସଡ଼କ ବ୍ରିଜ୍। ଏହି ବ୍ରିଜ୍ ଉଦ୍‌ଘାଟିତ ହେବା ଫଳରେ ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଦୂରତ୍ୱ ହ୍ରାସ ପାଇବ।

ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ଆସାମର ଡିବ୍ରୁଗଡ଼ ନିକଟସ୍ଥ ମୋହନବାରି ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ଜଗଦୀଶ ମୁଖୀ ଓ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସେନୋୱାଲ ତାଙ୍କୁ ସ୍ୱାଗତ କରିଥିଲେ। ମୋଦି ସେଠାରୁ ହେଲିକପ୍ଟରରେ ବୋଗିବିଲ ଯାଇ ଧେମାଜିକୁ ଡିବ୍ରୁଗଡ଼ ସହ ଯୋଡୁଥିବା ଦେଶର ଦୀର୍ଘତମ ସେତୁକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୋଦି କହିଥିଲେ, ଉକ୍ତ ବ୍ରିଜ୍ ଆସାମ ଓ ଉତ୍ତର-ପୂର୍ବର ଜନସାଧାରଣଙ୍କ ପାଇଁ ଏକ ଜୀବନରେଖା। କେନ୍ଦ୍ର ସରକାର ଗତ ସାଢ଼େ ଚାରିବର୍ଷରେ ଦେଶବାସୀଙ୍କୁ ସୁଶାସନ ଦେବାକୁ ଉଦ୍ୟମ କରିଛନ୍ତି। ବୋଗିବିଲ ରେଳ-ସଡ଼କ ବ୍ରିଜ୍ ଏହି ସୁଶାସନର ପ୍ରତୀକ। ଏହା ଇଞ୍ଜିନିୟରିଂର ଓ ଟେକ୍ନୋଲୋଜିର ଏକ ବିସ୍ମୟ। ପ୍ରତିରକ୍ଷା ଦୃଷ୍ଟିରୁ ମଧ୍ୟ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଏହି ସେତୁ ଦୂରତା ହ୍ରାସ କରିବ। ଉତ୍ତର-ପୂର୍ବାଞ୍ଚଳର ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ଏବେ ସାକାର ହୋଇଛି। ☞ ପୃଷ୍ଠା-୪



ବୋଗିବିଲ ସେତୁକୁ ଲୋକାର୍ପଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

**ପରିବହନରୁ ପରିବର୍ତ୍ତନ**

- ଭାରତର ଦୀର୍ଘତମ ଓ ଏସିଆର ଦ୍ୱିତୀୟ ବୃହତ୍ ରେଳ-ସଡ଼କ ବ୍ରିଜ୍
- ଲମ୍ବ ୪.୯୪ କି.ମି., ଖର୍ଚ୍ଚ ୫,୯୦୦ କୋଟି
- ଆସାମ-ଅରୁଣାଚଳ ମଧ୍ୟରେ ଦୂରତା କମିବ
- ଚାଇନାର ମୁକାବିଲା କରିବାରେ ସହାୟକ ହେବ

# ଗଞ୍ଜାମରେ ୨ ଏନ୍‌କାଉଣ୍ଟର

## ବ୍ରହ୍ମପୁର ବଡ଼ ମେଡିକାଲରୁ ଫେରାର ଅଭିଯୁକ୍ତ ନିହତ

**ଗଞ୍ଜାମ ଜିଲାର ଦୁଇଟି ସ୍ଥାନରେ ପୋଲିସ ବହୁ ଅପରାଧର ଅଭିଯୁକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରିଛି। ଗୋଟିଏ ଘଟଣା ଜଗନ୍ନାଥପ୍ରସାଦ ଥାନା ଓ ଅନ୍ୟଟି ଖଲ୍ଲିକୋଟ ଥାନା ଅଧୀନରେ ଘଟିଛି। ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି ।**

ବ୍ରହ୍ମପୁର ଅଫିସ/ଭଞ୍ଜନଗର,୨୫।୧୨(ଡି.ଏନ.ଏ.)

ବ୍ରହ୍ମପୁର ବଡ ମେଡିକାଲରୁ ନଭେମ୍ବର ୨୫ରୁ ଫେରାର ହୋଇଯାଇଥିବା ବହୁ ଅପରାଧର ଅଭିଯୁକ୍ତ ବାବୁ ନାଇକ(୨୬)ଙ୍କର ମଙ୍ଗଳବାର ଅପରାହ୍ନରେ ପୋଲିସ ଏନ୍‌କାଉଣ୍ଟରେ ମୃତ୍ୟୁ ଘଟିଛି। ବାବୁ ଏବଂ ତାଙ୍କ ସହଯୋଗୀ ତପନ ଜେନା ଏକ ବାଇକ୍‌ରେ ଆସୁଥିବା ଖବର ପାଇ ଜଗନ୍ନାଥପ୍ରସାଦ ପୋଲିସ ବନ୍ଧ ଗ୍ରାମ ନିକଟ ଏକ ନିର୍ଜନ ସ୍ଥାନରେ ସେମାନଙ୍କୁ ଅଟକାଇଥିଲା। ଗିରଫ ଭୟରେ ପୋଲିସ ଉପରକୁ ବାବୁ ପ୍ରଥମେ ଗୁଳିଚାଳନା କରିଥିଲେ। ପାଲଟା ଗୁଳି ଚାଳନାରେ ବାବୁ ଏବଂ ତାଙ୍କ ସହଯୋଗୀ ତପନ ଆହତ ହୋଇଥିଲେ । ଉଭୟଙ୍କୁ ପୋଲିସ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ଗୁରୁତର ଅବସ୍ଥାରେ ବାବୁଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାବୁଙ୍କ ଛାତିରେ ଗୋଟିଏ ଏବଂ ଦୁଇ ଗୋଡରେ ଦୁଇଟି ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ଚର୍ଚ୍ଚା ହେଉଛି। ତାଙ୍କ ମୃତଦେହ ବଡ ମେଡିକାଲ ଶବଗୃହରେ ରଖାଯିବ । ବୁଧବାର ସକାଳେ ପରିବାର ଲୋକେ ଆସିବା ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ହେବ ବୋଲି ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ସୂଚନା ଦେଇଛନ୍ତି। ☞ ପୃଷ୍ଠା-୪



ବାବୁ ନାଇକ

## ମଦ ଟ୍ରକ୍ ଲୁଟ୍ ଘଟଣାର ମାଷ୍ଟରମାଇଣ୍ଡ ଆହତ

ଛତ୍ରପୁର/ଖଲ୍ଲିକୋଟ,୨୫।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଡ଼ଘାଟିଠାରେ ଗତ ୪ ତାରିଖ ରାତିରେ ବିଦେଶୀ ମଦ ବୋଝେଇ ଏକ ଟ୍ରକକୁ ଦୁର୍ବୃତ୍ତମାନେ ନେଇ ପଳାଇଥିଲେ। ଏହି ଘଟଣାର ମାଷ୍ଟର ମାଇଣ୍ଡଙ୍କୁ ଖଲ୍ଲିକୋଟ ପୋଲିସ ମଙ୍ଗଳବାର ଭୋରରେ ଗୁଡ଼ିଝର ଛକଠାରେ ଏନ୍‌କାଉଣ୍ଟର କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ମଧୁପୁର ଗାଁର ଅନନ୍ତ କୁମାର ମାଛୁଆ ଓରଫ ମାଛୁଆ ଓରଫ ମଣି। ମାଛୁଆଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିବାରୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ନିକଟରୁ ବନ୍ଧୁକ, ୩ ଗୁଳି, ଗୋଟିଏ ବାଇକ,୧୫୦୦ ଟଙ୍କା, ଓ ମୋବାଇଲ ଫୋନ ଜବତ ହୋଇଛି। ☞ ପୃଷ୍ଠା-୪

**କାର୍, ୨ ଟ୍ରକ୍ ଜବତ: ୯ ଗିରଫ**



**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**

**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

## ନୂଆ ୨୦ ଟଙ୍କିଆ ନୋଟ୍ ଆସିବ

ନୂଆଦିଲ୍ଲୀ,୨୫।୧୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂଆ ସୁରକ୍ଷା ମାନକ ସହିତ ନୂଆ ୨୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରିବାକୁ ଯାଉଛି। କେନ୍ଦ୍ରୀୟ ବ୍ୟାଙ୍କର ଏକ ଡକ୍ୟୁମେଣ୍ଟରୁ ଏହା ଜଣାପଡିଛି। ଆର୍‌ବିଆଇ ପକ୍ଷରୁ ୨୦୦ ଓ ୨୦୦୦ ଟଙ୍କିଆ ନୂଆ ନୋଟ୍ ଜାରି କରାଯିବା ପରେ ୧୦, ୫୦, ୧୦୦ ଓ ୫୦୦ ଟଙ୍କିଆ ନୂଆ ନୋଟ୍‌କୁ ନୂଆ ରଙ୍ଗ, ରୂପରେ ଜାରି କରାଯାଇସାରିଛି। ନଭେମ୍ବର ୨୦୧୬ରୁ ନୂଆ ରୂପରେ ଆସିଥିବା ନୋଟ୍‌କୁ ମହାତ୍ମା ଗାନ୍ଧୀ ସିରିଜ(ନୂଆ)ଅନ୍ତର୍ଗତରେ ଜାରି କରାଯାଉଛି। ନୂଆ ନୋଟ୍‌ର ଡିଜାଇନ ପୁରୁଣାଠାରୁ ସମ୍ପୂର୍ଣ୍ଣ ଅଲଗା। ଆର୍‌ବିଆଇ ଡାଟା ଅନୁଯାୟୀ, ୨୦୧୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୪.୯୨ ବିଲିୟନ ୨୦ ଟଙ୍କିଆ ନୋଟ୍ ବଜାରରେ ଉପଲବ୍ଧ ଥିଲା, ଯାହା ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବୃଦ୍ଧି ପାଇ ୧୦ ବିଲିୟନରେ ପହଞ୍ଚିଛି। ବଜାରରେ ପ୍ରଚଳିତ ମୋଟ୍ ନୋଟ୍‌ର ଏହା ୯.୮%।

# ୫ ଡିଗ୍ରୀକୁ ଖସିଲା ପାରଦ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

- ପ୍ରବଳ ଥଣ୍ଡାରେ ଜନଜୀବନ ଅସ୍ତବ୍ୟସ୍ତ
- ଫୁଲବାଣୀରେ ୫, ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ
- ୨୭ରେ ଦକ୍ଷିଣ ଓଡ଼ିଶାରେ ହାଲକା ବର୍ଷା

ସଞ୍ଜ ନଇଁବା ମାତ୍ରେ ମାଡି ଆସୁଛି ପ୍ରବଳ ଥଣ୍ଡା। ଜାଡୁଆ ଶୀତରେ କିଲବିଲ ହୋଇ ପଡୁଛନ୍ତି ରାଜ୍ୟବାସୀ। ଉପକୂଳରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ପ୍ରକୋପ ଜାରି ରହିଛି। ପ୍ରବଳ ଥଣ୍ଡାରେ ଦେହ ମୁଣ୍ଡ କାଲୁଆ ହୋଇଯାଉଛି। ଲଗାତର ପାରଦ ଖସିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୧୦ଟା ଯାଏ ପଦାକୁ ବାହାରିବା ମୁସ୍କିଲ ହେଉଛି। ବଣ ପାହାଡ ଘେରା ଜିଲାଗୁଡିକରେ ଶୀତର ପ୍ରକୋପ ଆହୁରି ଅଧିକ। ମଙ୍ଗଳବାର ପାରଦ ଚଳିତବର୍ଷର ରେକର୍ଡ ଭାଙ୍ଗିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୯ଟି ସହରରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୬, ଝାରସୁଗୁଡା ୯.୬, କେନ୍ଦୁଝର ୭.୨, ସମ୍ବଲପୁର ୯.୮, ସୋନପୁର ୯, ଟିଟିଲାଗଡ ୯.୫, ସୁନ୍ଦରଗଡ ୧୦, ହୀରାକୁଦ ୧୦.୧, ତାଳଚେର ୧୦.୩ ଏବଂ ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଛି। ରାଜ୍ୟକୁ ଉତ୍ତର-ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ବାୟୁ ପ୍ରବାହିତ ହେଉଛି। ତେବେ ଆସନ୍ତା ଦୁଇଦିନ ଯାଏ ଥଣ୍ଡାରୁ ନିସ୍ତାର ମିଳିବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ଆସନ୍ତା ୨୭ ତାରିଖରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଫଳରେ ସର୍ବନିମ୍ନ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇବା ସମ୍ଭାବନା ରହିଛି।

### ରେଳ ଲାଇନରେ ଫାଟ

# ଦୁର୍ଘଟଣାରୁ ବର୍ତ୍ତିଲା ହୀରାଖଣ୍ଡ





ରାୟଗଡା ଅଫିସ,୨୫।୧୨

ରାୟଗଡା-କୋରାପୁଟ ମଝିରେ ଥିବା ସିଙ୍ଗାପୁର ଷ୍ଟେଶନଠାରେ ରେଳଧାରଣାରେ ଫାଟ ଯୋଗୁ ହୀରାଖଣ୍ଡ ଏକ୍ସପ୍ରେସ ମଙ୍ଗଳବାର ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ରେଳ ଲାଇନ ମରାମତି ପରେ ଅଧଘଣ୍ଟା ବିଳମ୍ବରେ ହୀରାଖଣ୍ଡ ଏକ୍ସପ୍ରେସ ଜଗଦଲପୁର ଅଭିମୁଖେ ଯାତ୍ରା କରିଥିଲା ।

ସିଙ୍ଗାପୁର ଷ୍ଟେଶନ ମ୍ୟାନେଜର ଏସ.କେ.ବେହେରାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର -ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ସକାଳେ ରାୟଗଡା ଷ୍ଟେଶନରୁ ବାହାରି ଜଗଦଲପୁର ଅଭିମୁଖେ ଯାଉଥିଲା । ସିଙ୍ଗାପୁର ଷ୍ଟେଶନ ୟାର୍ଡର ରୁଟ୍ ନମ୍ବର ୪ରେ ଥିବା ପ୍ଲାଟଫର୍ମ ୨ରେ ହୀରାଖଣ୍ଡ ଏକ୍ସପ୍ରେସ ପହଞ୍ଚିବା ସମୟରେ ଟ୍ରାକ ଲାଇନ ତଦାରଖ ଦାୟିତ୍ୱରେ ଥିବା ପଏଣ୍ଟ ମ୍ୟାନ୍ ବୈଷ୍ଣବ ଗଉଡ ଏହି ଧାରଣାରେ କିଛି ଶବ୍ଦ ଶୁଣିବାକୁ ପାଇଥିଲେ । ପରେ ତଦାରଖ କରିବାରୁ ଧାରଣାରେ ଫାଟ ହୋଇଥିବା ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଷ୍ଟେଶନ ମ୍ୟାନେଜର ଦିଗାମ୍ବର ମୁଦୁଲିଙ୍କୁ ସିଗ୍‌ନାଲ ନ ଦେବା ପାଇଁ କହିଥିଲେ। ଖବରପାଇ ରାୟଗଡାରୁ ଟ୍ରାକ ମରାମତି ଟିମ ଘଟଣାସ୍ଥଳରେ ପହଞ୍ଚି ମରାମତି କରିଥିଲେ। ଅଧଘଣ୍ଟା ବିଳମ୍ବରେ ଟ୍ରେନଟି ଷ୍ଟେଶନରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା । ପରେ ଯଶବନ୍ତପୁର-ଟାଟା ସୁପରଫାଷ୍ଟ ଏକ୍ସପ୍ରେସ, ମାଲବାହୀ ଟ୍ରେନ,ବିଶାଖାପାଟଣା-ରାୟପୁର ପାସେଞ୍ଜର ଯାତାୟାତ କରିଥିଲା ବୋଲି ସିଙ୍ଗାପୁର ଷ୍ଟେଶନ ମ୍ୟାନେଜର ବେହେରା ପ୍ରକାଶ କରିଛନ୍ତି । ଶୀତଦିନରେ ରାତିରେ ହଠାତ ତାପମାତ୍ରା ୧୫ ରୁ ୧୦ ଡିଗ୍ରୀ ତଳକୁ ଖସିଲେ ରେଳ ଧାରଣାଗୁଡିକ ମଧ୍ୟରେ ସଙ୍କୁଚିତ ଓ ପ୍ରସାରଣ ଯୋଗୁ ଏହା ମଧ୍ୟରେ ଫାଟ ହୋଇଥାଏ ବୋଲି ସେ କହିଛନ୍ତି।

# ଆଜି ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୨୫।୧୨

ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ବୁଧବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁନିୟନଗୁଡିକ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ସପ୍ତାହକ ଭିତରେ ଏହା ଦ୍ୱିତୀୟ। ବେତନ ବୃଦ୍ଧି ଓ ଅନ୍ୟାନ୍ୟ ଦାବି ପୂରଣକୁ ନେଇ ଗତ ୨୧ରେ ପ୍ରଥମ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଥିଲା। ଏଥିଯୋଗୁ ସାରା ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସେବା ପ୍ରଭାବିତ ହେବ। ଅଧିକାଂଶ ବ୍ୟାଙ୍କ ଏ ସମ୍ପର୍କରେ ସେମାନଙ୍କର ଗ୍ରାହକମାନଙ୍କୁ ଜଣାଇ ଦେଇଛନ୍ତି। ତେବେ ଘରୋଇ ବ୍ୟାଙ୍କଗୁଡିକ ଧର୍ମଘଟରେ ସାମିଲ ହୋଇ ନ ଥିବାରୁ ସେଗୁଡିକ ଖୋଲା ରହିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସର ଛତ୍ରଛାୟା ତଳେ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲିଜ୍ ଆସୋସିଏଶନ, ନ୍ୟାଶନାଲ କନ୍‌ଫେଡେରେଶନ ଅଫ୍ ବ୍ୟାଙ୍କ ଏମ୍ପ୍ଲିଜ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କର୍ସର ପ୍ରାୟ ୧୦ ଲକ୍ଷ ଅଧିକାରୀ ଓ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହେବେ। ଅତିରିକ୍ତ ମୁଖ୍ୟ ଶ୍ରମ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ଧର୍ମଘଟ ଯଥାରୀତି ହେବ ବୋଲି ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍.ଭେଙ୍କଟଚଲମ କହିଛନ୍ତି।

**ଆଜିର ସମ୍ପାଦକୀୟ**

ଚୋଟ ବାଜିଛି

**ଆଜିର ମନ୍ତବ୍ୟ**

ଆଜିର ଉପଭୋକ୍ତାବାଦ ଏକ ଅତୃପ୍ତ ଲୋଭ।

-ପୋପ୍ ଫ୍ରାନ୍ସିସ୍

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ଦେଶରୁ ସାମଗ୍ରୀ ରପ୍ତାନି ୧୧.୫୮% ବୃଦ୍ଧି ଘଟି ୨୧୭.୫୨ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ

### ଉପକୂଳ ପାଇଁ ନୂଆ ଯୋଜନା

# ହେନ୍ତାଳବନ, କଇଁଛ ସୁରକ୍ଷା ଉପରେ ଗୁରୁତ୍ୱ

- ସିଜେଡ୍‌ଏମ୍‌ପିକୁ କେନ୍ଦ୍ରର ଅନୁମୋଦନ
- ୭ ଉପକୂଳ ଜିଲାରେ ହେବ କାର୍ଯ୍ୟକାରୀ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ସମୁଦ୍ର ଉପକୂଳର ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରହିବ। ସାମୁଦ୍ରିକ ଜୀବଜନ୍ତୁମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବ। ହେନ୍ତାଳବନର ସୁରକ୍ଷା ହେବ। ଏଥିସହିତ ଉପକୂଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା(ସିଜେଡ୍‌ଏମପି)-୨୦୧୮ରେ ଏଭଳି ଅନେକ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସିଜେଡଏମପିକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅନୁମୋଦନ କରିଛି।

ମିଳିଥିବା ସୂଚନା ଅନୁଯାୟୀ ପୂର୍ବରୁ ସିଜେଡ୍‌ଏମ୍‌ପିରେ ୩ଟି କୋଷ୍ଟାଲ ରେଗୁଲେଶନ ଜୋନ(ସିଆରଜେଡ୍) ରହିଥିବାବେଳେ ନୂତନ ଯୋଜନାରେ ୪ଟି ଜୋନ କରାଯାଇଛି। ସିଆରଜେଡ୍-୧କୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ସିଆରଜେଡ୍-ଏ ଓ ବି। ସିଆରଜେଡ୍-ଏରେ ସମୁଦ୍ର କୂଳରେ ଥିବା ହେନ୍ତାଳ ବନ ଏହି ଜୋନ ଅଧୀନରେ ଆସୁଛି। ସାମୁଦ୍ରିକ ଝଡ଼ର ରକ୍ଷା କବଚ ଭାବେ କାର୍ଯ୍ୟ କରୁଥିବା ହେନ୍ତାଳ ବନଗୁଡ଼ିକର ସୁରକ୍ଷା ଓ ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବ୍ୟବସ୍ଥା କରାଯାଇଛି। ଏହି ଅଞ୍ଚଳରେ କୌଣସି ପ୍ରକାର ନିର୍ମାଣ କରାଯାଇ ପାରିବ ନାହିଁ। ଏଥିସହିତ ହେନ୍ତାଳ ବନ ବୃଦ୍ଧି କରିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବେ। ସିଆରଜେଡ-ବି ଅଧୀନରେ ସମୁଦ୍ରକୂଳରେ ଥିବା ବାଲୁକାସ୍ତର ଏବଂ କଇଁଛ ବିଚରଣ କରୁଥିବା ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସେହି ଅଞ୍ଚଳରେ କୌଣସି ପ୍ରକାର ପ୍ରବେଶ ଓ ନିର୍ମାଣକୁ ମଧ୍ୟ ବାରଣ କରାଯାଇଛି। କଇଁଚମାନଙ୍କର ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦିଆଯାଇଛି। ସେମାନେ ଯେପରି ଅବାଧରେ ଅଣ୍ଡାଦାନ କରିପାରିବେ ସେ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସିଆରଜେଡ-୨କୁ ମଧ୍ୟ ଜନବସତି ଆଧାରରେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରତି ବର୍ଗ କିଲୋମିଟରେ ୧୬୫ ଜନସଂଖ୍ୟାକୁ ଜୋନ -ଏ ଏବଂ ୨୧୬୧ ଜନସଂଖ୍ୟାକୁ ଜୋନ-ବି ଭାବେ ନାମିତ କରାଯାଇଛି। ଏହି ସବୁ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିବ। ତେବେ ଏଥିପାଇଁ ରାଜ୍ୟରେ ଥିବା କୋଷ୍ଟାଲ ଜୋନ ☞ ପୃଷ୍ଠା-୪










**CBSE Exam Mate**

ପୃଷ୍ଠା -୧୧


NATIONAL EGG CO-ORDINATION COMMITTEE 25.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 85 | 139 | 149 |
| DKL | 87 | 141 | 151 |
| BDK | 85 | 139 | 149 |
| BLS | 87 | 141 | 151 |
| ANG | 89 | 144 | 154 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers



❝ ଦେଶର ରାଜନୀତିରେ ମୁସ୍କିଲ ସ୍ଥିତି ସୃଷ୍ଟି ହୋଇଛି। ୨୦୧୯ ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ କିଏ ହେବେ ତାହା କହି ହେଉନାହିଁ।
-ରାମଦେବ, ଯୋଗଗୁରୁ

## ସଂକ୍ଷେପରେ

### ବଙ୍ଗଳା ଲେଖକ ନିରେନ୍ଦ୍ରନାଥଙ୍କ ପରଲୋକ

**କୋଲକାତା, ୨୫।୧୨:** ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ବଙ୍ଗ ବିଭୂଷଣ ସମ୍ମାନରେ ସମ୍ମାନିତ ବଙ୍ଗଳା ଲେଖକ ଓ କବି ନିରେନ୍ଦ୍ରନାଥ ଚକ୍ରବର୍ତ୍ତୀ (୯୪)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ୧୯୨୪ ଅକ୍ଟୋବର ୧୯ରେ ଜନ୍ମିତ ନିରେନ୍ଦ୍ରନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ଡିସେମ୍ବର ୯ରେ ସ୍ଥାନୀୟ ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ୫୦ କବିତା ଓ ୧୭ ଶିଶୁ ଗୀତ ପୁସ୍ତକର ରଚୟିତା ନିରେନ୍ଦ୍ରନାଥଙ୍କ 'ଉଲଗ୍ନ ରାଜା' (ଦ' ନେକେଡ୍ କିଙ୍ଗ୍) ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ତାଙ୍କର ସାହିତ୍ୟକୃତି ମଧ୍ୟରେ 'କୋଲକାତାର୍ ଯୀଶୁ' କବିତା ବଙ୍ଗଳା ପାଠକଙ୍କୁ ଅଧିକ ଆନ୍ଦୋଳିତ କରିଛି। ତାଙ୍କ ବିୟୋଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକ ପ୍ରକାଶ କରିଛନ୍ତି। ଉତ୍ତର କୋଲକାତାର ନିମ୍‌ତାଲା ଶ୍ମଶାନ ଘାଟରେ ରାଜକୀୟ ସମ୍ମାନରେ ତାଙ୍କର ଅନ୍ତିମ ସତ୍କାର କରାଯିବ।



### ଆତଙ୍କବାଦୀ ଆକ୍ରମଣ: ୪୩ ନିହତ

**କାବୁଲ,୨୫।୧୨(ଏଏଫ୍‌ପି):** ଆଫଗାନିସ୍ତାନର ରାଜଧାନୀ କାବୁଲରେ ଆତ୍ମଘାତୀ ଆକ୍ରମଣରେ ୪୩ ନିହତ ଓ ଅନେକ ହୋଇଛନ୍ତି। ଏହାକୁ ବର୍ଷର ଅନ୍ୟତମ ଘାତକ ବୋଲି କୁହାଯାଉଛି। ଆକ୍ରମଣ ପାଇଁ ଅଦ୍ୟାବଧି କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି। କାବୁଲର ମକ୍‌ରୁୟାନ୍-ଇ-ଅୱ୍ୱଲସ୍ଥିତ ପୂର୍ତ୍ତ ମନ୍ତ୍ରଣାଳୟ ଅଫିସକୁ ସୋମବାର ଅପରାହ୍ନରେ ବନ୍ଧୁକଧାରୀମାନେ ଧସେଇ ପଶି କାର୍‌ରେ ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଫଳରେ ଅଫିସ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଥିରେ ୪ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଆକ୍ରମଣରେ ୪୩ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଧ୍ୱଂସାବଶେଷ ତଳେ ଶତାଧିକ କର୍ମଚାରୀ ଚାପିହୋଇଯାଇଥିବାବେଳେ ଆଫଗାନିସ୍ତାନ ସ୍ୱତନ୍ତ୍ର ଅପରେଶନ୍ ବଳ ୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ନେଇ ଘୋଷଣା କରିବାର ୪ ଦିନ ପରେ ଆତଙ୍କବାଦୀମାନେ ଏହି ଆକ୍ରମଣ କରିଛନ୍ତି। ଏହା ପଛରେ ତାଲିବାନ କିମ୍ବା ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ହାତ ଥିବା ସନ୍ଦେହ କରାଯାଉଛି।

### ଲକ୍ଷ୍ନୌରେ ପ୍ରତିଷ୍ଠା ହେବ ବାଜପେୟୀଙ୍କ ପ୍ରତିମୂର୍ତ୍ତି

**ଲକ୍ଷ୍ନୌ,୨୫।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୨୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ସଚିବାଳୟ ଲୋକଭବନରେ ସ୍ଥାପନ ହେବ। ମଙ୍ଗଳବାର ଏଠାରେ ବାଜପେୟୀଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଉତ୍ତରପ୍ରଦେଶ ସହିତ ଅଟଳଜୀଙ୍କ ସମ୍ପର୍କ ନିବିଡ଼। ବଳରାମପୁରରୁ ସେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ କରିଥିଲେ। ପରେ ସେ ଲକ୍ଷ୍ନୌରୁ ୫ ଥର ଏମ୍‌ପି ହୋଇଥିଲେ। ତେଣୁ ତାଙ୍କ ପ୍ରତିମୂର୍ତ୍ତି ସଚିବାଳୟରେ ସ୍ଥାପନ କରାଯିବାର ଆବଶ୍ୟକତା ରହିଛି।

### [ଇତିହାସର ଆଇନାରେ]

### ଡିସେମ୍ବର ୨୬ର ପ୍ରମୁଖ ଘଟଣା

୨୦୦୯ ଡିସେମ୍ବର ୨୬ରେ ଚାଇନା ଖୋଲିଥିଲା ସବୁଠୁ ଦୀର୍ଘ ରେଲପଥ। ଏହା ବେଜିଂ ଏବଂ ଗୁଆଙ୍ଗଝୌ ସଂଯୋଗ କରୁଛି। ଏହାର ଲମ୍ବ ୨,୨୩୦ କିଲୋମିଟର (୧୩୯୦ ମାଇଲ)। ଏହି ଏକମାତ୍ର ଦ୍ରୁତଗାମୀ ରେଲପଥ ଦେଶର ସୀମାନ୍ତକୁ ଅତିକ୍ରମ କରିଛି। ଏହି ପଥଦେଇ ଯାତ୍ରାକଲେ ବିଦେଶୀ ଯାତ୍ରୀଙ୍କୁ ଦେଶାନ୍ତର ଏବଂ ସୀମାଶୁଳ୍କ ଦେବାକୁ ପଡେ। ଏହା ସହ ସମାନ୍ତରାଳ ଆଉ ଏକ ପାରମ୍ପରିକ ଜିଙ୍ଗ୍‌ଗୁଆଙ୍ଗ ରେଲପଥ ମଧ୍ୟ ରହିଛି।

୧୯୯୮ ଡିସେମ୍ବର ୨୬ରେ ଇରାକ୍ ଏହାର ନୋ ଫ୍ଲାଇଂ ଜୋନ୍‌ରେ ଆମେରିକା ଓ ବ୍ରିଟେନ୍‌ର ଯୁଦ୍ଧ ଜାହାଜ ଉଡାଣ ଲାଗି କଟକଣା ଜାରି କରିଥିଲା। ଇରାକର ଉତ୍ତର ଓ ଦକ୍ଷିଣ ଭାଗରେ ଥିବା ଦୁଇଟି ପୃଥକ୍ ନୋ ଫ୍ଲାଇଂ ଜୋନ୍‌କୁ ଏହି ଦୁଇ ଦେଶ ବ୍ୟବହାର କରିଆସୁଥିଲେ। ୧୯୯୧ ଉପସାଗରୀୟ ଯୁଦ୍ଧପରେ ଉକ୍ତ ଜୋନ୍‌କୁ ନିଷିଦ୍ଧ ଘୋଷଣା କରାଯାଇଥିଲା।

## ■ ସଂଖ୍ୟାଲଘୁଙ୍କୁ ବ୍ୟବହାର ପ୍ରସଙ୍ଗ

# ପୁଣି ଉସୁକାଇଲେ ଇମ୍ରାନ୍

**ଇସ୍‌ଲାମାବାଦ/ନୂଆଦିଲ୍ଲୀ, ୨୫।୧୨ (ଆଇଏଏନ୍‌ଏସ୍)**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବହାର ପ୍ରସଙ୍ଗରେ ମଙ୍ଗଳବାର ଭାରତକୁ ପୁଣି ଉସୁକାଇଛନ୍ତି। ସେ ଭାରତ ଓ ପାକିସ୍ତାନର ସଂଖ୍ୟାଲଘୁଙ୍କ ପ୍ରତି କିପରି ବ୍ୟବହାର ଦେଖାଯାଉଛି ତାକୁ ତୁଳନା କରିଛନ୍ତି। 'ନୂଆ ପାକିସ୍ତାନ'ରେ ସବୁ ସମ୍ପ୍ରଦାୟର ଲୋକେ ଭାରତ ଭଳି ଭେଦଭାବର ଶିକାର ହେବେନାହିଁ, ବରଂ ସମାନ ବ୍ୟବହାର ପାଇବେ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି।

ପାକିସ୍ତାନ ପ୍ରତିଷ୍ଠାତା ମହମ୍ମଦ ଅଲି ଜିନାଙ୍କ ୧୪୨ତମ ଜନ୍ମଦିନ ପାଳନ ଅବସରରେ ଇମ୍ରାନ କହିଛନ୍ତି, ନୂଆ ପାକିସ୍ତାନ ହେଉଛି କ୍ୱେଦ୍-ଇ-ଆଜମ୍‌ଙ୍କ ପାକିସ୍ତାନ। ପାକିସ୍ତାନର ସଂଖ୍ୟାଲଘୁଙ୍କ ପ୍ରତି ଭାରତରେ ଯେପରି ଚାଲିଛି, ସେପରି ବ୍ୟବହାର ପାଇବେ ନାହିଁ। ଏଠାରେ ଆମ ସଂଖ୍ୟାଲଘୁଙ୍କୁ ନାଗରିକଙ୍କ ଭଳି ସମାନ ବ୍ୟବହାର ଯେପରି ମିଳିପାରିବ, ତାହା ସୁନିଶ୍ଚିତ କରାଯିବ। ହିନ୍ଦୁ ବହୁଳ ରାଷ୍ଟ୍ରରେ ମୁସଲମାନମାନେ ସମାନ ନାଗରିକ ଅଧିକାର ପାଇପାରିବେ ନାହିଁ ବୋଲି ଜିନ୍ନା ହୃଦୟଙ୍ଗମ କରିଥିଲେ। ସେତେବେଳେ ସେ ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବା ଲାଗି ଲଢ଼େଇ ଆରମ୍ଭ କରିଥିଲେ ବୋଲି ଇମ୍ରାନ୍ କହିଛନ୍ତି। ପ୍ରକାଶ ଯେ, ବଲିଉଡ୍ ଅଭିନେତା ନାସିରୁଦ୍ଦିନ ଶାହଙ୍କ ଏକ ମନ୍ତବ୍ୟ ପରେ ଏଭଳି ବୟାନବାଜି ଜାରି ରହିଛି। ଭାରତରେ ପୋଲିସ ଅଧିକାରୀଙ୍କ ହତ୍ୟାଠାରୁ ଗାଈଙ୍କ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ନାସିରୁଦ୍ଦିନ ଏକ ସାକ୍ଷାତ୍‌କାରରେ କହିଥିଲେ। ଏହାସହ ସେ ନିଜ ପୁଅମାନଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତାବ୍ୟକ୍ତ କରିଥିଲେ। ଏହା ପରେ ଇମ୍ରାନ କହିଥିଲେ, ସଂଖ୍ୟାଲଘୁଙ୍କୁ କିପରି ବ୍ୟବହାର ଦେଖାଯାଏ ତାହା ନରେନ୍ଦ୍ର ମୋଦି ସରକାରଙ୍କୁ ପାକିସ୍ତାନ ଶିଖାଇଦେବ। ଏହାର ଜବାବରେ ନାସିରୁଦ୍ଦିନ କହିଥିଲେ, ଇମ୍ରାନ୍ ଆମ କଥାରେ ମୁଣ୍ଡ ନ ପୂରେଇ ନିଜ ଦେଶ କଥା ବୁଝନ୍ତୁ। ଭାରତରେ ୭୦ ବର୍ଷ ଧରି ଗଣତନ୍ତ୍ର ପ୍ରଚଳିତ। ନିଜ କଥା ବୁଝିବାକୁ ଆମେ ସକ୍ଷମ।

ଅନ୍ୟପକ୍ଷରେ ଇମ୍ରାନ୍‌ଙ୍କ ସଦ୍ୟ ମନ୍ତବ୍ୟକୁ ନେଇ ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ ପାକିସ୍ତାନକୁ ଟାର୍ଗେଟ କରିଛନ୍ତି। କୈଫ୍ କହିଛନ୍ତି, ବିଭାଜନ ସମୟରେ ପାକିସ୍ତାନରେ ୨୦% ସଂଖ୍ୟାଲଘୁ ଥିଲେ। ଏବେ ସେମାନଙ୍କ ସଂଖ୍ୟା ୨%ରୁ ମଧ୍ୟ କମ୍। ଅନ୍ୟପକ୍ଷରେ ସ୍ୱାଧୀନତା ପରେ ଭାରତରେ ସଂଖ୍ୟାଲଘୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଂଖ୍ୟାଲଘୁମାନଙ୍କୁ କିଭଳି ବ୍ୟବହାର ଦେଖାଯାଏ ସେନେଇ ପାକିସ୍ତାନ ଆମକୁ ଭାଷଣ ଦେବା ବନ୍ଦ କରୁ।



❝ 'ନୂଆ ପାକିସ୍ତାନ'ରେ ସବୁ ସମ୍ପ୍ରଦାୟର ଲୋକେ ଭାରତ ଭଳି ଭେଦଭାବର ଶିକାର ହେବେନାହିଁ, ବରଂ ସମାନ ବ୍ୟବହାର ପାଇବେ।
– ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ



❝ ସଂଖ୍ୟାଲଘୁମାନଙ୍କୁ କିଭଳି ବ୍ୟବହାର ଦେଖାଯାଏ ସେନେଇ ଆମକୁ ପାଠ ପଢ଼ାଇବା ବନ୍ଦ କରୁ ପାକିସ୍ତାନ।
–ମହମ୍ମଦ କୈଫ୍, ପୂର୍ବତନ କ୍ରିକେଟର

## ସଦୈବ ଅଟଳ




ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୯୪ତମ ଜୟନ୍ତୀ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀର ରାଷ୍ଟ୍ରୀୟ ସ୍ମୃତିସ୍ଥଳରେ ନିର୍ମିତ ତାଙ୍କର ସ୍ମୃତିପୀଠ 'ସଦୈବ ଅଟଳ'ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ■ ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗ

# ରାଜୀବଙ୍କ ପ୍ରତିମୂର୍ତ୍ତିକୁ ବିକୃତ କଲେ

**ଚଣ୍ଡିଗଡ଼,୨୫।୧୨**

ପଞ୍ଜାବର ଲୁଧିଆନାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରାଯାଇଛି। ତାଙ୍କ ମୁହଁରେ କଳା ଓ ହାତରେ ନାଲି ରଙ୍ଗ ବୋଳି ଦିଆଯାଇଛି। ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ କଂଗ୍ରେସ ଓ ରାଜୀବଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ଶିରୋମଣୀ ଅକାଳୀ ଦଳ (ଏସ୍‌ଏଡି) କର୍ମୀମାନେ ଏପରି କରିଛନ୍ତି। ଏଭଳି ଅଶୋଭନୀୟ ଘଟଣାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂ ଦୃଢ଼ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସ୍‌ଏଡି ଅଧ୍ୟକ୍ଷ ସୁଖ୍‌ବୀର ସିଂ ବାଦଲଙ୍କ ଉପରେ ବର୍ଷିଛନ୍ତି। କର୍ମୀଙ୍କ ଏହି ଆକ୍ରୋଶମୂଳକ କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବାକୁ ସେ ବାଦଲଙ୍କୁ କହିଛନ୍ତି। ଏହି ମାମଲାରେ ପୋଲିସ ଅକାଳୀ ଦଳ ଯୁବନେତା ଗୁର୍‌ଦୀପ ସିଂହ ଗୋଶାଙ୍କୁ ଗିରଫ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।



## ■ କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନେଇ ବିବାଦ

# ନିର୍ଦ୍ଦୟ ଭାବେ ମାରିଦିଅ

**ବେଙ୍ଗାଲୁରୁ,୨୫।୧୨(ପି.ଟି.)**

ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ଜଣେ କର୍ମୀଙ୍କୁ ହତ୍ୟା କରିଥିବା ବ୍ୟକ୍ତିଙ୍କୁ ନିର୍ଦ୍ଦୟ ଭାବେ ଗୁଳିକରି ମାରିଦେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇ ବିବାଦରେ ଫସିଛନ୍ତି କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ। ସେ ଏପରି ନିର୍ଦ୍ଦେଶ ଦେଉଥିବାବେଳର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି।

କର୍ନାଟକର ମାଣ୍ଡ୍ୟ ଜିଲା ମଦ୍ଦୁର ସହରରେ ସୋମବାର ସନ୍ଧ୍ୟାରେ ଜେଡିଏସ୍ କର୍ମୀ ଏଚ୍. ପ୍ରକାଶ(୫୦)ଙ୍କୁ ୪ ଜଣ ଲୋକ ହତ୍ୟା କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରକାଶ ନିଜ ଘରକୁ ଯାଉଥିବାବେଳେ ସେମାନେ ପ୍ରକାଶଙ୍କ କାର୍‌କୁ ଅଟକାଇ କୁରାଢ଼ିରେ ଆକ୍ରମଣ କରିଥିଲେ। ପ୍ରକାଶଙ୍କ ମୃତ୍ୟୁ ଘଟିବା ପରେ ମଦ୍ଦୁର ଓ ମାଣ୍ଡ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଥାନା ଘେରାଉ କରିବା ସହ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ନିଜ ଦଳର କର୍ମୀଙ୍କ ହତ୍ୟାକୁ ନେଇ କ୍ଷୁବ୍ଧ କୁମାରସ୍ୱାମୀ ହତ୍ୟାକାରୀଙ୍କୁ ନିର୍ଦ୍ଦୟ ଭାବେ ଗୁଳିକରି ହତ୍ୟା କରିବାକୁ ଫୋନରେ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପରିଣାମକୁ ନେଇ ସେ ଚିନ୍ତିତ ନ ଥିବା କୁମାରସ୍ୱାମୀ କହିଥିଲେ। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଭାଜପା କୁମାରସ୍ୱାମୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ନିନ୍ଦା କରିଛି। ସେପଟେ କୁମାରସ୍ୱାମୀ ଭାବପ୍ରବଣତାରେ ଏପରି କହିଥିଲେ ଏବଂ ହତ୍ୟା ପାଇଁ ନିର୍ଦ୍ଦେଶ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସଫେଇ ଦେଇଛନ୍ତି।


ଏଚ୍.ଡି. କୁମାରସ୍ୱାମୀ

# ଛୁରି ଦେଖାଇ ବସ୍ ଅପହରଣ

**ବେଜିଂ,୨୫।୧୨(ପି.ଟି.)**

ଚାଇନାର ଫୁଜିଆନ୍ ପ୍ରଦେଶସ୍ଥିତ ଲୋଙ୍ଗ୍ୟାନ୍‌ରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଛୁରି ଦେଖାଇ ଏକ ବସ୍‌କୁ ଅପହରଣ କରିନେଇଥିଲେ। ଡ୍ରାଇଭର ଭାରସାମ୍ୟ ହରାଇବା ପରେ ବସ୍ ରାସ୍ତାରେ ପଥଚାରୀଙ୍କ ଉପରକୁ ମାଡ଼ିଯାଇଥିଲା। ଏହି ଦୁର୍ଘଟଣାରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୧ ଆହତ ହୋଇଛନ୍ତି। ପୋଲିସ ଅପହର୍ତ୍ତାଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଚାଇନାରେ କିଛିବର୍ଷ ହେଲା ଏଭଳି ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି।

**ଦୁର୍ଘଟଣାରେ ୫ ମୃତ, ୨୧ ଆହତ**



## ଫୁର୍‌ସତ

# ଲକ୍ଷ୍ମୀକାନ୍ତ, ଉଷାଙ୍କୁ ମହମ୍ମଦ ରଫି ଆୱାର୍ଡ

**ମୁମ୍ବାଇ:** ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ଶାନ୍ତାରାମ କୁଦଲକର ଏବଂ ପ୍ରଚ୍ଛଦପଟ ଗାୟିକା ଉଷା ଟିମୋଥିଙ୍କୁ ମହମ୍ମଦ୍ ରଫି ପୁରସ୍କାର ପ୍ରଦାନ କରାଯାଇଛି। ଲକ୍ଷ୍ମୀକାନ୍ତ, ପ୍ୟାରେଲାଲ୍ ଯୋଡି ମଧ୍ୟରୁ ଲକ୍ଷ୍ମୀକାନ୍ତଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କା ଓ ଟ୍ରଫିଙ୍କୁ ତାଙ୍କ କନ୍ୟା ଗ୍ରହଣ କରିଥିଲେ। ସେହିଭଳି ଟିମୋଥିଙ୍କୁ ପୁରସ୍କାର ସ୍ୱରୂପ ୫୧,୦୦୦ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ବାନ୍ଦ୍ରାଠାରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ଲକ୍ଷ୍ମୀକାନ୍ତ, ପ୍ୟାରେଲାଲ୍‌ଙ୍କ ସଫଳ ଯୋଡି ସର୍ବଜନବିଦିତ। ସେହିଭଳି ଟିମୋଥି ବିଭିନ୍ନ ଭାରତୀୟ ଭାଷାରେ ପାଖାପାଖି ୧,୦୦୦ ଗୀତ ଗାଇ ଜନମାନସକୁ ଛୁଇଁ ପାରିଛନ୍ତି।

# ବେଥେଲହାମ୍ ଉତ୍ସବମୁଖର

**ବେଥେଲହାମ୍/ଜେରୁଜେଲମ:** ପ୍ରଭୁ ଯିଶୁଙ୍କ ଜନ୍ମଦିନ ପାଳନ ନିମନ୍ତେ ସୋମବାର ହଜାର ହଜାର ତୀର୍ଥଯାତ୍ରୀ ଓ ଶ୍ରଦ୍ଧାଳୁ ବେଥେଲହାମଠାରେ ସମବେତ ହୋଇ ଖ୍ରୀଷ୍ଟମାସ ଉତ୍ସବ ପାଳନ କରିଥିଲେ। ପର୍ଯ୍ୟଟକମାନେ ପୂର୍ବ ରାତିରୁ ମାଙ୍ଗେର ସ୍କୋୟାରରେ ଏକତ୍ରିତ ହୋଇଥିଲେ। ପାଲେଷ୍ଟିନୀୟ ବଏଜ୍, ଗାର୍ଲସ ସ୍କାଉଟ୍ ଦ୍ୱାରା ପାରମ୍ପରିକ ପଦଯାତ୍ରା କରାଯାଇ ଉତ୍ସବ ପାଳନକୁ ତ୍ୱରାନ୍ୱିତ କରାଯାଇଥିଲା। ଯିଶୁଙ୍କ ପାରମ୍ପରିକ ଜନ୍ମସ୍ଥାନ ତଥା ସ୍ଥାନୀୟ ବାସିନ୍ଦାଙ୍କ ପ୍ରାଚୀନ ଗୀର୍ଜା ବାହାରେ ମାଙ୍ଗେର ସ୍କୋୟାରଠାରେ ସେମାନେ ବାଦ୍ୟ ଓ ବ୍ୟାଗ୍‌ପାଇପ୍ ବଜାଇ ୧୬ମିଟର ଉଚ୍ଚତା ବିଶିଷ୍ଟ ବୃହତ୍ ଖ୍ରୀଷ୍ଟମାସ ଟ୍ରିକୁ ଅତିକ୍ରମ କରି ପଦଯାତ୍ରା କରିଥିଲେ। ତୀର୍ଥଯାତ୍ରୀଙ୍କ ନିମନ୍ତେ ବେଥେଲହାମ୍‌ର ହୋଟେଲଗୁଡିକ ସମ୍ପୂର୍ଣ୍ଣ ବୁକିଂ ହୋଇଯାଇଥିଲା। ଚଳିତବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ଅନ୍ୟ ବର୍ଷଗୁଡିକ ତୁଳନାରେ ଅଧିକ ଥିଲା ବୋଲି ପାଲେଷ୍ଟାଇନ୍‌ର ପର୍ଯ୍ୟଟନ ମନ୍ତ୍ରୀ ରୁଲା ମାୟା ପ୍ରକାଶ କରିଛନ୍ତି। ସମଗ୍ର ସହରରେ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା। ପାଲେଷ୍ଟାଇନ୍‌ର ଅର୍ଦ୍ଧସାମରିକ ବାହିନୀ କବଲଷ୍ଟୋନ୍ ଷ୍ଟ୍ରିଟ୍‌ରେ ମୁତୟନ ଥିଲେ। ଇସ୍ରାଏଲ ମଧ୍ୟ ନିରାପତ୍ତା କଟକଣାକୁ କୋହଳ କରିବା ସହିତ ପର୍ଯ୍ୟଟକଙ୍କ ନିରାପଦ ଯାତ୍ରା ନିମନ୍ତେ ସବୁପ୍ରକାର ଯଥାସମ୍ଭବ ଉଦ୍ୟମ କରିଥଲା।

ଖ୍ରୀଷ୍ଟୋତ୍ସବ ପାଳନ କଲେ ଶ୍ରଦ୍ଧାଳୁ





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୪ | ୯.୫ |
| ଚାନ୍ଦବାଲି | ୨୫.୮ | ୧୧.୮ |
| କଟକ | ୨୭.୨ | ୧୧.୪ |
| ପାରାଦ୍ୱୀପ | ୨୬.୦ | ୧୩.୧ |
| ଭୁବନେଶ୍ୱର | ୨୭.୮ | ୧୧.୨ |
| ଗୋପାଳପୁର | ୨୬.୮ | ୧୪.୭ |
| ପୁରୀ | ୨୬.୬ | ୧୪.୮ |
| ଅନୁଗୋଳ | ୨୬.୧ | ୮.୬ |
| ବାରିପଦା | ୨୪.୫ | ୧୦.୦ |
| ଝାରସୁଗୁଡ଼ା | ୨୬.୧ | ୯.୬ |
| କେନ୍ଦୁଝର | ୨୪.୬ | ୭.୨ |
| ସମ୍ବଲପୁର | ୨୬.୫ | ୯.୮ |
| ସୁନ୍ଦରଗଡ଼ | ୨୪.୦ | ୧୦.୦ |
| ହୀରାକୁଦ | ୨୬.୧ | ୧୦.୧ |
| ତାଲଚେର | ୩୦.୨ | ୧୦.୩ |
| ଭବାନୀପାଟଣା | ୨୭.୫ | ୧୦.୦ |
| ବଲାଙ୍ଗୀର | ୨୬.୫ | ୧୧.୦ |
| କୋରାପୁଟ | ୨୭.୦ | ୧୧.୬ |
| ଫୁଲବାଣୀ | ୨୫.୦ | ୫.୦ |
| ଟିଟିଲାଗଡ଼ | --- | ୯.୫ |
| ମାଲକାନଗିରି | ୩୧.୦ | ୧୫.୨ |
| ସୋନପୁର | ୨୭.୨ | ୯.୦ |
| ଦାରିଙ୍ଗିବାଡ଼ି | ୨୩.୫ | ୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# କମେଡି କିଙ୍ଗ୍‌ଙ୍କ ରିସେପ୍ସନ୍

**ମୁମ୍ବାଇ:** ହାସ୍ୟାଭିନେତା କପିଲ ଶର୍ମା ସୋମବାର ସନ୍ଧ୍ୟାରେ ଟିଭି ଓ ଫିଲ୍ମ ଇଣ୍ଡଷ୍ଟ୍ରିର ବନ୍ଧୁଙ୍କ ନିମନ୍ତେ ଏକ ରିସେପ୍ସନ୍ ପାର୍ଟି ଆୟୋଜନ କରିଥିଲେ। ଜୁହୁସ୍ଥିତ ଜେଡବ୍ଲ୍ୟୁ ମ୍ୟାରିୟଟଠାରେ ଆୟୋଜିତ ଉତ୍ସବରେ ନବ ବିବାହିତ ଦମ୍ପତିଙ୍କ ଉଦ୍ଦେଶ୍ୟରେ 'କେଜି' ଲୋଗୋ (କପିଲ ଶର୍ମା-ଜିନି ଚତ୍‌ରଥ) ସଜ୍ଜିତ କରାଯାଇଥିଲା। କପିଲ ଏକ କ୍ଲାସିକ୍ ବ୍ଲାକ୍ ସିଲ୍କ ବନ୍ଧଗଳା ଜ୍ୟାକେଟ୍ ଏବଂ ଜିନି ମୟୂରପୁଚ୍ଛ, ପଦ୍ମଫୁଲ ଛାପା ଥିବା ଏକ ଲେହେଙ୍ଗା ପରିଧାନ କରିଥିଲେ। ଉତ୍ସବ ସନ୍ଧ୍ୟାରେ ଏଣ୍ଟରଟେନମେଣ୍ଟ ୱାର୍ଲଡର ବିଶିଷ୍ଟ କଳାକାର ଏବଂ କ୍ରିକେଟ ତାରକା ଯୋଗ ଦେଇଥିଲେ। ରଣବୀର ସିଂ, ଦୀପିକା ପାଦୁକୋନ୍, ଅନିଲ କପୁର, କାର୍ତ୍ତିକ ଆର୍ୟନ, କ୍ରିତି ସାନୋନ, ମନୋଜ ବାଜପେୟୀ, ରେଖା ଏବଂ କରନ ଜୋହରଙ୍କ ସମେତ ବହୁ ସେଲିବ୍ରିଟି ସେମାନଙ୍କ ଉପସ୍ଥିତି ଜାହିର କରିଥିଲେ। ବିବାହ ଦିନ ମଧ୍ୟ ଟେଲିଭିଜନ୍ ଇଣ୍ଡଷ୍ଟ୍ରିର କୃଷ୍ଣ ଅଭିଷେକ, ସୁମୋନା ଚକ୍ରବର୍ତ୍ତୀ, ରାଜୀବ ଠାକୁର, ଭାରତୀ ଏବଂ ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିୟାଙ୍କ ସମେତ ଅନେକ କଳାକାର ଯୋଗଦେଇଥିଲେ। ପଞ୍ଜାବର ଜଳନ୍ଧରଠାରେ ଡିସେମ୍ବର ୧୨ରେ ଦୀର୍ଘ ଦିନର ବାନ୍ଧବୀଙ୍କ ସହିତ କପିଲଙ୍କର ହାତଗଣ୍ଠି ପଡିଥିଲା। ଉକ୍ତ ଉତ୍ସବରେ କେବଳ ଘନିଷ୍ଠ ବନ୍ଧୁବାନ୍ଧବ ଏବଂ ପରିବାର ସଦସ୍ୟ ଯୋଗ ଦେଇଥିଲେ। ସମ୍ପୂର୍ଣ୍ଣ ହିନ୍ଦୁ ପରମ୍ପରା ଅନୁଯାୟୀ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ଜିନି ଚତ୍‌ରଥ
କପିଲ ଶର୍ମା




# ରାଜ୍ୟବ୍ୟାପୀ କଳା ଦିବସ ପାଳିବ କଂଗ୍ରେସ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ରାଜ୍ୟବ୍ୟାପୀ ଦଳ ପକ୍ଷରୁ ପାଳନ କରିବାକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନିର୍ବାଚନକୁ କମ୍ ସମୟ ରହିଯାଇଥିବା କାରଣରୁ ପ୍ରତିଷ୍ଠା ଦିବସକୁ ଭଲଭାବେ ରାଜ୍ୟବ୍ୟାପୀ ପାଳନ କରାଯିବ ବୋଲି ଜଣାପଡ଼ିଛି। ବିଜେଡି ପ୍ରତିଷ୍ଠା ଦିବସକୁ କାଉଣ୍ଟର କରିବା ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ କଳା ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବଂ ପୀଠା ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି କଂଗ୍ରେସ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କଳା ଦିବସ ପାଳିବାକୁ ଘୋଷଣା କରିଛି। କଂଗ୍ରେସ ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ପଞ୍ଚାୟତ ସଂସ୍ଥାର କ୍ଷମତାକୁ ଅପହରଣ କରାଯାଇ ଦଳୀୟ ଭିତ୍ତିରେ ଚାଲିଛି। ପଞ୍ଚାୟତ ପ୍ରତିନିଧିମାନଙ୍କ ଭତ୍ତା ବୃଦ୍ଧି କରିବା, ରାଜ୍ୟର ସବୁ ମଣ୍ଡି ତୁରନ୍ତ ଖୋଲିବା, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା ପ୍ରଦାନ, କୃଷିଋଣ ଛାଡ଼ ଆଦି ଦାବି ନେଇ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ବିରୋଧରେ କରାଯିବ ବୋଲି ଗଣେଶ୍ୱର କହିଛନ୍ତି।




## ■ ଆଜି ବିଜେଡି ପ୍ରତିଷ୍ଠା ଦିବସ

# ଦଳୀୟ ନେତା, କର୍ମୀଙ୍କୁ ନବୀନ ଦେବେ ଗୁରୁମନ୍ତ୍ର

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜେଡି ଏମପି, ବିଧାୟକ, ଛାମୁଆ ସଂଗଠନର ନେତା ଓ କର୍ମୀମାନେ ଯୋଗଦେବେ। ଚଳିତ ବର୍ଷ ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କାରଣ ଆଉ ମାସ କେଇଟା ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଗତ ନିର୍ବାଚନ ଭଳି ଆସନ୍ତା ନିର୍ବାଚନରେ ବିଜେଡିକୁ କିପରି ବିପୁଳ ବିଜୟ କରିବାକୁ ପଡ଼ିବ ସେ ନେଇ ରଣନୀତି ପ୍ରସ୍ତୁତ ହେବ। ଦଳକୁ ବିଜୟୀ କରିବା ସହ ସଂଗଠନଗୁଡ଼ିକୁ

### ■ କେନ୍ଦ୍ରୀୟ ଅବହେଳା, ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ରଣନୀତି

କିପରି ଆହୁରି ମଜଭୁତ କରାଯିବ ସେ ନେଇ ସଭାପତି ଦଳୀୟ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇ ବିଜେଡି ପ୍ରତି ଜନସାଧାରଣଙ୍କ କିପରି ଅତୁଟ ଆସ୍ଥା ରହିବ ସେ ନେଇ କର୍ମୀମାନଙ୍କ ଉପରେ ଗୁରୁ ଦାୟିତ୍ୱ ଅର୍ପଣ କରିବେ ନବୀନ। ବିରୋଧୀ ଦଳଗୁଡ଼ିକ ସରକାରଙ୍କ ବିରୋଧରେ ଚଳାଇଥିବା ଅପ ପ୍ରଚାରକୁ ପ୍ରତିହତ କରିବା ନେଇ ହେବ ମାନସ ମନ୍ଥନ। ପ୍ରତିଷ୍ଠା ଦିବସ ପୂର୍ବରୁ ମଙ୍ଗଳବାର ଅପରାହ୍ନରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଦଳର ଛାମୁଆ ନେତାମାନଙ୍କର ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିବା ସୂଚନା ମିଳିଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ସାହିତ କରିବା ଲାଗି ବରିଷ୍ଠ ନେତାମାନେ ଯୋଜନା କରିଥିବା କୁହାଯାଉଛି। ଏପରି କି ଉପକୂଳ ଜିଲାଗୁଡ଼ିକର କେତେକ ନେତା ଅପରାହ୍ନରେ ନବୀନ ନିବାସ ଯାଇ ଦଳର ସଭାପତିଙ୍କୁ ସାକ୍ଷାତ କରିଥିବା ଜଣାପଡିଛି। ବୈଠକରେ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ହୋଇଥିବାବେଳେ ରାଜ୍ୟକୁ ସେହି ଅନୁପାତରେ ଫାଇଦା ମିଳୁ ନାହିଁ। କୋଇଲା ରୟାଲଟି ବୃଦ୍ଧି ନ ହେବା, ବିଭିନ୍ନ ଯୋଜନାରେ ଅନୁଦାନ ହ୍ରାସ କରିବା, ରେଳ ବାଇ ଅନୁଦାନ ଠିକ୍ ସମୟରେ ନ ଦେବା, ଚାଷୀ ସମସ୍ୟା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବୃଦ୍ଧି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ବିରୋଧରେ କିପରି ଜନମତ ସୃଷ୍ଟି କରାଯାଇ ପାରିବ ସେ ନେଇ ଆଲୋଚନା ହେବାର ଯୋଜନା ରହିଛି। ଏଥିସହିତ ସଭ୍ୟ ସଂଗ୍ରହ ଏବଂ ଦଳୀୟ ପାଣ୍ଠି ସଂଗ୍ରହ ବିଷୟ ମଧ୍ୟ ଆଲୋଚନା ହେବ। ଏଠାରେ ସୂଚନାଯୋଗ୍ୟ ଯେ ଖର୍ଚ୍ଚ ତୁଲାଇବାକୁ ଦଳୀୟ ପାଣ୍ଠିକୁ ମାସକର ଦରମା ଦେବାକୁ ସଭାପତି ଏମ୍‌ପି ଏବଂ ବିଧାୟକମାନଙ୍କୁ ସୋମବାର ଚିଠି ଲେଖିଥିଲେ। ପ୍ରତିଷ୍ଠା ଦିବସ, ରାଜ୍ୟ କର୍ମକର୍ତ୍ତା, ଜିଲା ପର୍ଯ୍ୟବେକ୍ଷକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତି, ଛାମୁଆ ସଂଗଠନର ରାଜ୍ୟ, ବ୍ଲକ ଓ ନଗର ସଭାପତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଆଜିଠୁ ଭାଜପାର 'ଜବାବ୍ ମାଗୁଛି ଓଡ଼ିଶା' ଆନ୍ଦୋଳନ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

୧୯ ବର୍ଷ ଧରି ଶାସକ ବିଜେଡି ଖଣି, ପାଣି, ଡାଲି, ଚିଟ୍‌ଫଣ୍ଡ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ଅଛନ୍ତି । ଏହା ବିରୋଧରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ 'ଜବାବ ମାଗୁଛି ଓଡ଼ିଶା' ଆନ୍ଦୋଳନ ଆରମ୍ଭ ହେବ। ସ୍ଥାନୀୟ ବରମୁଣ୍ଡା ପଡିଆରୁ ବୁଧବାର 'ଜବାବ ମାଗୁଛି ଓଡିଶା' ଆନ୍ଦୋଳନର ଶୁଭାରମ୍ଭ ହେବ । ଏହି ଆନ୍ଦୋଳନ ୧୪୭ ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରେ ପହଞ୍ଚିବ । ନୂଆ ଟେକ୍ନୋଲୋଜି ମାଧ୍ୟମରେ ସାଢ଼େ ୪କୋଟି ଓଡ଼ିଆ ଜବାବ ମାଗିବେ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି।

ଟଙ୍କଧର କହିଛନ୍ତି ଯେ, ଏହି ଆନ୍ଦୋଳନରେ ଜବାବ ମାଗୁଛି ଓଡ଼ିଶା ରଥ ବୁଲିବ, ଭିଡିଓ ରେକର୍ଡିଂ ଏବଂ ଭଏସ ରେକର୍ଡିଂ ମାଧ୍ୟମରେ ରାଜ୍ୟବାସୀ ସରକାରଙ୍କୁ ଜବାବ ମାଗିବେ। ଦୀର୍ଘବର୍ଷ ଧରି ଓଡ଼ିଶାର ସାଢେ ୪କୋଟି ଲୋକ ନିଜ ହକ୍ ପାଇବାରୁ ବଞ୍ଚିତ ଅଛନ୍ତି । ଦୀର୍ଘ ୪୦ବର୍ଷ ଧରି ଓଡ଼ିଶାକୁ ଦୁଇ ପଟ୍ଟନାୟକ ପରିବାର ଶାସନ ଗାଦିରେ ବସି ଲୁଣ୍ଠନ କରିଛନ୍ତି । ସାଧାରଣ ଜନତା ମୌଳିକ ଅଧିକାର ତଥା ସରକାରୀ ଯୋଜନା ପାଇବା ପାଇଁ ପିସି ଦେବାକୁ ବାଧ୍ୟ ହେଉଛନ୍ତି ବୋଲି ଭାଜପା ଯୁବ ମୋର୍ଚ୍ଚା ସଭାପତି ତ୍ରିପାଠୀ କହିଛନ୍ତି । ଦଳୀୟ କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଟଙ୍କଧର କହିଛନ୍ତି ଯେ, ପ୍ରତିଦିନ ମହିଳାଙ୍କ ପ୍ରତି ବ୍ୟଭିଚାର ବୃଦ୍ଧି ପାଇବାକୁ ଲାଗିଛି । ମା'କୁ ସମ୍ମାନର ନାରା ଦେଇ ଶାସକ ବିଜେଡି ନାରୀ ଜାତିକୁ ଅପମାନିତ କରି ଚାଲିଛି । ଚାଷୀମାରଣ ନୀତି ଯୋଗୁ କୃଷକମାନେ ଆତ୍ମହତ୍ୟା କରୁଛନ୍ତି । ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଲୋକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରୁ ବଞ୍ଚିତ ଅଛନ୍ତି । ଓଡ଼ିଶାର ଯୁବତୀ,ଯୁବକମାନଙ୍କୁ ରୋଜଗାର ଦେବାରେ ସରକାର ସମ୍ପୂର୍ଣ୍ଣଭାବେ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁ ନ ଥିବା କାରଣରୁ ଲକ୍ଷଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି ।



**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

*Terms and Conditions apply. *Down Payment Scheme is subject to the financier policy and documents, Finance is the sole discretion of the financier. Low down payment of Rs. 5,999 is applicable on select motorcycle models. ^ Paytm Mall Benefits are applicable in selected dealerships and on selected models only with the terms and conditions of Paytm and Dealership. ^^ Exchange bonus is applicable on selected models and is at the sole discretion of the dealer. All the mentioned schemes are for a limited time period and can be withdrawn any time **Conditions apply.

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.
**For Bulk/Institutional enquiries, please write us at: institutionalsales@honda2wheelersindia.com**

# 'ଧରିତ୍ରୀ ପୂଜା କୁଇଜ୍ ୨୦୧୮'ର ବିଜେତା ଘୋଷଣା

**ଭୁବନେଶ୍ୱର,୨୫।୧୨**

'ଧରିତ୍ରୀ ପୂଜା କୁଇଜ୍ ୨୦୧୮'ର ବିଜେତା ଚୟନ ପାଇଁ ଧରିତ୍ରୀର ରସୁଲଗଡ଼ସ୍ଥିତ କାର୍ଯ୍ୟାଳୟଠାରେ ସୋମବାର(୨୪.୧୨.୧୮) ଏକ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧରିତ୍ରୀର ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା ତଥା ଧରିତ୍ରୀ କର୍ମଚାରୀଙ୍କ ସହ ଟିଭିଏସ୍ ମୋଟର କମ୍ପାନୀର ଓଡ଼ିଶା ମୁଖ୍ୟ ଡି. ବାପି ରାଜୁ ଓ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, 'ଧରିତ୍ରୀ ପୂଜା କୁଇଜ୍ ୨୦୧୮' ୧୩ ଅକ୍ଟୋବରଠାରୁ ୭ ନଭେମ୍ବର ଯାଏ ନିୟମିତ ପ୍ରକାଶ ପାଇଥିଲା। ଭାଗ୍ୟଶାଳୀ ବିଜେତା ଏବଂ କୁଇଜ୍‌ରେ ଭାଗ ନେଇଥିବା ସମସ୍ତ ପାଠିକା, ପାଠକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଏବଂ ଅଶେଷ ଧନ୍ୟବାଦ।




# 'ନବୀନଙ୍କ ବିରୋଧରେ ଲଢ଼ିବା ପାଇଁ କଲିଜା ଦରକାର'

**କଟକ ଅଫିସ, ୨୫।୧୨**

ଏକ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ଓଡ଼ିଶାର ରାଜନୈତିକ ଚିତ୍ର ଉପରେ ଏକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଯେଉଁଥିରେ ୨୦୧୯ ନିର୍ବାଚନରେ ଓଡ଼ିଶାରେ ମୋଦି ମ୍ୟାଜିକ କାମ କରିବ ଓ ଭାଜପାକୁ ବିପୁଳ ସଫଳତା ମିଳିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଉକ୍ତ ଗଣମାଧ୍ୟମ୍‌ର ଟୁଇଟ୍ ଉପରେ ବିଜେଡିର ବହିଷ୍କୃତ ନେତା ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ରିଟୁଇଟ୍ କରି ଲେଖିଛନ୍ତି ଯେ, ଏଥିରେ ଔଦ୍ଧତ୍ୟ ଥିବା ଜଣାପଡୁଛି। ଯଦିଓ ଏଥିରେ କିଛି ସମ୍ଭାବନା ଅଛି କିନ୍ତୁ ଅଟୋପାଇଲଟ୍ ମୋଡ୍‌ରେ ଏହା କେବେ ସମ୍ଭବ ନୁହେଁ। ରାଜ୍ୟରେ ପଦଧାରୀ (ମୁଖ୍ୟମନ୍ତ୍ରୀ)ଙ୍କ ବିରୋଧରେ ଲଢେଇ ପାଇଁ ଚ୍ୟାଲେଞ୍ଜର(ବିରୋଧୀ)ଙ୍କ କଲିଜା ଥିବା ଦରକାର। ମାତ୍ର ରାଜ୍ୟରେ ବଢ଼ି ଚାଲିଥିବା ଦୁର୍ନୀତି ଓ ଅପରାଧ ବିରୋଧରେ କହିଦେଲେ ସଫଳତା ମିଳିବ ନାହିଁ। ଏଥିପାଇଁ ସଚ୍ଚା ମନ ନେଇ କାମ କରିବାକୁ ପଡ଼ିବ ବୋଲି ବୈଜୟନ୍ତ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କୁହନ୍ତି, ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଭାଜପାର ବିପର୍ଯ୍ୟୟ ପରେ ଭାଜପାର ନେତୃବୃନ୍ଦଙ୍କ ମାନସିକ ସ୍ତରରେ ଆଘାତ ପହଞ୍ଚିଛି। ସେମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚେହେରାରେ ସେଭଳି ଚମକ ଆଉ ଦେଖିବାକୁ ମିଳୁନାହିଁ। ମୋତେ ଲାଗୁଛି ଏସବୁର ପ୍ରଭାବରେ ବୈଜୟନ୍ତ ପ୍ରଭାବିତ ହୋଇଛନ୍ତି। ଭାଜପାର ବରିଷ୍ଠ ନେତା ସୁରେଶ ପୂଜାରୀ କୁହନ୍ତି, କେଉଁ ପୃଷ୍ଠଭୂମି ଉପରେ ବୈଜୟନ୍ତ ବାବୁ ଏଭଳି ମତ ଦେଇଛନ୍ତି ସେ କଥା ମୁଁ ଜାଣିନି। ତେବେ ତାଙ୍କ ମତ ଉପରେ ଭାଜପାର ପ୍ରତିକ୍ରିୟାର କୌଣସି ଆବଶ୍ୟକତା ନାହିଁ। ସାମାଜିକ ଗଣମାଧ୍ୟମରେ ସମସ୍ତେ ନିଜର ବ୍ୟକ୍ତିଗତ ମତ ଦେଇଥାନ୍ତି। ତାକୁ ନେଇ ରାଜନୀତି କରିବା ଅନୁଚିତ। ବିଜେଡି ମୁଖପାତ୍ର ସୁଲୋଚନା ଦାସ କହିଛନ୍ତି, ବୈଜୟନ୍ତ ବାବୁ ଦୀର୍ଘଦିନ ବିଜେଡିରେ ଥିଲେ। ତେଣୁ ସେ ଭଲ ଭାବରେ ଓଡ଼ିଶା ରାଜନୀତିକୁ ଜାଣିଛନ୍ତି। ସେ ସ୍ଥିର ନିଶ୍ଚିତ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଳ୍ପ ଅଦ୍ୟାବଧି ଓଡ଼ିଶା ରାଜନୀତିରେ ସୃଷ୍ଟି ହୋଇନାହାନ୍ତି। ତେଣୁ ବୈଜୟନ୍ତବାବୁ ବାସ୍ତବତାକୁ ଉପଲବ୍ଧି କରି ଏଭଳି ମତ ଦେଇଛନ୍ତି।

ସୂଚନାଥାଉ କି, ସୋମବାର ଖୋର୍ଦ୍ଧାରେ ଅନୁଷ୍ଠିତ ଭାଜପାର ସ୍ୱାଭିମାନ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ବିଜେଡିର ନାଁ ଧରି ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସୋମବାରଠାରୁ ରାଜ୍ୟରେ ରାଜନୈତିକ ତର୍କବିତର୍କ ଜାରି ରହିଛି। କାରଣ ଗତ ୩ ମାସ ତଳେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିବା ସମୟରେ ସିଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିକୁ କଟୁ ସମାଲୋଚନା କରିଥିଲେ।

## ଜିଲ୍ଲା ବିଭାଜନ ଏକ ଗୁଜବ: କେନ୍ଦ୍ରାଞ୍ଚଳ ଆର୍‌ଡିସି

**ପୁରୀ ଅଫିସ,୨୫।୧୨**

ଜିଲା ବିଭାଜନ ନେଇ ଯେଉଁ ଖବର ଶୁଣିବାକୁ ମିଳୁଛି ତାହା ଏକ ଗୁଜବ। ଏଥିରେ କୌଣସି ସତ୍ୟତା ନାହିଁ। ଏହା ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆର୍‌ଡିସି ମହେନ୍ଦ୍ର କୁମାର ମଲ୍ଲିକ। ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆର୍‌ଡିସି କହିଥିଲେ, ଜିଲା ବିଭାଜନ ନେଇ ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ହୋଇନାହିଁ। ଏହି ଗୁଜବକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି। ଏପରି କି ବନ୍ଦ ପାଳନ ଲାଗି ପ୍ରସ୍ତୁତି ଚଳାଇଥିବା ମଧ୍ୟ ଶୁଣିବାକୁ ମିଳୁଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନ କୌଣସି ଜିଲା ବିଭାଜନ ହେବା ନେଇ ମୁଁ ପ୍ରସ୍ତାବ ଦେଇନାହିଁ କିମ୍ବା ସରକାରୀ ସ୍ତରରେ ଏମିତି ପ୍ରସ୍ତାବ ନାହିଁ, ଯେଉଁମାନେ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି ସେମାନେ ସଚେତନ ହେବା ଦରକାର ବୋଲି ଆର୍‌ଡିସି କହିଛନ୍ତି।

# ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଗୁଳିମାଡ଼

**ପୁରୀ ଅଫିସ,୨୫।୧୨**

- ଦୁର୍ଦ୍ଧାନ୍ତ ଅପରାଧୀ ସଞ୍ଜୟ ଗୁରୁତର
- ରକ୍ତରେ ଭିଜିଲା ଶରଧାବାଲି

ଗୁଣ୍ଡିଚାମନ୍ଦିର ନାକଚଣା ଦ୍ୱାର ନିକଟରେ ମଙ୍ଗଳବାର ସକାଳ ୯ଟାରେ ଗୁଳିମାଡ଼ ହୋଇଛି। ରକ୍ତରଞ୍ଜିତ ହୋଇଛି ଶରଧାବାଲି। ଗୁଳିମାଡରେ ସର୍ବୋଦୟ ନଗରର ଦୁର୍ଦ୍ଧାନ୍ତ ଅପରାଧୀ ସଞ୍ଜୟ ବେହେରା(୨୭) ଓରଫ ପାରା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ କାନ୍ଧରେ ଗୁଳି ବାଜିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସାଇଣ୍ଟିଫିକ ଟିମ୍ ଓ ପୋଲିସ ଘଟଣାର ତଦନ୍ତ କରୁଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଖୋକା ଏବଂ ରକ୍ତଭିଜା ପିଚୁ ଜବତ ହୋଇଛି। ଗୁଣ୍ଡିଚା ମନ୍ଦିର ଆଗରେ ହୋଇଥିବା ପାର୍କିଂ, ଦାଦାବଟି ଏବଂ କୋରେକ୍ସ କଫ୍ ସିରପ ବ୍ୟବସାୟକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଅନ୍ୟପଟେ ଭାଗୁ ପ୍ରଧାନଙ୍କ ଗୋଷ୍ଠୀ ଏହି ଗୁଳିମାଡରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସିଟି ଡିଏସପି ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ଗଣେଶ ପରିଡା ଏବଂ ଜିତୁ ସାହୁ ନାମକ ଦୁଇ ଯୁବକଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏହି ଦୁଇଜଣଙ୍କ ନାମରେ ଏକାଧିକ ମାମଲା ରହିଛି।

## ଚିକିତ୍ସାରେ ଅବହେଳା ଅଭିଯୋଗ, ଉତ୍ତେଜନା

**ବାଲେଶ୍ୱର ଅଫିସ, ୨୫।୧୨**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣାରେ ଗୁରୁତର ଆହତ ଅବସ୍ଥାରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଡାକ୍ତର ଚିକିତ୍ସାରେ କିଛି ସମୟ ବିଳମ୍ବ କରିବାରୁ ପରିବାର ଓ ଗ୍ରାମବାସୀ ପାଟିତୁଣ୍ଡ କରିଥିଲେ। ଫଳରେ ଚିକିତ୍ସାଳୟ ପରିସରରେ ଏକପ୍ରକାର ଉତ୍ତେଜନା ବାତାବରଣ ସୃଷ୍ଟି ହୋଇଥିଲା। ଡାକ୍ତରଖାନା ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ମଙ୍ଗଳବାର ମଧ୍ୟାହ୍ନ ସମୟରେ ରେମୁଣା ଥାନା କଅଁରାଳି ଗ୍ରାମର ଶ୍ରୀନାଥ ଦୀପକ ଗିରି (୨୨) ଚାଷ ଜମିରେ ପାୱାରଟିଲରରେ ହଳ କରି ଫେରୁଥିବା ବେଳେ ଏକ ଉଚ୍ଚ ସ୍ଥାନରେ ପାୱାର ଟିଲର ଓଲଟି ପଡିଥିଲା। ଫଳରେ ଦୀପକ ଘଟଣାସ୍ଥଳରେ କ୍ଷତବିକ୍ଷତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାର ବିଳମ୍ବ ହେବାରୁ ଉତ୍ତେଜନା ହୋଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

■ ବଂଶଧାରା ଜଳ ବିବାଦ

# ସାରା, ବାଡ଼ିଗାଁ ଅଞ୍ଚଳ ଅନୁଧ୍ୟାନ କଲା ଟ୍ରିବ୍ୟୁନାଲ କମିଟି

**ପାରଳାଖେମୁଣ୍ଡି/କାଶୀନଗର, ୨୫।୧୨(ସ୍ୱ.ପ୍ର./ଡି.ଏନ.ଏ.)**

ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଦୀର୍ଘବର୍ଷ ଧରି ଲାଗିରହିଥିବା ବଂଶଧାରା ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟ୍ରିବ୍ୟୁନାଲ କମିଟିର ଏକ ୩ଜଣିଆ ଟିମ୍ ମଙ୍ଗଳବାର ଗଜପତି ଜିଲା କାଶୀନଗର ବ୍ଲକର ସାରା, ବାଡ଼ିଗାଁ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ମୁକୁନ୍ଦକମ୍ ଶର୍ମାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଅବସରପ୍ରାପ୍ତ ବିଚାରପତି ବି.ଏନ୍.ଚତୁର୍ବେଦୀ ଓ ପ୍ରତିଭାରାଣୀ ରହିଛନ୍ତି। ସେମାନଙ୍କ ସହ ଓଡ଼ିଶା ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଅକ୍ଷୟ ବାନାର୍ଜୀ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଅରୁଣ ପାଢୀ, ରାଜ୍ୟ ସରକାରଙ୍କ ୩ଜଣ ଆଇନଜୀବୀ ଏବଂ ଗଜପତି ଜିଲାପାଳ ଅନୁପମ ଶାହା ଉପସ୍ଥିତ ଥିଲେ। ସେହିପରି ଆନ୍ଧ୍ର ସରକାରଙ୍କ ପକ୍ଷରୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ଶ୍ରୀକାକୁଲମ୍ ଜିଲା ପ୍ରଶାସନିକ ଅଧିକାରୀ ଓ ୨ଜଣ ଓକିଲ ଉପସ୍ଥିତ ଥିଲେ।

ପୂର୍ବାହ୍ନ ୧୦ଟାରେ ପାରଳାଖେମୁଣ୍ଡି ସର୍କିଟ ହାଉସରୁ ଟ୍ରିବ୍ୟୁନାଲ କମିଟିର ଟିମ୍ ବାହାରି ସାରା ଓ ବାଡ଼ିଗାଁ ଗସ୍ତରେ ଯାଇଥିଲେ। ଆନ୍ଧ୍ର ସରକାରଙ୍କ ଦ୍ୱାରା ନେରେଡିଠାରେ ବଂଶଧାରା



ଉଭୟ ରାଜ୍ୟର ଅଧିକାରୀମାନଙ୍କ ସହ ଟ୍ରିବ୍ୟୁନାଲ କମିଟି ଟିମ୍ ଆଲୋଚନା କରୁଛନ୍ତି।

ନଦୀରେ ନିର୍ମାଣାଧୀନ ପ୍ରକଳ୍ପ ଯୋଗୁ କିପରି କାଶୀନଗର ଅଞ୍ଚଳ ପ୍ରଭାବିତ ହେବ ତାହା ଅନୁଧ୍ୟାନ କରିଥିଲେ । ସେମାନଙ୍କୁ ଉଭୟ ରାଜ୍ୟର ପ୍ରତିନିଧିମାନେ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସୋମବାର ଏହି ଟିମ୍ ଆନ୍ଧ୍ରପ୍ରଦେଶର ହୀରମଣ୍ଡଳମ୍, ଗୋଟ୍ଟା, ନେରେଡି ଓ କାଟ୍ରାଗୁଡା ପ୍ରକଳ୍ପ ବୁଲି ଦେଖିଥିଲେ। ଓଡ଼ିଶା ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ବାନାର୍ଜୀ କହିଛନ୍ତି ଯେ, ରାଜ୍ୟବାସୀଙ୍କ ସ୍ୱାର୍ଥ ନିମନ୍ତେ ସରକାର ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଓ ନ୍ୟାୟ ମିଳିବା ନେଇ ଦୃଢ ଆଶା ଅଛି। ସେହିପରି ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ପାଢୀ କହିଛନ୍ତି, ଟ୍ରିବ୍ୟୁନାଲ ଦଳ ଦୁଇଦିନ ଧରି ସମସ୍ତ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି । ଆସନ୍ତା

### ଅଞ୍ଚଳବାସୀଙ୍କ ଚେତାବନୀ: ଇଞ୍ଚେ ଜାଗା ବି ଛାଡ଼ିବୁନି

ଜାନୁୟାରୀ ୨୨ତାରିଖରେ ପୁରୀରେ ହେବାକୁ ଥିବା ବୈଠକରେ ଉଭୟ ରାଜ୍ୟର ପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ହେବ। ଅନ୍ୟପକ୍ଷେ ସ୍ଥାନୀୟ ଖାଣ୍ଡବା ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ଦୋରାଙ୍କ ସମେତ ଅଞ୍ଚଳବାସୀ କହିଛନ୍ତି ଯେ, ଟ୍ରିବ୍ୟୁନାଲର ନିଷ୍ପତ୍ତି ଯାହା ହେଉ ପଛେ, ଆମେ କିନ୍ତୁ ଏକ ଇଞ୍ଚ ଜାଗା ବି ଛାଡିବୁ ନାହିଁ। ଆବଶ୍ୟକ ପଡ଼ିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବୁ।

ସୂଚନାଯୋଗ୍ୟ, ୨୦୧୩ ଏପ୍ରିଲ ୨୩ରେ ଟ୍ରିବ୍ୟୁନାଲ ତରଫରୁ ଏକ ପ୍ରତିନିଧି ଦଳ ଆନ୍ଧ୍ରର ନେରେଡି ଓ କାଟ୍ରାଗୁଡା ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ୨୦୧୭ ସେପ୍ଟେମ୍ବର ୧୩ରେ ରାୟ ପ୍ରକାଶ କରିଥିଲେ। ଏଥିରେ ଆନ୍ଧ୍ରର ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ମିଳିଥିଲା। ଫଳରେ ଓଡ଼ିଶା ସରକାର ଏହାର ପ୍ରତିବାଦ ଜଣାଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଗତ ୫ତାରିଖରେ ଓଡିଶାର ସ୍ପଷ୍ଟୀକରଣ ଉପରେ ଶୁଣାଣି ଚାଲିଥିବାବେଳେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଶର୍ମା ଓ ଦୁଇ ବିଚାରପତି ଉଭୟ ରାଜ୍ୟର ସ୍ଥିତି ଅନୁଧ୍ୟାନ ପାଇଁ ନିଷ୍ପତ୍ତି ନେଇଥିଲେ।

ଧରିତ୍ରୀ DHARITRI

## PUJA QUIZ - 2018 - RESULTS

### MEGA WINNERS

| | | |
|---|---|---|
| 1 | Baburam Patra | Khadipal, Kendrapara, Mob.: 9090091720 |
| 2 | Nazia Soombul | Meena Bazar, Dhenkanal, Mob.:9439625610 |
| 3 | Arun Kumar Bagh | Kotpad, Koraput, Mob.: 7751062060 |

### CONSOLATION WINNERS

| | | |
|---|---|---|
| 1 | Chinmayee Rout | Nuasahi, Puri, Mob.:8093028999 |
| 2 | Jigyansha Priyadarsini Sendh | Kotasahi, Cuttack, Mob.: 7750036598 |
| 3 | Nikhil Routray | Gop, Puri, Mob.: 9861048788 |
| 4 | Preeti Tripathy | Daspur, Bhubaneswar, Mob.:9337202383 |
| 5 | Satish Kumar Pradhan | Unit-9, Bhubaneswar, Mob.: 7873907421 |

### DAILY WINNERS

| | | |
|---|---|---|
| QUIZ NO. 1 | | |
| 1 | Shakti Ranjan Satapathy | Chatrapur, Ganjam, Mob.:7438830772 |
| 2 | Ganeswar Beura | 178, Saheed Nagar, 9078025299 |
| 3 | Gauranga Chandra Behera | Soubhagya Nagar, BBSR, Mob.:9830147888 |
| QUIZ NO. 2 | | |
| 1 | Kalu Charan Mahankuda | Purushottampur, Ganjam, Mob.: 848087443 |
| 2 | Ratikanta Swain | Gop, Puri, Mob.: 9777796946 |
| 3 | Santanu Behera | Naranpur, Keonjhar, 9853336575 |
| QUIZ NO. 3 | | |
| 1 | Deba Prakash Sarangi | Samantarapur, BBSR, Mob.:9178866523 |
| 2 | Ramesh Boitai | Jajpur, Mob.:7978246446 |
| 3 | Rishikesh Mohanty | Charampa, Bhadrak, Mob.: 8270325151 |
| QUIZ NO. 4 | | |
| 1 | Ashutosh Jena | Bhaincho, Jagatsinghpur, Mob.: 9437121115 |
| 2 | Arun Kumar Nayak | Charampa, Bhadrak, Mob.:7873097577 |
| 3 | Anuradha panigrahi | Indra Nagar, Rayagada, Mob.: 9437434706 |
| QUIZ NO. 5 | | |
| 1 | Diptiketan Panda | Kudiary, Jatni, Mob.: 9583159968 |
| 2 | Sursh Kumar Mahapatra | Khandagiri, Bhubaneswar, Mob.: 9937660604 |
| 3 | Jitendra Kumar Pattanayak | Kantilo, Nayagarh, Mob.: 9853465922 |
| QUIZ NO. 6 | | |
| 1 | Santanu Behera | Naranpur, Keonjhar, Mob.: 9853336575 |
| 2 | Giridhari Bagarti | Badabazar, Sambalpur, Mob.: 9668184353 |
| 3 | Ramesh Ch. Panda | Indira Nagar, Brahmapur, Mob.: 9437722072 |
| QUIZ NO. 7 | | |
| 1 | Banshidhara Nayak | Birat Bazar, Cuttack, Mob.: 7894215317 |
| 2 | Rajesh Kumar Dash | Ghasipura, Keonjhar, Mob.: 9437749904 |
| 3 | Trilochan Mohapatra | Bateswar, Balasore, Mob.: 9178714949 |
| QUIZ NO. 8 | | |
| 1 | Radharani Mandal | Ramachandrapur, Cuttack, Mob.: 8917459212 |
| 2 | Iswara Chandra Panda | Markandapada, Puri, Mob.: 9556182291 |
| 3 | Arnab Kumar Panda | Samantarapur, Bhubaneswar, Mob.: 7205618090 |
| QUIZ NO. 9 | | |
| 1 | SK Akid | Saheed Nagar, Bhubaneswar, Mob.:9040060092 |
| 2 | Prasanta Kumar Kar | Gopalpur, Puri, Mob.: 9668156715 |
| 3 | Gauranga Chandra Behera | Soubhagya Nagar, BBSR, Mob.: 9830147888 |
| QUIZ NO. 10 | | |
| 1 | Kajal Sahoo | Patrapada, Bhubaneswar, Mob.: 9337246326 |
| 2 | Hrusikesh Mohanta | Salabani, Mayurbhanj, Mob.: 9178690505 |
| 3 | H B Mohapatra | Buxi Bazar, Cuttack, Mob.: 9437591475 |
| QUIZ NO. 11 | | |
| 1 | Debendra Kumar Kar | Bomikhal, Bhubaneswar, Mob.: 7200355612 |
| 2 | Debasis Tripathy | Bharatpur, Mob.: 9938905854 |
| 3 | Rashmi Rekha Nayak | Balichandrapur, Jajpur, Mob.: 7008448624 |
| QUIZ NO. 12 | | |
| 1 | Subnum Begum | Satya Nagar, Bhubaneswar, Mob.: 9583611571 |
| 2 | Susant Behera | Kahaliagadia, Keonjhar, Mob.: 9937343391 |
| 3 | Dasarathi Nayak | Niladri Vihar, Bhubaneswar, Mob.: 9777678902 |
| QUIZ NO. 13 | | |
| 1 | Taranisen Bhoi | Jampali, Bargarh, Mob.: 9178057476 |
| 2 | Soumitri Mishra | Sundargram, Cuttack, Mob.: 7978456872 |
| 3 | Arupananda Biswal | Unit-9, Bhubaneswar, Mob.: 9861899639 |
| QUIZ NO. 14 | | |
| 1 | Girija Sankar Panigrahi | Baramunda, Bhubaneswar, Mob.: 9861045268 |
| 2 | Aayush Priyansu | Maitree Vihar, BBSR, Mob.: 9437260711 |
| 3 | Supriya Roul | Lunahar, Cuttack, Mob.: 9338288233 |
| QUIZ NO. 15 | | |
| 1 | Manas Ranjan Padhee | G.M. College Road, Sambalpur, Mob.: 7873045328 |
| 2 | S R Behera | Unit-9, BBSR, 9437555340 |
| 3 | Susmita Das | Bhubaneswar, Mob.: 7008167327 |
| QUIZ NO. 16 | | |
| 1 | Soumitri Mishra | Sundargram, Cuttack, Mob.: 7978456872 |
| 2 | Ajay Kumar Agrawalla | Main Road, Khurdha, Mob.: 9090567899 |
| 3 | Rajanikanta Behera | Adarshpada, Balanga, Mob.: 9938144464 |
| QUIZ NO. 17 | | |
| 1 | Sunik Kumar Bagarti | Kali Mandir Road, Jharsuguda, Mob.: 9776183711 |
| 2 | Ramesh Boitai | Collectorate, Jajpur, Mob.: 7978246446 |
| 3 | Debasis Acharya | BJB Nagar, Bhubaneswar, Mob.: 7990945008 |
| QUIZ NO. 18 | | |
| 1 | Swayam Prakash Panda | Sahaspur, Balasore, Mob.: 9778932409 |
| 2 | Puja Dash | Tigiria, Cuttack, Mob.: 9937201298 |
| 3 | Arpita Mishra | Gandarpur, Cuttack, Mob.: 6370063561 |
| QUIZ NO. 19 | | |
| 1 | Subesh Barik | Arunodaya, Cuttack, Mob.: 9437062819 |
| 2 | Amaresh Chandra Sahoo | Khalisahi, Nayagarh, Mob.: 9937963960 |
| 3 | Dhananjay Jena | Prachivihar, BBSR, Mob.: 9853324640 |
| QUIZ NO. 20 | | |
| 1 | Ashish Pattnayak | Anandapur, Keonjhar, Mob.: 9853869904 |
| 2 | Urjeswar Maharana | Sisupalagarh, BBSR, Mob.: 9776451764 |
| 3 | Bhagyashree Roula | Charmpa, Bhadrak, Mob.: 7381594971 |
| QUIZ NO. 21 | | |
| 1 | Jyoti Prakash Moharana | Nayapali, Bhubaneswar, Mob.: 9437454475 |
| 2 | Guru Nigam Das | Nayapali, BBSR, Mob.:7438809495 |
| 3 | M Siba Prasad Rao | Satya Nagar, Puri, Mob.: 9437280993 |
| QUIZ NO. 22 | | |
| 1 | Simpul Sambit Behera | Daradapatna, Jagatsinghpur, Mob.: 8895211288 |
| 2 | Khitish Kumar Khuntia | Tarota, Cuttack, Mob.: 7751940892 |
| 3 | Devkalpa Sarangi | Samantarapur, BBSR, Mob.: 9853918849 |
| QUIZ NO. 23 | | |
| 1 | Dipali Barik | Nuapada, Kendrapada, Mob.: 9437491211 |
| 2 | Raghunath Pani | Sahapur, Cuttack, Mob.: 9938785454 |
| 3 | Dipti Ranjan Sandh | Nayapatna, Jajpur, Mob.: 9438581616 |
| QUIZ NO. 24 | | |
| 1 | Nibedita Sahoo | Matha Sahi, Cuttack, Mob.: 8093569377 |
| 2 | Satyajit Sai Parag | Bharatpur, BBSR, Mob.: 9348553163 |
| 3 | Basanta Majhi | Balipatna, Bhubaneswar, Mob.: 9777623954 |

### LUCKY FROM UNLUCKY

| | | |
|---|---|---|
| 1 | Kumudini Panda | Markandapada, Puri, Mob.: 9556182291 |

ଭାଗ୍ୟଶାଳୀ ବିଜେତାମାନଙ୍କୁ ଟେଲିଫୋନ ଯୋଗେ ପୁରସ୍କାର ବିତରଣର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ଜଣାଇ ଦିଆଯିବ। ଧରିତ୍ରୀ ପୂଜା କୁଇଜ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ପାଠିକା, ପାଠକମାନଙ୍କୁ ଧରିତ୍ରୀ ପରିବାର ତରଫରୁ ଅଶେଷ ଧନ୍ୟବାଦ।

**Main Sponsor** TVS

**Co-Sponsors** Nikon CENTRAL

# ଚୋଟ ବାଜିଛି

ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଭଳି ଅର୍ଥନୈତିକ ସଂସ୍କାର ଭାରତୀୟ ଅର୍ଥନୀତିକୁ ବଳିଷ୍ଠ କରିଛି ବୋଲି କେନ୍ଦ୍ର ସରକାର ପ୍ରାୟ ଦୁଇ ବର୍ଷ ହେବ କହୁଛନ୍ତି । ନିକଟରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଗୈରିକ ଦଳକୁ କ୍ଷତି ପହଞ୍ଚାଇବା ପରେ ନେତାମାନଙ୍କ ମଧ୍ୟରେ ଥିବା ପୂର୍ବ ଦମ୍ଭ କମିଯାଇଛି । ଡିସେମ୍ବର ୨୨ରେ ଜିଏସ୍‌ଟି ପରିଷଦର ୩୧ତମ ବୈଠକରେ ୨୩ ସାମଗ୍ରୀ ଓ ସେବା ଉପରୁ ଟିକସ ହ୍ରାସ ନିଷ୍ପତ୍ତି ନିଆଯାଇଥିଲା । ଜିଏସ୍‌ଟିର ସର୍ବୋଚ୍ଚ ସ୍ଲାବ ୨୮ ପ୍ରତିଶତ । ଏଥିରୁ ୨୦୦ଟି ସାମଗ୍ରୀ ବାଦ୍ ପକାଇ ସ୍ଲାବ ହ୍ରାସ କରାଯିବ ବୋଲି କୁହାଯାଇଥିଲା । ଏବେ କିନ୍ତୁ ସେହି ୨୦୦ ସାମଗ୍ରୀକୁ ହ୍ରାସ କରି ସଂଖ୍ୟାକୁ ୨୮ରେ ରଖାଗଲାଣି । ଏଥିରୁ ଦୁଇଟି କଥା ବୁଝାଯାଇପାରେ । ପ୍ରଥମଟି ହେଲା, ଜିଏସ୍‌ଟି ପ୍ରତିଶତ ହ୍ରାସ କରିଦେଲେ ଯେଉଁ ପରିମାଣର ଆଦାୟ କମିବ, ତାହା ହୁଏତ ସମ୍ଭାଳିବା କଷ୍ଟକର ହେବ । ଦ୍ୱିତୀୟ ସମ୍ଭାବ୍ୟ କଥା ହୋଇପାରେ ଯେ ଜିଏସ୍‌ଟି ପ୍ରତିଶତ ହ୍ରାସ କରିବା ପଛରେ ଯେଉଁ ରାଜନୈତିକ ଉଦ୍ଦେଶ୍ୟ ଥିଲା, ତାହା ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଧୂଳିସାତ ହୋଇଯାଇଥିବାରୁ ଏପରି କରାଯାଇ ଜନସାଧାରଣଙ୍କ ଉପରେ କ୍ରୋଧ ଶୁଝାଯାଉଛି । ଏଭଳିସ୍ଥଳେ ଡିସେମ୍ବର ୨୪ରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି ଯେ, ଜିଏସ୍‌ଟିର ୧୨ ଓ ୧୮ ପ୍ରତିଶତ ମଧ୍ୟରେ ଆସୁଥିବା ସାମଗ୍ରୀ ଲାଗି ଏକ ମଝାମଝି ଟିକସ ହାର ସ୍ଥିର କରାଯିବା ଲାଗି ବିଚାର ଚାଲିଛି । ଜିଏସ୍‌ଟି ସ୍ଲାବ୍ ହ୍ରାସ ସକାଶେ ଭାଜପା ସରକାର ତରବରିଆ ନିଷ୍ପତ୍ତି ନେଉଥିବାରୁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି ।

ବିମୁଦ୍ରୀକରଣ ଓ ଜିଏସ୍‌ଟି ପ୍ରଚଳନ ପରେ ଭାରତୀୟ ଅର୍ଥନୀତିକୁ ଯେଉଁ ଆଘାତ ପହଞ୍ଚିଛି, ତାହା ଦୀର୍ଘବର୍ଷ ଧରି ଭରଣା କରିବା କଷ୍ଟକର । ଭାରତର ଜିଏସ୍‌ଟି କେବଳ ବିଶ୍ୱର ସବୁଠାରୁ ଜଟିଳତମ ଟିକସ ହାର ନୁହେଁ, ସର୍ବାଧିକ ସ୍ତରର ସ୍ଲାବ୍ ରହିଥିବା ଏକ ବ୍ୟବସ୍ଥା ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଥିଲା । 'ଏକ ଦେଶ, ଏକ ଟିକସ' ସ୍ଲୋଗାନ ଦେଇ ଜିଏସ୍‌ଟିକୁ ଭାଜପା ସରକାର ସାର୍ବଜନୀନ କରିଥିଲେ । ଲୋକେ ଭାବିଥିଲେ ଏହାଦ୍ୱାରା ସେମାନେ ଉପକୃତ ହେବେ । ହେଲେ ୪ ପ୍ରକାର ସ୍ଲାବ ଏବଂ ସାମଗ୍ରୀ ଓ ସେବା ଉପରେ ଅବାଞ୍ଛିତ ହାରରେ ଏହା ଲାଗୁ ହେବା ଦ୍ୱାରା ଖାଉଟି ଦରବୃଦ୍ଧିର ସମ୍ମୁଖୀନ ହୋଇଥିବା ବେଳେ ବ୍ୟବସାୟୀଙ୍କ ପାଇଁ ଟିକସ ଦାଖଲ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି । ବାସ୍ତବ ସମସ୍ୟାର ସମ୍ମୁଖୀନ ହେବା ପରେ ଜନସାଧାରଣ ସେମାନଙ୍କ କ୍ରୋଧ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଦେଖାଇ ଦେଇଥିଲେ । ଲୋକଙ୍କ ଅସନ୍ତୋଷ ଭୋଟରେ ପ୍ରତିଫଳିତ ହେବା ଅନୁଭବ କରିବା ପରେ ଭାଜପା ନେତୃତ୍ୱ ନିଜର ଏକଜିଦିଆ ମନୋଭାବରେ ସମ୍ଭବତଃ ପରିବର୍ତ୍ତନ ଆଣିଛନ୍ତି । ବିରୋଧୀଙ୍କ ଦ୍ୱାରା ଗବର ସିଂ ଟିକସ ଭାବେ ନାମିତ ହୋଇଥିବା ଜିଏସ୍‌ଟିକୁ ପର୍ଯ୍ୟାୟକ୍ରମେ କମାଯିବ ବୋଲି ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ କହିଚାଲିଲେଣି । ଯେତେବେଳେ ଏହି ବ୍ୟବସ୍ଥା ଲୋକଙ୍କ ପାଇଁ ଅମଙ୍ଗଳ ହେବ ବୋଲି ଏହାର ଜନ୍ମଲଗ୍ନରୁ କୁହାଯାଇଥିଲା, ସେତେବେଳେ ତାହାକୁ ଭାଜପା ନେତାମାନେ ଖାତିର କରି ନ ଥିଲେ । ବରଂ ଯୁକ୍ତି ବାଢ଼ିଥିଲେ ଯେ ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ଏଭଳି ସଂସ୍କାର ନିଆଯାଇଛି ଓ ପରେ ଏହା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବ । ଦୁଃଖର ବିଷୟ ଯେ, ଭାରତର ପ୍ରଶାସନିକ ବ୍ୟବସ୍ଥା ସବୁବେଳେ ଜନସାଧାରଣଙ୍କୁ ହଇରାଣ କରି ଶିକ୍ଷା ଲାଭ କରିଥାଏ । ଏହି ଜିଏସ୍‌ଟି ଦ୍ୱାରା କେବଳ ଯେ ଲୋକ ହଇରାଣ ହେଉଛନ୍ତି ତାହା ନୁହେଁ, ଭାରତୀୟ ଅର୍ଥନୀତିକୁ ଦୀର୍ଘମିଆଦୀ ଚୋଟ ବାଜିଛି ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଡିସେମ୍ବର ୧୯୯୩**

- ସ୍ୱାଧୀନ ରାଷ୍ଟ୍ରମଣ୍ଡଳ (ସି.ଆଇ.ଏସ୍.)ର ଏକ ସ୍ୱତନ୍ତ୍ର ବୈଠକରେ ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ରୁଷୀୟ ସଂଖ୍ୟାଲଘୁମାନଙ୍କ ପାଇଁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରସଙ୍ଗକୁ ସିଆଇଏସ୍‌ର ପ୍ରତ୍ୟାଖ୍ୟାନ ।
- ଓଡ଼ିଶା ପ୍ରଶାସନିକ ସେବାର ଅଫିସରମାନଙ୍କୁ ଜିଲାପାଳ ରୂପେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।
- ୧୯୯୪ ମସିହା ୟୁନିସେଫ୍ ରିପୋର୍ଟ ଅନୁଯାୟୀ ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷ ଶିଶୁ ମାରାତ୍ମକ ରୋଗରେ ପ୍ରାଣ ହରାଉଛନ୍ତି ।
- ବାଂଲାଦେଶରେ ଶେଷ ହୋଇଥିବା ଜନଗଣନାରୁ ଦେଶର ଜନସଂଖ୍ୟା ୧୧ କୋଟି ୧୪ ଲକ୍ଷ ୫୫ ହଜାର ୧୮୫ ବୋଲି ଜଣାପଡିଛି ।
- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟ୍‌ସିନଙ୍କ ପ୍ରସ୍ତାବ ସଂଖ୍ୟାଲଘୁମାନଙ୍କ ପାଇଁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରସଙ୍ଗକୁ ରାଷ୍ଟ୍ରମଣ୍ଡଳ ନେତାଙ୍କ ପ୍ରତ୍ୟାଖ୍ୟାନ ।

## SU | DO | KU ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | | | | 1 | D | 6 | | | | | 4 |
| 4 | | | 2 | | | | | | | | | | | 8 |
| | A | | E | 4 | 7 | | | | | | B | | | C |
| E | 5 | | 9 | | 1 | | | | 2 | D | | | A | |
| 8 | 1 | | | 5 | A | | 7 | | | | | | 9 | |
| 2 | | | 6 | 8 | C | | A | | 5 | | 3 | | | |
| | | 5 | 7 | | | | | | | | | 3 | C | |
| | | | | | 3 | | B | | 9 | | | 2 | | |
| | | | | | 2 | C | E | 9 | | | A | | 4 | 1 |
| | | | B | | | | | 4 | | | | | | |
| | | | D | | 0 | | | 5 | | C | 1 | B | | |
| 5 | 8 | A | C | | | | 3 | | B | 9 | 4 | | | |
| | E | C | | | | A | 8 | | | | | | | |
| 3 | 2 | D | | 7 | | | | 1 | 8 | | | 4 | E | |
| 7 | | 1 | | | 9 | E | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 6 | 5 | B | E | 2 | 0 | 8 | 3 | 4 | A | 9 | 7 | 1 |
| 0 | E | 3 | A | 9 | 7 | B | C | 5 | 8 | 1 | 6 | 2 | 4 | D |
| B | 7 | 9 | D | 4 | 1 | 3 | E | A | 0 | 2 | 5 | 6 | C | 8 |
| 5 | 2 | 1 | 8 | 0 | 3 | 4 | D | 6 | 7 | 9 | C | A | B | E |
| 8 | 4 | A | 2 | C | 6 | 1 | 7 | 9 | E | B | D | 5 | 0 | 3 |
| 9 | A | B | 4 | 6 | 2 | D | 3 | C | 5 | 0 | E | 1 | 8 | 7 |
| 6 | 8 | C | 1 | 7 | 0 | A | 5 | E | D | 3 | 9 | B | 2 | 4 |
| 3 | 5 | 2 | E | A | 8 | 7 | 1 | B | 6 | C | 4 | 0 | D | 9 |
| 1 | D | 4 | 9 | 3 | C | 0 | 8 | 2 | A | 7 | B | E | 5 | 6 |
| 7 | 0 | E | B | D | 5 | 6 | 9 | 4 | 2 | 8 | 1 | C | 3 | A |
| 4 | 1 | 0 | 7 | 5 | A | E | 2 | D | C | 6 | 3 | 8 | 9 | B |
| E | 6 | 5 | 3 | 8 | 4 | 9 | B | 0 | 1 | D | 2 | 7 | A | C |
| A | 3 | 7 | C | 2 | 9 | 5 | 4 | 1 | B | E | 8 | D | 6 | 0 |
| C | 9 | D | 6 | E | B | 8 | A | 7 | 4 | 5 | 0 | 3 | 1 | 2 |
| 2 | B | 8 | 0 | 1 | D | C | 6 | 3 | 9 | A | 7 | 4 | E | 5 |

ଗତକାଲିର ଉତ୍ତର

# ଓମ୍‌ଫେଡ୍ ଢାଞ୍ଚାରେ ହେଉ ଭେଜ୍‌ଫେଡ୍



ନଟବର ଖୁଣ୍ଟିଆ

ଓଡ଼ିଶା ଗୋଟିଏ ଏପରି ରାଜ୍ୟ ଯେଉଁଠି ଦଶ ଦଶଟି କୃଷି ଜଳବାୟୁ ଅଞ୍ଚଳ ଅଛି । ବିଭିନ୍ନ ଅଞ୍ଚଳରେ ଚାଷକୁ ପ୍ରଭାବିତ କରୁଥିବା ଉତ୍ତାପ, ଆର୍ଦ୍ରତା, ମୃତ୍ତିକା, ବୃଷ୍ଟିପାତ ଆଦି ଭିନ୍ନ ଭିନ୍ନ । ଅର୍ଥାତ୍ ଓଡିଶାରେ ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଫସଲ ଉତ୍ପାଦନ ହୋଇପାରେ । ବର୍ଷସାରା କୌଣସି ନା କୌଣସି ଅଞ୍ଚଳରୁ କିଛି ନା କିଛି ପରିବା ବା ଫଳ ଆମେ ଉତ୍ପାଦନ କରିପାରିବା । ଆମର ଏପରି ଅପୂର୍ବ ସୁଯୋଗ ଥିବାବେଳେ ଏବଂ ଆମର ଚାହିଦା ମେଣ୍ଟାଇବା ପାଇଁ ଯଥେଷ୍ଟ ଜମି ଥିଲାବେଳେ ଧାନ ବ୍ୟତୀତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଏବଂ ମୁଖ୍ୟତଃ ପରିବା ଓ ଫଳ ବାହାର ରାଜ୍ୟରୁ ଆମଦାନି କରି ଆମେ ଆମ ରାଜ୍ୟର ଖାଉଟିମାନଙ୍କ ଚାହିଦା ମେଣ୍ଟାଉଛୁ । ଆଳୁ, ପିଆଜଠାରୁ ଆରମ୍ଭ କରି ପୋଟଳ, ବନ୍ଧାକୋବି, ଫୁଲକୋବି, ଓଲକୋବି, ବାଇଗଣ, ବିନ୍, ଦେଶୀଆଳୁ, କନ୍ଦମୂଳ, ସାରୁ, ଓଲୁଅ ଆଦି ଅନେକ ପରିବା ବାହାର ରାଜ୍ୟରୁ ଆମଦାନି କରୁଛୁ । ସେହିପରି କଦଳୀ, ଆମ୍ବ, ପିଜୁଳି, କମଳା, ଲେମ୍ବୁ, ଅମୃତଭଣ୍ଡା, ବରକୋଳି, ସପୁରି ଆଦି ଆମଦାନି କରୁଛୁ, ଯଦିଓ ଏଠି ଏହିସବୁ ପରିବା ଓ ଫଳ ଚାଷ ହୋଇପାରିବ ।

ଫଳ ଓ ପରିବା ଆମେ ଆମଦାନି କରୁଛୁ କାହିଁକି ? ପରିବା ଓ ଫଳ ଋତୁ ଅନୁଯାୟୀ ଅମଳ ହୁଏ । ଏ ସବୁକୁ ବେଶିଦିନ ସାଇତି ରଖାଯାଇ ପାରେନାହିଁ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବ୍ୟବହାର ନ କଲେ ପଚିଶଡି ଯାଏ । ଏହାର ସମାଧାନ ପାଇଁ ଯେତେଶୀଘ୍ର ସମ୍ଭବ ସ୍ଥାନୀୟ ବଜାରର ଚାହିଦା ଅନୁଯାୟୀ ସେତିକି ସ୍ଥାନୀୟ ବଜାରକୁ ଛାଡି ଅବଶିଷ୍ଟ ଅନ୍ୟ ବଜାରକୁ ପଠାଇ ଦିଆଯିବା ଦରକାର । ଅଧିକ ଦିନ ସାଇତି ରଖିବା ପାଇଁ ଆବଶ୍ୟକ ହୁଏ ଶୀତଳଭଣ୍ଡାର ଅବା ବିଜ୍ଞାନସମ୍ମତ ସାଇତା ଘର । ଏହା ବ୍ୟତୀତ ଏସବୁର ପ୍ରକ୍ରିୟାକରଣ, ପ୍ୟାକେଜିଂ କରି କୋଲ୍ଡ ଚେନ୍ ମାଧ୍ୟମରେ ଦୂରଦୂରାନ୍ତ ବଜାରକୁ ପଠାଯିବାର ବ୍ୟବସ୍ଥା ହେବା ଉଚିତ । ପ୍ୟାକେଜିଂ କରି ବିଦେଶକୁ ପ୍ରକ୍ରିୟାକୃତ ଫଳ ଓ ପରିବା ପଠାଯିବାର ବ୍ୟବସ୍ଥା ହେବା ଆବଶ୍ୟକ । ଏସବୁ କାର୍ଯ୍ୟ ସାଙ୍ଗଠନିକ ବ୍ୟବସ୍ଥା ମାଧ୍ୟମରେ ହେବା ଅପରିହାର୍ଯ୍ୟ । ସାଙ୍ଗଠନିକ ବ୍ୟବସ୍ଥା ହେଲେ ବର୍ଷସାରା ଫଳ, ପନିପରିବା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅମଳ ହେଲେ ବି ବିକ୍ରୟ ପାଇଁ ସମସ୍ୟା ରହିବ ନାହିଁ ଆଉ ଚାଷୀ ମଧ୍ୟ ଲାଭଜନକ ମୂଲ୍ୟ ସଙ୍ଗଠିତ କ୍ଷେତ୍ରରୁ ପାଇପାରିବେ । ବିଭିନ୍ନ ଅଞ୍ଚଳରେ ଚାଷୀ ଗୋଟିଏ ପରେ ଗୋଟିଏ ପରିବା ଓ ଫଳ ଉତ୍ପାଦନ କରି ଲାଭଜନକ ମୂଲ୍ୟରେ ବିକ୍ରୟ କରି ଆୟ ବୃଦ୍ଧି କରିପାରିବ । ଅନ୍ୟପକ୍ଷରେ ଖାଉଟିମାନେ ବର୍ଷସାରା ନ୍ୟାଯ୍ୟ ମୂଲ୍ୟରେ ପନିପରିବା, ଫଳ ଏବଂ ପ୍ରକ୍ରିୟାକୃତ ପରିବା, ଫଳ ଆଦି ପାଇପାରିବେ ।

ଉପରୋକ୍ତ ବ୍ୟବସ୍ଥାକୁ ସଙ୍ଗଠିତ କରିବା ପାଇଁ ରାଜ୍ୟ ସରକାର ଓମ୍‌ଫେଡ୍ ଢାଞ୍ଚାରେ ଭେଜ୍‌ଫେଡ୍ ସ୍ଥାପନ କରି ସେହି ଭେଜ୍‌ଫେଡ୍ ମାଧ୍ୟମରେ ପରିବା ଓ ଫଳର ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେବା ସହିତ ସେସବୁକୁ ସଂଗ୍ରହ କରି, ପ୍ରକ୍ରିୟାକରଣ କରି, ପ୍ୟାକେଜିଂ କରି ଓମ୍‌ଫେଡ୍ ଯେପରି ଓମ୍‌ଫେଡ୍ ବୁଥ୍ ମାଧ୍ୟମରେ ଦୁଗ୍ଧ ଓ ଦୁଗ୍ଧଜାତଦ୍ରବ୍ୟ ବିତରଣ କରୁଛି ପ୍ରସ୍ତାବିତ ଭେଜ୍‌ଫେଡ୍ ମଧ୍ୟ ଭେଜ୍‌ଫେଡ୍ ବୁଥ୍ ସ୍ଥାପନ କରି ପରିବା ଓ ଫଳ ଏବଂ ପ୍ରକ୍ରିୟାକୃତ ଫଳ ଓ ପରିବା ଆଦି ସାଧାରଣ ଖାଉଟିଙ୍କୁ ବିକ୍ରି କରିପାରିବେ । ଯଦି ଓଡ଼ିଶା ଆଜି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଏବଂ ଦୁଗ୍ଧଚାଷୀମାନେ ଓମ୍‌ଫେଡ୍ ମାଧ୍ୟମରେ ଉତ୍ପାଦିତ ଦୁଗ୍ଧ ବିକ୍ରି କରି ଉପଯୁକ୍ତ ମୂଲ୍ୟ ପାଉଛନ୍ତି ତେବେ ତା'ର ଶ୍ରେୟ ନିଶ୍ଚୟ ଓମ୍‌ଫେଡ୍‌କୁ ଯିବ । ଓମ୍‌ଫେଡ୍ ଯୋଗୁ ହିଁ ଆଜି ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଛି । ଓମ୍‌ଫେଡ୍ ଦେଖାଦେଖି ଆଜି କେତେକ ଘରୋଇ ଉଦ୍ୟୋଗୀ ମଧ୍ୟ ଦୁଗ୍ଧ ସଂଗ୍ରହ କରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରି ରାଜ୍ୟସାରା ବିକ୍ରୟ କରୁଛନ୍ତି । ଏହାଫଳରେ ଦୁଗ୍ଧର ଏକ ପ୍ରତିଯୋଗିତାମୂଳକ ବଜାର ସୃଷ୍ଟି ହୋଇଛି, ଯାହାଦ୍ୱାରା ଚାଷୀମାନେ ଉପକୃତ ହେଉଛନ୍ତି ।

ଓମ୍‌ଫେଡ୍ ଢାଞ୍ଚାରେ ପରିବା ଓ ଫଳ ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ବିକ୍ରୟ କରିବା ପାଇଁ ଭେଜ୍‌ଫେଡ୍ ଗଠନ ପାଇଁ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ପ୍ରସ୍ତାବ ଦିଆଯିବା ସତ୍ତ୍ୱେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ । ବଡ଼ ଆନନ୍ଦର କଥା, ୨୦୧୬-୧୭ ବର୍ଷର ବଜେଟରେ ପରିବା ଓ ଫଳର ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରୟ ପାଇଁ ଏକ କମ୍ପାନୀ ଗଠନ କରିବା ପାଇଁ ପ୍ରାଥମିକ ଭାବରେ ୫କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା । ଆଶା କରାଯାଉଥିଲା, ସମ୍ପୃକ୍ତ ବିଭାଗ ଏହି କମ୍ପାନୀର ରୂପରେଖ କିପରି ହେବ, ଆଉ କାର୍ଯ୍ୟ କିପରି ଆରମ୍ଭ ହେବ, ତା'ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରି ପ୍ରସ୍ତାବିତ କମ୍ପାନୀର ମୂଳଦୁଆ ପକାଇପାରିବେ । କିନ୍ତୁ ଦୁଃଖର କଥା ବଜେଟରେ ସିନା ବ୍ୟୟ ବରାଦ ହେଲା, କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ଅର୍ଥ ଫେରସ୍ତ ହେଲା ଆଉ ପରବର୍ତ୍ତୀ ବଜେଟ ୨୦୧୭-୧୮ ଏବଂ ୨୦୧୮-୧୯ରେ ଆଉ କୌଣସି ବ୍ୟୟବରାଦ ହେଲାନାହିଁ ।

କେନ୍ଦ୍ର ସରକାର କମ୍ପାନୀ ଆଇନରେ ସଂଶୋଧନ ଆଣି ଏବେ ଚାଷୀମାନଙ୍କୁ ପଞ୍ଚାୟତସ୍ତରରେ ଖାଦ୍ୟଶସ୍ୟ, ପରିବା, ଫଳ ଆଦିର ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବା ସହିତ ଏସବୁ କୃଷିଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ, ପ୍ୟାକେଜିଂ କରି ବଜାରରେ ଲାଭଜନକ ମୂଲ୍ୟରେ ବିକ୍ରୟ କରିବା ପାଇଁ ଫାର୍ମର୍ସ ପ୍ରଡ୍ୟୁସର୍ସ ଅର୍ଗାନାଇଜେଶନ ଗଠନ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି । ଏହି ଚାଷୀ ଉତ୍ପାଦକ ସଙ୍ଗଠନ, ଯାହା କି କମ୍ପାନୀ ଆଇନରେ ପଞ୍ଜୀକୃତ ହେଉଛି ତାହାର ଅଂଶୀଦାର ହେଉଛନ୍ତି ଚାଷୀମାନେ । ସେମାନେ ଅଂଶଧନ କିଣି କମ୍ପାନୀର ମାଲିକ ହେଉଛନ୍ତି । କେନ୍ଦ୍ର ସରକାର ନାବାର୍ଡ ମାଧ୍ୟମରେ ଏହି ଚାଷୀ ଉତ୍ପାଦକ ସଙ୍ଗଠନକୁ ଆର୍ଥିକ ସାହାଯ୍ୟ ଓ ତାଲିମ ମଧ୍ୟ ଦେଉଛନ୍ତି । ରାଜ୍ୟର ଅନେକ ଅଞ୍ଚଳରେ ପଞ୍ଚାୟତସ୍ତରରେ ଏହି ସଙ୍ଗଠନ ପଞ୍ଜୀକୃତ ହୋଇ ଧୀରେ ଧୀରେ କାମ ଆରମ୍ଭ କଲେଣି । କୃଷିଜାତ ଦ୍ରବ୍ୟର ବିପଣନ କ୍ଷେତ୍ରରେ ଏମାନେ ଆଖିଦୃଶିଆ ସଫଳତା ଆଡକୁ ଅଗ୍ରସର ହେଉଛନ୍ତି । ଏହି ବ୍ୟବସ୍ଥାକୁ ସୁଦୃଢ କରି ସମ୍ପ୍ରସାରିତ କରିବା ପାଇଁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇବା ଲାଗି ନିମ୍ନୋକ୍ତ ପରାମର୍ଶର ସୁବିଚାର କରିପାରନ୍ତି ।

ସରକାର ଭେଜ୍‌ଫେଡ୍‌କୁ ସମବାୟ ଆଇନରେ ପଞ୍ଜୀକୃତ ନ କରି ସଂଶୋଧିତ କମ୍ପାନୀ ଆଇନ ଅନୁସାରେ ପଞ୍ଜୀକୃତ କରିପାରନ୍ତି । ସମବାୟ ଆଇନ ଅନୁସାରେ ପଞ୍ଜୀକୃତ ଅନୁଷ୍ଠାନରେ ସରକାରୀ ଅମଲାମାନଙ୍କର ହସ୍ତକ୍ଷେପ ଅଧିକ ଥାଏ । ଏହାକୁ ଆଡେଇଯିବା ପାଇଁ କମ୍ପାନୀ ଆଇନ ଅନୁସାରେ ପଞ୍ଜୀକୃତ ହେଲେ ଭଲ । ଜିଲାସ୍ତରରେ ଯେତେସବୁ ଚାଷୀ ଉତ୍ପାଦକ ସଙ୍ଗଠନ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଏକତ୍ରିତ କରି ପ୍ରତି ଜିଲାରେ ଏହି ସଙ୍ଗଠନମାନଙ୍କର ଏକ ୟୁନିୟନ ଗଠନ ହେଉ, ଯେପରି ଓମ୍‌ଫେଡ୍‌ର ଜିଲା ମିଲ୍କ ୟୁନିୟନ ଗଠନ ହୋଇଛି । ଏହି ଜିଲା ୟୁନିୟନକୁ କମ୍ପାନୀ ଆଇନ ଅନୁସାରେ ଗଠନ କରାଯାଉ ଆଉ ଏହାର ଅଂଶୀଦାରମାନେ ହୁଅନ୍ତୁ ଚାଷୀ ଉତ୍ପାଦକ ସଙ୍ଗଠନମାନେ । ଜିଲା ୟୁନିୟନକୁ ନେଇ ଗଠିତ ହେଉ ରାଜ୍ୟସ୍ତରୀୟ ଭେଜ୍‌ଫେଡ୍ । ଏହାକୁ ମଧ୍ୟ କମ୍ପାନୀ ଆଇନ ଧାରାରେ ପଞ୍ଜୀକୃତ କରାଯାଉ ଆଉ ଏହାର ଅଂଶୀଦାର ହୁଅନ୍ତୁ ଜିଲା ୟୁନିୟନମାନେ । ରାଜ୍ୟ ସରକାର ଏହି ଜିଲା ୟୁନିୟନ ଓ ରାଜ୍ୟସ୍ତରରେ ଗଠିତ ଭେଜ୍‌ଫେଡ୍‌କୁ ଆର୍ଥିକ ସହାୟତା ସବ୍‌ସିଡି ଆକାରରେ ଯୋଗାଇଦେବା ସହ ବୈଷୟିକ ପରିଚାଳନା ସହାୟତା ମଧ୍ୟ ଯୋଗାଇ ଦିଅନ୍ତୁ । ଏହାଫଳରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପାଇବେ । ଆମେ ଆଉ ବାହାର ରାଜ୍ୟରୁ ଫଳ ଓ ପରିବା ତଥା ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ଆମଦାନି କରିବା ନାହିଁ । ଆମର କୃଷି ଅର୍ଥନୀତି ସମୃଦ୍ଧ ହେବ ।

ଏ-୫୦୨, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର,
ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨

# ଦେହ ସୁମରି ଆତ୍ମା କାନ୍ଦେ

ରମେଶ ଚନ୍ଦ୍ର ସାମଲ

ପ୍ରେତ ଜଗତ ସମ୍ବନ୍ଧରେ ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ମତ ରହିଛି । କେତେକେ କୁହନ୍ତି, ମଣିଷ ମରିଗଲା ପରେ ସବୁ ସରିଗଲା, ଆଉ କିଛି ନ ଥାଏ । ଭୂତପ୍ରେତ ସବୁ ଅନ୍ଧବିଶ୍ୱାସ । ଆମର ଧର୍ମଶାସ୍ତ୍ର ଅନୁସାରେ ପଞ୍ଚଭୂତରେ ଗଢ଼ା ଶରୀର ମୃତ୍ୟୁ ପରେ ପଞ୍ଚଭୂତରେ ମିଶିଯାଏ । ଆତ୍ମା ବିନା ଶରୀର ଜଡ଼, ଜୀବନୀ ଶକ୍ତିରହିତ । ଏଥିରେ ଆତ୍ମାର ସଞ୍ଚାର ହେଲେ ଏହା ସକ୍ରିୟ ହୋଇ ବିଭିନ୍ନ କାମ କରେ । ପ୍ରଶ୍ନ ଉଠେ- ଆତ୍ମା କେଉଁଠି ଥାଏ, କିଭଳି ଆସି ଏହା ଶରୀରରେ ପ୍ରବେଶ କରେ । ମୃତ୍ୟୁ ପରେ କିଭଳି ଏହା ଦେହତ୍ୟାଗ କରି ଯେଉଁଠୁ ଆସିଥାଏ ସେଠିକି ଫେରିଯାଏ । ଶରୀରର ମୃତ୍ୟୁ ପରେ ନିଜର କର୍ମ ଆଧାରରେ ବିଭିନ୍ନ ଜନ୍ମ ମୃତ୍ୟୁ ଦେଇ ମୋକ୍ଷପ୍ରାପ୍ତି ପରେ ଆତ୍ମା ପରମାତ୍ମାଙ୍କଠାରେ ଲୀନ ହୋଇଯାଏ । ମୋକ୍ଷପ୍ରାପ୍ତି ସହଜସାଧ୍ୟ ନୁହେଁ । ସତ୍‌ଚିନ୍ତା, ସତ୍‌ଚରିତ୍ର, ସତ୍‌କର୍ମ ଓ ସଦ୍ଧର୍ମ ନ ଥିଲେ ମଣିଷ ଜୀବନମୃତ୍ୟୁ ଚକ୍ର ଅତିକ୍ରମ କରି ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିପାରେନା । ଫଳତଃ ତା'ର ଜନ୍ମମୃତ୍ୟୁ ଲାଗି ରହିଥାଏ- 'ପୁନରପି ଜନନଂ ପୁନରପି ମରଣଂ ପୁନରପି ଜନନୀଜଠରେ ଶୟନମ୍'(ଶଙ୍କରାଚାର୍ଯ୍ୟ) ।

ମନରେ ପ୍ରଶ୍ନ ଉଠେ ଆତ୍ମାର କ'ଣ ସର୍ବଦା ଏମିତି ଜନ୍ମମୃତ୍ୟୁ ଚାଲିଥାଏ, ତାହାର କ'ଣ ବିଶ୍ରାମ ନାହିଁ ? ସେ ନିଶ୍ଚୟ କିଛିଦିନର ବିଶ୍ରାମ ନିଏ ଯେତେବେଳେ ସେ ବିନା ସ୍ଥୂଳ ଶରୀରରେ ଇଥର୍‌ରେ ଘୂରିବୁଲେ, ଯାହାକୁ ନେଇ ପ୍ରେତଜଗତର ପରିକଳ୍ପନା କରାଯାଇଛି । ଶରୀର ଆତ୍ମାର ଘର ସଦୃଶ । ସେଥିରେ ସେ ବାସକରେ, ଶରୀର ପୁରୁଣା ହୋଇ ରୋଗଗ୍ରସ୍ତ ହେଲେ ଏଥିରେ ଆତ୍ମା ବାସ କରିପାରେନା । ତେଣୁ ଶରୀର ଛାଡିବାକୁ ସିଏ ବାଧ୍ୟହୁଏ, ଯାହାକୁ ଆମେ କହୁ ମୃତ୍ୟୁ । ଘରଟି ପୁରୁଣା ହୋଇ ଭାଙ୍ଗିରୁଜି ଗଲେ ଯେଭଳି ସେଥିରେ ବସବାସ କରିହୁଏନା ଓ ନୂଆଘରଟିଏ କରିବାର ଆବଶ୍ୟକତା ପଡ଼େ, ଆତ୍ମା ସେହିଭଳି ରୋଗଗ୍ରସ୍ତ ଜୀର୍ଣ୍ଣଶୀର୍ଣ୍ଣ ଶରୀରରେ ବାସ କରି ନ ପାରି ଏହାକୁ ତ୍ୟାଗ କରି ନୂଆ ଶରୀର ଧାରଣ କରିବାକୁ ବାଧ୍ୟହୁଏ । ଗୀତାରେ ଅଛି- ''ବାସାଂସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହ୍ଣାତି ନରୋଽପରାଣି । ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନାନି ସଂଯାତି ନବାନି ଦେହୀ ।'' ଅର୍ଥାତ୍ ପୋଷାକ ପୁରୁଣା ହେଲେ ଆମେ ତାକୁ ଛାଡ଼ି ନୂଆ ପୋଷାକ ପିନ୍ଧିବା ପରି ଶରୀର ଜୀର୍ଣ୍ଣ ହେଲେ ଆତ୍ମା ତାକୁ ଛାଡ଼ି ନୂଆ ଶରୀର ଗ୍ରହଣ କରେ ।

ମୃତ୍ୟୁ ପରେ ପୁନର୍ଜନ୍ମ ଲାଭ କରିବା ପୂର୍ବରୁ ଆତ୍ମା ଦୁଇ ପ୍ରକାର ଶରୀର ଧାରଣ କରିପାରେ- ସୂକ୍ଷ୍ମ ଶରୀର କିମ୍ବା ପ୍ରେତ ଶରୀର । ସୂକ୍ଷ୍ମ ଶରୀର ହାଲୁକା ହୋଇଥିବାରୁ ଆତ୍ମା ଉର୍ଦ୍ଧ୍ୱଗାମୀ ହୋଇ ପିତୃଲୋକରେ ବାସ କରେ । ପରେ ଉପଯୁକ୍ତ ଆଧାର (ସେ ଯେଉଁ ଭାବଭୂମିରେ ଥାଇ ମୃତ୍ୟୁବରଣ କରିଥିଲା, ସେହି ଭାବଭୂମିରେ ଥାଇ ମିଳନରତ ମାତାପିତା) ପାଇଲେ ପୁନର୍ଜନ୍ମ ପାଇଁ ଅବତରଣ କରେ । ମାତାପିତା, ବିଶେଷତଃ ମାତାର ଭାବ ଅନୁଯାୟୀ ସେହି ସ୍ତରର ଆତ୍ମା ଅବତରଣ କରେ । ସେଥିପାଇଁ ଭାଗବତରେ କୁହାଯାଇଛି- ମାତାପିତା ସଂଯୋଗ କାଳେ, ବିହି ଯା ଲେଖିଲା କପାଳେ । ପ୍ରେତ ଶରୀର ଅପେକ୍ଷାକୃତ ଓଜନିଆ ହୋଇଥିବାରୁ ସେ ଉପରକୁ ଯାଇ ନ ପାରି ଏହି ପୃଥିବୀ ଲୋକରେ ତା'ର ପୁରୁଣା ସ୍ଥାନରେ ଘୂରିବୁଲେ । ପରେ ସେ ସୂକ୍ଷ୍ମ ଶରୀର ଧରି ଉପରକୁ ଯାଏ ।

ମୃତ୍ୟୁ ପରେ ସ୍ଥୂଳ ଶରୀରକୁ ସ୍ୱଜନମାନେ ପୋଡ଼ିଦିଅନ୍ତି କିମ୍ବା ପୋତିଦିଅନ୍ତି । ସେତେବେଳେ 'ଦେହ ସୁମରି ଆତ୍ମା କାନ୍ଦେ' (ଭାଗବତ) । କାରଣ ସେ ନିଜ ଦେହ ଉପରୁ ମାୟା ତୁଟାଇପାରି ନ ଥାଏ । ସ୍ଥୂଳ ଶରୀର ନଷ୍ଟ ହୋଇଯିବା ପରେ ସୂକ୍ଷ୍ମ ଶରୀରରେ ଆତ୍ମା ନୂତନ ଶରୀର ଧାରଣ ପର୍ଯ୍ୟନ୍ତ ଅବସ୍ଥାନ କରେ । କେହି କେହି ସେ ସମୟରେ ଆତ୍ମାକୁ ଛାୟା ଶରୀରରେ ଦେଖନ୍ତି । କେତେକେ ନ ଦେଖିଲେ ମଧ୍ୟ ଏହାର ଉପସ୍ଥିତି ଅନୁଭବ କରନ୍ତି । ନିମିଷକରେ ଏହା ଦେଖାଦେଇ ପୁଣି ଉଭେଇଯାଏ । ପୂର୍ଣ୍ଣ ଆଲୋକରେ କିମ୍ବା ଦିନରେ ଏହା ଦୃଶ୍ୟ ହୁଏନା । ସ୍ୱଳ୍ପ ଆଲୋକରେ ଛାୟା ସୃଷ୍ଟି ହୁଏ । ସୂକ୍ଷ୍ମ ଶରୀର ଛାୟା ସଦୃଶ, ଏଣୁ ଏହା ଛାଇ ଛାଇ ଆଲୋକରେ ଅର୍ଥାତ୍ କଳାଜହ୍ନିଆ ରାତିରେ ଦେଖାଯାଏ । ସମସ୍ତଙ୍କୁ ଏହା କିନ୍ତୁ ଦୃଶ୍ୟ ହୁଏନା, ମଣିଷର ମାନସିକ ସ୍ଥିତି ଉପରେ ଏହା ନିର୍ଭର କରେ ।

କେତେକ ଦୁର୍ବଳ ମାନସିକଧାରୀ ବ୍ୟକ୍ତି ଏହା ଦେଖି ଏଥିରେ ଏଭଳି ଭୟଭୀତ ହୋଇଯାନ୍ତି ଯେ ସେମାନେ ନିଜ ନିୟନ୍ତ୍ରଣ ବାହାରକୁ ଯାଇ ପ୍ରେତାତ୍ମା ଦ୍ୱାରା କବଳିତ ହୋଇଯାନ୍ତି । ପ୍ରେତାତ୍ମା ସଦୃଶ ବ୍ୟବହାର କରନ୍ତି । ପୂର୍ବଜନ୍ମର ବହୁ ଅନୁଭୂତି ମଧ୍ୟ ବର୍ଣ୍ଣନା କରନ୍ତି, ଏହା ତାହାର ଆଖପାଖ ଲୋକ ଅନୁଭବ କରିପାରନ୍ତି । ମୃତ୍ୟୁ ପରେ ଆତ୍ମା ଶରୀର ତ୍ୟାଗ କରେ କିନ୍ତୁ ତା'ର ସ୍ୱଭାବ ଓ କର୍ମଫଳ ସେ ସଙ୍ଗରେ ନେଇଯାଏ । ଦୁଷ୍ଟ ସ୍ୱଭାବ ଲୋକ ପ୍ରେତଲୋକରେ ଦୁଷ୍ଟ ଓ ସନ୍ଥ ଲୋକ ସନ୍ଥ ପରି ବ୍ୟବହାର କରନ୍ତି । ଯୁବାବସ୍ଥାରେ ମୃତ୍ୟୁ ଘଟିଲେ, ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ଅଥବା କାହାଦ୍ୱାରା ହତ୍ୟା ହୋଇଥିଲେ ସେମାନଙ୍କର ବିଭିନ୍ନ ଅଧୁରା କାମ ପାଇଁ ସେମାନେ ଦୁର୍ବଳ ମାନସିକଧାରୀ ବ୍ୟକ୍ତିଙ୍କ ଉପରେ ସବାର ହୋଇ ନିକଟ ସମ୍ପର୍କୀୟମାନଙ୍କୁ ଜଣାଇଥାନ୍ତି । ବେଳେବେଳେ ହିଂସ୍ର ହୋଇ ଅପରପକ୍ଷର କ୍ଷତିସାଧନ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇ ନ ଥାନ୍ତି । ପ୍ରେତଲୋକରେ ଆତ୍ମାର ସ୍ଥିତି ନୂଆ ଶରୀର ଧାରଣ ପର୍ଯ୍ୟନ୍ତ । ଚେଷ୍ଟାକଲେ ଧ୍ୟାନ-ଧାରଣା-ଯୋଗ ବଳରେ ପ୍ରେତଜଗତ ସମ୍ବନ୍ଧରେ ବହୁ ତଥ୍ୟ ଜାଣି ହେବ । ସ୍ୱାମୀ ନିଗମାନନ୍ଦ ପରମହଂସ ଏହା ଉପରେ ଅନେକ ଗବେଷଣା କରିଥିଲେ । ସେ ବିଦେହୀ ଆତ୍ମା ସହ କଥାବାର୍ତ୍ତା କରିପାରୁଥିଲେ । ପ୍ଲାଞ୍ଚେଟ୍ ମାଧ୍ୟମରେ ବିଦେହୀ ଆତ୍ମା ସହ ଯୋଗାଯୋଗ ହୋଇପାରିବା କଥା ଆମେ ଶୁଣିଛୁ । ମୃତ୍ୟୁ ପରେ ଆତ୍ମା କି ଜନ୍ମ ନେବ ତାହା ତା'ର ପୂର୍ବ କର୍ମ ଉପରେ ନିର୍ଭର କରେ । ଭଲକାମ କଲେ ସେ ଉଚ୍ଚ ଜନ୍ମ ଓ ନୀଚ କାମ କଲେ ନୀଚ ଯୋନି ପ୍ରାପ୍ତ ହୁଏ । ଆମର ପୂର୍ବଜ ଯୋଗୀ ଋଷିମାନେ ତାଙ୍କର ଜୀବନବ୍ୟାପୀ ସାଧନା ଓ ପ୍ରଖର ଅନ୍ତର୍ଦୃଷ୍ଟି ବଳରେ ଏଭଳି ସତ୍ୟ ଆମ ଆଗରେ ରଖିଯାଇଛନ୍ତି । ଏହା ବୈଜ୍ଞାନିକ ସ୍ୱତଃସିଦ୍ଧ ନୁହେଁ କହି ହସରେ ଉଡ଼େଇଦେବା ଉଚିତ ନୁହେଁ । ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୂର୍ବଜମାନେ ଆମ ପାଇଁ ରଖିଯାଇଛନ୍ତି, ଯାହା ଆଜି ବୈଜ୍ଞାନିକମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା ପରେ ସତ୍ୟ ବୋଲି ସ୍ୱୀକାର କରାଯାଇଛି । ଏହା ଉପରେ ଆହୁରି ଗବେଷଣା କରାଯାଇପାରେ ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ-୯୪୩୯୮୭୯୦୨୨

## ଏଇ ଭାରତରେ

ପୁତ୍ରକନ୍ୟାଙ୍କର ସବୁଠୁ ପ୍ରିୟତମ ବ୍ୟକ୍ତି ହେଉଛନ୍ତି ମାତାପିତା । ସେମାନଙ୍କର ଆଶୀର୍ବାଦ ସବୁବେଳେ ସନ୍ତାନମାନଙ୍କ ଉପରେ ଥାଏ । କିନ୍ତୁ ଏ କଥା ସନ୍ତାନମାନେ ବୁଝିପାରନ୍ତି ନାହିଁ । କୁତ୍ସିତ ପରମ୍ପରା ଦାୟରେ କେତେକେ ସେମାନଙ୍କ ମାତାପିତାଙ୍କୁ ହତ୍ୟା କରିବାକୁ ପଛାଇ ନ ଥାନ୍ତି । ଭାରତର ଏପରି ଅଞ୍ଚଳ ରହିଛି ଯେଉଁଠାରେ ବୃଦ୍ଧ ମାତାପିତାଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ସନ୍ତାନମାନେ ହତ୍ୟା କରିଥାଆନ୍ତି । ପରିଣତ ବୟସରେ ଚାଲିବୁଲି ପାରୁ ନ ଥିବା ମାତାପିତା ସେମାନଙ୍କୁ ମାରିଦେବାକୁ ସନ୍ତାନମାନଙ୍କୁ ପରାମର୍ଶ ଦେଇଥାଆନ୍ତି । ଏଥିପାଇଁ ପାଖପଡୋଶୀଙ୍କୁ ମଧ୍ୟ ଅବଗତ କରାଯାଇଥାଏ । ଏହାପରେ ଆରମ୍ଭ ହୋଇଥାଏ ହତ୍ୟା କରିବା କାର୍ଯ୍ୟକ୍ରମ । ହତ୍ୟାର ଶିକାର ହେବାକୁ ଯାଉଥିବା ବ୍ୟକ୍ତିଙ୍କୁ ପ୍ରଥମେ ରାଶିତେଲ ଲଗାଇ ଥଣ୍ଡାପାଣିରେ ଗାଧୋଇ ଦିଆଯାଏ । ତା'ପରେ ମୁଣ୍ଡରେ ଥଣ୍ଡାତେଲ ମାଲିସ କରାଯାଇ ପଇଡ଼ପାଣି ପିଇବାକୁ ଦିଆଯାଏ । ଏହାଦ୍ୱାରା ପ୍ରବଳ ଥଣ୍ଡାରେ ବୃକ୍କ କାମ କରିବା ବନ୍ଦ ହୋଇଯିବା ସହିତ ହୃଦ୍‌ସ୍ପନ୍ଦନ କମିକମି ଯାଏ । କିଛି ଘଣ୍ଟା ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିର ମୃତ୍ୟୁ ଘଟିଥାଏ । ଏଭଳି କୁତ୍ସିତ ପ୍ରଥା ସମ୍ପର୍କରେ ପୋଲିସକୁ କେହି ଖବର ଦେଇ ନ ଥାନ୍ତି । କୌଣସି ସୂତ୍ରରୁ ପୋଲିସ ଖବର ପାଇ ଆସିଲେ ବି ଏ ସମ୍ପର୍କରେ କେହି ମୁହଁ ଖୋଲି ନ ଥାନ୍ତି । ତେବେ ଏହି ପ୍ରଥାକୁ ଧୀରେ ଧୀରେ କେତେକେ ବିରୋଧ କରିବା ଆରମ୍ଭ କଲେଣି । ଏହି କୁତ୍ସିତ ପରମ୍ପରାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଆବଶ୍ୟକ ବୋଲି ସାମାଜିକ କର୍ମୀମାନେ ମତ ଦେଇଛନ୍ତି ।

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ ।
ଉଚ୍ଚ ଚୂଡ଼ା ପରେ ତା'ର ମହାଦୀପ
ଜାଳିଲ ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲ
ଆଲୋକ ଅନନ୍ତ ।
(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ସହାୟକଙ୍କ ବେତନ ବୃଦ୍ଧି କରାଯାଉ

ମହାଶୟ,

ରାଜ୍ୟ ସରକାର ପ୍ରତ୍ୟେକ ବିଭାଗର କର୍ମଚାରୀଙ୍କ ବେତନ ବୃଦ୍ଧି କରିଥିଲେ ମଧ୍ୟ ଶିକ୍ଷା ସହାୟକମାନଙ୍କ ଦରମା ବୃଦ୍ଧି ନ କରିବା ଅତ୍ୟନ୍ତ ଦୁଃଖର ବିଷୟ । ଏହି ଶିକ୍ଷା ସହାୟକମାନେ ଯୋଗ୍ୟତା ଭିତ୍ତିରେ ଜିଲା ବାହାରେ ନିଯୁକ୍ତି ପାଇ ଶିକ୍ଷାଦାନ କରୁଥିବା ବେଳେ ବେତନ ମାତ୍ର ୭,୪୦୦ ଟଙ୍କା, ଯାହା ସରକାର ଘୋଷଣା କରିଥିବା ଦୈନିକ ମଜୁରିଠାରୁ ବି କମ୍ । ରାଜ୍ୟରେ ୭୨ ହଜାର ଶିକ୍ଷା ସହାୟକଙ୍କ ଦୀର୍ଘଦିନର ନ୍ୟାଯ୍ୟ ଦାବି ପ୍ରତି ସରକାରଙ୍କ ପୂର୍ଣ୍ଣ ଆନ୍ତରିକତା ରହିବା ଦରକାର, କାରଣ ଶିକ୍ଷା ରାଜ୍ୟର ମେରୁଦଣ୍ଡ ସଦୃଶ । ସରକାର ବିଭିନ୍ନ ସମୟରେ ନୂତନ ଯୋଜନା ପ୍ରଣୟନ କରୁଥିବା ବେଳେ ଶିକ୍ଷା ସହାୟକମାନଙ୍କ ଯଥାର୍ଥ ଦାବି ବେତନ ବୃଦ୍ଧି ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ । ଏଣୁ ମୁଖ୍ୟମନ୍ତ୍ରୀ ସହୃଦୟତାର ସହ ବିଚାର କରି ଶିକ୍ଷା ସହାୟକମାନଙ୍କ ବେତନ ବୃଦ୍ଧି କରିବାକୁ ଅନୁରୋଧ ।

ସୁଶାନ୍ତ କୁମାର ଯେନା, ଦଶରଥପୁର, ଯାଜପୁର

### ଲାଞ୍ଚ କାରବାର

ଲାଞ୍ଚ ଦେବା ଲୋକ ଓ ନେବା ଲୋକ ଆଇନତଃ ଅପରାଧୀ । ସରକାରୀ କାର୍ଯ୍ୟାଳୟଗୁଡ଼ିକ କାନ୍ଥରେ ଏଭଳି ବିଜ୍ଞାପନ ମରାଯାଇଛି । ଏହା ସତ୍ତ୍ୱେ ଅନେକ କାର୍ଯ୍ୟାଳୟରେ ପିଅନଠାରୁ ଅଫିସର ପର୍ଯ୍ୟନ୍ତ ଅଧିକାଂଶ ଲାଞ୍ଚୁଆ । ଲାଞ୍ଚ ନ ଦେଲେ କାର୍ଯ୍ୟରେ ବିଳମ୍ବ ସହ ଜାଣିଶୁଣି ହଇରାଣ କରାଯାଉଛି । ଏଥିପାଇଁ ବିଭାଗୀୟ ଅଧିକାରୀ ପ୍ରଥମତଃ ଦାୟୀ । ଲାଞ୍ଚ ଦେବା ଲୋକ ଏକାଠି ହୋଇ ସ୍ୱର ଉତ୍ତୋଳନ ନ କଲେ ଏ ଲାଞ୍ଚ ବ୍ୟବସ୍ଥା ଏକ ମହାମାରୀ ହୋଇ ରହିଥିବ ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଦୁଃଖୀ ଅରକ୍ଷିତ ସେବା କାରଣେ

ଚିତ୍ର ଚରିତ୍ରର ଚିତ୍ରକର ନିରଞ୍ଜନବାବୁଙ୍କ 'ଦୁଃଖୀ ଅରକ୍ଷିତ ସେବା କାରଣେ' ଏକ ଚେତନାଧର୍ମୀ ପ୍ରବନ୍ଧ । ବେଳେବେଳେ ମନରେ କ୍ଷୋଭ ଆସେ ପିଲା ଗାଉଥିବା ଶୁଆ ପରି ପ୍ରାର୍ଥନା 'ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡା ନାହିଁ ହେ' ପରବର୍ତ୍ତୀ କାଳରେ ନିରର୍ଥକ ହୋଇଯାଏ । ପାଠପଢା ଯଦି ଧନ ରୋଜଗାରରେ ପରିବର୍ତ୍ତିତ ନ ହେଲା ତେବେ ଜୀବନ ବେକାର ବୋଲି ଅନେକେ ଭାବନ୍ତି । ପ୍ରାର୍ଥନାର କୋଳାହଳ ସ୍କୁଲ ପାଚେରି ଡେଇଁ ଯାଇପାରେନା ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର, ଓଡ଼ିଶା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଜେଡି ପ୍ରତିଷ୍ଠା ଦିବସକୁ 'କଳା ଦିବସ' ପାଳିବ କଂଗ୍ରେସ

ଆଳି, ୨୫।୧୨ (ଡି.ଏନ୍.ଏ.): ବିଜୁ ଜନତା ଦଳର ୨୧ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଏହି ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଛି କଂଗ୍ରେସ। ଏ ନେଇ ମଙ୍ଗଳବାର ଆଳି ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନିଆଳି ହାଟସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ଏକ ବୈଠକରେ ସୂଚନା ଦିଆଯାଇଛି। ଦଳ ପକ୍ଷରୁ କରାଯାଉଥିବା ବିଭିନ୍ନ ପ୍ରକାର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବିରୋଧ କରି ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ କଳାଦିବସ ପାଳନ କରାଯିବ। ଏହି ବୈଠକରେ ଆଳି ବିଧାୟକ ଶର୍ମାଙ୍କ ସମେତ କେନ୍ଦ୍ରାପଡା ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପର୍ଶୁରାମ ରାଉତରାୟ,୧ ନଂ. ଜୋନ ସଭାପତି ସର୍ବେଶ୍ୱର ସାମଲ, ୨ ନଂ. ଜୋନର ସଭାପତି ଦର୍ପନାରାୟଣ ସାହୁ, ୩ ନଂ. ଜୋନର ନକୁଳ ପରିଡା, ୪ ନଂ. ଜୋନ୍‌ର ମାନଗୋବିନ୍ଦ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ସଂଗଠକମାନେ ଯୋଗଦେଇଥିଲେ।

### ଧାନ ଅମଳ ମେଶିନ ଓଲଟି ଯୁବକ ଗୁରୁତର

ରାଜନଗର,୨୫।୧୨(ଡିଏନଏ): ଧାନ ଅମଳ ମେଶିନ ଓଲଟିଯିବାରୁ ରାଜନଗର ଥାନା ଅନ୍ତର୍ଗତ ଡିଆପାରି ଗାଁର କୁମର ସେଠୀଙ୍କ ପୁଅ ଦିଲୀପ (୪୦)ଗୁରୁତର ଆହତ ହୋଇଛନ୍ତି । ଦିଲୀପଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶ ଯେ, ମଙ୍ଗଳବାର ଦିଲୀପଙ୍କ ଘର ନିକଟରେ ଥିବା ଧାନ ଖଳାରେ ଧାନବାଡା ମେଶିନରେ ଧାନ ଅମଳ କରା ଯାଉଥିଲା । ଟ୍ରାକ୍ଟରରେ ମେଶିନ ଲାଗିଥିଲା । ଧାନ ବାଡା ହେବା ସମୟରେ ହଠାତ୍ ମେଶିନଟି ଓଲଟି ପଡିଥିଲା। ଏହି ସମୟରେ ଦିଲୀପ ମେଶିନ ଭିତରେ ଧାନ ବିଡା ପୂରାଉଥିବାରୁ ଆହତ ହୋଇଥିଲେ ।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ମାର୍ଶାଘାଇ,୨୫।୧୨ (ଡି.ଏନ୍.ଏ.): ମାର୍ଶାଘାଇ ଥାନା ଅଧୀନ ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଇତିମଧରେ ଉଦ୍‌ଯାପିତ ହୋଇଯାଇଛି। ୧୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ପ୍ରତାପ କୁମାର ଦାଶ ସଭାପତିତ୍ୱ କରିଥିଲେ। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗ ଅଧାପକ ତଥା ନୋଡାଲ ଅଫିସର ଶ୍ରୀଧର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏଭଳି କର୍ମଶାଳା ବାଳିକାମାନଙ୍କ ମଧରେ ଆତ୍ମରକ୍ଷା ଲାଗି ସାହସ ସଞ୍ଚାର କରିବ ବୋଲି କହିଥିଲେ। ଅଧାପକ ସୁକାନ୍ତ କୁମାର ଜେନା, ସମ୍ରାଟ ବିପିନ ବିହାରୀ ଦାଶ, ଗଗନ ବିହାରୀ କର, ଇନ୍ଦ୍ରମଣି ନାୟକ, କ୍ଷୀରୋଦ ସେନାପତି, ସଞ୍ଜୟ ମିଶ୍ର, ବୈକୁଣ୍ଠ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅଧାପକ ପବିତ୍ର କୁମାର ସ୍ୱାଇଁ ଏବଂ ମାନସ ରଞ୍ଜନ ମିଶ୍ର କର୍ମଶାଳା ପରିଚାଳନା କରିଥିବା ବେଳେ ପୁଷ୍ପାଞ୍ଜଳୀ ନାୟକ ପ୍ରଶିକ୍ଷଣ ଦେଇଥିଲେ।

### ପ୍ରତିଷ୍ଠା ଦିବସ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

ରାଜନଗର,୨୫।୧୨(ଡି.ଏନ୍.ଏ.): ବୁଧବାର ବିଜେଡିର ପ୍ରତିଷ୍ଠା ଦିବସ । ଏହାକୁ ଦୃଷ୍ଟିରେ ରଖି ରାଜନଗର ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ପଟ୍ଟାମୁଣ୍ଡାଇ ବ୍ଲକର ପୋଖରିଆପଡା ପଡିଆରେ ପାଳନ ହେବ। ଏହି ଅବସରରେ ରାଜନଗର ବ୍ଲକରୁ ୧୫ଶହ ମୋଟର ସାଇକେଲ ରାଲିରେ ସମାବେଶ ସ୍ଥଳକୁ ଯିବ । ରାଜନଗର ବ୍ଲକରୁ ୫ ହଜାର୍ ଓ ପଟ୍ଟାମୁଣ୍ଡାଇ ବ୍ଲକରୁ ପାଞ୍ଚ ହଜାର୍‌ରୁ ଅଧିକ କର୍ମୀ ଯୋଗ ଦେବେ ବୋଲି ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ବ୍ଲକ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଜୟରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ଅରୁଣ ସାହୁ, ସାଧାରଣ ସମ୍ପାଦକ ନରହରି ଜେନା, ପ୍ରଶାନ୍ତ କୁମାର ରାଉତ, ଯୁବ ବିଜେଡି ସଭାପତି ପାରେଶ୍ୱର ନାୟକ, ବାଇଧର ସେଠୀ, ବିକ୍ରମ କୁମାର ପ୍ରଧାନ, ସୁଦର୍ଶନ ଦାସ, ଗଣେଶ ଚନ୍ଦ୍ର ଗୁଡିଆ, ଅଶୋକ କୁମାର ମହାନ୍ତି ପ୍ରମୁଖ ପ୍ରସ୍ତୁତି ବୈଠକରେ ଯୋଗଦେଇ ଥିଲେ।

■ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ

# ସଂସ୍କୃତି, ପରମ୍ପରାକୁ ପରିବ୍ୟାପ୍ତ କରେ ମହୋତ୍ସବ

ଡେରାବିଶ, ୨୫।୧୨ (ସ୍ୱ.ପ୍ର.)



ଡେରାବିଶ ମହୋତ୍ସବ ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଡେରାବିଶର ଐତିହ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ମଙ୍ଗଳବାର ଅପରାହ୍ନରୁ ଆରମ୍ଭ ହୋଇଛି ସପ୍ତମ ଡେରାବିଶ ମହୋତ୍ସବ। ଡେରାବିଶ ସାଂସ୍କୃତିକସଂଗଠନ ଓ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ସାତଦିନିଆ ମହୋତ୍ସବକୁ ମୁଖ୍ୟଅତିଥି ଅବସରପ୍ରାପ୍ତ ବିଚାରପତି ବୈଶାମ୍ପନ କର ଉଦ୍‌ଘାଟନ କରିଥିଲେ। ଉତ୍ସାହ ଓ ଉଦ୍ଦୀପନାରେ ଆରମ୍ଭ ହୋଇଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ କମିଟି ସଭାପତି ପଣ୍ଡିତ ଶରତ ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ପ୍ରାଧ୍ୟାପକ ଦେବିଦତ୍ତ ମହାନ୍ତି, ପ୍ରାଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ ଓ ଅଧାପକ ଗୁରୁଚରଣ ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ମହୋତ୍ସବ ଡେରାବିଶର ମହାନ ସଂସ୍କୃତି ଓ ପରମ୍ପରାକୁ ପରିବ୍ୟାପ୍ତ କରିବାରେ ସହଯୋଗ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରୀ ଦଧିବାବନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବିରାଟ ଶୋଭାଯାତ୍ରାରେ ମହୋତ୍ସବ ଜ୍ୟୋତିକୁ ସଭାସ୍ଥଳକୁ ଅଣାଯାଇଥିଲା। ଏହି ଅବସରରେ ଇନ୍ଦୁପୁର ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛତା ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ ଗରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ବିପିନ ବିହାରୀ ସାହୁ, ସାହାଜାହାନ୍ ଖାଁ, ତ୍ରିଲୋଚନ ରାଉତ, ମରୁତ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଜେନା, ଗୌରାଙ୍ଗ ସାହୁ, ଅତୁଲ୍ୟ ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଇଶ୍ୱରଚନ୍ଦ୍ର ପୃଷ୍ଟି ଏହି ଉତ୍ସବରେ ଅତିଥି ପରିଚୟ ଦେଇଥିଲେ ଓ ନିରାକାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହ

# ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବାକୁ ପରାମର୍ଶ

ଡେରାବିଶ, ୨୫।୧୨ (ସ୍ୱ.ପ୍ର.)

ଛାତ୍ରୀଛାତ୍ରମାନେ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରନ୍ତୁ। ସୋମବାର ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରଜତ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଅବସରରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ଦେଇଛନ୍ତି। ପରିଚାଳନା କମିଟି ସଭାପତି ଗୁରୁଚରଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ସୁଦର୍ଶନ ନାୟକ ମୁଖ୍ୟଅତିଥି, ଶିକ୍ଷାବିକାଶ ସମିତି ସମ୍ପାଦକ ଡା. ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟବକ୍ତା ଓ ଶିକ୍ଷାବିକାଶ ସମିତି ଉତ୍ତରପୂର୍ବ ସମ୍ଭାଗ ସମ୍ପାଦକ କମଳାକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସମ୍ପାଦକ ଲଲାଟ କିଶୋର ଭୂୟାଁ ଅତିଥି ପରିଚୟ ଓ ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା ଧନ୍ୟବାଦ ଦେଇଥିଲେ।

ସେହିପରି ରବିବାର ଅନୁଷ୍ଠିତ ସମାରୋହକୁ ମୁଖ୍ୟଅତିଥି ପୂଜ୍ୟପୂଜକ ବାବା ବଳିଆ ଉଦ୍‌ଘାଟନ କରିଥିଲେ। ଦୁର୍ନୀତି ରୂପକ ରାକ୍ଷସ କବଳରୁ ସମାଜକୁ ଉଦ୍ଧାର କରିବା ପାଇଁ ସମସ୍ତ ଛାତ୍ର, ଯୁବକ ଓ ଯୁବତୀଙ୍କ ସହ ସାଧାରଣ ବ୍ୟକ୍ତି ସଂକଳ୍ପ ନେବାକୁ ବାବା ବଳିଆ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଏହି ସମାରୋହକୁ ପ୍ରସନ୍ନ କୁମାର ମିଶ୍ର, ପୀତାମ୍ବର ସ୍ୱାଇଁ, ଗୌରାଙ୍ଗ ନାୟକ, ଗୋପାଳ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ଜେନା, ବୀରବର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।




ସମାରୋହ ଉଦ୍‌ଘାଟନୀ ଅବସରରେ ବାବା ବଳିଆ ଓ ଅନ୍ୟମାନେ।

# ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

ପାଟକୁରା, ୨୫।୧୨ (ଡି.ଏନ୍.ଏ.)

ଆଜି ଗରଦପୁର ବ୍ଲକ ଅଧୀନ ପାଟକୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଜିଲାସ୍ତରୀୟ ଶିଶୁ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଷ୍ଟା ପକ୍ଷରୁ ଆୟୋଜିତ ସଭାରେ ଓଷ୍ଟାର ଜିଲା ସମ୍ପାଦକ କ୍ଷୀରୋଦ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ସଭାରେ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ମୁଖ୍ୟବକ୍ତା, ପ୍ରାକ୍ତନ ସମ୍ପାଦକ କାଳିପ୍ରସାଦ ନାୟକ ସମ୍ମାନିତ ବକ୍ତା, ରାଜ୍ୟ ଓଷ୍ଟା ସମ୍ପାଦକ ନିର୍ମଳ କୁମାର ନାୟକ, ପ୍ରାକ୍ତନ ସମ୍ପାଦକ ଦିବାକର ଜେନା ଓ ସରପଞ୍ଚ ସୂର୍ଯ୍ୟମଣି ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉତ୍ସବର ଉଦ୍‌ଘାଟନୀ ଦିବସ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୃତୀ ପ୍ରତିଯୋଗୀମାନେ ହେଲେ ରାଜନଗର ବ୍ଲକର ଆଧାତ୍ମା ନାୟକ, ରାଜକନିକାର ପାର୍ବତୀ ବେଉରିଆ, ଆଳିର ପ୍ରସନଜିତ୍ ମଲ୍ଲ, ବର୍ଷାରାଣୀ ବେହେରା, ପଟ୍ଟାମୁଣ୍ଡାଇର ରାଜଲକ୍ଷ୍ମୀ ମହାନ୍ତି, ରାଜନଗରର ନୀହାରିକା ନାଥ, ଗରଦପୁରର ନୀହାରଞ୍ଜନ ମହାପାତ୍ର, କାଜଲ ଦାସ, ଡ଼େରାବିଶର ନିବେଦିତା ନାୟକ ଓ କେନ୍ଦ୍ରାପଡ଼ାର ଲିପ୍‌ସା ବେହେରା। ବରିଷ୍ଠ ଶିକ୍ଷକ ଅଶୋକ କୁମାର ମହାପାତ୍ର, ଭଗବାନ ସାହୁ, ରମେଶ ଚନ୍ଦ୍ର ସାହୁ, ମହେଶ୍ୱର ରାଉତ, ବୃନ୍ଦାବନ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ରୀନାବାଳା ମହାନ୍ତି, ନିରଞ୍ଜନ ମହାରଣା, ଟିଁକିକାନ୍ତ ନାୟକ, ଅଲେକ ଚନ୍ଦ୍ର ମହାନ୍ତି ଶିଶୁ ଉତ୍ସବ ସଞ୍ଚାଳନ କରିଥିଲେ। ପ୍ରତାପ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଳୟ କୁମାର ପାଣି ସ୍ୱାଗତ ଭାଷଣ ଦେଇଥିଲେ।

# ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡା ଅଫିସ, ୨୫।୧୨

ମହାକାଳପଡା ବ୍ଲକ ବତୀଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି, ଓସାକ, ଆହାନା, ଅରୁଣା ଅନୁଷ୍ଠାନର ମିଳିତ ସହଯୋଗରେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୨ ଜଣ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଡା. ବିପିନ ବିହାରୀ ସାମନ୍ତରାୟ,ଏଲଟି ବିଭୁତିଭୁଷଣ ସାହୁ, ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ସ୍ୱାଇଁ, କାର୍ଯ୍ୟକ୍ରମ ଅଧିକାରୀ ତପନ କୁମାର ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ପୀତାମ୍ବର ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

ଡେରାବିଶ, ୨୫।୧୨ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଇତିମଧରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ଲେଙ୍କା ଅଧକ୍ଷତା କରିଥିଲେ। ଏଥିରେ ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟଅତିଥି, ସ୍କୁଲ ଅଧକ୍ଷ ବିଜୟ କୁମାର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ରାଉତ ପୁରସ୍କୃତ କରିଥିଲେ। ଶିକ୍ଷକ ଜଗନ୍ନାଥ ନାୟକ, ଦେବାଶିଷ ସାମଲ, ଏସ୍.କେ. ସିକନ୍ଦର, ସଂଯୁକ୍ତା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ପଟ୍ଟାମୁଣ୍ଡାଇ,୨୫।୧୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ମାନଙ୍କ ଚରିତ୍ର ଗଠନର ପ୍ରକୃଷ୍ଟ ସ୍ଥାନ ବୋଲି ବିଧାୟକ ମହାନ୍ତି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ବାଗଦେବୀ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ପାଣି ଯୋଗଦେଇ ଶିଶୁର ଚରିତ୍ର ଗଠନରେ ଅଭିଭାବକମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସଭାପତି ତ୍ରିଲୋଚନ ରାଉତଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ସମ୍ପାଦକ ପ୍ରେମାନନ୍ଦ ପଣ୍ଡା ଅତିଥି ପରିଚୟ ଓ ଉପସଭାପତି ପ୍ରଭାତ କିଶୋର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା ସମିତି ସଦସ୍ୟା ସାବିତ୍ରୀ ପାଣି, ସହସମ୍ପାଦକ ତପନ କୁମାର ଦାଶ, ଉପସଭାପତି ପ୍ରଭାତ କୁମାର ପଣ୍ଡା ଉତ୍ସବରେ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାମନ୍ଦିରର ମୁଖପତ୍ର ଶାରଦା ସୁମନ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗୋପାଳ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦୃଢ ଇଚ୍ଛାଶକ୍ତି ବିଦ୍ୟାର୍ଥୀକୁ ସବୁ କ୍ଷେତ୍ରରେ ସଫଳତା ଦେଇଥାଏ



ଉତ୍ସବରେ ଉପସ୍ଥିତ ଅତିଥିମାନେ ।

ଆଳି(ଡିଏନଏ)/ପଟ୍ଟାମୁଣ୍ଡାଇ,୨୫।୧୨(ସ୍ୱ.ପ୍ର)

ଦୃଢ ଇଚ୍ଛାଶକ୍ତି ବିଦ୍ୟାର୍ଥୀକୁ ସବୁ କ୍ଷେତ୍ରରେ ସଫଳତା ଦେଇଥାଏ । ଯାହାଫଳରେ ଅସମ୍ଭବ ଲାଗୁଥିବା ଜିନିଷ ସରଳ ଓ ସମ୍ଭବ ହୋଇପାରିବ ବୋଲି ଆଳି ବ୍ଲକ ସହିରା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଞ୍ଚାୟତିରାଜ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ଡ. କେଳୁଚରଣ ସ୍ୱାଇଁ କହିଛନ୍ତି ।

ସୋମବାର ଅନୁଷ୍ଠିତ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ରାଉଳ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଭରତ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ତଥା ପଟ୍ଟାମୁଣ୍ଡାଇ କଲେଜର ପୂର୍ବତନ ଅଧକ୍ଷ ଅନିରୁଦ୍ଧ ରାଉଳ, ଗାଳ୍ପିକ ପ୍ରଦୀପ ନାୟକ, ଜଳ ସମ୍ପଦ ବିଭାଗ ଉପ-ନିର୍ଦ୍ଦେଶକ ଅଲେଖ ପ୍ରସାଦ ମହାନ୍ତି, ସାମାଜିକ କର୍ମୀ ବିଶ୍ୱନାଥ ଧଳ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହାଛଡା କାଳନ୍ଦୀ ମହାନ୍ତି ସ୍ମୃତି ସମ୍ମାନ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ଦାସ, ବିଦ୍ୟାଳୟ ଜ୍ୟୋତି ସମ୍ମାନ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହିତ ବନମାଳୀ ଦାସ ସ୍ମୃତି ସମ୍ମାନ ପୁରସ୍କାର, ଶାନ୍ତିଲତା ରାଉଳ ସ୍ମାରକୀ, ଅମରେଶ ରାଉଳ ସ୍ମାରକୀ, କୁମୁଦବନ୍ଧୁ କର ସ୍ମୃତି ସମ୍ମାନ ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ରାଉଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁଜାତା ଖଟୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରାଧ୍ୟାପକ ଦାମୋଦର ରାଉଳ, ବ୍ରଜମୋହନ ଦାଶ, ଲକ୍ଷ୍ମୀଧର ରାଉତ, ମଦନ ମୋହନ ନାୟକଙ୍କ ସମେତ ପରିଚାଳନା କମିଟି ସଭ୍ୟାସଭ୍ୟ, ପଞ୍ଚାୟତର ବୁଦ୍ଧିଜୀବୀ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

MCL
ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2018_MCL_123804_1 | Supply of Neutral grounding Resistor. | 700920.00 |
| 2 | 2018_MCL_123963_1 | Strengthening of Bituminous road at Budhijam Colony under Orient Sub-Area | 7453626.00 |
| 3 | 2018_MCL_123996_1 | Supply of water to village Bahala Sahi under Hingula Area (Package-19). | 567798.00 |
| 4 | 2018_MCL_124010_1 | Supply of water to village Tilepasi and Khajuria under Hingula Area (Package-10). | 681358.00 |
| 5 | 2018_MCL_124021_1 | Supply of water to Kushachara Sahi, Jamunali village near R and R site under Hingula Area (Package-26). | 652178.00 |
| 6 | 2018_MCL_124032_1 | Supply of water to village Ambapal, Badamahitaila and Sanamahitaila under Hingula Area (Package-23). | 908477.00 |
| 7 | 2018_MCL_124039_1 | Supply of water to village Bhalugadia under Hingula Area (Package-11). | 465846.00 |
| 8 | 2018_MCL_124046_1 | Supply of water to village Joragadia, Tangarasahi, Hadisahi under Hingula Area (Package-08). | 794918.00 |
| 9 | 2018_MCL_124017_1 | SPARES FOR BE1000 BEML HYDRAULIC EXCAVATOR. | 321380.00 |
| 10 | 2018_MCL_124058_1 | Supply of water to village Banabaspur and Baghabaspur under Hingula Area (Package-15). | 931300.00 |
| 11 | 2018_MCL_124068_1 | Supply of water to village Kandhaberini, Baleswarsahi under Hingula Area (Package-07). | 794918.00 |
| 12 | 2018_MCL_124160_1 | PROCUREMENT OF OTR TYRE AND TUBE FOR ACE RHINO CRANE | 44366.00 |
| 13 | 2018_MCL_124238_1 | PROCUREMENT OF ELECTRICAL ITEMS FOR LT POWER SUPPLY | 463690.00 |
| 14 | 2018_MCL_124102_1 | Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area. | 612417.00 |
| 15 | 2018_MCL_124106_1 | Laying old cement concrete interlocking paver blocks at G.M. Colony under Jagannath Area. | 881107.00 |
| 16 | 2018_MCL_124198_1 | Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years | 2870251.00 |
| 17 | 2018_MCL_124258_1 | PROCUREMENT OF 110V 120AH MAINTENANCE FREE BATTERY | 352000.00 |
| 18 | 2018_MCL_124203_1 | Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area | 2029252.00 |
| 19 | 2018_MCL_124319_1 | PROCUREMENT OF DIFFERENT SIZE MS FLANGES FOR PIPE LINE | 537077.00 |
| 20 | 2018_MCL_124330_1 | PROCUREMENT OF SUPPLY AND INSTALLATION OF VIBRATING SCREEN | 625400.00 |
| 21 | 2018_MCL_124212_1 | Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP. | 633150.00 |
| 22 | 2018_MCL_124292_1 | Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area | 116172711.00 |
| 23 | 2018_MCL_124338_1 | Making of maintenance Transit store near Jarada Substation at KOCP of Kaniha Area MCL | 413677.00 |
| 24 | 2018_MCL_124365_1 | PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT. | 87372.00 |
| 25 | 2018_MCL_124371_1 | Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km | 1094619.00 |
| 26 | 2018_MCL_124096_1 | Procurement of Resuscitating / Reviving apparatus with all accessories and tool kit (DGMS Approved) and Testing Kit (Tester) compatible with above mentioned Resuscitating / Reviving apparatus | 3766027.00 |
| 27 | 2018_MCL_124306_1 | Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 12 Hrs. Duty and Average run of 120 KM Per Day) for Orient Area, MCL, for Two years (706 days) | 2285322.00 |
| 28 | 2018_MCL_124327_1 | Repair and maintenance of 1B type quarters (51units) under Talcher Colliery. | 4601101.00 |
| 29 | 2018_MCL_124373_1 | Procurement of computerized automatic speed indicator cum recorder(CASICR) and automatic contrivance (Electronics version) for 02 Nos. of winder | 1276760.00 |
| 30 | 2018_MCL_124376_1 | Supply of Xerox paper A-4 Size. | 417200.00 |
| 31 | 2018_MCL_124385_1 | Repairing of road from GM Office Orient Area main Gate to MRS Colony Gate (1st re-tender). | 580256.00 |
| 32 | 2018_MCL_124379_1 | Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km | 707916.00 |
| 33 | 2018_MCL_124129_1 | Cutting of grass in and around Nehru Shatabdi Central Hospital, CH Area, Talcher (for a period of two years) | 868395.00 |
| 34 | 2018_MCL_124138_1 | Washing and painting of C type quarters (37 Units) at NSCH Colony CH Area Talcher | 1499579.00 |
| 35 | 2018_MCL_124316_1 | Repair and renovation of drains, septic tanks, inspection chambers soak pits in backside area of A and B Type blocks (A/1 to A/23 and B/1 to B/13) at Anand Vihar, MCL HQ. | 21207359.00 |
| 36 | 2018_MCL_124567_1 | Supplying and Installation of Materials, Commissioning and Stamping of 100 T Road In-motion Weigh bridges 1 and 2 at Kaniha OCP | 1330000.00 |
| 37 | 2018_MCL_124555_1 | Spraying of water on both siding no. VII and VIII of Bharatpur Project for a period of two years. | 4755282.00 |
| 38 | 2018_MCL_123769_1 | Engine Assembly Model BS6D170-1 Part No 51Z0000022, applicable for BEML BD355 Dozer | 9011264.00 |
| 39 | 2018_MCL_124698_1 | Procurement of White Dolomite Powder and White Washing Lime. | 356360.00 |
| 40 | 2018_MCL_124620_1 | Hiring of One (01) No. Explosive van (06 Te or Higher Metal Body Truck of TATA / EICHER / ASHOK LEYLAND or equivalent) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km | 1423334.00 |
| 41 | 2018_MCL_124681_1 | Operation and maintenance of Water supply system in Jarada Village at Kaniha OCP of Kaniha Area for a period of One Year | 2261312.00 |
| 42 | 2018_MCL_124690_1 | Erection of 6.6 kV overhead line for operation / marching of dragline coming from Bharatpur Area to Ananta OCP of Jagannath Area | 966967.00 |
| 43 | 2018_MCL_124723_1 | Construction of 22 Nos. of Isolation stopping at WP-VF(B) panel at Nandira Colliery Re Tender | 2063821.00 |
| 44 | 2018_MCL_124601_1 | Procurement Oxygen Booster Pump | 6631110.00 |
| 45 | 2018_MCL_124754_1 | Fixing of tiles and associated civil works including general maintenance at C type and D type quarters of Nandira Colony, Nandira Colliery. | 5503763.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4872

ଆମର ଆସ୍ଥ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରୋଜଗାରୀ ଯେବେ ଘରେ ରହଇ**
**ଋଣ ବଢ଼େ, ରୋଗ ବଢ଼େ**
**କେହି ପଚାରନ୍ତି ନାହିଁ।**

ପରିବାରର ଭରଣପୋଷଣ ବ୍ୟକ୍ତିର ରୋଜଗାର ଉପରେ ନିର୍ଭରଶୀଳ। ଯେବେ ଉପାର୍ଜନକ୍ଷମ ବ୍ୟକ୍ତି ନିକମା ହୋଇ ଘରେ ବସି ରୁହେ, ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲି ଯାଏ। ଏପରିସ୍ଥଳେ ଘର ଚଳାଇବା ପାଇଁ ଅନିଚ୍ଛାକୃତ ଋଣ କରିବାକୁ ପଡ଼ିଥାଏ। ଅର୍ଥାଭାବରୁ ମଧ୍ୟ ଭଲରେ ଖିଆପିଆ କରି ନ ପାରିବା କାରଣରୁ ସ୍ୱାସ୍ଥ୍ୟହାନିର ଭୟ ରହିଥାଏ। ସେହିପରି ସମ୍ବଳ ଅଭାବରୁ ଲୋକସମ୍ପର୍କ କଟିଯାଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ରଜପୁତ**
**ଆପଣା କାମକୁ ମଜଭୁତ।**

ଯାହାର ଯାହା ବୃତ୍ତି ହୋଇଥାଏ ସେହି ବିଷୟରେ ତା'ର ଅଭିଜ୍ଞତା ଅଧିକ ରହିଥାଏ। ଫଳସ୍ୱରୂପ ଉକ୍ତ କାର୍ଯ୍ୟକୁ ସେ ଅତିସହଜରେ ନେଇଆଣି ଥୋଇଦେଇ ପାରିଥାଏ। ପରନ୍ତୁ ଅନଭ୍ୟସ୍ତ ଲୋକ ନୂତନ କାର୍ଯ୍ୟରେ ହାତଦେଲେ ସେଥିରେ କ୍ଷତି ସହିଥାଏ। ତେଣୁ ଯିଏ ଯେଉଁ କାମ କରୁଥାଏ ସେହି କାମରେ ସେ ସେତେ ପାରଙ୍ଗମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଜେଡି, ଭାଜପା ମଧ୍ୟରେ ଭିତିରି ସମ୍ପର୍କ ରହିଛି

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇ.ଏସ୍.ଆଇ. ହସ୍ପିଟାଲକୁ ନେଇ ଯେଉଁ ମନ୍ତବ୍ୟ ରଖିଛନ୍ତି ତାକୁ କଂଗ୍ରେସ ଦୃଢ଼ ବିରୋଧ କରିଛି। ଏହାସହ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ସମ୍ପର୍କ ରହିଥିବା ମଧ୍ୟ କଂଗ୍ରେସ ଅଭିଯୋଗ କରିଛି। ଉପା ସରକାର ସମୟରେ ଇଏସ୍ଆଇ ମେଡିକାଲ କଲେଜ ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ କାହିଁକି ଏହା ହୋଇପାରିଲା ନାହିଁ ବୋଲି ଦଳ ପ୍ରଶ୍ନ କରିଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି, ଇ.ଏସ୍.ଆଇ. ହସ୍ପିଟାଲର ଶଯ୍ୟା ସଂଖ୍ୟା ୫୦ ରୁ ୧୦୦କୁ ବୃଦ୍ଧି କରାଯିବା ଘଟଣାରେ ପ୍ରଧାନମନ୍ତ୍ରୀ ବାହାବା ନେବାକୁ ଉଦ୍ୟମ କରୁଛନ୍ତି। ଉକ୍ତ ହସ୍ପିଟାଲକୁ ସେତେବେଳେ ମେଡିକାଲ କଲେଜରେ ରୂପାନ୍ତରିତ କରିବା ପାଇଁ ଉପା ସରକାର ନିଷ୍ପତ୍ତି ନେଇଥିଲା। ମାତ୍ର ଏହି ପ୍ରସ୍ତାବ ଉପରେ ଭାଜପା ସମ୍ପୂର୍ଣ୍ଣ ନୀରବ ରହିଥିଲା। ପୂର୍ବରୁ ଉପା ସରକାର ଇ.ଏସ୍.ଆଇ.ସି. ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ ଭୁବନେଶ୍ୱର ନିକଟସ୍ଥ ଅନ୍ଧାରୁଆଠାରେ ୨୫ ଏକର ସରକାରୀ ଜାଗା ଚିହ୍ନଟ ହୋଇଥିଲା। ସେଠାରେ ୧୩.୯୭ କୋଟି ଟଙ୍କା ବ୍ୟୟରେ ପ୍ରାଚୀର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଏ ସମ୍ପର୍କରେ ବିଧାନସଭାରେ ବିଧାୟକ ଭୁଜବଳ ମାଝୀଙ୍କ ଦ୍ୱାରା ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତରରେ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଭାରତ ସରକାରଙ୍କଠାରୁ ୨୦୧୫ ଅକ୍ଟୋବର ୯ରେ ଓଡ଼ିଶା ଶ୍ରମ ଓ ନିଯୁକ୍ତି ବିଭାଗକୁ ଲେଖା ଯାଇଥିବା ପତ୍ର ଅନୁଯାୟୀ ପ୍ରକଳ୍ପଟିକୁ ବର୍ତ୍ତମାନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଉକ୍ତ ଆବଣ୍ଟିତ ଜମିରେ ଏକ ୫୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଚିଠି କରିଛନ୍ତି। ସେହି ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱର ନିକଟ ଅନ୍ଧାରୁଆଠାରେ ଏକ ୧୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଖୋଲାଯିବା ପାଇଁ ମଞ୍ଜୁର ହୋଇଛି। ଯାହା କ୍ରମଶଃ ୨୫୦ ଶଯ୍ୟାକୁ ଉନ୍ନୀତ କରାଯିବ। ଏଣୁ ରାଜ୍ୟ ସରକାର ଯୋଗାଇ ଦେଇଥିବା ୨୫ ଏକର ଜମିରେ ୨୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ମେଡିକାଲ କଲେଜ ପାଇଁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ନେଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନ କରି ବର୍ତ୍ତମାନ ୫୦ ରୁ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରି ବାହାବା ନେବା ଦୁର୍ଭାଗ୍ୟଜନକ। ଏ ସମ୍ପର୍କରେ ବିଜେଡି ସବୁ ଜାଣି ନୀରବ ରହିବା ଏବଂ ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ କରିବାକୁ ନେଇ ପ୍ରଶ୍ନ ଉଠିଛି। ଇଏସ୍ଆଇ ମେଡିକାଲ କଲେଜକୁ ବନ୍ଦ କରିବାକୁ ନେଇ ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାର କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ। ଭାଜପା ଏବଂ ବିଜେଡି ଭିତରେ ଭିତିରିଆ ସମ୍ପର୍କ ଥିବା ଏଥିରୁ ପ୍ରମାଣିତ ହୋଇଛି। ଓଡ଼ିଶାର ସ୍ୱାର୍ଥ ଅପେକ୍ଷା ଭାଜପା ଏବଂ ବିଜେଡି ନିଜର ଦଳୀୟ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି ବୋଲି ସତ୍ୟପ୍ରକାଶ କହିଛନ୍ତି।

■ଟୋଲଗେଟ୍‌କୁ ପିଟିଲା ପିକ୍‌ନିକ୍ ବସ୍

# ୫୪ ଆହତ, ୪ ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍।

ଯାଁଳା, ୨୫।୧୨(ଡି.ଏନ.ଏ.)

ବୈଷୟିକ ତାଲିମ କେନ୍ଦ୍ରର ବିଦ୍ୟାର୍ଥୀଙ୍କୁ ପିକ୍‌ନିକ୍ ନେଇ ଯାଉଥିବା ଏକ ବସ୍ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡାସ୍ଥିତ ପୁରୁଣା ଟୋଲଗେଟ ପିଣ୍ଡିରେ ସୋମବାର ବିଳମ୍ବିତ ରାତିରେ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିଦ୍ୟାର୍ଥୀ, ଡ୍ରାଇଭର, ହେଲପର ଓ ଅନ୍ୟମାନଙ୍କୁ ମିଶାଇ ୬୫ ଜଣ ବସ୍‌ରେ ଯାତ୍ରା କରୁଥିଲେ। ସେମାନଙ୍କ ମଧ୍ୟରୁ ୫୪ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ଛାତ୍ରୀ ଗୁରୁତର ହୋଇଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନଙ୍କ ମଧ୍ୟରୁ ୩୦ ଜଣ କ୍ୟାପିଟାଲ ହସ୍ପିଟାଲ ଓ ୨୦ ଜଣଙ୍କୁ ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ନୟାଗଡ଼ ଜିଲା ଓଡ଼ଗାଁରେ ଥିବା ପ୍ରଧାନମନ୍ତ୍ରୀ ଆବାସିକ କୌଶଳ କେନ୍ଦ୍ରର ବିଦ୍ୟାର୍ଥୀଙ୍କୁ ନେଇ ନାରାୟଣୀ (ନଂ. ଓଆର ୦୨ ବିସି ୩୫୨୩) ନାମକ ବସ୍ ପିକ୍‌ନିକ୍ ପାଇଁ ପାରାଦୀପ ଅଭିମୁଖେ ଯାଉଥିଲା। ଯାଁଳା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥର ଗଙ୍ଗପଡ଼ା ନିକଟରେ ବନ୍ଦ ହୋଇଥିବା ଟୋଲ୍‌ଗେଟରେ ବସ୍‌ଟି ଧକ୍କା ହୋଇଥିଲା। ଧକ୍କା ହେବା ପରେ ଭୀଷଣ ଶବ୍ଦ ହୋଇ ବସ୍‌ଟି ଓଲଟି ପଡ଼ିଥିଲା। ଏତେ ଜୋର୍‌ରେ ଧକ୍କା ହୋଇଥିଲା ଯେ, ବସ୍‌ର ଅଧିକାଂଶ ଅଂଶ ଭାଙ୍ଗିରୁଜି ଯାଇଛି। ଏହା ଭିତରେ ଆହତମାନଙ୍କ କ୍ରନ୍ଦନ ଓ ଚିତ୍କାର ଶୁଣି ନିକଟରେ ଥିବା ଦୋକାନର କେତେଜଣ ଲୋକ ପ୍ରଥମେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପରେ ଜଟଣୀ, ଖୋର୍ଦ୍ଧା, ତମାଣ୍ଡୋ, ଖଣ୍ଡଗିରି, ଯାଁଳା, ମେଣ୍ଢାଶାଳ ଥାନା ପୋଲିସ ସହ ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏହି ଦୁର୍ଘଟଣାରେ କାହାର ମୃତ୍ୟୁ ଘଟିନାହିଁ। ଯେଉଁଭଳି ଟୋଲ୍‌ଗେଟରେ ବସ୍‌ଟି ଧକ୍କା ହୋଇ ଭାଙ୍ଗିରୁଜି ଯାଇଛି, ସୌଭାଗ୍ୟକୁ ବଡ଼ଧରଣର ଅଘଟଣରୁ ସମସ୍ତେ ବର୍ତ୍ତି ଯାଇଥିଲେ। ଏ ନେଇ ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ କୁହନ୍ତି, ତାଲିମକେନ୍ଦ୍ର ପକ୍ଷରୁ ଏହି ପିକ୍‌ନିକ୍ ବ୍ୟବସ୍ଥା ହୋଇ ନ ଥିଲା। ବେସରକାରୀ ଭାବେ ଛାତ୍ରୀଛାତ୍ରମାନେ ପିକ୍‌ନିକ୍ କରିବାକୁ ଯାଉଥିଲେ। ଏହାଛଡ଼ା କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରାଯାଉଛି। ଜାତୀୟ ରାଜପଥ ଉପରେ ଦୀର୍ଘଦିନ ହେବ ବନ୍ଦ ହୋଇପଡ଼ିଥିବା ଏହି ଟୋଲଗେଟ୍ ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ବନ୍ଦ ଥିବା ଟୋଲ୍‌ଗେଟକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହା ଉପରେ କାହିଁକି ଧ୍ୟାନ ଦେଉନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ

# ତିରୁପତି ଚୌଧୁରୀ ଗିରଫ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)



ତିରୁପତି ଚୌଧୁରୀ

ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ କଲେଜ ଉପାଧ୍ୟକ୍ଷ ତିରୁପତି ଚୌଧୁରୀଙ୍କୁ ଗିରଫ କରିଛି। ଝାଡ଼ଖଣ୍ଡର ଧାନବାଦ କୋର୍ଟ ପକ୍ଷରୁ ତିରୁପତିଙ୍କ ନାମରେ ଏନ୍‌ବିଡବ୍ଲୁ ଜାରି ହୋଇଥିଲା। ଉକ୍ତ ଏନ୍‌ବିଡବ୍ଲୁ ବଳରେ ଝାଡ଼ଖଣ୍ଡ ପୋଲିସ ମଙ୍ଗଳବାର ଶହୀଦନଗରରୁ ତିରୁପତିଙ୍କୁ ଗିରଫ କରିଥିଲା। ପୋଲିସ ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେବା ଲାଗି ବୁଧବାର କୋର୍ଟରେ ହାଜର କରିବ।

ସୂଚନା ମୁତାବକ, ୨୦୧୩ରେ ହାଇଟେକ୍ କଲେଜରେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନେଇ ଝାଡ଼ଖଣ୍ଡର ରାମଧର ପ୍ରତୀକ ନାମକ ଛାତ୍ର ୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଧାନବାଦ ଜିଲାର ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଏହା ସହ ଧାନବାଦ କୋର୍ଟରେ ଏକ ୧ସିସି ଦାୟର କରିଥିଲେ। ଏହାପରେ କୋର୍ଟ ତିରୁପତିଙ୍କୁ ହାଜର ହେବା ଲାଗି ନୋଟିସ ପଠାଇଥିଲେ। କିନ୍ତୁ ତିରୁପତି ହାଜର ନ ହେବାରୁ କୋର୍ଟ ତାଙ୍କ ନାମରେ ଏନ୍‌ବିଡବ୍ଲୁ ଜାରି କରିଥିଲେ। ଅନ୍ୟପଟେ ତିରୁପତି କହିଛନ୍ତି ଯେ, ଅଭିଯୋଗ ପରେ ୨୦୧୬ରେ ସମ୍ପୃକ୍ତ ଛାତ୍ରଙ୍କୁ ୫ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି।

# କଲେଜ ଛାତ୍ରଙ୍କୁ ଛୁରାମାଡ଼, ଜଣେ ଗିରଫ

ନୟାଗଡ଼ ଅଫିସ, ୨୫।୧୨



ପ୍ରକାଶ ବେହେରା

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ଯୁକ୍ତ ୩ର ପ୍ରକାଶ ବେହେରା। ଛୁରାମାଡ଼ରେ ସେ ଗୁରୁତର ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଦୁଇ ଯୁବକଙ୍କ ମଧ୍ୟରୁ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି।

ପ୍ରକାଶଙ୍କ ଘର ଲେଙ୍କୁଡ଼ିପଡ଼ାରେ ହୋଇଥିବା ବେଳେ ସେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କଲେଜକୁ ଆସି ନିକଟସ୍ଥ ଛକଠାରେ ଠିଆ ହୋଇଥିଲେ। ମୁଣ୍ଡିଆସାହିର ଉକ୍ତ କଲେଜରେ ପଢୁଥିବା ଛାତ୍ର ପପୁ ସାହୁଙ୍କ ସହିତ ପ୍ରକାଶଙ୍କ ପୂର୍ବ ଶତ୍ରୁତା ଥିଲା। ପପୁ ଓ ସିନ୍ଦୂରିଆ ଗ୍ରାମର କାଶୀ ମଲ୍ଲିକ ପ୍ରକାଶଙ୍କ ସହିତ ଯୁକ୍ତିତର୍କ କରିଥିଲେ। ପରେ କାଶୀ ପପୁଙ୍କ ହାତକୁ ଏକ ଛୁରି ବଢ଼ାଇ ଦେଇଥିବା ଅଭିଯୋଗ ହୋଇଛି। ପପୁ ଉକ୍ତ ଛୁରିରେ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରକାଶ ଘଟଣାସ୍ଥଳରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରକାଶଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ବାପା କୃଷ୍ଣଚନ୍ଦ୍ର ବେହେରା ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଥାନାରେ ନଂ.୧୭୮/୧୮ରେ ଏକ ମାମଲା ରୁଜୁ କରାଯାଇ କାଶୀ ମଲ୍ଲିକଙ୍କୁ ଗିରଫ କରାଯାଇଥିବା ବେଳେ ପପୁ ଫେରାର ଥିବା ଟାଉନ ଥାନା ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, କଲେଜ ନିର୍ବାଚନ ସମୟରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଥିବାବେଳେ ମଙ୍ଗଳବାର ଏହାକୁ କେନ୍ଦ୍ରକରି ଏହି ଛୁରାମାଡ଼ ହୋଇଥିବା କୁହାଯାଉଛି।

■ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲା

# 'ତଳ କୋର୍ଟ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବୁ'

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ୨ ଅଭିଯୁକ୍ତଙ୍କୁ ସୋମବାର ଭୁବନେଶ୍ୱର ପ୍ରଥମ ଜିଲା ଦୌରାଜଜ୍ କୋର୍ଟ ଦୋଷମୁକ୍ତ କରିବା ପରେ କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଦନ୍ତକାରୀ ସଂସ୍ଥା ଯେଉଁ ତଥ୍ୟ ଓ ପ୍ରମାଣ ଅଭିଯୁକ୍ତଙ୍କ ବିରୋଧରେ ଯୋଗାଡ କରିଥିଲା ତାହା ସେମାନଙ୍କୁ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ନ ଥିଲା। କ୍ରାଇମବ୍ରାଞ୍ଚର ଢିଲା ତଦନ୍ତ ଯୋଗୁ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହେଲେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିଜର ଦୋଷତ୍ରୁଟି ଲୁଚାଇବା ଲାଗି କ୍ରାଇମବ୍ରାଞ୍ଚ ପକ୍ଷରୁ ମଙ୍ଗଳବାର ସଫେଇ ଦିଆଯାଇଛି। ତଳକୋର୍ଟଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି। ଜଜ୍‌ମେଣ୍ଟ କପି ଆମ ନିକଟରେ ପହଞ୍ଚି ନାହିଁ। କପି ପହଞ୍ଚିବା ପରେ ଆମେ ଆମର ଆଇନ ବିଭାଗରେ ଥିବା ଅଫିସରଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବୁ।

# କେନ୍ଦ୍ରୀୟ ଡେପୁଟେଶନରେ ଯିବେ ସି.ଏସ୍ କୁମାର

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ରାଜ୍ୟ ପଣ୍ୟାଗାର ନିଗମ(ଓଏସ୍‌ଡବ୍ଲୁସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ୧୯୯୨ ବ୍ୟାଚ ଆଇଏଏସ ଚନ୍ଦ୍ର ଶେଖର କୁମାର କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ଏଥିପାଇଁ ଆବେଦନ କରିବା ସକାଶେ ତାଙ୍କୁ ଅନୁମତି ମିଳିଛି। ସେ ଖୁବଶୀଘ୍ର ଡେପୁଟେଶନ ପାଇଁ ଆବେଦନ କରିବେ ବୋଲି ଜଣାପଡ଼ିଛି। ଏହି ନୂତନ ନିଯୁକ୍ତି ପୂର୍ବରୁ କୁମାର ରାଜସ୍ୱ ବିଭାଗ ସଚିବ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାର ମଙ୍ଗଳବାର କୁମାରଙ୍କୁ ବଦଳି କରି ଓଏସ୍‌ଡବ୍ଲୁସିର ଅଧ୍ୟକ୍ଷ ଭାବେ ନିଯୁକ୍ତି କରିଛନ୍ତି।

ଫସଲ ନଷ୍ଟ, ଋଣ ପରିଶୋଧ ଚିନ୍ତା

# ଜୀବନ ହାରିଲେ ଚାଷୀ

ଟିପିଲିମା, ୨୫।୧୨(ଡି.ଏନ୍.ଏ.)

ଚାଷୀ ଆତ୍ମହତ୍ୟା ରୋକିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଚାଷୀ ଆତ୍ମହତ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫସଲ ନଷ୍ଟ ହେବାରୁ ଋଣ ପରିଶୋଧ ଚିନ୍ତାରେ ସୋମବାର ପୂର୍ବାହ୍ନ ୧୦ଟାରେ କୀଟନାଶକ ପିଇଥିବା ବରଗଡ଼ ଜିଲା ଭେଡ଼େନ ଥାନା ତଳଗାଁର ଚାଷୀ ହୁଆଲଦାର ମହାକୁର (୬୫)ଙ୍କର ମଙ୍ଗଳବାର ବୁର୍ଲା ମେଡିକାଲରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବୁର୍ଲା ଥାନାରେ ହୁଆଲଦାରଙ୍କ ପୁଅ ନରୋତ୍ତମ ଓ ରମେଶ କରିଥିବା ଅଭିଯୋଗ ଅନୁଯାୟୀ, ହୁଆଲଦାର ୩ଏକର ଜମିରେ ଧାନ ଚାଷ କରିଥିଲେ। ସୋସାଇଟିରୁ ୭୦ ହଜାର ଓ ହାତଉଧାରୀ ୮୦ ହଜାର ଟଙ୍କା ନେଇ ଚାଷକାର୍ଯ୍ୟ କରିଥିଲେ। ହେଲେ ଲଘୁଚାପ ବର୍ଷାରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଋଣ ପରିଶୋଧ ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ସୋମବାର ପୂର୍ବାହ୍ନ ୧୦ଟାରେ ସେ ବିଷ ଖାଇଦେଇଥିଲେ। ପ୍ରଥମେ ତାଙ୍କୁ ଭେଡ଼େନ ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଭିମସାର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦୯୫/୧୮) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ
ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ। 0% ସୁଧ 45% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 1୪ ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill- Baijnathpur, Gaya-205131

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା। ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି। ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact :
1800120002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

# ସମ୍ପର୍କ ଯୋଡ଼ିଲା ଗୁରୁପ୍ରିୟା ସେତୁ

ଦୀର୍ଘ ୫୦ବର୍ଷର ପ୍ରତୀକ୍ଷା ପରେ ଜଳବନ୍ଦୀ ଅଞ୍ଚଳର ଜନସାଧାରଣଙ୍କୁ ମିଳିଥିଲା ଆଶ୍ୱସ୍ତି। ଏପରି ଏକ ଖୁସିର ମୁହୂର୍ତ୍ତ ଆଣି ଦେଇଥିଲା ଗୁରୁପ୍ରିୟା ସେତୁ। ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳକୁ ସଂଯୋଗ ପାଇଁ ନିର୍ମିତ ବହୁ ପ୍ରତୀକ୍ଷିତ ଗୁରୁପ୍ରିୟା ସେତୁକୁ ଗତ ଜୁଲାଇ ୨୬ରେ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ସେ ଉକ୍ତ ଅଞ୍ଚଳକୁ ସ୍ୱାଭିମାନ ଅଞ୍ଚଳ ରୂପେ ଘୋଷଣା କରି ଏହାର ବିକାଶ ପାଇଁ ଦେଇଥିଲେ ୧୦୦ କୋଟି ଟଙ୍କାର ପ୍ୟାକେଜ୍। ସେତୁ ନିର୍ମାଣ ସମୟରେ ଆସିଥିଲା ଅନେକ ବାଧାବିଘ୍ନ। ଅନେକ ଯବାନ ଶହୀଦ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୯୬୫ରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସରକାର ୫୦ ପ୍ରତିଶତ ଭାଗୀଦାରିରେ ଚିତ୍ରକୋଣ୍ଡାଠାରେ ବାଲିମେଳା ମାଟିବନ୍ଧ ଯୋଜନା ଆରମ୍ଭ କରିଥିଲେ। ଏହାଦ୍ୱାରା ୯ଟି ପଞ୍ଚାୟତର ୧୫୧ଟି ରାଜସ୍ୱ ଗ୍ରାମ ସ୍ଥଳଭାଗରୁ ବିଚ୍ଛିନ୍ନ ହୋଇଥିଲା। ସେବେଠାରୁ ଗ୍ରାମର ଲୋକେ କାଟୁଥିଲେ ଜଳବନ୍ଦୀ ଜୀବନ।



## ଭାଲୁ ସହ ଯୁବକଙ୍କ ଲଢ଼େଇ

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ କୁଜାଗୁଡା ପଦବସା ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ଏକ ଭାଲୁର ଫଟୋ ଉଠାଇବା ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ଗାଁର ପ୍ରଭୁ ଭତ୍ରା ପାଇଁ କାଳ ହୋଇଥିଲା। ସେ ଫଟୋ ଉଠାଇବା ବେଳେ ଭାଲୁ ତାଙ୍କ ଉପରକୁ ଆକ୍ରମଣ କରିଥିଲା। ଭାଲୁ କବଳରୁ ରକ୍ଷା ପାଇବା ପାଇଁ ଦୀର୍ଘ ଅଧଘଣ୍ଟା ଧରି ସେ ଲଢେଇ କରିଥିଲେ। ଭାଲୁ ସହ ଲଢେଇ କରି ଗୁରୁତର ହୋଇପଡି କୌଶଳ କ୍ରମେ ସେ ନିକଟସ୍ଥ ପୋଖରୀ ଭିତରକୁ ଡେଇଁ ପଡିଥିଲେ। କିନ୍ତୁ ଭାଲୁ ଛାଡି ନଥିଲା। ଯୁବକ ଜଣକ ଜୀବନ ବଞ୍ଚାଇବା ପାଇଁ ପୋଖରୀ ଭିତରେ ଚିତ୍କାର କରୁଥିବା ବେଳେ ପୋଖରୀ ହୁଡାରେ ଭାଲୁ ଜଗି ରହିଥିଲା।



ପ୍ରାୟ ୩ ଘଣ୍ଟା ଧରି ଚିତ୍କାର କରିବା ପରେ ପୋଖରୀ ଭିତରେ ପ୍ରଭୁଙ୍କ ପ୍ରାଣବାୟୁ ଉଡିଯାଇଥିଲା।

## ପାଇଖାନା ଟାଙ୍କିରେ ଗଲା ୫ ଜୀବନ

ରାୟଗଡା ଜିଲା ବିଷମକଟକ ଅଞ୍ଚଳରେ ଜଣଙ୍କୁ ବଞ୍ଚାଇବାକୁ ଯାଇ ୫ ଜଣଙ୍କ ଜୀବନ ଯାଇଛି। ସେପ୍ଟେମ୍ବର ୨ ତାରିଖରେ ବିଷମକଟକ ବ୍ଲକ ଦୁର୍ଗୀ ଗ୍ରାମରେ ଏକ ନବନିର୍ମିତ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ। ଦୁର୍ଗୀ ଗ୍ରାମରେ ଏକ ନୂତନ ଗୃହର ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବାକୁ ପ୍ରଥମେ ଜଣେ ଶ୍ରମିକ ଟାଙ୍କି ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ନ ଫେରିବାରୁ ଆଉ ଜଣେ ଟାଙ୍କି ଭିତରକୁ ଯାଇଥିଲେ। ହେଲେ ସେ ମଧ୍ୟ ବାହାରକୁ ଆସି ନ ଥିଲେ। ଏହା ଦେଖି ମିସ୍ତ୍ରି ଭିତରକୁ ଯାଇଥିଲେ। ସେ ଭିତରେ ଚିତ୍କାର କରିବାରୁ ନିକଟରେ ଭଲିବଲ ଖେଳୁଥିବା ତିନିଜଣ ଯୁବକ ଜଣକ ପରେ ଜଣେ ଟାଙ୍କି ମଧ୍ୟକୁ ଉଦ୍ଧାର ପାଇଁ ପଶିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୨ ଜଣ ସେହି ମୃତ୍ୟୁ ଜାଲରେ ଫସିଯାଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେଠାରେ ଉପସ୍ଥିତ ଲୋକମାନେ ଅନ୍ୟ କୌଣସି ଉପାୟ ନ ପାଇ ଏକ ଜେସିବି ଯୋଗେ ଟାଙ୍କିର ଉପର ଛାତକୁ ଭାଙ୍ଗି ଭିତରେ ଫସିଥିବା ସମସ୍ତ ୬ ଜଣଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ମୃତ୍ୟୁ ଘଟିଥିଲା।

**ଦୁର୍ଗମ ଅଞ୍ଚଳରୁ ପାଇଲେ ୫ ଓଏଏସ**

ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲାର ୫ ଯୁବତୀ ଯୁବକ ଜିଲା ପାଇଁ ଆଣିଛନ୍ତି ଗର୍ବ। ସେମାନେ ୨୦୧୭-୧୮ ଓଏଏସରେ ଉତ୍ତୀର୍ଣ୍ଣ ହୋଇ ଗାଁ ପାଇଁ ପାଲଟିଛନ୍ତି ସୁନା ପିଲା। ସେମାନେ ହେଲେ ମାଥିଲିର ସନ୍ଧ୍ୟା ସମରଥ, ନୀଳାଦ୍ରି ବିହାରୀ ଦାଢିଆ ଏବଂ ପଡିଆ ବ୍ଲକ ଏମ୍.ଭି.- ୫୮ ଗ୍ରାମର ମନିକା ରାୟ, ରାୟଗଡ଼ା ଜିଲା କାଶିପୁର ବ୍ଲକ ପହଣ୍ଡି ଗ୍ରାମର ପ୍ରଭାତୀ ଝୋଡିଆ ଓ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ଗ୍ରାମର ପୁଷ୍ପାଞ୍ଜଳି ଦଣ୍ଡପାଟ।

ଘଟଣାବହୁଳ ପାଲଟିଛି ୨୦୧୮। ଦକ୍ଷିଣ ଓଡ଼ିଶାରେ ଆଣିଛି ପରିବର୍ତ୍ତନ, ଛାଡ଼ିଛି ସ୍ମୃତିର ପିରାମିଡ୍। କୁନ୍ଦୁଲି ପୀଡ଼ିତାଙ୍କ ମୃତ୍ୟୁ ସାମାଜିକ ଦୃଶ୍ୟପଟରେ ଯୋଡ଼ିଛି ନୂଆ କଳଙ୍କ। ରାଜନୈତିକ ହଟଚମଟ ମଧ୍ୟ କିଛି କମ୍ ନ ଥିଲା ଏ ବର୍ଷ। ଦୀର୍ଘବର୍ଷର ରାଜନୈତିକ ସମ୍ପର୍କ ରାଜନୀତି ପାଇଁ ଯେମିତି ହୋଇଛି ମୂଲ୍ୟହୀନ ସେମିତି ଦିଶାହୀନ। ମନ ଯୋଡ଼ିଛି ଗୁରୁପ୍ରିୟା, ତିତ୍‌ଲି ଦେଇଛି ଦୁଃଖ। ସବୁ ସତ୍ତ୍ୱେ ବଦଳିଛି ଦୃଶ୍ୟପଟ। ଆଗକୁ ବଢୁଛି ସମୟ...

## ପରମ୍ପରା ନାଁରେ ଚେଙ୍କ



ସଚେତନତା ଅଭାବ ଓ ଅନ୍ଧବିଶ୍ୱାସ ଯୋଗୁ ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ମଧ ଦେଖିବାକୁ ମିଳିଥିଲା ଚେଙ୍କ ଚିକିତ୍ସା। ଏଥିଯୋଗୁ ୨ କୋମଳମତି ଶିଶୁଙ୍କ ଜୀବନ ହାନି ଘଟିଥିଲା। ଏପରିକି ପରମ୍ପରା ନାଁରେ ମଧ ଶିଶୁଙ୍କୁ ଦିଆଯାଇଥିଲା ଚେଙ୍କ। ଚିତାଲାଗି ଅମାବାସ୍ୟା ଦିନ ପିଲାମାନଙ୍କୁ ଚେଙ୍କ ଦେଲେ ବର୍ଷାଦିନେ ପାଚନ ଶକ୍ତି ବୃଦ୍ଧି ପାଇଥାଏ। ସେଥିପାଇଁ ଚିତାଲାଗି ଅମାବାସ୍ୟାରେ ଶିଶୁଙ୍କୁ ଚେଙ୍କ ଦିଆଯିବା ପରମ୍ପରା ନବରଙ୍ଗପୁର ଜିଲାରେ କେଉଁ କାଳରୁ ରହିଆସିଛି। ପାପଡାହାଣ୍ଡି ବ୍ଲକ ସଦର ମହକୁମା ଭୀମା ସାହି ଓ ଖଡରା ସାହିରେ ୨୨ରୁ ଊର୍ଦ୍ଧ୍ୱ ଶିଶୁଙ୍କ ପେଟରେ ଚେଙ୍କ ଦିଆଯାଇଥିଲା। ଏପରକି ଅନେକ ଜନଜାତିରେ ଶିଶୁଟିଏ ଜନ୍ମ ହେବାର ୧୯ ଦିନ ପରେ ଚେଙ୍କ ଦିଆଯିବାର ପରମ୍ପରା ରହିଛି।

## ଐତିହାସିକ ରାୟ
## ୯ ଅଭିଯୁକ୍ତଙ୍କୁ ଫାଶୀ



ଦୁଇବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାରେ ରାୟଗଡ଼ା ଜିଲା ଗୁଣପୁର ଏଡ଼ିଜେ କୋର୍ଟ ଏପ୍ରିଲ ୨୩ ତାରିଖରେ ଐତିହାସିକ ରାୟ ଦେଇଥିଲେ। ଗୁଣି ଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୩ ଜଣଙ୍କୁ ପୋଡ଼ି ମାରିବା ମାମଲାର ଶୁଣାଣି କରି ଏଡିଜେ ଡ. ଶୁଭେନ୍ଦୁ କୁମାର ପତି ୯ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଶୁଣାଇଥିଲେ। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଡିଜେ ଏହି ରାୟ ଦେଇଥିଲେ। କିତଂ ଗ୍ରାମର ଆସିନ ଶବରଙ୍କ ଘରଲୋକ ଗୁଣି ଗାରେଡ଼ି କରି ଗ୍ରାମର ଦୁଇ ଜଣଙ୍କୁ ମାରିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଏହାକୁ ନେଇ କେତେକ ଲୋକ ଆସିନ, ତାଙ୍କ ସ୍ତ୍ରୀ ଆମ୍ୱେୟା ଓ ୨ୟ ଝିଅ ଆସମାନିଙ୍କୁ ଡାକି ନେଇ ଗାଁରେ ଥିବା ଏକ ଗୁହାଳରେ ବାନ୍ଧି ଦେଇଥିଲେ। ପରେ ଆସିନ ଓ ତାଙ୍କ ସ୍ତ୍ରୀଙ୍କୁ ପିଟିପିଟି ହତ୍ୟା କରିଥିଲେ। ଆସମାନିଙ୍କୁ କୀଟନାଶକ ଇଞ୍ଜେକ୍ସନ ଦେଇ ହତ୍ୟା କରିଥିଲେ। ୩ ଜଣଙ୍କ ମୃତଦେହକୁ ଗାତ ଖୋଳି ପୋତି ଦେଇଥିଲେ। ଆସିନଙ୍କ ସାନ ଝିଅ ମେଲିତାଙ୍କୁ ନଜରବନ୍ଦୀ ରଖିଥିଲେ। ଏହି ଘଟଣାରେ ପୋଲିସ ଜଣେ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଥିଲା। ୯ ଜଣ ଅଭିଯୁକ୍ତଙ୍କ ନାମରେ ଗୁଣପୁର ଏଡିଜେଙ୍କ କୋର୍ଟରେ ବିଚାର ଚାଲିଥିଲା।

## ସଭାରେ ଖାରବେଳଙ୍କୁ ମାଡ଼

ନଭେମ୍ବର ୨୪ରେ ପ୍ରଚାର ପାଇଁ ରାୟଗଡ଼ା ଜିଲା କାଶୀପୁର ଆସିଥିବା ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କୁ କେତେକ ଯୁବକ ମାଡ ମାରିଥିଲେ। ଏହି ଘଟଣାରେ ପୋଲିସ ସୁମନ୍ତ ନାଏକ ଓ ପି.ଗୋବିନ୍ଦ ରାଓଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖାରବେଳ କାଶୀପୁରରେ ଏକ ପଥ ସଭାରେ ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ କହୁଥିଲେ। ଏହି ସମୟରେ କିଛି ଯୁବକ ହଠାତ୍ ଆସି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ସଭାରେ ଉପସ୍ଥିତ ଥିବା ପ୍ରତ୍ୟୁଷ ନାଏକ ଗୁରୁତର ଆହତ ହୋଇଥିଲେ। ଏଥିସହ ଖାରବେଳଙ୍କୁ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବିଜେଡି ବିରୋଧରେ କିଛି କହିଲେ ହାଣି ଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

## ଜୀବନ ହାରିଲେ କୁନ୍ଦୁଲି ପୀଡ଼ିତା

ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ଘଟଣାକୁ ଆହୁରି ଦୁଃଖଦ କରିଦେଇଥିଲା ଜାନୁୟାରୀ। ମାନସିକ ଚାପଗ୍ରସ୍ତ ହୋଇ ଜାନୁୟାରୀ ୨୨ ତାରିଖ ମୂଷାଗୁଡ଼ା ସ୍ଥିତ ଘରେ ପୀଡ଼ିତା ନାବାଳିକା ଆତ୍ମହତ୍ୟା କରିଥିଲେ। କୋରାପୁଟ ଜିଲାର ରାଜରାସ୍ତାରେ ପହଞ୍ଚିଥିଲା କୁନ୍ଦୁଲି ତାତି। କୁନ୍ଦୁଲି ପୀଡ଼ିତାଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ସରକାରଙ୍କୁ ଦାୟୀ କରି କଂଗ୍ରେସ ଓ ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳିଥିଲେ। ଏହି ଘଟଣାରେ ତଦନ୍ତ କମିଶନ ମୁଖ୍ୟ କୋରାପୁଟ ଜିଲାଜଜ୍ ନ୍ୟାୟିକ ତଦନ୍ତ ଆରମ୍ଭ କରିଥିଲେ।

## କୋଟିଆରେ ଆନ୍ଧ୍ର ଅନୁପ୍ରବେଶ

କୋରାପୁଟ ଜିଲା କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ଅନୁପ୍ରବେଶ ପରେ ପୁଣି ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଉପୁଜିଥିଲା। ଜାନୁୟାରୀ ୯ରେ ବିଜୟନଗରମ୍ ଜିଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ଲୋକ ପ୍ରତିନିଧି କୋଟିଆ ପଞ୍ଚାୟତର ତଳଗଞ୍ଜେଇ ପଦର ଗ୍ରାମରେ ପହଞ୍ଚି 'ଜନ୍ମଭୂମି' ଯୋଜନାରେ ବିଭିନ୍ନ ସାମଗ୍ରୀ ବାଣ୍ଟିଥିଲେ। ୨୦୧୮ ବର୍ଷରେ ଆନ୍ଧ୍ର ବିବାଦୀୟ କୋଟିଆ ଅଞ୍ଚଳରେ ବାରମ୍ବାର ଅନୁପ୍ରବେଶ କରି କେତେବେଳେ ବିଭିନ୍ନ ସାମଗ୍ରୀ ବାଣ୍ଟିଛନ୍ତି ତ କେବେ ପୁଣି ରାସ୍ତା ନିର୍ମାଣ ଓ ବିଭିନ୍ନ ଶିବିର ଆୟୋଜନ କରିଛି। ଏଭଳି ସ୍ଥିତି ପରେ କୋରାପୁଟ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ତତ୍ପର ହୋଇପଡ଼ିଥିଲେ। ବିବାଦୀୟ କୋଟିଆ ଅଞ୍ଚଳ ପାଇଁ ୧୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଥିଲା।

## ଗୋବର୍ଦ୍ଧନ ପାଣିକାଙ୍କୁ 'ପଦ୍ମଶ୍ରୀ'

କୋରାପୁଟ ଜିଲା କୋଟପାଡ଼ର ବାସିନ୍ଦା ତଥା ବୁଣାକାର ଗୋବର୍ଦ୍ଧନ ପାଣିକାଙ୍କୁ ସମ୍ମାନଜନକ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥିଲା। ମିରଗାନ ଶାଢ଼ି ପ୍ରସ୍ତୁତିରେ ନିଜର ହସ୍ତତନ୍ତ ପରାକାଷ୍ଠା ଦେଖାଇ ଆସିଥିବା ଗୋବର୍ଦ୍ଧନଙ୍କ ପାଇଁ କୋଟପାଡ଼ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ହସ୍ତତନ୍ତ କାରିଗରିରେ ୫ ଦଶନ୍ଧି ଧରି ଏହି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଦେଶର ଏହି ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ଦିଆଯାଇଥିଲା।

## ପଥର କ୍ୱାରିରେ ଅଘଟଣ

କୋରାପୁଟ ଜିଲା ବି.ସିଂହପୁର ଥାନା ରାଣୀଗଡ଼ ବରିପୁଟ ନିକଟସ୍ଥ କ୍ୱାରିରେ ମେ ୩୧ରେ କାମ ଚାଲିଥିବା ବେଳେ ପଥର ଅତଡ଼ା ତଳେ ଚପିଯାଇଥିଲେ ୨ ଜେସିବି ଅପରେଟର। କାମ କରାଉଥିବା ଠିକାସଂସ୍ଥା ନାଁରେ ରାଣୀଗଡ଼ ଫାଣ୍ଡିରେ ଏତଲା ଦିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ସେନା ସାମିଲ ହୋଇଥିଲେ। ୧୫ ଦିନ ପରେ ଉଭୟଙ୍କ ମୃତଦେହ ଉଦ୍ଧାର ହୋଇପାରିଥିଲା। ଉଭୟଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୫ ଲକ୍ଷ ଓ ରେଡକ୍ରସ୍ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରାଯାଇଥିଲା।

## ଚର୍ଚ୍ଚାରେ ବିଧାୟକ କୃଷ୍ଣ ସଗରିଆ

ଜୁନ୍ ୧୩ରେ ବିଧାୟକ ଶଗରିଆ ବୌଦ୍ଧଧର୍ମ ଗ୍ରହଣ କରିବା ବେଳେ ହିନ୍ଦୁ ଓ ବ୍ରାହ୍ମଣ ବିରୋଧୀ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କ ନାଁରେ ଥାନାରେ ଏତଲା ହୋଇଥିଲା। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାଙ୍କୁ ନେଇ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ଉଠାଇଥିଲେ କୃଷ୍ଣ। ତାରାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରି ରାହୁଲ ଗାନ୍ଧିଙ୍କୁ ସେ ମେଲ୍ ମଧ କରିଥିଲେ। କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ନ ମିଳିପାରିବା ପ୍ରତିବାଦରେ ସେ ନଭେମ୍ବର ମାସରେ ବିଧାୟକ ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ନେଇ ଚର୍ଚ୍ଚା ବଢ଼ିଥିଲା।



## ଲୁହ ଝରେଇଲା ଲୁହାଝର

ଫେବୃୟାରୀ ୧୩ତାରିଖ ଗଜପତି ଜିଲା ଗୁମ୍ମା ବ୍ଲକବାସୀଙ୍କ ପାଇଁ ବଡ ଦୁଃଖଦ ଦିନ ଥିଲା। ଏହି ଦିନ ସକାଳେ କାଶୀନଗର ବ୍ଲକ ପାର୍ତ୍ତଡା ପଞ୍ଚାୟତର ଲୁହାଝର ଘାଟି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ୧୫ଜଣ ଶ୍ରମିକଙ୍କୁ ନେଇ ଗୁମ୍ମାରୁ ପାରଳାଖେମୁଣ୍ଡିର ନୂଆସାହିକୁ ଯାଉଥିବା ଏକ ଇଟାବୋଝେଇ ଟିପ୍ପର ଘାଟି ରାସ୍ତାର ୫୦ ଫୁଟ ତଳକୁ ଖସି ଓଲଟି ପଡିଥିଲା। ଫଳରେ ୯ଜଣଙ୍କ ଜୀବନ ଯାଇଥିଲା। ସେହିପରି ୬ଜଣ ଗୁରୁତର ଆହତ ହୋଇଥିଲେ। ସମସ୍ତ ଶ୍ରମିକ ଗୁମ୍ମା ଅଞ୍ଚଳର ହୋଇଥିବାରୁ ଉକ୍ତ ଘଟଣା କେବଳ ଗୁମ୍ମା ବ୍ଲକ ନୁହେଁ ସାରା ଜିଲାବାସୀଙ୍କ ଆଖିରୁ ଲୁହ ଝରେଇଥିଲା।

## ତାଣ୍ଡବ ରଚିଲା ତିତ୍‌ଲି



ଅକ୍ଟୋବର ୧୧ରେ ଗଜପତି ଜିଲାରେ ତାଣ୍ଡବ ରଚିଥିଲା ସାମୁଦ୍ରିକ ଝଡ଼ 'ତିତ୍‌ଲି'। ବିଭିନ୍ନ ସ୍ଥାନରେ ଶହ ଶହ ଘରଦ୍ୱାର, ଗଛ, ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ଅନେକ ଲୋକଙ୍କୁ ବାସହରା ଓ ବେସାହାରା କରିଦେଇଥିଲା। ବାତ୍ୟାରେ ୫ଲକ୍ଷ ୭୭ହଜାର ୮୧୭ଜଣ ପ୍ରଭାବିତ ହୋଇଥିବାବେଳେ ପ୍ରାୟ ୮୦ଜଣଙ୍କ ଜୀବନ ଯାଇଥିଲା। ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୪୮ ବୋଲି ଦର୍ଶାଯାଇଥିଲା। ସେହିପରି ୯ହଜାର ୭୩ ଗୃହପାଳିତ ପ୍ରାଣୀ ମୃତାହତ ହୋଇଥିଲେ। ୮୪୫ଟି ଗୃହ, ୧୩୨୮ଟି ରାସ୍ତା, ୧୩.୬୦୨ହେକ୍ଟର ଉଦ୍ୟାନ କୃଷି ଓ ୩୭.୩୭୮ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ରାୟଗଡ ବ୍ଲକରେ ସବୁଠୁ ଅଧିକ କ୍ଷତି ଘଟାଇଥିଲା 'ତିତ୍‌ଲି'। ପ୍ରାୟ ୫୦ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ। ଗଙ୍ଗାବାଡ଼ ପଞ୍ଚାୟତର ବାରଘର ଗାଁରେ ପାହାଡ଼ ଧସି ୧୮ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାକୁ ନେଇ ରାଜନୀତି ସରଗରମ ହୋଇପଡ଼ିଥିଲା। ସେଠାକୁ ଅନେକ ନେତାଙ୍କ ସୁଅ ଛୁଟିଥିଲା। ଅକ୍ଟୋବର ୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରଘର ଗ୍ରାମ ଗସ୍ତରେ ଆସି ସ୍ୱତନ୍ତ୍ର ରିଲିଫ ପ୍ୟାକେଜ ଘୋଷଣା କରିଥିଲେ।

## ଆମ୍ବକୋଇଲି ପିଠା ନେଇଥିଲା ୩ ଜୀବନ

ଆମ୍ବକୋଇଲି ପିଠା ଖାଇ ଜୀବନ ଯିବା ଘଟଣା ନବରଙ୍ଗପୁର ଜିଲାରେ ପ୍ରଥମ ଥର ପାଇଁ ଘଟିଥିଲା। ପରମ୍ପରା ଭାବେ ଏଠାରେ ଲୋକେ ଖାଇଥାନ୍ତି ଆମ୍ବକୋଇଲି ପିଠା। ଝରିଗାଁ ବ୍ଲକର ଦୁର୍ଗମ ଅଞ୍ଚଳରେ ଆମ୍ବ କୋଇଲିକୁ ଶୁଖାଇ ଗୁଣ୍ଡ କରି ଖରାଦିନେ ରଖିଥାନ୍ତି। ବର୍ଷା ଦିନେ ପେଜ ଓ ପିଠା କରି ଖାଇଥାନ୍ତି। ଏହି ପିଠା ଖାଇ ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଅଧୀନ ମଇନାପଦର ଗାଁରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଥିଲା।



## ମାଓବାଦୀ ବିଛାଇଥିବା ଜାଲରେ ପଡ଼ିଲେ ୩ ଶ୍ରମିକ

ଦୀର୍ଘ ବର୍ଷ ପରେ ମାଓବାଦୀମାନେ ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ସକ୍ରିୟ ହୋଇଥିଲେ। ରାଇଘର ବ୍ଲକ ଛତିଶଗଡ ସୀମାନ୍ତରେ ଥିବା ହଳଦୀ ଗ୍ରାମପଞ୍ଚାୟତର ଭେନସ-ଡଙ୍ଗରିପାରା ଜଙ୍ଗଲ ରାସ୍ତାରେ ଯବାନଙ୍କ ପାଇଁ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟି ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ପଞ୍ଚାୟତର ଲାଲମାଟି ଓ ମାରଙ୍ଗପାଲୀ ଗ୍ରାମର ୧୫ ଶ୍ରମିକ କାମ ସାରି ଟ୍ରାକ୍ଟରରେ ଫେରୁଥିବା ବେଳେ କିଛି ସାମଗ୍ରୀ ପଡିଥିବା ଦେଖି ଡ୍ରାଇଭର ଗାଡିକୁ ଅଟକାଇଥିଲେ। ପଡିଥିବା ସାମଗ୍ରୀକୁ ଛୁଇଁବା ମାତ୍ରେ ତାହା ବିସ୍ଫୋରଣ ହୋଇଥିଲା।

## ସଂକ୍ଷେପରେ

### ଚକ୍ଷୁ ଚିକିତ୍ସା ଶିବିର



**ବାଲିକୁଦା,୨୫।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଗରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଢେଙ୍କାନାଳର ଜଷ୍ଟିସ ଗତିକୃଷ୍ଣ ମିଶ୍ର ମେମୋରିଆଲ ହସ୍ପିଟାଲ ଆନୁକୂଲ୍ୟରେ ଆୟୋଜିତ ଏହି ଚିକିତ୍ସା ଶିବିରକୁ ସରପଞ୍ଚ ଦୀପାରାଣି ଜେନା ଓ ସମିତିସଭ୍ୟ ଆଲୋକ ବାରିକ ଉଦ୍‌ଘାଟନ କରିଥିଲେ। ଶିବିରରେ ୬୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କ ଅସ୍ତ୍ରୋପଚାର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଢେଙ୍କାନାଳ ସ୍ଥିତ ମେଡିକାଲରେ ସେମାନଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ମୁଖ୍ୟ ଆୟୋଜକ କିଶୋର ଜେନା କହିଛନ୍ତି। ଚକ୍ଷୁ ସହାୟକ ନିରଞ୍ଜନ ସାମନ୍ତରାୟ, କ୍ୟାମ୍ପ ଅଫିସର ଶିଶିର କୁମାର ମଲ୍ଲିକ, କ୍ଲିନିକାଲ ଆସିଷ୍ଟାଣ୍ଟ ତ୍ରିପୁରା ନାୟକ ପ୍ରମୁଖ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ମନୋରଞ୍ଜନ ପରିଡ଼ା, ପାର୍ଥସାରଥୀ ଦାସ, ସୁଶାନ୍ତ ବାରିକ, ରାଜୀବ ମାହାର, ସନ୍ତୋଷ ସେନାପତି, ସନ୍ତୋଷ ପରିଡ଼ା, ଦିଲୀପ ମାହାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପୋଲିସ ଅଧିକାରୀଙ୍କୁ ଓକିଲ ସଂଘର ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ,୨୫।୧୨(ସ୍ୱ.ପ୍ର.):** କୁଜଙ୍ଗ କୋର୍ଟ ଓ ଥାନାରେ ଦୀର୍ଘଦିନ ଧରି କାର୍ଯ୍ୟକରିଥିବା ପୋଲିସ ଅଧିକାରୀ ଆଦିକନ୍ଦ ରାଉତରାୟଙ୍କ ଏକାଦଶାହରେ ମଙ୍ଗଳବାର କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କୁଜଙ୍ଗ ଓକିଲ ସଂଘ କାର୍ଯ୍ୟକର୍ତ୍ତାମାନେ ବିରିଡ଼ି ମାନତିରି ଗ୍ରାମରେ ଥିବା ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ସଂଘ ସଭାପତି ଏଏନ୍‌ଡି ଯାଦବ, ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ, ମୋହରିର ସଂଘ ସମ୍ପାଦକ ମଳୟ ବିଶ୍ୱାଳ ପ୍ରମୁଖ ରାଉତରାୟଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### ନବନିର୍ମାଣ କୃଷକ ସଂଗଠନ ବୈଠକ

**କୁଜଙ୍ଗ,୨୫।୧୨(ସ୍ୱ.ପ୍ର):** କୁଜଙ୍ଗ ବନ ବିଭାଗ ଡାକବଙ୍ଗଳାରେ ମଙ୍ଗଳବାର ନବ ନିର୍ମାଣ କୃଷକ ସଂଗଠନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ସଂଗଠନର ଆଗାମୀ ଆନ୍ଦୋଳନ ପାଇଁ ମାର୍ଗ ଦର୍ଶନ କରିଥିଲେ। ବ୍ଲକ୍ ସଂଯୋଜକ ବିଷ୍ଣୁ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ପଟ୍ଟନାୟକ, ପ୍ରମୋଦ କୁମାର ଜେନା, ଜାନକୀ ମହାରଥା, ମିନର୍ଭା ପରିଡା, ଦେବେନ୍ଦ୍ର ମହାନ୍ତି, ଶ୍ରୀଧର ସାମଲ, ଗୋବିନ୍ଦ ଚରଣ ନାୟକ ପ୍ରମୁଖ ଶତାଧିକ ଚାଷୀ ନେତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଗକୁ ତୀବ୍ର ଆନ୍ଦୋଳନ କରିବା ପାଇଁ ସମସ୍ତେ ଏକତ୍ରିତ ହେବାକୁ ବୈଠକରେ କୃଷକନେତାମାନେ ଆହ୍ୱାନ ଦେଇଥିଲେ।

# ବିପଦସଙ୍କୁଳ ବାତ୍ୟା ଆଶ୍ରୟସ୍ଥଳୀ

- ୧୮ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିଲା
- କାନ୍ଥ ଓ ଛାତ ଫାଟିଗଲାଣି
- ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ

**ଏରସମା,୨୫।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ ସିହା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ବିପଦସଙ୍କୁଳ ହୋଇପଡିଛି। ୮ ବର୍ଷ ହେଲା ମରାମତି ଅଭାବରୁ ଅଟ୍ଟାଳିକାଟି ଅସୁରକ୍ଷିତ ହୋଇପଡିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ୨୦୦୩ରେ ନିର୍ମିତ ଏହି ଆଶ୍ରୟସ୍ଥଳୀ ପାଇଁ ୧୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ତଳ ମହଲାରେ କାନ୍ଥ ନ ଥିଲା। କେବଳ ୧୮ଟି ପିଲର ରହିଥିଲା। ୭ ବଖରା ଶ୍ରେଣୀଗୃହ ପାଇଁ ପ୍ରଶସ୍ତ ପକ୍କାଘର କରାଯାଇଥିଲା। ସମୁଦ୍ର ଜୁଆର ଆସିଲେ ତଳେ ଚାଲିଯିବ ଓ ଉପର ମହଲାରେ ଯେପରି ଲୋକେ ସୁରକ୍ଷିତ ରହିବେ ତାହାକୁ ଦୃଷ୍ଟିରେ ରଖି ଏଭଳି ନିର୍ମାଣ ହୋଇଥିଲା।



ପରିତ୍ୟକ୍ତ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ।

ଏଥିସହିତ ସିଡ଼ି, ସିଡ଼ିଘର, ସିଡ଼ି ତଳେ ରୋଷେଇ ଘର କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ଅଟ୍ଟାଳିକାର କାନ୍ଥ ଫାଟିଗଲାଣି। ଛାତ ଫାଟି ସିମେଣ୍ଟ ପ୍ଲାଷ୍ଟର ଖସିପଡିଲାଣି। ଝରକା ଦରଜା ଭାଙ୍ଗି ଘରେ ବର୍ଷା ପାଣି ପଶୁଛି। ୮ ବର୍ଷ ହେଲା ସ୍କୁଲ ପରିସରରେ ସେହି ବିଶାଳ ଅସୁରକ୍ଷିତ ଅଟ୍ଟାଳିକା ରହିଛି। ସେଠାରେ ଆଉ ପାଠପଢ଼ା ହେଉନାହିଁ କି ବିପର୍ଯ୍ୟୟ ସମୟରେ ଲୋକେ ଆଶ୍ରୟ ନେଉନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପିଲାମାନେ ଉକ୍ତ କୋଠା ତଳେ ଯାତାୟାତ କରୁଛନ୍ତି। ତେଣୁ କେତେବେଳେ ଯେ ବିପଦ ସୃଷ୍ଟି ହେବ କହିହେବ ନାହିଁ। ଜିଲା ପ୍ରଶାସନ ଏନେଇ ପଦକ୍ଷେପ ନେବାକୁ ଅଭିଭାବକ ନିକୁଞ୍ଜ କିଶୋର ସ୍ୱାଇଁ, ରଞ୍ଜନ କୁମାର ଖଣ୍ଡୁଆଳ, ପ୍ରତାପ କେଶରୀ ସ୍ୱାଇଁ, ଶିବ ପ୍ରସାଦ ଲେଙ୍କା ପ୍ରମୁଖ ଦାବି କରିଛନ୍ତି।



ସେଣ୍ଟ ଜାଭିୟର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି।

# ସେଣ୍ଟ ଜାଭିୟର ହାଇସ୍କୁଲ ବାର୍ଷିକ କ୍ରୀଡ଼ା

**କୁଜଙ୍ଗ,୨୫।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୪ର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ଉପାଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶ୍ରମିକନେତା ସୁଧାକର ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରୁ ତୀକ୍ଷ୍ଣ ବୁଦ୍ଧି ଓ ଦେଶପ୍ରେମକୁ ପାଥେୟ କରି ଚାଲିଲେ ଜଣେ ଦେଶର ନେତୃତ୍ୱ ନେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର ନାଥ ମିଶ୍ର ମୁଖ୍ୟବକ୍ତା, ଦାମୋଦର ସ୍ୱାଇଁ, ସୁନାକର ବେହେରା ଓ ରାହାମା ବଣିକ ସଂଘ କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଙ୍କପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କଳ୍ପତରୁ ସ୍ୱାଇଁ, ସଙ୍ଗୀତଜ୍ଞ ବିକ୍ରମ ମହାପାତ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ସରୋଜିନୀ ସାହୁ, ସଙ୍ଗୀତା ନାୟକ, ସୁଭଦ୍ରାରାଣୀ ବେହେରା, ଲିପ୍ସାମୟୀ ମହାପାତ୍ର ପରିଚାଳନା କରିଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ ୱାର୍ଡ କମିଟି ବୈଠକ

**ତିର୍ତ୍ତୋଲ,୨୫।୧୨ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକର ୨ନଂ, ୩ନଂ ଓ ୪ନଂ ଜିଲାପରିଷଦ ଜୋନସ୍ତରୀୟ ୱାର୍ଡ କମିଟି ସଭ୍ୟଙ୍କ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ୨ନଂ ଜୋନ ବୈଠକ ତିର୍ତ୍ତୋଲ ସରଣୀ ଛକସ୍ଥିତ ଆନନ୍ଦ ମଣ୍ଡପଠାରେ ହୋଇଥିଲା। ଏଥିରେ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ଯୋଗଦେଇ ବୁଥସ୍ତରରେ ଦଳକୁ ମଜଭୁତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବିର ରାୟ, ଲିପାଲି ରାଉଳ, ଯୁବନେତା ଗଙ୍ଗାଧର ବିଶ୍ୱାଳ, ସୁବ୍ରତ ଦାଶ, ସରପଞ୍ଚ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥି ଥିଲେ। ୩ନଂ ଜୋନ ବୈଠକ କନକପୁର ପଞ୍ଚାୟତର ବଡ଼ ଶାରଳଠାରେ ହୋଇଥିଲା। ଏଥିରେ ଜିଲାପରିଷଦ ସଭ୍ୟା ଲିପାଲି ରାଉଳ ସଭାପତିତ୍ୱ କରିଥିଲେ। ବିଜେଡି ବ୍ଲକ ସମ୍ପାଦକ ଅମର ଜ୍ୟୋତି ସାହୁ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରକାଶ ସ୍ୱାଇଁ, ସରପଞ୍ଚ ଚିତ୍ତ ରଞ୍ଜନ ରଥ, ସମିତିସଭ୍ୟ ବିଜୟ ମହାନ୍ତି, ସିଦ୍ଧାର୍ଥ ରାଉଳ, ଅକ୍ଷୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଦାସ ଧନ୍ୟବାଦ ଦେଇଥିଲେ। ୪ନଂ ଜୋନ ବୈଠକ ଇବ୍ରିସିଂ ପଞ୍ଚାୟତରେ ହୋଇଥିଲା। ଏଥିରେ ସରପଞ୍ଚ ବେଦଶ୍ରୀ ବନ୍ଦନା ଦାସ ସଭାପତିତ୍ୱ କରିଥିଲେ। ବିଧାୟିକା ଡା.ମଲ୍ଲିକ, ଜିଲାପରିଷଦ ଅଧ୍ୟକ୍ଷା ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ମହାନ୍ତି, ସମିତିସଭ୍ୟ ପ୍ରସନ୍ନ ଦାଶ, ବାଇଧର ବଳ ଯୋଗ ଦେଇଥିଲେ।।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବାଲିକୁଦା,୨୫।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ରଣପୁରସ୍ଥିତ ମା' ଜାଗ୍ରତ ଗୌରୀଙ୍କ ପୀଠରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ବଂଶୀଧର ଶତପଥୀ ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ହରେକୃଷ୍ଣ ମହାନ୍ତି ଓ ଅଶ୍ୱିନୀ ମାନ୍ନାଙ୍କ ବିୟୋଗରେ ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁଙ୍କ ପ୍ରସ୍ତାବ କ୍ରମେ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ଭଗବାନ ଲେଙ୍କା, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ବାରିକ, ଧର୍ମାନନ୍ଦ ଦାସ, ନଗେନ୍ଦ୍ର ବିଶ୍ୱାଳ, ବଂଶୀଧର ବିଶ୍ୱାଳ, ଗୌରାଙ୍ଗ ସେଠୀ, ଧର୍ମାନନ୍ଦ ରାଉତ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରମୋଦ ଜେନା, ଭଗବାନ ରାଉତ ସଂଘର ଦାବି ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ।

# ବନ୍ଧୁମିଳନରେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶାର ସଂକଳ୍ପ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ୧୯୮୨ ବ୍ୟାଚ୍ ଛାତ୍ରୀଛାତ୍ର।

**ରଘୁନାଥପୁର, ୨୫।୧୨( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପାଟେଣୀଗାଁ ସ୍ଥିତ ହରିକୃଷ୍ଣ ବିଦ୍ୟାପୀଠର ୧୯୮୨ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ତାରପୁରସ୍ଥିତ ମା' ନାରାୟଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଗଣତନ୍ତ୍ରର ସୁରକ୍ଷା ଓ ଓଡ଼ିଶାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଏଥିରେ ସଂକଳ୍ପ ନିଆଯାଇଥିଲା। ପୁରାତନ ଛାତ୍ର ରଶ୍ମିରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ ପୁରାତନ ବନ୍ଧୁ ଯୋଗଦେଇଥିଲେ। ପ୍ରଥମେ ସ୍କୁଲର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ଉପେନ୍ଦ୍ରନାଥ ଲେଙ୍କାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ଏବଂ ଦିବଂଗତ ପୁରାତନ ଛାତ୍ର ପ୍ରଦୀପ ପାଣି, ଅମରେନ୍ଦ୍ର ସ୍ୱାଇଁ, ମଞ୍ଜୁଲତା ସ୍ୱାଇଁ, ପ୍ରଦୀପ ପ୍ରଧାନ ଓ ମନୋରଞ୍ଜନ ବାରିକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

# ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

**ରାହାମା,୨୫।୧୨(ଡି.ଏନ୍.ଏ.)**

ରାହାମା ସତ୍‌ସଙ୍ଗ ବିହାରଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଆବିର୍ଭାବ ମହୋତ୍ସବ ଓ ସତ୍‌ସଙ୍ଗ ବିହାରର ବାର୍ଷିକ ଉତ୍ସବ ଦିବସ ବ୍ୟାପି ପାଳିତ ହୋଇଛି। ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ, ଭାଷାକୀର୍ତ୍ତନ ପ୍ରାର୍ଥନା, ଗ୍ରନ୍ଥପାଠ, ସ୍ୱସ୍ତିପତାକା ଉତ୍ତୋଳନ ହୋଇଥିଲା। ରଥାରୁଢ଼ ଶ୍ରୀବିଗ୍ରହଙ୍କୁ ନେଇ ନଗର ପରିକ୍ରମା କରାଯାଇଥିଲା। ଉତ୍ସବ କମିଟି ସଭାପତି ଉମ୍ବରୁଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ଏସଡିପିଓ ଶିବଚରଣ ମଲ୍ଲିକ, ରତିକ ହୃଷିକେଶ ଆଚାର୍ଯ୍ୟ, ସୁରେନ୍ଦ୍ରନାଥ ଷଡ଼ଙ୍ଗୀ, ସତ୍ୟବାନ ତ୍ରିପାଠି, ଭୀମସେନ ସାହୁ, ନିରୋଦ ଆଚାର୍ଯ୍ୟ, ନରେନ୍ଦ୍ରନାଥ ରଥ, ସାରଦା ପ୍ରସନ୍ନ ଦାସ, ଲଳିତ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଅଭିନ୍ନ ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ।

## ■ ପ୍ରତିଭା ଅନ୍ୱେଷଣ ୨୦୧୮ ଉଦ୍‌ଯାପିତ

# ନୃତ୍ୟ ଓ ସଙ୍ଗୀତ ଶରୀରକୁ ସୁସ୍ଥ ରଖେ

**ବିରିଡ଼ି,୨୫।୧୨(ଡି.ଏନ୍.ଏ.)**

ନୃତ୍ୟ, ସଙ୍ଗୀତ ଶରୀର ଓ ମନକୁ ସୁସ୍ଥ ରଖିଥାଏ। ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ରହିଛନ୍ତି। କିନ୍ତୁ ସୁଯୋଗ ଅଭାବରୁ ସେମାନେ ଲୁଚି ଯାଉଛନ୍ତି। ପ୍ରତିଭା ଅନ୍ୱେଷଣ ଅନୁଷ୍ଠାନ ସେମାନଙ୍କୁ ଏହି ସୁଯୋଗ ପ୍ରଦାନ କରିବା ସହ ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ କରି ଧନ୍ୟବାଦର ପାତ୍ର ହୋଇଛି। ସୋମବାର ପ୍ରତିଭା ଅନ୍ୱେଷଣ-୨୦୧୮ ପକ୍ଷରୁ ଆୟୋଜିତ ୩ୟ ବାର୍ଷିକ ଉତ୍ସବ ଉଦ୍‌ଯାପନ ସନ୍ଧ୍ୟାରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ ମୁଖପାତ୍ର ପ୍ରତାପ ମିଶ୍ର ମୁଖ୍ୟଅତିଥି, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ଅଶୋକ କୁମାର ମହାନ୍ତି, ଭାଜପା ରାଜ୍ୟ କୃଷକ ମଞ୍ଚ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ସଙ୍ଗୀତ ନିର୍ଦ୍ଦେଶକ ପଞ୍ଚାନନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବିଭୁପ୍ରସାଦ ଦାଶ, ସମ୍ପାଦକ ବିଶ୍ୱ



ଅତିଥିଙ୍କ ସହ ଉତ୍ସବରେ ପୁରସ୍କୃତ କୃତୀ ପ୍ରତିଭା।

ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟା ଅଧିବେଶନ ପୂର୍ବରୁ ଏଠାରେ ଆୟୋଜିତ ସଭାରେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅକ୍ଷୟ ରାଉତ, କବି ପୀତାମ୍ବର ତରାଇ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ତର୍କରେ କ୍ଷୀରାବ୍ଧୀ ତନୟା ଶତପଥୀ, ସଙ୍ଗୀତରେ ପ୍ରାଚୀପ୍ରଜ୍ଞା ରଥ, ସାଧାରଣ ଜ୍ଞାନରେ ସୁମନ ସୌରଭ ସିଂହ, ନୃତ୍ୟରେ ସଙ୍ଗୀତା ପ୍ରୀୟଦର୍ଶିନୀ ଦାଶ, ଚିତ୍ରାଙ୍କନରେ ଦିବ୍ୟଦର୍ଶିକା ଦାଶ, ରଚନାରେ ଗିରିଜା ନନ୍ଦିନୀ ବାରିକ ୧ମ ହୋଇଥିଲେ। ଅଧ୍ୟାପିକା ସୁଶ୍ରୀ କଲ୍ୟାଣୀ ଶତପଥୀ, ବାଲୁକା ଶିଳ୍ପୀ ନାରାୟଣ ବେହେରା, ଶିଶୁ ସାହିତ୍ୟିକ ନିରଞ୍ଜନ ଖଟୁଆ, ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଭୁଦତ୍ତ ରାଉତ, ଖବରଦାତା ବସନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରୀପ୍ରଭା ଶତପଥୀ, ଜ୍ୟୋତିର୍ମୟୀ ସାହୁ, ସଙ୍ଗୀତା ପଣ୍ଡା, ସୁଭ୍ରାଂଶୁ ପଣ୍ଡା, ରୌନାଲି ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

URGENTLY REQUIRED
PRINCIPAL and LECTURER
in a Diploma Pharmacy College.
Jajpur Pharmacy College
7978915845, 8763813222
Send CV to
sabyasachi171@gmail.com

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

ଶ୍ରୀ ତିରୁପତି କୋରିୟର
ଆବଶ୍ୟକ
Male: 4 ଜଣ
Mob. No.: 9437142064
9776793415
Address:-
50, Ashok Nagar, BBSR

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

REQUIRED
Requirement for a JCB operator (skid steer Robot 155). Contact:
Eminence Network Solutions
M.: 9777531003
Walk-in on 28th-29th Dec. 2018,
Time: 11.30 AM - 2.30 PM
Paikanagar, Plot No.- 192(p), Lane-1, Bhubaneswar

WANTED
3 Nos. of ACCOUNTANT (Minimum 3 years of experience in Tally) in SHREE CEMENT Stockiest in Bhubaneswar. 173, Cuttack Road, Bomikhal, BBSR.
Email: logisticsaikrupa@gmail.com
Contact: 9040096740, 9040096747

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

## Required Frontline Sales Officers and Collection Officers

L&T Financial Services, a part of L&T group, is conducting walk-in interviews for experienced / freshers frontline sales officers and Collection Officers for its Micro Loans Business in Orissa.

| | |
|---|---|
| **Qualification** | : Graduate |
| **Age** | : 20 to 30 years |
| **Nature of work** | : Field Work |
| **Salary** | : Attractive Salary with Best Incentive Scheme |
| **Job Location** | : Across Orissa |

**Interview Address:**

**Bolangir:** L&T Financial Services Limited, At. Tikarpada, Masid Chak P.O. Bolangir.
Contact: Bijay Kumar Sahu - (8480100662), Biswajit - (9437511888)

**Kantabanji:** L&T Financial Services Limited, C/O. Bijaya Kumar Mishra At/Po. Kantabanji (Patel Colony), Ward No. 5, District Bolangir 767 039.
Contact: Rajib Lochan Meher - (8249371087/9556737284)
Mahesh Boddu - (9178003039)

**Bargarh:** L&T Financial Services Limited, Near Indian Oil Petrol Pump Bhatli Chowk, Bargarh 768 028.
Contact: Srichandan Moharana - (9937090449)
Satyaban Sahu - (9776695140)

**Sundargarh:** L&T Financial Services Limited, At. Siva Nagar, Mission Chowk, Post/District Sundargarh, Odisha 770 001.
Contact: Sada Shiba Patra - (9439402210), Amitav Jena - (9090353710)

**Bhawanipatna:** L&T Financial Services Limited, Plot No. 109, 1st Floor Naktiguda Chowk, Near Old Income Tax Office, Bhawanipatna District Kalahandi.
Contact: Manoj Kumar Badatia - (9937429185)
Chintamani - (7606855657)

**Kuchinda:** L&T Financial Services Limited, At. Kuchinda, Near MI Office District Sambalpur 768 222.
Contact: Pratap Sahu - (9668233207)

**Bamra:** L&T Financial Services Limited, At. Bamra, Near M/s. Shiv Enterprise, Po. Govindpur, District Sambalpur 768 221
Contact: Prasanta Sahoo - (9853170345)

**Deogarh:** L&T Financial Services Limited, C/O. Chandra Sekhar Pradhan House No. 20, At. Kulasahi, Rajmunda, In front of Church District Deogarh 768 108.
Contact: Rajkumar Nayak - (9078038214)

**Jharsuguda:** L&T Financial Services Limited, C/O. Rabindra Debata Near L N College, Badheimunda, Jharsuguda, Odisha 768 202.
Contact: Jitendra Kumar Pradhan - (9078072878/7978090878)

**Nabrangpur:** L&T Financial Services Limited, C/O. Jabaharlal Mishra Gabrialguda, Near U P School, At/Po. Nabarangpur 764 059.
Contact Details: Rajkishore - (9938249649)
Narayan Pradhan - (9937213247)

**Rayagada:** L&T Financial Services Limited, Neheru Nagar, 3rd Lane Jyoti Foundry Road, Rayagada, Odisha 765 001.
Contact Details: Tushar Ranjan - (9938098211)
Diptiraj Satpathy - (9853255922)

Interested candidates are requested to walk in on **26th, 27th & 28th December 2018** along with their resume, 2 passport size photographs, PAN card, address proof & mark sheets of 10th, 12th & graduation, between 10:00 am to 04:00 pm the above location. **Male candidates with two wheeler, driving license & smart phone will be preferred.**

www.ltfs.com
CIN: U65910WB1993FLC060810
L&T Financial Services

Exp. PGT Chem. / Physics / Maths / Eng. for CBSE / ICSE Resi. Schools in UP, Bihar, Haryana, Rajasthan (Rs. 45,000/- + Accdm. + meals). Fluency in Eng.
Mob: 9748058193
Email: stxc@rediffmail.com

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ପରମାନେଣ୍ଟ ଲାଇସେନ୍ସ ଥିବ। ରହିବା ବ୍ୟବସ୍ଥା ଅଛି।
7750899392, 8249431114

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

WANTED
A reputed Real Estate Company Sahid Nagar, Bhubaneswar required
DEPUTY MANAGER - 6Nos.,
MARKETING EXECUTIVE - 10Nos.(M/F),
ACCOUNTANT - 2, PEON - 2
(Fixed salary + Incentive)
Contact: 9090419636

SWIGGY REQUIRES
Work Full Time/ Part Time with Swiggy as a
DELIVERY EXECUTIVE
(Bike and DL) and
earn up to 12000 - 25000 / month
(Incentives and Insurance worth 6 lakhs extra).
Walk-in at Swiggy office at
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

WALK-IN-INTERVIEW
KHURANA BROTHER
(A HOUSE OF FURNISHINGS)
1. SALES MANAGER : Male/Female
2. SALES EXECUTIVE : Male / Female
3. SHOWROOM SERVICE STAFF : M / F
4. EXP. ACCOUNTANT : Male / Female
5. 3 PHASE ELECTRICIAN : Male
SALARY BEST IN INDUSTRY
39-B, Ashok Nagar, BBSR, M : 7809061111

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

PATLIPUTRA LAW COLLEGE
PO+PS-Beur, Patna-2
WANTED
1. Principal - L.L.M, Ph.D, NET/SLET/SET with 10 yrs. teaching exp. in Law College.
2. Asst. Prof. - L.L.M., NET/SLET/ SET with 5 yrs. teaching Exp. in Law College.
Send Resume with copy of certificates at :
I.T.C. Anisabad, Behind Surya Mandir, Anisabad, Patna-02, Bihar
Ph. : 9709966626, 8210320047

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

## MOCK TEST PAPER # 4

### CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

***i.*** ***All questions are compulsory. There are 30 questions in all.***

***ii.*** ***This question paper has four sections : Section A, Section B, Section C and Section D.***

***iii.*** ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

***iv.*** ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

***v.*** ***Use of calculators is not permitted.***

### SECTION-A

**1.** Write whether the rational number $\frac{51}{1500}$ will have a terminating decimal expansion or a non-terminating repeating decimal expansion.

**2.** Write the nature of roots of quadratic equation $4x^2 + 4\sqrt{3}x + 3 = 0$.

**3.** Find the value of k, if P(4, –2) is the mid point of the line segment joining the points A(5k, 3) and B(–k, –7).

**4.** If sec 4A = cosec (A – 20°), where 4A is an acute angle, then find the value of A.

**5.** A cylinder and a cone are of same base radius and of same height. Find the ratio of the volume of cylinder to that of the cone.

**6.** A die is thrown twice. What is the probability that the same number will come up either time ?

### SECTION-B

**7.** The decimal expansion of the rational number $\frac{43}{2^4.5^3}$, will terminate after how many places of decimals ?

**8.** Find all the zeroes of the polynomial $2x^4 + 7x^3 – 19x^2 – 14x + 30$, if two of its zeros are $\sqrt{2}$ and $-\sqrt{2}$.

**9.** Find the ratio in which the point $P\left(\frac{3}{4},\frac{5}{12}\right)$ divides the line segment joining the points $A\left(\frac{1}{2},\frac{3}{2}\right)$ and B(2, –5)

**10.** E is a point on the side AD produced of a parallelogram ABCD and BE intersects CD at F. Show that $\Delta ABE \sim \Delta CFB$

**11.** In the following figure, $DB \perp BC$ and $AC \perp BC$. Prove that $\frac{BE}{DE} = \frac{AC}{BC}$




**12.** In the given figure, AB and CD are two diameters of a circle with centre O, which are perpendicular to each other. OB is the diameter of the smaller circle. If OA = 7 cm, find the area of the shaded region. $\left[\text{Use } \pi = \frac{22}{7}\right]$




### SECTION-C

**13.** Show that the square of any positive odd integer is of the form 8m + 1, for some integer m.

**14.** Find the value of p for which the quadratic equation $(2p + 1)x^2 – (7p + 2)x + (7p – 3) = 0$ has equal roots. Also find these roots.

**15.** Solve for x and y:

$$\frac{ax}{b} - \frac{by}{a} = a + b$$

$$ax – by = 2ab$$

**16.** The sum of first n terms of an A.P. is $3n^2 + 4n$. Find the 25th term of this A.P.

**17.** If (3, 3), (6, y), (x, 7) and (5, 6) are the vertices of a parallelogram taken in order, find the value of x and y.

**18.** Draw a triangle ABC with side BC = 7 cm, $\angle B = 45^0$ and $\angle A = 105^0$. Then construct a triangle whose sides are $\frac{3}{5}$ times the corresponding sides of $\Delta ABC$.

**19.** Evaluate: $\frac{2}{3}\operatorname{cosec}^2 58^0 - \frac{2}{3}\cot 58^0 \tan 32^0 - \frac{5}{3}\tan 13^0 \tan 37^0 \tan 45^0 \tan 53^0 \tan 77^0$

**20.** In the given figure, ABDC is a quadrant of a circle of radius 28 cm and a semi-circle BEC is drawn with BC as diameter. Find the area of the shaded region. $\left[\text{Use } \pi = \frac{22}{7}\right]$




**21.** Cards numbered 1 to 30 are put in a bag. A card is drawn at random from this bag. Find the probability that the number on the drawn card is (i) not divisible by 3 (ii) a prime number greater than 7 (iii) not a perfect square number.

**22.** If $S_n$, the sum of first n terms of an A.P. is given by $S_n = 3n^2 – 4n$, then find its $n^{th}$ term.

### SECTION-D

**23.** Solve the following for x: $\frac{1}{2a+b+2x} = \frac{1}{2a} + \frac{1}{b} + \frac{1}{2x}$

**24.** In the given figure, AB is a chord of a circle, with centre O, such that AB = 16 cm and radius of circle is 10 cm. Tangents at A and B intersect each other at P. Find the length of PA.




**25.** The ratio of the sums of first m and first n terms of an A.P. is $m^2 : n^2$. Show that the ratio of its $m^{th}$ and $n^{th}$ terms is (2m –1) : (2n – 1).

**26.** In atriangle, if teh square of one side is equal to the sum of the squares of the other two sides, then prove that the angle opposite to the first side is a right angle.

In an isosceles triangle PQR, PQ = QR and $PR^2 = 2PQ^2$. Prove that $\angle Q$ is a right angle.

**27.** A observed from the top of light house, 100 m high above sea level, the angles of depression of a ship, sailing directly towards it, changes from 30° to 60°. Find the distance travelled by the ship during the period of observation (Use $\sqrt{3} = 1.73$).

**28.** If $\tan\theta + \sin\theta = m$ and $\tan\theta - \sin\theta = n$, show that $m^2 - n^2 = 4\sqrt{mn}$.

**29.** In the given figure, there is shown a right circular cone of height 30 cm. A small cone is cut off from the top by a plane parallel to the base. If the volume of the small cone is $\frac{1}{27}$ of the vlume of given cone, at what height above the base is the section made ?




**30.** In the mean of the following frequency distribution is 65.6, find the missing frequencies ($f_1$, $f_2$)

| Class | Frequency |
|---|---|
| 10 – 30 | 5 |
| 30 – 50 | 8 |
| 50 – 70 | $f_1$ |
| 70 – 90 | 20 |
| 90 – 110 | $f_2$ |
| 110 – 130 | 2 |
| **Total** | **50** |

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Manjeer Depot, Pitampura, Delhi, www.vidyamandir.com

**ଶେଷ ପାଦରେ ଉପନୀତ ୨୦୧୮ରେ କୃଷି, ପ୍ରାଣୀପାଳନ କ୍ଷେତ୍ରରେ ସଂଘଟିତ ଉଲ୍ଲେଖନୀୟ ଘଟଣାର ସଂକ୍ଷିପ୍ତ ବିବରଣୀ...**

# ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା

ଆମ ରାଜ୍ୟର ସମସ୍ତ ବ୍ଲକରେ ଅପହଞ୍ଚ ଦୂରତାରେ ଥିବା ଗ୍ରାମଗୁଡ଼ିକରେ ମୋବାଇଲ ଭ୍ୟାନ ମାଧ୍ୟମରେ ପ୍ରାଣୀ ଚିକିତ୍ସା ସେବା, ପ୍ରତିଷେଧକ ଟିକା ପ୍ରଦାନ, କୃତ୍ରିମ ପ୍ରଜନନ, ଅସ୍ତ୍ରୋପଚାର, କୃମିନିରାକରଣ ଆଦି ସହଜରେ ପହଞ୍ଚାଇ ଦିଆଯାଉଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା: ବାତ୍ୟା, ବନ୍ୟା ଓ ବାର୍ଡଫ୍ଲୁ ରୋଗର ପ୍ରାଦୁର୍ଭାବ ସମୟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍ ମାଧ୍ୟମରେ ଚିକିତ୍ସା ସେବା, ଟିକାକରଣ ଆଦି ସହିତ ବାର୍ଡଫ୍ଲୁ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ୧କିମି ବ୍ୟାସାର୍ଦ୍ଧ ମଧ୍ୟରେ କୁକୁଡ଼ା ଜାତୀୟ ପକ୍ଷୀଙ୍କୁ ନଷ୍ଟ କରିବା ପ୍ରକ୍ରିୟା ସହିତ ୧ରୁ ୧୦କିମି ବ୍ୟାସାର୍ଦ୍ଧ ମଧ୍ୟରେ ରୋଗ ସର୍ବେକ୍ଷଣ କାର୍ଯ୍ୟରେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ବା ଏମ୍‌ଭିୟୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଦୁଗ୍ଧ ପ୍ରକ୍ରିୟାକରଣ ନିମନ୍ତେ ସ୍ୱୟଂଚାଳିତ ପ୍ଲାଣ୍ଟ

ଭୁବନେଶ୍ୱର ଜୟଦେବ ଭବନରେ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ଉପଲକ୍ଷେ ‘‘ଜୀବିକା, ଖାଦ୍ୟ ନିରାପତ୍ତା ଓ ଖାଦ୍ୟ ସୁରକ୍ଷାର ଉନ୍ନତିରେ ପ୍ରାଣୀ ସମ୍ପଦର ଭୂମିକା’’ ସମ୍ପର୍କିତ କର୍ମଶାଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ଘାଟନ। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥଙ୍କ ସହିତ ଅନ୍ୟ ଅତିଥିମାନଙ୍କ ଯୋଗଦାନ। ଓମ୍‌ଫେଡ୍ ଓ NDDB ମଧ୍ୟରେ ୫ଲକ୍ଷ ଲିଟର ଦୁଗ୍ଧର ପ୍ରକ୍ରିୟାକରଣ ନିମନ୍ତେ ସ୍ୱୟଂଚାଳିତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜିନାମା ସ୍ୱାକ୍ଷରିତ।

## ଓଡ଼ିଆ କୃଷି ବୈଜ୍ଞାନିକଙ୍କୁ ଜାତୀୟ ସମ୍ମାନ



ଆଇସିଏଆର ଡାଇରେକ୍ଟର ଜେନେରାଲ ଡ. ତ୍ରିଲୋଚନ ମହାପାତ୍ର(ବାମ)ଙ୍କ ଠାରୁ ସମ୍ମାନ ଗ୍ରହଣ ଅବସରରେ ଡ. ଶରତ କୁମାର ପ୍ରଧାନ(ବାମରୁ ଦ୍ୱିତୀୟ)

ଧାନ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଜଣେ ଓଡ଼ିଆ କୃଷି ବୈଜ୍ଞାନିକଙ୍କୁ ମିଳିଛି ଜାତୀୟ ସମ୍ମାନ। ସେ ହେଲେ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ। ୪୦ରୁ ଉର୍ଦ୍ଧ୍ୱ ଧାନ କିସମ ବିକଶିତ କରି ଏକ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ବହୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ କରାଇବାରେ ସହାୟକ ହୋଇଛନ୍ତି। ନୂଆଦିଲ୍ଲୀଠାରେ ଜାତୀୟ ଜେନେଟିକ୍ସ କଂଗ୍ରେସ ପକ୍ଷରୁ ପ୍ରଥମ ଏବି ଯୋଶୀ ତ୍ରିବାର୍ଷିକ ଜାତୀୟ ସମ୍ମାନ ପାଇଛନ୍ତି ସେ। ସୂଚନାଯୋଗ୍ୟ ପ୍ରଥମ ଥର ଲାଗି ସେ ଏବର୍ଷ ବିକଶିତ କରିଥିବା ବନ୍ୟା ଓ ମରୁଡ଼ି ସହଣୀ ଶକ୍ତି ଥିବା ଧାନ କିସମ ସିଆର-୮୦୧, ସିଆର-୮୦୨ ଏବଂ ଜଳସେଚିତ ଜମିରେ ଅଧିକ ଅମଳକ୍ଷମ ଧାନ କିସମ ସିଆର ଧାନ-୩୦୯ ଏବେ ତାଙ୍କୁ ଚର୍ଚ୍ଚିତ କରାଇଛି।

# ଦିଗନ୍ତ



## ନୂତନ ଉଦ୍ଭାବିତ ଅଦା ଓ ହଳଦୀ କିସମ



ଚଳିତ ବର୍ଷ ଭାରତ ସରକାରଙ୍କ କୃଷି, ସମବାୟ ତଥା କୃଷକ କଲ୍ୟାଣ ବିଭାଗ ଦ୍ୱାରା ଗଠିତ ଉଦ୍ୟାନ କୃଷି ଫସଲର ବିହନ ସବ୍ କମିଟି ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଉଦ୍ଭାବିତ କେତେକ ନୂତନ କିସମକୁ ଚାଷ ଲାଗି ଅନୁମୋଦନ କରାଯାଇଛି।

**ସେଗୁଡ଼ିକ ହେଲା --**

**ଅଦା:** ସୁପ୍ରଭା (ପିଜିଏସ୍-୩୫), ସୁରୁଚି (ପିଜିଏସ୍-୧୯) ଓ ସୁରଭି (ଭିଂକେ୧-୩)।

**ହଳଦୀ:** ରୋମା (ପିଟିଏସ୍-୧୦), ସୁରମା (ପିଟିଏସ୍-୨୪) ଓ ରଶ୍ମି (ପିଟିଏସ୍-୯)।

ସୂଚନାଯୋଗ୍ୟ, ରାଜ୍ୟରେ ଜୈବିକ କୃଷି କାର୍ଯ୍ୟକ୍ରମ ସକାଶେ ପ୍ରତିବର୍ଷ ୪୦୦୦୦ ହେକ୍ଟର ହିସାବରେ ପାଞ୍ଚ ବର୍ଷରେ ୨ଲକ୍ଷ ହେକ୍ଟର ଜମିରେ ଜୈବିକ ଫସଲ ଚାଷ ପାଇଁ ସ୍ଥିରୀକୃତ ହୋଇଛି(ରାଜ୍ୟଜୈବ କୃଷି ପଲିସି-୨୦୧୮)।

## ପ୍ରାଣୀଙ୍କୁ ବୀମାକରଣ

ଚଳିତବର୍ଷ ଜାତୀୟ ପ୍ରାଣୀଧନ ମିଶନ ଅଧୀନରେ ଦୁଧିଆଳି ଗାଈ ଓ ମଇଁଷି ବ୍ୟତୀତ ଛେଳି ଓ ମେଣ୍ଢାଙ୍କୁ ମଧ୍ୟ ବୀମାଭୁକ୍ତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।



## ବାର୍ଡ ଫ୍ଲୁ ସତର୍କତା

ସାଧାରଣତଃ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ବା ବାର୍ଡଫ୍ଲୁ ଏକ ମାରାତ୍ମକ ଭୂତାଣୁଜନିତ ରୋଗ। ଏକ ଖଣ୍ଡବିଖଣ୍ଡିତ ଆରଏନଏଯୁକ୍ତ ଏଚ-୫, ଏନ-୧ ଭୂତାଣୁ ଦ୍ୱାରା ଏହା ହୋଇଥାଏ। ଏହା ଅର୍ଥୋମିକ୍ ସୋ ପରିବାର ଓ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ-କ (ଏ) ଶ୍ରେଣୀର ଅନ୍ତର୍ଭୁକ୍ତ। ଏହା କୁକୁଡ଼ା, ବତକ, ଟର୍କି, ଚାଇନା କୁକୁଡ଼ା ଓ ପାଣିକୁଆ ଭଳି ପକ୍ଷୀଙ୍କଠାରେ ଦେଖାଦେଇ ପ୍ରଭୂତ କ୍ଷତି ଘଟାଇଥାଏ। ଏହି ରୋଗର ଭୂତାଣୁ ଶୀତଦିନେ ବିଭିନ୍ନ ବିଦେଶୀ ଆଗନ୍ତୁକ ପକ୍ଷୀ ମାଧ୍ୟମରେ କୁକୁଡ଼ାଙ୍କଠାରେ ଦେଖାଦେଲେ ଅସ୍ୱାଭାବିକ ଭାବେ ଏକାଥରକେ ଶତପ୍ରତିଶତ କୁକୁଡ଼ାଙ୍କ ମୃତ୍ୟୁ ଘଟିଥାଏ। ତେବେ ନିକଟରେ ଭୋପାଳସ୍ଥିତ ଉଚ୍ଚତର ପରୀକ୍ଷାଗାରେ ଆମ ରାଜ୍ୟର ବିଭିନ୍ନ ଜିଲାରୁ ସଂଗୃହୀତ ନମୁନାର ପରୀକ୍ଷା କରାଯାଇଥିଲା। ଏଥିରେ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକର ଚିଲିକା ପାର୍ଶ୍ୱବର୍ତ୍ତୀ କେତେକ ଗାଁରେ ବାର୍ଡ ଫ୍ଲୁ ଭୂତାଣୁ ଚିହ୍ନଟ ହେବାପରେ ସରକାରଙ୍କ ତରଫରୁ ବ୍ୟାପକ ପ୍ରତିଷେଧ ମୂଳକ ବ୍ୟବସ୍ଥା ଗ୍ରହଣ। ଅବଶ୍ୟ ଏ ନେଇ ଆତଙ୍କିତ ନ ହେବା ଲାଗି ସମ୍ପୃକ୍ତ ବିଭାଗ ପକ୍ଷରୁ ପରାମର୍ଶ ଦିଆଯିବା ସହ କୁହାଯାଇଛି ଯଦି କୌଣସି ସ୍ଥାନରେ ମୃତ କାଉ ପଡ଼ିଥିବାର ଲକ୍ଷ୍ୟ କରାଯାଏ, ତେବେ ତାହାକୁ ପୋଡ଼ିଦେବା ବା ପୋତିଦେବା ଆବଶ୍ୟକ। କୁକୁଡ଼ା ରଖିବା ଘର ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଜୈବ-ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ।

## ଅଧିକ ଉତ୍ପାଦନକ୍ଷମ ମଟର କିସମ ବିକଶିତ

ଭାରତୀୟ ପନିପରିବା ଗବେଷଣା ସଂସ୍ଥା ପକ୍ଷରୁ ଚଳିତ ବର୍ଷ ଅଧିକ ଉତ୍ପାଦନକ୍ଷମ ମଟର କିସମ ବିକଶିତ ହୋଇଛି। ଭିଏଲ୍-୮ ଏବଂ ପିସି-୫୩୧ ପ୍ରଜାତିର ସଙ୍ଗମରୁ ଏହାକୁ ସୃଷ୍ଟି କରାଯାଇଥିଲା। ଏହାର ରୋଗପ୍ରତିରୋଧକ କ୍ଷମତା ଅଧିକ ଥିବାବେଳେ ଏହା ପରିବର୍ତ୍ତିତ ପରିବେଶରେ ଜୀବନଧାରଣ କରିବାକୁ ସକ୍ଷମ ହୋଇଥାଏ ବୋଲି ପ୍ରଫେସର ଡ. ରାକେଶ କେ. ଦୁବେଙ୍କ ନେତୃତ୍ୱରେ ଗଠିତ ଗବେଷକଙ୍କ ଦ୍ୱାରା କରାଯାଇଥିବା ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଚାଷୀ ବେଶ୍ ଉପକୃତ ହୋଇପାରିବେ।





## ଉସମାନାବାଦ୍ ଛେଳିର ନୂତନ ପ୍ରଜାତି

ବାଙ୍ଗାଲୋରସ୍ଥିତ ଭାରତୀୟ ପ୍ରାଣୀ ବିକାଶ ସଂସ୍ଥା ପକ୍ଷରୁ ବିକଶିତ କରାଯାଇଛି ଉସମାନାବାଦ୍ ଛେଳିର ଏକ ନୂତନ ପ୍ରଜାତି। ଏହା ଅଧିକ ତାପମାତ୍ରା ତଥା ପରିବର୍ତ୍ତିତ ଜଳବାୟୁରେ ବଞ୍ଚି ରହିବାକୁ ସକ୍ଷମ ହେବ। ଏହାର ରୋଗ ପ୍ରତିରୋଧକ କ୍ଷମତା ଅଧିକ ଥିବାବେଳେ ଖୁବ୍ କମ୍ ସମୟ ମଧ୍ୟରେ ଛୁଆ ଜନ୍ମ କରିବାକୁ ସକ୍ଷମ ହୋଇଥାଏ। ଫଳରେ ଏହାର କ୍ଷୀର ଉତ୍ପାଦନ କ୍ଷମତା ଅଧିକ ରହିଥାଏ। ଏହା ଦ୍ୱାରା ମାଂସ ଚାହିଦା ପୂରଣ ହୋଇପାରିବ। ଓସମାନାବାଦ ଓ ସଲିମ୍ ବ୍ଲାକ୍ ପ୍ରଜାତିର ସଙ୍ଗମରୁ ଏହାକୁ ସୃଷ୍ଟି କରାଯାଇଥିଲା।

## ପ୍ରାଣୀ ହେଲ୍ପ ଲାଇନ ଓ ଆମ୍ବୁଲାନ୍ସ ସେବା

ଚଳିତବର୍ଷ ଅକ୍ଟୋବର ମାସଠାରୁ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ସହରରେ ଆରମ୍ଭ ହୋଇଛି ପ୍ରାଣୀ ହେଲ୍ପଲାଇନ ଓ ଆମ୍ବୁଲାନ୍ସ ସେବା। ଏହି ଆମ୍ବୁଲାନ୍ସରେ ମେଡିକାଲ ସାମଗ୍ରୀ ସହିତ ପ୍ରାଣୀମାନଙ୍କ ବିଭିନ୍ନ ପ୍ରାଥମିକ ଚିକିତ୍ସା ପାଇଁ ଔଷଧୀ ସାମଗ୍ରୀ ରହିଛି। ଦୁର୍ଘଟଣାଜନିତ ଆହତ ପ୍ରାଣୀଙ୍କୁ ଏହି ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।

## ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗୁଆଳୀଗୋରଡ଼ା ମେଳଣ ପଡିଆରେ ଅନୁଷ୍ଠିତ ୬୭ତମ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଦ୍ୱାରା ଉଦ୍‌ଘାଟିତ। ମୁଖ୍ୟଅତିଥି ମହାରଥୀ ଙ୍କ ଦ୍ୱାରା ଗୋ ପୂଜନ ଓ ଗୋ ପ୍ରଦର୍ଶନୀ ପରିଦର୍ଶନ ସହ ଉନ୍ନତ ଗାଈ, ଛଡା ଓ ବାଛୁରୀ ପାଳନ କ୍ଷେତ୍ରରେ ଶ୍ରେଷ୍ଠ ଗୋପାଳକଙ୍କୁ ୪ହଜାର, ୩ ହଜାର, ୨ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ।

## ପ୍ରାଣୀ ଚିକିତ୍ସକ ସମ୍ବର୍ଦ୍ଧିତ



ଡା. ବୀର କିଶୋର ପରିଡା

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ସିଫାଠାରେ ଅନୁଷ୍ଠିତ ‘‘ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ଅଣୁଜୀବ ବିରୋଧରେ ପ୍ରତିରୋଧକ ଶକ୍ତି ଏବଂ ଆଣ୍ଟି ବାୟୋଟିକ୍ସ ବ୍ୟବହାରର ବିକଳ୍ପ’’ ସମ୍ପର୍କିତ ଉପସ୍ଥାପନ ଲାଗି ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ) ଡା. ବୀର କିଶୋର ପରିଡା ସମ୍ବର୍ଦ୍ଧିତ। ଏଥିସହିତ ଚୌଦ୍ୱାର ମଙ୍ଗରାଜପୁରସ୍ଥିତ ନନ୍ଦଗାଁ ବୃଦ୍ଧ ଗୋସେବା ଆଶ୍ରମରେ ଅନୁଷ୍ଠିତ ଗୋପାଷ୍ଟମୀ ଓ ଦୀପାବଳି ବନ୍ଧୁମିଳନ ଉତ୍ସବରେ ପ୍ରାଣୀସମ୍ପଦ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଡା. ପରିଡ଼ାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ।

## ପରପାରିରେ ପ୍ରାଣୀ ସମ୍ପଦ ବିକାଶର କିମ୍ବଦନ୍ତୀ ପୁରୁଷ



ଡା. ଲକ୍ଷ୍ମୀଧର ମହାନ୍ତି

ଓଡ଼ିଶାର ପ୍ରୋଜେନ ସିମେନ ଟେକ୍‌ନୋଲୋଜିର ଜନକ ଭାବେ ପରିଚିତ ଡା. ଲକ୍ଷ୍ମୀଧର ମହାନ୍ତିଙ୍କର ୮୭ବର୍ଷ ବୟସରେ ପରଲୋକ। ରାଜ୍ୟ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ତଥା ଓଡ଼ିଶାର ଲାଇଭଷ୍ଟକ୍ ଡେଭଲପ୍‌ମେଣ୍ଟ ସୋସାଇଟି ଓ ଉତ୍କଳ ଆନିମଲ ବ୍ରିଡିଙ୍ଗ ରିସର୍ଚ୍ଚ ଆଣ୍ଡ ଟେକ୍‌ନୋଲୋଜିର ପ୍ରତିଷ୍ଠାତା ଥିଲେ ସେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡା. ଲକ୍ଷ୍ମୀଧର-ସରୋଜିନୀଙ୍କ ନାମରେ ପ୍ରାଣୀ ପ୍ରଜନନ ଓ ପ୍ରାଣୀ ରୋଗ ଶିକ୍ଷାରେ ଅଣ୍ଡର ଗ୍ରାଜୁଏଟ୍ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନର ବ୍ୟବସ୍ଥା।

## ଲୁଣା ମାଟି, ମରୁଡି ପରିସ୍ଥିତିରେ ବଞ୍ଚି ରହୁଥିବା ଧାନ ‘ପୋକ୍କାଲୀ’

ଚଳିତ ବର୍ଷ ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଜେନେଟିକ୍ ଇଞ୍ଜିନିୟରିଂ ତଥା ବାୟୋ-ଟେକ୍ନୋଲାଜି ବିଭାଗର ଗବେଷକମାନେ ଏକ ଟ୍ରାନ୍ସଜେନିକ୍ ଧାନ କିସମ ବିକଶିତ କରିଛନ୍ତି। ଏହାକୁ ପୋକ୍କଲୀ ଭାବେ ନାମିତ କରାଯାଇଛି। ଏହା ଅଧିକ ଲୁଣା ମାଟି, ମରୁଡ଼ି ପରସ୍ଥିତି ଏବଂ ଅଧିକ ତାପମାତ୍ରାରେ ମଧ୍ୟ ତିଷ୍ଠି ରହିବାକୁ ସକ୍ଷମ ହେବ। ଏହାର ଉତ୍ପାଦନ କ୍ଷମତା ମଧ୍ୟ ଅନ୍ୟ ପ୍ରଜାତିର ଧାନଠାରୁ ଅଧିକ ରହିବ ବୋଲି ପ୍ରଫେସର ଡ. ଅଶ୍ୱିନୀ ପାରେଖଙ୍କ ନେତୃତ୍ୱରେ ଗଠିତ ଗବେଷକଙ୍କ ପକ୍ଷରୁ ସୂଚିତ କରାଯାଇଛି। ସୂଚନାଯୋଗ୍ୟ କେରଳରେ ଏହି ଧାନ କିସମ ପରୀକ୍ଷାମୂଳକ ଭାବେ ଚାଷ କରାଯାଇଥିଲା।



| Dollar | Sensex | Nifty | Gold | Silver |
|---|---|---|---|---|
| 70.14 (▼ 4) | 35,470.15 (▼ 271.92) | 10,663.50 (▼ 90.50) | 32,400.00 (▲ ₹125) | 38,000.00 (▲ ₹20) |

> ଉତ୍ପାଦ ଶୃଙ୍ଖଳାରେ ବିସ୍ତାରୀକରଣ ପଦକ୍ଷେପ ଅନ୍ତର୍ଗତ ଦେଶର ୪ ହଜାର କୋଟି ଟଙ୍କାର ଅର୍ଗାନିକ ଫଳ ବଜାରରେ ପ୍ରବେଶ କରିଛୁ।
> – ସୌଗତ ମିତ୍ର, ନିର୍ଦ୍ଦେଶକ, ମଦର ଡେରୀ



> ଝାଡଖଣ୍ଡରେ ୪–୫ ବିଲିୟନ ଡଲାର ନିବେଶ ସହ ବାର୍ଷିକ ୪.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ୟୁନିଟ ସ୍ଥାପନ ଲାଗି ନିଷ୍ପତ୍ତି ହୋଇଛି।
> – ଅନୀଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ



## ସଂକ୍ଷେପରେ

### ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଏସ୍‌ବିଆଇର ଚାର୍ଜ ସବୁଠୁ କମ୍: ଏମ୍‌ଡି




**ନୂଆଦିଲ୍ଲୀ,୨୫-୧୨:** ବ୍ୟାଙ୍କିଙ୍ଗ୍ ସେକ୍ଟରରେ ବିଭିନ୍ନ ସେବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ସବୁଠୁ କମ୍ ଚାର୍ଜ ଆଦାୟ୍ କରୁଛି ବୋଲି ଏହାର ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି) ପି.କେ.ଗୁପ୍ତା କହିଛନ୍ତି। ସେ କହିଛନ୍ତି ଯେ, ଏଟିଏମ୍ ଟ୍ରାଞ୍ଜାକ୍‌ଶନ, ନଗଦ ଜମା ଆଦି ପାଇଁ ଖର୍ଚ୍ଚ ଅଧିକ ହେଉଥିଲେ ମଧ ଏସ୍‌ବିଆଇ କମ୍ ଚାର୍ଜ ଆଦାୟ୍ କରୁଛି। ମାସିକ ସର୍ବନିମ୍ନ ଜମା ନ ରଖିବା କ୍ଷେତ୍ରରେ ଚାର୍ଜ ଆଦାୟ୍ କରାଯାଉଛି କାହିଁକି ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଗ୍ରାହକଙ୍କୁ ସୁରକ୍ଷିତ ବ୍ୟାଙ୍କ ସେବା ଯୋଗାଇଦେବା ଲାଗି ଏସ୍‌ବିଆଇ ପକ୍ଷରୁ ଟେକ୍ନୋଲୋଜି ଆଧୁନିକୀକରଣ ଲାଗି ବହୁ ବ୍ୟୟ୍ କରିବାକୁ ପଡିଛି। ଯେତେ ଖର୍ଚ୍ଚ ହୋଇଛି ତା'ର କିୟଦ ଅଂଶ ହାସଲ କରିବା ପାଇଁ ଏହି ଚାର୍ଜ ଆଦାୟ୍ କରାଯାଉଛି। ରିଟେଲ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ଚାର୍ଜକୁ ଗତ ବର୍ଷ ଅକ୍ଟୋବର ଓ ଚଳିତ ବର୍ଷ ଏପ୍ରିଲରେ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି।

### ସ୍କୁଲଗୁଡ଼ିକୁ ୟୁଆଇଡିଏଆଇର ଚେତାବନୀ
### ପିଲାଙ୍କ ଆଡ୍‌ମିଶନ ବେଳେ ଆଧାର ମାଗିପାରିବେନି



**ନୂଆଦିଲ୍ଲୀ,୨୫-୧୨:** ପିଲାଙ୍କ ଆଡମିଶନ ବେଳେ ସ୍କୁଲ୍ କର୍ତ୍ତୃପକ୍ଷ ଆଧାର କାର୍ଡ ମାଗିପାରିବେନି। ଏଥିପାଇଁ ସେମାନେ ଅଭିଭାବକଙ୍କୁ ବାଧ ନ କରିବାକୁ ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଧାର ମାଗିବା ସୁପ୍ରିମକୋର୍ଟଙ୍କ ରାୟର ପରିପନ୍ଥୀ ବୋଲି ଚେତାବନୀରେ ଦର୍ଶାଯାଇଛି। ଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟରେ ପ୍ରାଇଭେଟ ସ୍କୁଲଗୁଡିକରେ ନର୍ସରୀ ଓ ପ୍ରବେଶ ସ୍ତରର ଅନ୍ୟ ଶ୍ରେଣୀ ପାଇଁ ଏବେ ଆଡ଼ମିଶନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। କିଛି ଘରୋଇ ସ୍କୁଲ ଆବଶ୍ୟକ କାଗଜପତ୍ର ନାମରେ ଆଧାର ଦାଖଲ କରିବାକୁ ଦାବି କରୁଥିବା ଅଭିଯୋଗ ଉଠିଛି। ୟୁଆଇଡିଏଆଇ ସିଇଓ ଅଜୟ୍ ଭୂଷଣ କହିଛନ୍ତି ଯେ, ଏହା ଆଦୌ ଯଥାର୍ଥ ନୁହେଁ। ଆଡମିଶନ ପାଇଁ ଆଧାର ଅନିବାର୍ଯ୍ୟ ନୁହେଁ। ଆଧାର ନ ଥିବା କାରଣରୁ ଯେପରି କୌଣସି ଶିଶୁର ଆଡମିଶନ ବାଧକ ନ ସାଜେ ତାହା ଦେଖିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ବୋଲି ଅଜୟ୍ ଭୂଷଣ କହିଛନ୍ତି। ବିନା ଆଧାରରେ ପିଲାଙ୍କୁ ଆଡମିଶନ ଦେବା ପରେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କର ଆଧାର ତିଆରିରେ ସହାୟତା କରିବା ଉଚିତ। ଆଧାର ପାଇଁ ବାଧ କରୁଥିବା ସ୍କୁଲଗୁଡିକ ପାଇଁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶ୍ନ ହେଲାରୁ ସେ କହିଛନ୍ତି ଯେ, ଏହା ସିଧାସଳଖ ସୁପ୍ରିମକୋର୍ଟଙ୍କ ରାୟର ଅବମାନନା ହେବ।

## ଏନ୍‌ସିଏଲ୍‌ଟି ନେଇଛି ଗୁରୁତ୍ୱପୂର୍ଣ୍ଣ ଭୂମିକା
# ଆଦାୟ ହେଲାଣି ୮୦ ହଜାର କୋଟିର ଋଣ

**ନୂଆଦିଲ୍ଲୀ,୨୫–୧୨**

- ୨୦୧୯ରେ ୧ ଲକ୍ଷ କୋଟି ଋଣ ସମାଧାନ ଲକ୍ଷ୍ୟ
- ଆଇବିସି ଲାଗୁହେବା ପରେ ୩ ଲକ୍ଷ କୋଟିର ଋଣ ସମାଧାନରେ ସହାୟତା
- ଏନ୍‌ସିଏଲ୍‌ଟିର ଢାଞ୍ଚାଗତ ନିର୍ମାଣକୁ ଶକ୍ତିଶାଳୀ କରାଯିବ




ଋଣ ଆଦାୟର ଦାୟିତ୍ୱ ସମ୍ଭାଳିଥିବା ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଟି) ଅନାଦାୟ ଋଣ ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାର ହସ୍ତକ୍ଷେପ ଯୋଗୁ ଦେବାଳିଆ ଓ ଋଣ ସମାଧାନ (ଆଇବିସି) ପ୍ରକ୍ରିୟା ଜରିଆରେ ଚଳିତ ବର୍ଷ ୮୦ହଜାର କୋଟି ଟଙ୍କାର ବକେୟା ଋଣ (ଏନ୍‌ପିଏ) ଆଦାୟ ହୋଇପାରିଛି। ଆସନ୍ତା ବର୍ଷ ଏହା ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। କାରଣ କେତେକ ବଡ଼ ଋଣ ମାମଲା ଏହି ସମୟରେ ସମାଧାନ ହୋଇଯିବ ବୋଲି କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି।

ତାଙ୍କର କହିବାନୁଯାୟୀ ବିଚାରପତି ନିଯୁକ୍ତି ଓ ଖଣ୍ଡପୀଠ ସଂଖ୍ୟା ବୃଦ୍ଧି ସହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ପାରମ୍ପରିକ ଢାଞ୍ଚାଗତ ନିର୍ମାଣରେ ପରିବର୍ତ୍ତନ ଅଣାଯିବ। ଏହାଦ୍ୱାରା ଏନ୍‌ସିଏଲ୍‌ଟିକୁ ଆହୁରି ଶକ୍ତିଶାଳୀ କରାଯିବା ଯୋଜନା ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ ନୂଆ ବର୍ଷରେ ଏନ୍‌ସିଏଲ୍‌ଟି ଏବଂ ଏହାର ଅପିଲୀୟ ଖଣ୍ଡପୀଠ ଏନ୍‌ସିଏଲ୍‌ଏଟିକୁ ମଧ କଡ଼ା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିବ। ୨୦୧୯ରେ ଅନେକ ବଡ଼ ମାମଲାର ସମାଧାନ କରିବାର ଆବଶ୍ୟକତା ରହିଛି। ଏଥିରେ ଏସାର ଷ୍ଟିଲ୍ (୮୦ ହଜାର କୋଟିରୁ ଅଧିକ ଋଣ) ଓ ଭୂଷଣ ଷ୍ଟିଲ୍ ଆଣ୍ଡ୍ ପାୱାର (୪୫,୦୦୦ କୋଟି ଟଙ୍କା) ପ୍ରମୁଖ ରହିଛି। ଶ୍ରୀନିବାସ କହିଛନ୍ତି ଯେ, ୨୦୧୮ରେ ଆଇବିସି ଅନ୍ତର୍ଗତରେ ଏନ୍‌ସିଏଲ୍‌ଟି ଓ ଏନ୍‌ସିଏଲ୍‌ଏଟି (ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ) ମାଧ୍ୟମରେ ବିଭିନ୍ନ କର୍ପୋରେଟ ଋଣଗ୍ରହୀତାଙ୍କଠାରୁ ଉକ୍ତ ଅସୁଲି ସମ୍ଭବ ହୋଇପାରିଛି। ଗତବର୍ଷ ଡିସେମ୍ବରରୁ ଆଇବିସି ଦେଶରେ ଲାଗୁହେବା ପରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଆଦାୟ ଲାଗି ଏନ୍‌ସିଏଲ୍‌ଟି ସହାୟତା କରିଛି। ଏଗୁଡିକ ମଧ୍ୟରେ କିଛି ମାମଲା ଏପରି ରହିଛି, ଯାହା ଅଦାଲତରେ ସମାଧାନ ପୂର୍ବରୁ ରଫାଦଫା ହୋଇଛି। ଆଶାକରାଯାଉଛି, ୨୦୧୯ରେ ଏନ୍‌ସିଏଲ୍‌ଟିର ୧୧ ଖଣ୍ଡପୀଠ ମାଧ୍ୟମରେ କେତେକ ସଙ୍କଟଗ୍ରସ୍ତ ଋଣଗ୍ରହୀତାଙ୍କ ମାମଲାର ସମାଧାନ ହୋଇଯିବ।



## ନୂଆ ନିଶାନ କିକ୍ସ ପାଇଁ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର, ୨୫–୧୨**

ନିଶାନ ଇଣ୍ଡିଆ ପକ୍ଷରୁ ନୂଆ ନିଶାନ କିକ୍ସ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ସାରା ଦେଶରେ ଥିବା ନିଶାନର ସମସ୍ତ ଡିଲରଶିପଗୁଡ଼ିକରେ ମାତ୍ର ୨୫,୦୦୦ ଟଙ୍କାରେ ଏଥି ଲାଗି ପଞ୍ଜୀକରଣ ହୋଇ ପାରିବ। ଗ୍ରାହକମାନେ ଏହି ବହୁ ପ୍ରତୀକ୍ଷିତ ଏସ୍‌ୟୁଭିକୁ କମ୍ପାନୀର ନିର୍ଦ୍ଧାରିତ ୱେବସାଇଟରୁ ବୁକିଂ କରିପାରିବେ। ନିଶାନ କିକ୍ସ ହେଉଛି ଭାରତୀୟ ଗ୍ରାହକମାନଙ୍କୁ ବିଶ୍ୱ ସ୍ତରୀୟ ଉତ୍ପାଦ ପ୍ରଦାନ କରିବା ପ୍ରତିଶ୍ରୁତିର ଏକ ପ୍ରତିଫଳନ। ଏଥିରେ ଗ୍ରାହକମାନେ ଉନ୍ନତ ଜ୍ଞାନକୌଶଳ, ଉତ୍କୃଷ୍ଟ ପ୍ରିମିୟମ ସମ୍ମିଶ୍ରଣ ଲାଭ କରି ପାରିବେ। ଆକର୍ଷଣୀୟ ବଡି ସହ ଏଥିରେ ଉଭୟ ଶକ୍ତି ସହ କ୍ଷିପ୍ରତା ଭରି ରହିଛି। ସେହିଭଳି ବିଶ୍ୱ ସ୍ତରୀୟ ଡିଜାଇନ, ଷ୍ଟାଇଲିସ ରୁଫ ରେଲ, ସିଗନେଚର ଏଲଇଡି ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏଥିରେ ଗ୍ରାହକ ଲାଭ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

# '୪୧ ଘଣ୍ଟାର ବିମାନ ଯାତ୍ରା କରି ଭାରତ ଆସିପାରିବିନି'

**ନୂଆଦିଲ୍ଲୀ,୨୫–୧୨**

### ପିଏମ୍‌ଏଲ୍‌ଏ କୋର୍ଟରେ ଚୋକ୍‌ସୀଙ୍କ ଜବାବ ଦାଖଲ



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିରେ ସାମିଲ ଅନ୍ୟତମ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ଭାରତ ନ ଆସିବାକୁ ଆଉ ଏକ ବାହାନା ଦେଖାଇଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଆଣ୍ଟିଗୁଆରୁ ୪୧ ଘଣ୍ଟାର ବିମାନ ଯାତ୍ରା କରି ସେ ଭାରତ ଫେରିପାରିବେନି ବୋଲି ନିଜ ଓକିଲଙ୍କ ଜରିଆରେ ସେ ପିଏମ୍‌ଏଲ୍‌ଏ ଅଦାଲତକୁ ଜଣାଇଛନ୍ତି। ଚୋକ୍‌ସୀଙ୍କୁ ପଳାତକ ଘୋଷଣା କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ମାମଲା ଦାଏର କରାଯାଇଛି। ନିଜର ୩୪ ପୃଷ୍ଠାର ଜବାବରେ ଚୋକ୍‌ସୀ କହିଛନ୍ତି ଯେ, ନେଇଥିବା ଅର୍ଥକୁ ଫେରାଇବା ଲାଗି ସେ ପିଏନ୍‌ବି ସହ ଆଲୋଚନା କରୁଛନ୍ତି। ଅଦାଲତକୁ ବିପଥଗାମୀ କରିବା ଲାଗି ଇଡି ପକ୍ଷରୁ ଜାଣିଶୁଣି ଏହାକୁ ଚାପିଦିଆଯାଇଛି। ନିଜ ଓକିଲ ସଞ୍ଜୟ ଅବଟ୍ ଓ ରାହୁଲ ଅଗ୍ରୱାଲଙ୍କ ମାଧ୍ୟମରେ ଚୋକ୍‌ସୀ ଅଦାଲତରେ ନିଜର ଜବାବ ଦାଖଲ କରିଛନ୍ତି। ଉଲ୍ଲେଖଥାଉ କି, ଚୋକ୍‌ସୀଙ୍କୁ ପଳାତକ ଘୋଷଣା କରି ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିନେବାକୁ ଇଡି ପକ୍ଷରୁ ମାମଲା ଦାଏର କରାଯାଇଛି। ନିଜ ଜବାବରେ ଏହି ପଳାତକ ହୀରା ବ୍ୟବସାୟୀ କହିଛନ୍ତି ଯେ, ଇଡି ଜାଣିଶୁଣି ତାଙ୍କ ସମ୍ପତ୍ତି ମୂଲ୍ୟକୁ କମ୍ ଦର୍ଶାଇଛି। ଏହାଦ୍ୱାରା ତାଙ୍କର ଅଧିକ ସମ୍ପତ୍ତି ଜବତ କରିବା ଇଡିର ଉଦ୍ଦେଶ୍ୟ ବୋଲି ସେ ଅଭିଯୋଗ କରିଛନ୍ତି।

## ଯାନ ଦର ବଢ଼ାଇବ ହ୍ୟୁଣ୍ଡାଇ



**ଭୁବନେଶ୍ୱର,୨୫–୧୨**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ଜାନୁୟାରୀ ପହିଲାରୁ ଏହାର ବିଭିନ୍ନ ମଡେଲ ଉପରେ ଦର ବୃଦ୍ଧି କରିବା ନେଇ ଘୋଷଣା କରିଛି। ଇନ୍‌ପୁଟ ଖର୍ଚ୍ଚ ବୃଦ୍ଧି ଯୋଗୁ ଏହି ଦର ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି ବୋଲି କମ୍ପାନୀ ପ୍ରକାଶ କରିଛି। କମ୍ପାନୀର ବିଭିନ୍ନ ମଡେଲ ଦର ଏହା ଦ୍ୱାରା ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢିଯିବ ବୋଲି ଏହା ସୂଚନା ଦେଇଛି।

## ୟୁନାଇଟେଡ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୫–୧୨**

ୟୁନାଇଟେଡବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ୬୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ତଥା ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ତପନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ରାମଚନ୍ଦ୍ର ପଣ୍ଡା ଜମା ଏବଂ ରିଟେଲ କ୍ରେଡିଟର ଲାଭ ଉଠାଇବା ପାଇଁ ଗ୍ରାହକଙ୍କୁ ସୂଚନା ଦେଇଥିଲେ। ଏଥିରେ ବ୍ୟାଙ୍କର ବିଭିନ୍ନ ସେବା ତଥା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ସଞ୍ଜୟ ସହାୟଙ୍କ ସମେତ ବାବାଜୀ ଚରଣ ରାଉତ, ପିତବାସ ପାଢୀ, ରତିକାନ୍ତ ଟୁଡୁ, ଶ୍ରୀ ତିବ୍ରେୱାଲ, ଶ୍ରୀ ଶୀତାରାମ ଏବଂ ପୁନୀତ ପୋଦ୍ଦାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରେଳ ଯାତ୍ରାରେ ଗୁଣବତ୍ତା ବୃଦ୍ଧି ପାଇଁ ପ୍ରୟାସ

**ଭୁବନେଶ୍ୱର,୨୫–୧୨**

ରାଜଧାନୀ ଏକ୍ସପ୍ରେସ ଭଳି ଏଚ୍‌ଏଚ୍‌ବି କୋଚ୍ ଥିବା ଟ୍ରେନଗୁଡ଼ିକରେ ଝଟକାକୁ ରୋକିବା ଲାଗି ରେଲୱେ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଲୋକମାନେ ବର୍ତ୍ତମାନ ଏଭଳି ସମସ୍ୟାର ସାମ୍ନା କରୁଥିବାରୁ ଏହାକୁ ନେଇ ରେଲୱେ ବିଶେଷ ଯତ୍ନବାନ ହୋଇଥିବା ସୂଚନା ଦେଇଛି। ସମସ୍ୟାର ସମାଧାନ ପାଇଁ ରେଲୱେ ପକ୍ଷରୁ ଏକ ବିଶେଷଜ୍ଞ ଦଳ ଗଠନ କରାଯାଇଥିଲା। ବିଶେଷଜ୍ଞ ଦଳ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ଦୁଇଟି କୋଚ୍‌କୁ ଯୋଡୁଥିବା ଐକିକ ପ୍ଲେଟ କିମ୍ବା ଭାସମାନ ପ୍ଲେଟ ଥିବା ବୋଫର ବଦଳରେ ଏକ ସୁସନ୍ତୁଳିତ ବୋଫର ବ୍ୟବସ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି।

## ଏମ୍‌ଟେକ୍‌ର ଇରୋସ ଷ୍ଟାର ସ୍ମାର୍ଟଫୋନ୍

**ଭୁବନେଶ୍ୱର, ୨୫–୧୨**



ଘରୋଇ ସ୍ମାର୍ଟଫୋନ ନିର୍ମାତା ଏମ୍‌ଟେକ୍ ମୋବାଇଲ ପକ୍ଷରୁ ଏହାର ନୂଆ ସ୍ମାର୍ଟଫୋନ ଇରୋସ ଷ୍ଟାର ବଜାରକୁ ଆସିଛି। ଅତ୍ୟାଧୁନିକ ଫିଚର ସହ ଏହା ବଜାରରେ ଉପଲବ୍ଧ। ଏଥିରେ ଗ୍ରାହକମାନେ ଫେସିଆଲ ରିକଗନିଶନ ସହ ଅନ୍‌ଲକ ସୁବିଧା,୮.୦ ରିୟର ଏବଂ ୫.୦ ମେଗାପିକ୍ସେଲର ଫ୍ରଣ୍ଟ କ୍ୟାମେରା,୧୩.୭ ସେମିର ଆଇପିଏସ୍ ଡିସ୍ପଲେ, ୧୮:୯ର ସ୍କ୍ରିନ ରେସିଓ ଇନଫିନିଟି ଡିସ୍ପଲେ, ୧.୩ ଗିଗାହର୍ଜ କ୍ୱାର୍ଡକୋର ପ୍ରୋସେସର, ୪ଜି ସଂଯୋଗ ସୁବିଧା, ଫିଙ୍ଗରପ୍ରିଣ୍ଟ ସେନସର, ୩୬୦ ଡିଗ୍ରୀ ରୋଟେଶନ କ୍ଷମତା, ୨୫୦୦ ଏମ୍‌ଏଏଚ୍‌ର ଲିଥିୟନ ବ୍ୟାଟେରି ଭଳି ବୈଶିଷ୍ଟ୍ୟ ପାଇ ପାରିବେ। ସେହିଭଳି ୮.୧ ଆଣ୍ଡ୍ରଏଡ ଓରିଓ, ଡୁଆଲ ସିମ ଡୁଆଲ ଷ୍ଟାଣ୍ଡ ବାଏ, ଭିଡ଼ିଓ ପ୍ଲେ ବ୍ୟାକ୍ ଏବଂ ରେକର୍ଡିଂ,ଏଫଏମ୍ ରେଡ଼ିଓ ରେକର୍ଡିଂ, ୮ଜିବି ରମ୍ ୧ ଜିବି ରାମ୍, ୩୨ ଜିବି ଏକ୍ସପାଣ୍ଡେବଲ ମେମୋରି ଏବଂ ୪ଜି ସଂଯୋଗ ସୁବିଧା ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ। ଏହି ମଡେଲଟିର ବଜାର ଦର ଅପେକ୍ଷାକୃତ ସ୍ୱଳ୍ପ ରହିଥିବା ବେଳେ ଗ୍ରାହକମାନେ ଉଚ୍ଚଗୁଣବତ୍ତା ତଥା ସଦ୍ୟତମ ଫିଚର ଲାଭ କରିପାରିବେ ବୋଲି ଏମ୍‌ଟେକ ମୋବାଇଲର ଓଡ଼ିଶା ମୁଖ୍ୟ ଶିବ ପାତ୍ର ସୂଚନା ଦେଇଛନ୍ତି।

## ବଜାରରେ ଟାଟା ଟିଆଗୋ ଜେଡ୍ ଏକ୍ସ ପ୍ଲସ୍




**ଭୁବନେଶ୍ୱର,୨୫–୧୨**

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଟିଆଗୋ ରେଞ୍ଜରେ ନୂଆ ଜେଡ୍ ଏକ୍ସ ପ୍ଲସ ମଡେଲ ବଜାରକୁ ଆସିଛି। ଏହି ମଡେଲରେ କମ୍ପାନୀ ଅନେକ ଅତିରିକ୍ତ ଫିଚର ସଂଯୋଗ କରିଛି,ଯାହା ଗ୍ରାହକଙ୍କୁ ପ୍ରିମିୟମ ଅନୁଭୂତି ପ୍ରଦାନ କରିବାକୁ ସକ୍ଷମ ହେବ। ଏହା ୧.୨ ଲିଟରର ରେଭୋଟ୍ରନ ପେଟ୍ରୋଲ ଏବଂ ୧.୫ ଲିଟର ଡିଜେଲ ଇଞ୍ଜିନରେ ଆସୁଛି। ଏହା କାନିୟନ ଅରେଞ୍ଜ ଏବଂ ଓସନ ବ୍ଲୁ ରଙ୍ଗରେ ଉପଲବ୍ଧ। ୫ ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ସିଙ୍ଗଲ ଏବଂ ଡୁଆଲ ଟୋନ ଏକ୍ସଟେରିୟର ବିକଳ୍ପରେ ଏହା ଆସୁଛି। ଭୁବନେଶ୍ୱରରେ ଯାନଟିର ବଜାର ଦର ୫.୭୬ ଲକ୍ଷ ଟଙ୍କା ରହିଛି। ନୂଆ ଟପ୍ ଲାଇନ ଭାରିଆଣ୍ଟକୁ ବଜାର ପ୍ରବେଶ କରାଇ ଖୁସି ବୋଲି କମ୍ପାନୀର ସେଲସ ମାର୍କେଟିଂ ଉପସଭାପତି ଏସ୍.ଏନ୍. ବର୍ମନ ସୂଚନା ଦେଇଛନ୍ତି।




ହୋଣ୍ଡା ଜୟ କ୍ଲବ ଇଷ୍ଟର୍ନ ଜୋନ୍ ପକ୍ଷରୁ ଭୁବନେଶ୍ୱରର ଗୁଗ୍‌ନାନି ହୋଣ୍ଡା ଶୋ'ରୁମ୍‌ରେ ହୋଇଥିବା ପ୍ରତିଯୋଗିତାରେ ବିଜେତା ରଞ୍ଜିତା ଚୌଧୁରୀଙ୍କୁ ଶୋ'ରୁମ୍‌ର ଜେନେରାଲ ମ୍ୟାନେଜର ମନୋଜ ଓଝା ପୁରସ୍କାର ପ୍ରଦାନ କରୁଛନ୍ତି।

# ଉଜ୍ଜ୍ୱଳାରେ ନିରବଚ୍ଛିନ୍ନ ଏଲ୍‌ପିଜି ଯୋଗାଣ ପାଇଁ ପଦକ୍ଷେପ

**ଭୁବନେଶ୍ୱର,୨୫–୧୨**

ସରକାରଙ୍କ ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ନିରବଚ୍ଛିନ୍ନ ଏଲ୍‌ପିଜି ଯୋଗାଣ ନେଇ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଯୋଜନାରେ ଓଡ଼ିଶାର ୩୫.୩୬ ଲକ୍ଷ ହିତାଧିକାରୀଙ୍କୁ ସୁବିଧା ଯୋଗାଇ ଦିଆଯାଇଛି। ରନ୍ଧନ ଗ୍ୟାସ୍ ଭାବେ ଏଲ୍‌ପିଜି ସହ ୭୪.୯୦ ଲକ୍ଷ ପରିବାର ସଂଯୋଗ ସୁବିଧା ପାଇଛନ୍ତି। ରାଜ୍ୟରେ ଏଲ୍‌ପିଜି କଭରେଜ ୨୦.୪%ରୁ ବୃଦ୍ଧି ଘଟି ଡିସେମ୍ବର ପହିଲା ସୁଦ୍ଧା ୬୯.୪%ରେ ପହଞ୍ଚିଛି। ଗ୍ୟାସ ଷ୍ଟୋଭ ଲାଗି ଅଗ୍ରିମ ପୈଠ ଏବଂ ପ୍ରଥମଥର ରିଫିଲ ଲାଗି ସକ୍ଷମ ହେଉ ନ ପରିବାରଗୁଡ଼ିକୁ କମ୍ପାନୀଗୁଡ଼ିକ ଋଣ ସୁବିଧା ପ୍ରଦାନ କରୁଥିବା ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପ୍ରାଥମିକ ପର୍ଯ୍ୟାୟରେ ବିପିଏଲ୍ ପରିବାରର ୫ କୋଟି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅତିରିକ୍ତ ୩ କୋଟି ଏଲପିଜି ସଂଯୋଗ ନେଇ ନିଷ୍ପତ୍ତି ହୋଇଛି। ୨୦୧୮ ଅଗଷ୍ଟ ସୁଦ୍ଧା ୫ କୋଟିରୁ ଉର୍ଦ୍ଧ୍ୱ ଏଲ୍‌ପିଜି ସଂଯୋଗ ହୋଇପାରିଛି। ଧାର୍ଯ୍ୟ ସମୟର ୮ ମାସ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହୋଇପାରିଛି। କାର୍ଯ୍ୟକ୍ରମରେ ଆଇଓସିଏଲ୍ ସିଜିଏମ୍ ପ୍ରିତିଶ ଭରତ, ଏଚ୍‌ପିସିଏଲ୍ ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେଉରା, ବିପିସିଏଲ୍ ଓଡ଼ିଶା ଝାଡ଼ଖଣ୍ଡ ଏଲ୍‌ପିଜି ରାଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ଆଇଓସିଏଲ୍ ଏଲିପିଜି ଜିଏମ୍ ଓଡ଼ିଶା ସଞ୍ଜୟ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀର ଅଧିକାରୀମାନେ ।

## ଟୟୋଟାର ଡିସେମ୍ବର ଅଭିଯାନ




**ନୂଆଦିଲ୍ଲୀ, ୨୫–୧୨**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଡିସେମ୍ବର ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଘୋଷଣା କରାଯାଇଛି। କେତେକ ବଛାବଛା ମଡେଲ ଉପରେ କମ୍ପାନୀ ଗ୍ରାହକଙ୍କୁ ଏହି ଅବସରରେ ରିହାତି ପ୍ରଦାନ କରୁଛି। ଏକ ସ୍ୱତନ୍ତ୍ର ସେଲ୍‌ସ ଅଭିଯାନ ମାଧ୍ୟମରେ ଗ୍ରାହକ ବେଶ ଉପକୃତ ହୋଇପାରିବେ। ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ସୁବିଧା ସୁଯୋଗ ଉପଲବ୍ଧ କରାଇବା ଲକ୍ଷ୍ୟରେ ଏଭଳି ଯୋଜନା ହାତକୁ ନେଉଛୁ ବୋଲି ଟୟୋଟା କିର୍ଲୋସ୍କର ମୋଟରର ସହକାରୀ ପରିଚାଳନା ନିର୍ଦ୍ଦେଶକ ଏନ୍.ରାଜା ସୂଚନା ଦେଇଛନ୍ତି। ଏହି ଅଫର ଡିସେମ୍ବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।



“କହିବା ବାହୁଲ୍ୟ ଷ୍ଟ୍ରାଇକର ସୁନୀଲ ଛେତ୍ରୀଙ୍କ ସହିତ ମୋର ‘ଟେଲିପାଥିକ୍ ଅଣ୍ଡରଷ୍ଟାଣ୍ଡିଂ ରହିଛି ।

–ଜେଜେ ଲାଲ୍‌ପେଖଲୁଆ
ଭାରତୀୟ ଫରୱାର୍ଡ ଖେଳାଳି



“ବକ୍ସିଂ ଡେ’ ଟେଷ୍ଟରେ ମୟଙ୍କ ଅଗ୍ରୱାଲଙ୍କଠାରୁ ତାଙ୍କ ପଦାର୍ପଣ ମ୍ୟାଚରେ ମୁଁ ବୀରେନ୍ଦ୍ର ସେହ୍ୱାଗଙ୍କ ଭଳି ଏକ ଇନିଂସ ଆବଶ୍ୟକ କରୁଛି ।

–ଇର୍ଫାନ ସାଇତ୍, କୋଚ୍

## ସଂକ୍ଷେପରେ

### ଭୁବନେଶ୍ୱର ଜୁନିୟର କ୍ରିକେଟ ଲିଗ୍
### ଶହୀଦ ସ୍ପୋର୍ଟିଂ-ରାମେଶ୍ୱର ଫାଇନାଲ



ଭୁବନେଶ୍ୱର,୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ): ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଜୁନିୟର କ୍ରିକେଟ ଲିଗ୍‌ରେ ସହୀଦ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଟାଉନ କ୍ଲବକୁ ୬୯ ରନରେ ପରାସ୍ତ କରି ସହୀଦ ସ୍ପୋର୍ଟିଂ ଫାଇନାଲକୁ ଉଠିଛି। ଟସ୍ ଜିତି ସହୀଦ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୭ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପ୍ରିୟବର୍ତ୍ତ ଦାସ ୭୭ (୮୪ ବଲ), ସୌମିତ୍ର ବିଶ୍ୱାଳ ୪୦ ରନ (୬୨ ବଲ) ସଂଗ୍ରହ କରିଥିଲେ। ବୋଲିଂରେ ଟାଉନ ତରଫରୁ ନିହାଲ ସିଂ ଦୁଇଟି ଉଇକେଟ ହାସଲ କରିଥିଲେ। ଜବାବରେ ୨୧୨ ରନ ଟାର୍ଗେଟର ପିଛା କରି ଟାଉନ କ୍ଲବ ୩୬.୫ ଓଭରରେ ୧୪୨ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଟାଉନ କ୍ଲବର ସାଗର ମଲିକ ୩୪, ଆୟନ ମାଣ୍ଡୋଇ ୨୮ ରନ ସଂଗ୍ରହ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସହୀଦ ସ୍ପୋର୍ଟିଂର ସୌମିତ୍ର ବିଶ୍ୱାଳଙ୍କୁ ଅତିଥି ମନୋଜ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ରାମେଶ୍ୱର ଓ ସହୀଦ ସ୍ପୋର୍ଟିଂ ମଧରେ ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍ ଖେଳାଯିବ।

### ଟାଉନ୍ କ୍ଲବ ସେମିଫାଇନାଲରେ

ଭୁବନେଶ୍ୱର, ୨୫।୧୨(କ୍ରୀଡ଼ା ପ୍ରତିନିଧି): ପୁରୁଣା ଭୁବନେଶ୍ୱରର ଟାଉନ୍ କ୍ଲବ ଯାଜପୁରର କୋତପୁରଠାରେ ଚାଲିଥିବା ସଚିକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଟାଉନ୍ କ୍ଲବ ୬ ଉଇକେଟରେ ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ବିକାଶ ରାଉତ ସର୍ବାଧିକ ୪୩ ଓ ରାକେଶ ପଟ୍ଟନାୟକ ୪୨ ରନ କରିଥିଲେ। ପ୍ରତିପକ୍ଷ ଦଳର ବିଶାଲ କର ୪, ସୁମନ ମହାରଣା ୩ଟି ଉଇକେଟ ନେଇଥିଲେ। ୨୩୩ ରନର ବିଜୟ ଲକ୍ଷ୍ୟକୁ ଟାଉନ୍ କ୍ଲବ ୧୯.୧ ଓଭରରେ ମାତ୍ର ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରତ୍ୟୁଷ ଦାସ ୫୩ ବଲ୍‌ରୁ ବିସ୍ଫୋରକ ୯୩ ଓ ଦୀପକ ମାଝି ୩୪ ବଲ୍‌ରୁ ୮୫ ରନ ସ୍କୋର କରି ଦଳର ବିଜୟକୁ ସହଜ କରି ଦେଇଥିଲେ।

## ରଣଜୀ ଟ୍ରଫି: ଶୁଭ୍ରାଂଶୁ, ଶାନ୍ତନୁଙ୍କ ଲଡୁଆ ବ୍ୟାଟିଂ

# ଓଡ଼ିଶା ୮ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଶୁଭ୍ରାଂଶୁ ସେନାପତି ଓ ଓପନର ଶାନ୍ତନୁ ମିଶ୍ରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଓଡ଼ିଶା ଚଳିତ ରଣଜୀ ଟ୍ରଫି ସପ୍ତମ ରାଉଣ୍ଡର ଏଲିଟ ଗ୍ରୁପ୍ ସି’ ମ୍ୟାଚ୍‌ରେ ଘରୋଇ ଜମ୍ମୁ କଶ୍ମୀରକୁ ୮ ଉଇକେଟରେ ହରାଇ ବୃହତ ବିଜୟ ହାସଲ କରିଛି। ଜମ୍ମୁର ଗାନ୍ଧୀ ମୋମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜମ୍ମୁ କଶ୍ମୀର ଟସ୍ ଜିତି ପ୍ରଥମ ଇନିଂସରେ ୫୩.୩ ଓଭରରେ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଅଭିଷେକ ରାଉତ୍‌ଙ୍କ ଅପରାଜିତ ୧୧୬ ରନର ଶତକ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସରେ ୧୦୬.୩ ଓଭରରେ ୩୨୩ ରନ କରି ଅଲଆଉଟ ହୋଇଥିଲା। ଫଳରେ ଓଡ଼ିଶା ୧୯୬ ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଜମ୍ମୁ କଶ୍ମୀର ଅଧିନାୟକ ପରଭେଜ ରସୁଲଙ୍କ ୧୫୮ ରନର ଶତକୀୟ ପାଳି ବଳରେ ୧୩୪.୪ ଓଭରରେ ୩୯୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ବିଜୟ ପାଇଁ ଦ୍ୱିତୀୟ ଇନିଂସରେ ଓଡ଼ିଶା ସମ୍ମୁଖରେ ୧୯୬ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଓଡ଼ିଶା ଚତୁର୍ଥ ତଥା ଅନ୍ତିମ ଦିବସରେ ୪୯.୧ ଓଭରରେ ୧୯୭ ରନ କରି ବିଜୟୀ ହୋଇଛି। ପ୍ରଥମ ଇନିଂସରେ ଶତକୀୟ ପାଳି ଖେଳିଥିବା ଓଡ଼ିଶାର ଅଭିଷେକ ରାଉତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୯୬ ରନ ବିଜୟ ଲକ୍ଷ୍ୟର ପିଛା କରି ଓଡ଼ିଶା ଦେଖି ଚାହିଁ ଆରମ୍ଭ କରିଥିଲା। ଦୁଇ ଓପନର ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡଙ୍ଗୀ ପ୍ରଥମ ଉଇକେଟ ଯୋଡିରେ ୪୭ ରନ ସଂଗ୍ରହ କରିଥିଲେ। ତେବେ ଅନୁରାଗ ମାତ୍ର ୨୦ ରନ କରିଥିବା ବେଳେ ରସୁଲଙ୍କ ବଲ୍‌ରେ ଉଇକେଟ କିପର ଓବେଡ ହାରୁନଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଶାନ୍ତନୁ ଓ ଶୁଭ୍ରାଂଶୁ ସେନାପତି ୧୧୨ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ତେବେ ଶାନ୍ତନୁ ୭୮ ରନ କରି ମହମ୍ମଦ ମୁଧାସିରଙ୍କ ବଲରେ ୱାସିମ ରାଜାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଆଉ ଶୁଭ୍ରାଂଶୁ ଓ ଗୋବିନ୍ଦ ପୋଦ୍ଦାର ଆଉ କୌଣସି କ୍ଷତି କରିବାର ସୁଯୋଗ ନ ଦେଇ ତୃତୀୟ ଉଇକେଟ ଯୋଡିରେ ଅପରାଜିତ ୩୮ ରନ କରି ଓଡ଼ିଶାକୁ ଜିତାଇଥିଲେ। ଶୁଭ୍ରାଂଶୁ ୭୨ ଓ ପୋଦ୍ଦାର ୨୦ ରନ କରି ଅପରାଜିତ ରହିଥିଲେ। ଘରୋଇ ଦଳ ତରଫରୁ ରସୁଲ ଓ ମୁଧାସିର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ତୃତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୭୨/୭ରୁ ଖେଳ ଆରମ୍ଭ କରି ଜମ୍ମୁ କଶ୍ମୀର ୩୯୧ ରନରେ ଅଲଆଉଟ ହୋଇଥିଲା। ଓଭର ନାଇଟ ବ୍ୟାଟ୍ସମ୍ୟାନ ପରଭେଜ ରସୁଲ ୧୨୫ରୁ ଖେଳ ଆରମ୍ଭ କରି ୧୫୮ ରନ ସଂଗ୍ରହ କରି ବସନ୍ତ ମହାନ୍ତିଙ୍କ ବଲ୍‌ରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ସେହିପରି ଅମୀର ଅଜିଜ୍ ୭ରୁ ଖେଳ ଆରମ୍ଭ କରି ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେହିପରି ମୁଧାସିର ୩୧ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ ଓ ଉମର ନାଜିର ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଓଡ଼ିଶା ତରଫରୁ ବସନ୍ତ ସର୍ବାଧିକ ୪, ଧୀରଜ ସିଂ ଓ ପୋଦ୍ଦାର ଦୁଇଟି ଲେଖାଏ, ସୂର୍ଯ୍ୟକାନ୍ତ ଗୋଟିଏ ଉଇକେଟ ହାସଲ କରିଥିଲେ। ଏହି ବୃହତ୍ ବିଜୟ ସହ ଓଡ଼ିଶା ୬ ପଏଣ୍ଟ ହାସଲ କରିଛି।



ବିଜୟୀ ଓଡ଼ିଶା କ୍ରିକେଟ ଦଳ।

### ସଂକ୍ଷିପ୍ତ ସ୍କୋର

- ଜମ୍ମୁ କଶ୍ମୀର ପ୍ରଥମ ଇନିଂସ:୧୨୭/୧୦ (ଓଏସ୍ ଅମିନ୍ ସାହା ୪୪, ସୂର୍ଯ୍ୟକାନ୍ତ ୪/୨୭)।
- ଓଡ଼ିଶା ପ୍ରଥମ ଇନିଂସ: ୩୨୩/୧୦ (ଅଭିଷେକ ୧୧୬, ଇର୍ଫାନ ପଠାନ୍ ୪/୫୨)।
- ଜମ୍ମୁ କଶ୍ମୀର ୨ୟ ଇନିଂସ: ୩୯୧/୧୦, ୧୩୪.୪ ଓଭର (ପରଭେଜ ରସୁଲ ୧୫୮, ଅମିର ଅଜିଜ ୫୬, ବସନ୍ତ ୪/୫୯)।
- ଓଡ଼ିଶା ୨ୟ ଇନିଂସ: ୧୯୭/୨, ୪୯.୧ ଓଭର (ଶୁଭ୍ରାଂଶୁ ୭୨*, ଶାନ୍ତନୁ ୭୮, ଗୋବିନ୍ଦ ୨୦*)।

### ସିଜନରେ ପ୍ରଥମ ବିଜୟ ସ୍ୱାଦ ଚାଖିଲା ଦିଲ୍ଲୀ

ନୂଆଦିଲ୍ଲୀ, ୨୫।୧୨: ଚଳିତ ରଣଜୀ ଟ୍ରଫି ସିଜନରେ ଦିଲ୍ଲୀ ଦଳ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯାଇଥିବା ରାଉଣ୍ଡ-୭ର ଏହି ମ୍ୟାଚ୍‌ରେ ଦିଲ୍ଲୀ ୯ ଉଇକେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଦିଲ୍ଲୀର ବାମହାତୀ ସ୍ପିନର ବିକାଶ ମିଶ୍ର ଉଭୟ ଇନିଂସରେ ୬ଟି ଲେଖାଏ ସହ ମୋଟ୍ ୧୨ ଉଇକେଟ୍ ନେବା ଓ ଉଇକେଟ୍‌କିପର ଅନୁଜ ରାୱତଙ୍କ ୧୩୪ ରନର ଶତକୀୟ ଇନିଂସ ଏହି ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନମନ ଓଝାଙ୍କ ନେତୃତ୍ୱାଧୀନ ମଧ୍ୟପ୍ରଦେଶ ମାତ୍ର ୧୩୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଦିଲ୍ଲୀ ଅନୁଜଙ୍କ ଶତକ ବଳରେ ପ୍ରଥମ ଇନିଂସରେ ୨୬୧ ରନ କରିଥିଲା। ଏହାପରେ ୧୨୯ ରନ ପଛରେ ଥାଇ ୨ୟ ଇନିଂସରେ ମଧ୍ୟପ୍ରଦେଶ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୭ ରନରେ ସୀମିତ ରହିଥିଲା। ଫଳରେ ଘରୋଇ ଦିଲ୍ଲୀ ସମ୍ମୁଖରେ ୨୯ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ନୀତିଶ ରାଣାଙ୍କ ଦଳ ମାତ୍ର ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦିଲ୍ଲୀ ୬ ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ ପରାଜୟ ଓ ୩ଟି ଡ୍ର ସହ ୧୩ ପଏଣ୍ଟ ପାଇଛି। ଦିଲ୍ଲୀ ଏହାର ପରବର୍ତ୍ତୀ ମ୍ୟାଚରେ ଜାନୁୟାରୀ ୨ରେ ଇଡେନ ଗାର୍ଡେନ୍ସରେ ଘରୋଇ ବେଙ୍ଗଲକୁ ଭେଟିବ।

# ବମିଖାଲ, ଜେଏମ୍‌ଡି ବିଜୟୀ



ସୁମନ୍ତ ସେଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

### ସନ୍ତୋଷ ସ୍ମାରକୀ କ୍ରିକେଟ

ଏଠାରେ ଆରମ୍ଭ ଥିବା ୧୯ତମ ସନ୍ତୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ବମିଖାଲ ଓ ଜେଏମ୍‌ଡି ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବମିଖାଲ ୧୬ ରନରେ କଟକର ଚାର୍ଜ ଏକାଦଶକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ବମିଖାଲ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ନିର୍ମଳ ବେହେରା ୬୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଚାର୍ଜ ଏକାଦଶ ତରଫରୁ ଜିତୁ ୨ଟି ଉଇକେଟ ନେଇଥିଲେ। ଜବାବରେ ଚାର୍ଜ ୧୧.୧ ଓଭରରେ ୧୧୭ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଦଳ ତରଫରୁ ମିଥୁନ ୪୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ବମିଖାଲର ଗୌତମ ନାୟକ ୩ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା।

ସେହିପରି ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭୁବନେଶ୍ୱରର ଜେଏମଡି ଏକାଦଶ ୭୦ ରନରେ ଶ୍ରଦ୍ଧା ସବୁରୀ ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଜେଏମ୍‌ଡି ୧୨ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁମନ୍ତ ସେଠୀ ୭୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରଦ୍ଧା ସବୁରୀ ତରଫରୁ ଜଗନ ସାହୁ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଶ୍ରଦ୍ଧା ସବୁରୀ ୧୨ ଓଭରରେ ୭ ଉଇକେଟ ହରାଇ ୧୩୩ ରନରେ ସୀମିତ ରହିଥିଲା। ଦଳ ତରଫରୁ ଜଗନ ୬୦ ରନ ସଂଗ୍ରହ କରିଥିଲେ। ଜେଏମ୍‌ଡିର ସମ୍ପିତ କୁଣ୍ଡୁ ୨ ଉଇକେଟ ନେଇଥିଲେ। ସୁମନ୍ତ ସେଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଶ୍ରୀଧର ବଳିୟାରସିଂ ଓ କୈଳାସ ରାଉଳ, ରେଫରି ଭାବେ ସମ୍ପିତ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, ଯଜ୍ଞାଶିଷ ମହାପାତ୍ର, ବୁଦ୍ଧପ୍ରକାଶ ମହାପାତ୍ର, ଆଶୁତୋଷ ସାମନ୍ତରାୟ, ସଞ୍ଜୟ କୁମାର ବଳିୟାରସିଂ, ପ୍ରକାଶ ରାଉତରାୟ, ପ୍ରକାଶ ତ୍ରିପାଠୀ, ନିରଞ୍ଜନ ରାଉତରାୟ ଓ ରବୀନ୍ଦ୍ର ଜଗଦ୍ଦେବ ଯୋଗ ଦେଇଥିଲେ।

## ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ

# ଦକ୍ଷିଣପୂର୍ବ ରେଳପଥ ବିଜୟୀ

ଭଦ୍ରକ ଅଫିସ, ୨୫।୧୨

ଭଦ୍ରକ ଜିଲା ଚରମ୍ପା ଯୁବକ ସଂଘ ଆନୁକୂଲ୍ୟରେ ସଞ୍ଜୀବ ଜୁଏଲ୍ସ ପ୍ରାୟୋଜିତ ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ବାଲେଶ୍ୱରର ମର୍ଣ୍ଣିଂ ଷ୍ଟାର କ୍ଲବକୁ ହରାଇ ଖଡ଼ଗପୁରସ୍ଥିତ ଦକ୍ଷିଣପୂର୍ବ ରେଳପଥ ବିଜୟୀ ହୋଇଛି। ଦକ୍ଷିଣପୂର୍ବ ରେଳପଥ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୭.୩ ଓଭରରେ ୨୧୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ମର୍ଣ୍ଣି ଷ୍ଟାର କ୍ଲବ ୨୮.୨ ଓଭରରେ ୨୦୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଅମ୍ପାୟର ଖଗେଶ୍ୱର ମଲ୍ଲିକ, ଶରତ ଜେନା ଓ ତୃତୀୟ ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ଗଗନ ରାଉଳ ରେଫରି ଦାୟିତ୍ୱ ତୁଲାଇଥିଲେ। କ୍ଲବ ସଭାପତି ପଦ୍ମଲାଭ ପଣ୍ଡା, ଅନୀଲ ତ୍ରିପାଠୀ, ସଂଗ୍ରାମ ପଲ୍ଲାର, ମଦନ ମହାନ୍ତି, ରଜତ ନାୟକ, ପ୍ରମୋଦ ଦାସ, ଅଜୟ ଧଳ, ସନ୍ତୋଷ ଧଳ, ବିଶାଳ ଲଖାନୀ, ଚନ୍ଦ୍ରଭାନୁ ପଲାଇ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ହରିୟାଣା ଷ୍ଟିଲର୍ସ-ତାମିଲ ଥଲାଇଭାସ ମ୍ୟାଚ ଟାଇ

କୋଲକାତା, ୨୫।୧୨ (ପି.ଟି.): ଚଳିତ ଭିଭୋ ପ୍ରୋ-କବାଡ଼ି ଲିଗ୍ ସିଜନ ୬ରେ ମଙ୍ଗଳବାର ହରିୟାଣା ଷ୍ଟିଲର୍ସ ଏବଂ ତାମିଲ ଥଲାଇଭାସ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ୪୦-୪୦ ପଏଣ୍ଟ ଟାଇରେ ଶେଷ ହୋଇଛି। ପରାଜୟ ଏଡାଇବା ଲାଗି ହରିୟାଣା ଷ୍ଟିଲର୍ସ ଶେଷ ମୁହୂର୍ତ୍ତରେ ଦୁଇଟି ପଏଣ୍ଟ ସ୍କୋର କରିଥିଲା। ହରିୟାଣା ତରଫରୁ ମନୁ ଗୋୟତ ଚମତ୍କାର ପ୍ରଦର୍ଶନ କରି ୧୭ ପଏଣ୍ଟ ସ୍କୋର କରିଥିଲେ। ତାମିଲ ଥଲାଭାସର ଭଲ ଫର୍ମରେ ଥିବା ଅଜୟ ଠାକୁର ମଧ ୧୭ ପଏଣ୍ଟ ସ୍କୋର କରିଥିଲେ। ତାମିଲ ଥଲାଇଭାସ ଭଳି ହରିୟାଣା ଲିଗ୍‌ରେ ଏହାର ଅଭିଯାନ ଶେଷ କରିଥିଲା। ଉଭୟ ଦଳ ସେମାନଙ୍କ ଜୋନ୍‌ର ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଛନ୍ତି।


**DISTRICT EDUCATION OFFICE, MALKANGIRI**

**NOTIFICATION**

Applications are invited for engagement of Warden in Girl's Hostel of three Odisha Adarsha Vidyalayas i.e. 1. Kangrukonda of Kalimela Block, 2. Bapanpally of Podia Block & Chitrakonda of Korukonda Block. The application forms and guidelines are available in the district website **www.malkangiri.nic.in**.

**Sd./- District Education Officer**
**Malkangiri**

**OFFICE OF THE EXECUTIVE ENGINEER**
**RURAL WORKS DIVISION No-II, KEONJHAR**

**“e” Procurement Notice for Building Works**

**Identification No Online NCB - 05/2018-19**

1. Name of the Work : 01 No. Building Work
2. Total Number of Work : 01 No.
3. Estimated Cost : Rs. 15.47 Lakhs
4. Class of Contractor : “D” & “C”
5. Period of Completion : 4 (Four) Calendar Months
6. Other Details :

| Procurement Officer | Bid Identification No. | Availability of Tender on line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, R.W. Divn. No-II, Keonjhar | Building Works Online N.C.B 05 / 2018-19 | Dt.28.12.18 at 11.00AM | Dt.05.01.2019 upto 3.00PM | Dt. 07.01.2019 at 11.00AM |

Further details can be seen from the Website www.tenderorissa.gov.in

*Sd./- Executive Engineer*
*R.W. Divn. No-II, Keonjhar*

25093/11/0007/1819

1254-O

**DISTRICT PROJECT OFFICE**
**SAMAGRA SIKHYA, NABARANGPUR**

**No.: 5458/Pedagogy/18** **Date: 24.12.2018**

**TENDER CALL NOTICE FOR PRINTING & SUPPLY OF QUESTION-CUM-ANSWER SHEET AND STUDENT REPORT CARD 2018-19**

Sealed tenders under two bid system are invited in prescribed format from the registered offset printers having valid GST Registration/ VAT Clearance/PAN for printing and supply of Question-cum-Anser sheet including MLE Language & Student Report Card for the summative Assessment-II, 2018-19 of Nabarangpur district. Tender should be submitted in the envelope duly marked on the top **“TENDER FOR PRINTING AND SUPPLY OF QUESTION-CUM-ANSER SHEET & REPORT CARD”** in the Office of the District Project Coordinator, Samagra Sikhya, Nabarangpur during office hours by 5.00 P.M. of Dt.24.01.2019. The tender shall be opened at 11.00 A.M. on Dt.25.01.2019 in the Office of the District Project Coordinator, Samagra Sikhya, Nabarangpur in the presence of the bidders of their authorized representatives. The terms and conditions for printing of Question-cum-Answer sheet can be downloaded from the official website **http.//www.opepa.odisha.gov.in** and **http.//www.nabarangpur.nic.in**.

By the Order of Collector-cum-Chairman
**Sd./- District Project Coordinator**
**Samagra Sikhya, Nabarangpur**


# ନାଲ୍‌କୋ ଓପନ ଟେନିସ: ଭାର୍ଗବୀ, ଅଂଶୁ ଚାମ୍ପିୟନ

ଭୁବନେଶ୍ୱର,୨୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୨୦ତମ ଅଲ୍ ଓଡ଼ିଶା ନାଲକୋ ଓପନ୍ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ମହିଳା ସିଙ୍ଗଲ୍ସ ଇଭେଣ୍ଟ ଫାଇନାଲରେ ଭାର୍ଗବୀ କାଲାଗା ୬-୦, ୦-୬, ୬-୪ ସେଟ୍‌ରେ ଅମିକ କିରଣ ବଥଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଅଂଶୁ କୁମାର ଭୂୟାଁ ଟାଇଟଲ ହାସଲ କରିଛନ୍ତି। ଫାଇନାଲ ମ୍ୟାଚରେ କବୀର ହଂସ ରିଟାୟାର୍ଡ ହର୍ଟ ହୋଇ ଓହରିଯିବା ଫଳରେ ଅଂଶୁ ଚାମ୍ପିୟନ ଘୋଷିତ ହୋଇଥିଲେ। ଅବଶ୍ୟ କବୀର ସେତେବେଳକୁ ୬-୪ରେ ଅଗ୍ରଣୀ ରହିଥିଲେ। ୧୨ ବର୍ଷରୁ କମ୍ ବାଳକ ବିଭାଗରେ ଦେବାଶିଷ ସାହୁ ୬-୭, ୬-୪,୬-୨ ସେଟ୍‌ରେ ସମ୍ପ୍ରିତ୍ ଶର୍ମାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଫାଇନାଲ ପ୍ରତିଯୋଗିତାରେ ଅଭିଷେକ ମହାପାତ୍ର ୬-୧,୬-୪ ସେଟରେ ଆଶିଷ କୁମାର ପରିଡାଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ବାଳିକା ୧୪ ବର୍ଷରୁ କମ୍ ଫାଇନାଲରେ ଦୀକ୍ଷା ରାଉତ୍ ୬-୦,୬-୦ ସେଟ୍‌ରେ ଅର୍ଚ୍ଚିତା ସାହୁଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି।

ପୁରୁଷ ଡବଲ୍ସ ଫାଇନାଲରେ ଅଜୟ ନିଶଙ୍କ- କବୀର ହଂସ ୭-୬, ୩-୬, ୧୦-୪ ସେଟ୍‌ରେ ଅଂଶୁ କୁମାର ଭୂୟାଁ- ସାର୍ଥକ ପଟ୍ଟନାୟକଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଭେଟେରାନ ୪୦+ ଡବଲ୍ସ ଫାଇନାଲରେ ବିଜୟୀ ହୋଇ ବିବେକ ତିବରୱାଲ- ପ୍ରଶାନ୍ତ ପାତ୍ର ଚାମ୍ପିୟନ ହୋଇଛନ୍ତି। ସେହିପରି ଭେଟେରାନ ୫୦ + ଡବଲ୍ସ ଫାଇନାଲରେ ବିଜୟ ହାସଲ କରି ଜେ.ଏଚ୍. ଚୋଇ ଓ ସରୋଜ କୁମାର ଦାସ ମଜୁମଦାର ଟାଇଟଲ ହାସଲ କରିଛନ୍ତି। ଭେଟେରାନ ୬୦+ ବିଭାଗରେ ଜେ ଗନ୍ତା ଓ ପ୍ରମୋଦ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ (ବିଡିଟିଏ) ସଭାପତ ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ସଞ୍ଜୀବ ମାରିକ, ଯୁଗ୍ମ ସମ୍ପାଦକ ଆର. ବିଶ୍ୱନାଥ, କଳିଙ୍ଗ ଟେନିସ କ୍ଲବ ସମ୍ପାଦକ ସରୋଜ କୁମାର ଦାସ ମଜୁମଦାର ଓ ବିଡିଟିଏର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।




ଧରିତ୍ରୀ
DHARITRI
ବୁଧବାର, ୨୬ ଡିସେମ୍ବର, ୨୦୧୮



“ହନୁମା ବିହାରୀ ଯଦି ଓପନିଂରେ ବିଫଳ ହେଲେ ତାଙ୍କ ପାଇଁ ମିଡିଲ ଅର୍ଡରରେ ମଧ୍ୟ ସୁଯୋଗ ଅଛି ।
–ଏମ୍.ଏସ୍.କେ. ପ୍ରସାଦ, ମୁଖ୍ୟ ଚୟନକର୍ତ୍ତା



“ଅଷ୍ଟ୍ରେଲିଆ ବିପକ୍ଷରେ ଆମ ବୋଲରମାନେ ଭଲ କରୁଛନ୍ତି, କିନ୍ତୁ ବ୍ୟାଟ୍ସମ୍ୟାନମାନେ ଭଲ ସ୍କୋର ନ କଲେ ସେମାନେ ଚାପରେ ରହିବେ ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଚୟନବେଳେ ଜାଡେଜା ଅନ୍‌ଫିଟ୍ ନ ଥିଲେ: ପ୍ରସାଦ



**ମେଲବୋର୍ନ, ୨୫।୧୨(ପି.ଟି.):** ଭାରତୀୟ ଦଳର ଷ୍ଟାର୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଲାଗି ଚୟନ କରାଯିବାବେଳେ ଫିଟ୍‌ନେସ ରିପୋର୍ଟରେ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଘୋଷଣା କରାଯାଇଥିଲା। ଏହି ରିପୋର୍ଟ ଆଧାରରେ ହିଁ ଜାଡେଜାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା ବୋଲି ଚୟନ କମିଟିର ଅଧ୍ୟକ୍ଷ ଏମ୍‌ଏସ୍‌କେ ପ୍ରସାଦ ମଙ୍ଗଳବାର କହିଛନ୍ତି। କୌଣସି ସିଲେକ୍ସନ ବୈଠକ ପୂର୍ବରୁ ଚୟନକର୍ତ୍ତାଙ୍କୁ ସମସ୍ତ ଖେଳାଳିଙ୍କ ଫିଟ୍‌ନେସ ରିପୋର୍ଟ ପ୍ରଦାନ କରାଯାଇଥାଏ। ଏହି ରିପୋର୍ଟରେ ଜାଡେଜା ସମ୍ପୂର୍ଣ୍ଣ ଫିଟ୍ ଥିଲେ। ତେଣୁ ଆମେ ତାଙ୍କୁ ଅଷ୍ଟ୍ରେଲିଆ ସିରିଜ ପାଇଁ ଚୟନ କରିଥିଲୁ। ଚୟନ ପରେ ସେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲେ। ଯେଉଁଠାରେ ଏହି ସୌରାଷ୍ଟ୍ର ଅଲ୍‌ରାଉଣ୍ଡର ୬୦ ଓଭର ବୋଲିଂ କରିଛନ୍ତି। ତେଣୁ ଚୟନ ସମୟରେ (ଅଷ୍ଟ୍ରେଲିଆ ସିରିଜ) ସେ ଅନ୍‌ଫିଟ୍ ଥିବାର ପ୍ରଶ୍ନ ଉଠୁନାହିଁ ବୋଲି ପ୍ରସାଦ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଜାଡେଜାଙ୍କ କହୁଣିରେ ଆଘାତ ଲାଗିଛି। ଏହି କାରଣରୁ ସେ ପର୍ଥରେ ଖେଳାଯାଇଥିବା ୨ୟ ଟେଷ୍ଟ ଖେଳିପାରି ନ ଥିଲେ ବୋଲି ଭାରତୀୟ ଦଳର କୋଚ୍ ରବି ଶାସ୍ତ୍ରୀ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ସମସ୍ୟା ଜାଡେଜା ଭାରତରୁ ଆସିଲାବେଳେ ଥିଲା ବୋଲି ସେ କହିଥିଲେ। ଏହାକୁ ନେଇ ଜାଡେଜାଙ୍କ ଚୟନ ଉପରେ ବିଭିନ୍ନ ଆଡୁ ପ୍ରଶ୍ନ ଉଠିଥିଲା।

### ପୋଲକ୍‌ଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଷ୍ଟେଇନ୍

**ସେଞ୍ଚୁରିୟନ, ୨୫।୧୨:** ଘରୋଇ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ସ୍ଥାନୀୟ ସୁପର୍ ସ୍ପୋର୍ଟ ପାର୍କଠାରେ ଆରମ୍ଭ ହେବ। ଏହି ମ୍ୟାଚ୍ ଜରିଆରେ ଦକ୍ଷିଣ ଆଫ୍ରିକାର ଭେଟେରାନ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଏକ ମାଇଲଷ୍ଟୋନ ଅତିକ୍ରମ କରିବା ଲକ୍ଷ୍ୟରେ ରହିଛନ୍ତି। ୩୫ ବର୍ଷୀୟ ଷ୍ଟେଇନ ଟେଷ୍ଟ କ୍ରିକେଟରେ ବର୍ତ୍ତମାନ ସୁଦ୍ଧା ୮୮ ମ୍ୟାଚ୍‌ରୁ ୪୨୧ ଉଇକେଟ୍ ନେଇଛନ୍ତି। ଆଉ ଗୋଟିଏ ଉଇକେଟ୍ ଅକ୍ତିଆର କଲେ ସେ ଦକ୍ଷିଣ ଆଫ୍ରିକା କ୍ରିକେଟ ଇତିହାସରେ ସର୍ବକାଳୀନ ଶ୍ରେଷ୍ଠ ଟେଷ୍ଟ ବୋଲରର ମାନ୍ୟତା ଲାଭ କରିବେ। ପ୍ରାକ୍ତନ ଅଧିନାୟକ ସନ୍ ପୋଲକଙ୍କ (୪୨୧ ଉଇକେଟ) ସହ ଷ୍ଟେଇନ ବର୍ତ୍ତମାନ ଯୁଗ୍ମ ଭାବେ ଏହି ରେକର୍ଡର ଅଧିକାରୀ ରହିଛନ୍ତି। ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ଷ୍ଟେନ ଚଳିତ ବର୍ଷ ମାତ୍ର ୬ଟି ଟେଷ୍ଟ ମ୍ୟାଚ୍ ଖେଳିପାରିଛନ୍ତି। ପାକିସ୍ତାନ ପ୍ରଥମ ଟେଷ୍ଟ ଅବସରରେ ଷ୍ଟେଇନ ଏହି କୀର୍ତ୍ତିମାନ ଅର୍ଜନ କରିବାର ସମ୍ଭାବନା ରହିଛି।

## ■ ବକ୍ସିଂ ଡେ ଟେଷ୍ଟ ଆଜିଠାରୁ: ବିଜୟ, ରାହୁଲ ବାଦ୍

# ଇନିଂସ ଓପନ କରିବେ ମୟଙ୍କ, ବିହାରୀ

**ମେଲବୋର୍ନ, ୨୫।୧୨(ପି.ଟି.)**

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ ତଥା ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହେବ। ୪ ମ୍ୟାଚବିଶିଷ୍ଟ ଏହି ସିରିଜ ୧–୧ ସମାନ ସ୍ତରରେ ରହିଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଭାରତ ପର୍ଥରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବୃହତ୍ ୧୪୬ ରନରେ ପରାସ୍ତ ହୋଇଥିଲା। ସିରିଜ ବିଜୟ ହାସଲ କରିବାକୁ ହେଲେ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ ବୋଲି ଉଭୟ ଦଳ ହୃଦୟଙ୍ଗମ କରିଛନ୍ତି। ତେଣୁ ଭାରତ ମଧ୍ୟ ଏଥିରେ ହେଳା କରିବାକୁ ଚାହିଁବ ନାହିଁ। ଗୋଟିଏ ସପ୍ତାହର ବିଶ୍ରାମ ପରେ ଏହି ମ୍ୟାଚ୍ ଖେଳାଯିବ। ତେଣୁ ଉଭୟ ଦଳ ସେମାନଙ୍କ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଖରାପ୍ ଫର୍ମ ଦେଇ ଗତିକରୁଥିବା ଓପନର ଲୋକେଶ ରାହୁଲ ଓ ମୁରଲୀ ବିଜୟଙ୍କୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଦଳରୁ ବାଦ ଦେଇଛନ୍ତି। ଫଳରେ ମୟଙ୍କ ଅଗ୍ରୱାଲ ଓ ହନୁମା ବିହାରୀ ଇନିଂସ ଓପନ କରିବା ଆଶା କରାଯାଉଛି। ତେଣେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ରୋହିତ ଶର୍ମା ଫିଟ୍ ହୋଇଥିବାରୁ ଦଳରେ ସାମିଲ ହୋଇଛନ୍ତି। ରୋହିତ ଦଳରେ ଅତିରିକ୍ତ ବ୍ୟାଟ୍ସମ୍ୟାନର ଦାୟିତ୍ୱ ତୁଲାଇବେ। ଗୋଟିଏ ଦିନ ପୂର୍ବରୁ ଭାରତ ତା’ର ଦଳ ଘୋଷଣା କରିଛି।

ରାହୁଲ ୪ଟି ଇନିଂସରୁ ମାତ୍ର ୪୮ ରନ ସଂଗ୍ରହ କରିଛନ୍ତି। ସେଥିମଧ୍ୟରୁ ସେ ଆଡିଲେଡରେ ସର୍ବାଧିକ ୪୪ ରନ ସଂଗ୍ରହ କରିଥିଲେ। ଚଳିତ ବର୍ଷ ବିଦେଶରେ ସେ ୯ଯି ଟେଷ୍ଟ ଖେଳିଛନ୍ତି ଓ ତାଙ୍କର ହାରାହାରି ରନ୍ ସଂଗ୍ରହ ୨୦.୯୪କୁ ଅବନତି କରିଛି।



ନେଟ୍‌ସ ଅବସରରେ ଭାରତୀୟ ଦଳ।

ଏଥିରେ ସେ ଥରେ ମାତ୍ର ୫୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେହିପରି ବିଜୟ ମଧ୍ୟ ମାମୁଲି ପ୍ରଦର୍ଶନ କରିଛନ୍ତି। ଚଳିତ ସିରିଜରେ ୪ଟି ଇନିଂସରୁ ସେ ମାତ୍ର ୪୯ ରନ ସଂଗ୍ରହ କରିଛନ୍ତି। ସେଥିମଧ୍ୟରୁ ସେ ପର୍ଥରେ ସର୍ବାଧିକ ୨୦ ରନ ସଂଗ୍ରହ କରିଥିଲେ। ଚଳିତ ବର୍ଷ ସେ ୮ଟି ଟେଷ୍ଟ ଖେଳିଥିବା ବେଳେ ତାଙ୍କର ହାରାହାରି ରନ୍ ସଂଗ୍ରହ ହେଉଛି ୧୮.୮୦। ସେଥିମଧ୍ୟରୁ ସେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟରେ ଗୋଟିଏ ଶତକ ହାସଲ କରିଛନ୍ତି। ଚଳିତ ବର୍ଷ ବିଦେଶରେ ସେ ୭ଟି ଟେଷ୍ଟ ଖେଳିଛନ୍ତି ଓ ତାଙ୍କର ହାରାହାରି ରନ ସଂଗ୍ରହ ୧୨.୬୪କୁ ଅବନତି କରିଛି। ରାହୁଲ ଓ ବିଜୟଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିଥିବା ବେଳେ ସେମାନେ ଏହାର ଫାଇଦା ଉଠାଇ ପାରିନାହାନ୍ତି। ଅଷ୍ଟ୍ରେଲିଆ ମାଟିରେ ନୂଆ ବୋଲରଙ୍କୁ ସମ୍ମୁଖୀନ ହେବାରେ ଏମାନେ ସଫଳ ହୋଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି।

ମୁଖ୍ୟ ଚୟନକର୍ତ୍ତା ଏମ.ଏସ୍.କେ. ପ୍ରସାଦ ଏବେ ମେଲବୋର୍ନରେ ରହିଛନ୍ତି। ପୃଥ୍ୱୀ ଶ’ ଆହତ ଥିବାରୁ ବିହାରୀ ଇନିଂସ ଓପନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଘରୋଇ କ୍ରିକେଟରେ ଓ ଭାରତ ଏ ପାଇଁ ବିପୁଳ ରନ୍ ସଂଗ୍ରହ କରିଥିବା ଅଗ୍ରୱାଲଙ୍କୁ ଓପନିଂ କରିବାର ସୁଯୋଗ ଦେବା ଉପରେ ଟିମ୍ ମ୍ୟାନେଜମେଣ୍ଟ ଗୁରୁତ୍ୱ ଦେବ। ବିହାରୀ ଆନ୍ଧ୍ର ପାଇଁ ୩ ନମ୍ବରରେ ବ୍ୟାଟିଂ କରୁଥିଲେ। ତେବେ ସେ ଏହା ପୂର୍ବରୁ ହାଇଦ୍ରାବାଦ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ଇନିଂସ ଓପନ କରୁଥିଲେ। ଗତ ଦୁଇଟି ଟେଷ୍ଟରେ ମଧ୍ୟ ବିହାରୀ ଉଲ୍ଲେଖନୀୟ ପ୍ରଦର୍ଶନ କରି ଟିମ୍ ମ୍ୟାନେଜମେଣ୍ଟକୁ ପ୍ରଭାବିତ କରିଛନ୍ତି। ତେଣୁ ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ ଓ ଜୋଶ ହାଜେଲଉଡଙ୍କ ବିପକ୍ଷରେ ସେ ଇନିଂସ ଓପନ କରିବା ନିଶ୍ଚିତ ମନେହେଉଛି।

ଅଷ୍ଟ୍ରେଲିଆରେ ଏପର୍ଯ୍ୟନ୍ତ ଭାରତୀୟ ବ୍ୟାଟିଂରେ ଅସ୍ଥିରତା ପରିଲକ୍ଷିତ ହୋଇଛି। ଫଳରେ ରୋହିତଙ୍କୁ ସୁଯୋଗ ମିଳିବ ସେ ପୁଣି ଥରେ ନିଜର ପରାକାଷ୍ଠା ଦେଖାଇବାକୁ ସୁଯୋଗ ହାସଲ କରିବେ।

ପୂର୍ବରୁ ଅତୀତରେ ଭାରତ ଏଭଳି ଦଳରେ ଏକାଧିକ ପରିବର୍ତ୍ତନ କରିଛି। ୨୦୧୪ରେ ସିଡନୀରେ ଭାରତ ଚେତେଶ୍ୱର ପୂଜାରାଙ୍କୁ ଡ୍ରପ୍ କରିଥିଲା। ସେହିପରି ୨୦୧୫ରେ କଲମ୍ବୋ ଟେଷ୍ଟରେ ଭାରତ ଅଜିଙ୍କ୍ୟ ରାହାନେଙ୍କୁ ୩ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲା। ଏପରିକି ୨୦୧୬ରେ ସେଣ୍ଟ ଲୁସିଆ ଟେଷ୍ଟରେ ବିରାଟ କୋହଲି ୩ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ପାଇଥିଲେ, ଯାହା ଫଳରେ ରୋହିତଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା। ରୋହିତ ମଧ୍ୟ ଆଡିଲେଡ ଟେଷ୍ଟରେ ଦ୍ରୁତ ୩୭ରନର ଛୋଟିଆ ତଥା ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତେଣୁ ସେ ଏଥର ମଧ୍ୟ କିଛି କମାଲ କରିବା ଆଶା କରାଯାଉଛି।

ସେହିପରି ବୋଲିଂରେ ମଧ୍ୟ ଭାରତ କିଛି ପରିବର୍ତ୍ତନ କରିବା ଆଶା କରାଯାଉଛି।

■ **ଭାରତ ଏକାଦଶ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ହନୁମା ବିହାରୀ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ଯଶପ୍ରୀତ ବୁମରା ଓ ମହମ୍ମଦ ସାମି।

■ **ଅଷ୍ଟ୍ରେଲିଆ ଏକାଦଶ:** ଟିମ ପେନ (ଉଇକେଟ କିପର ଓ ଅଧିନାୟକ), ମାର୍କସ ହାରିସ, ଆରୋନ ଫିଞ୍ଚ, ଉସ୍‌ମାନ ଖ୍ୱାଜା, ଟ୍ରେଭିସ୍ ହେଡ, ଶନ୍ ମାର୍ସ, ମିଚେଲ ମାର୍ଶ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ ହାଜେଲଉଡ୍।

**ମ୍ୟାଚ୍ ଆରମ୍ଭ: ସକାଳ ୫ଟା**
**ସ୍ଥାନ: ମେଲବୋର୍ନ**
**ପ୍ରସାରଣ: ସୋନୀ ନେଟୱର୍କ**

ଦ୍ରୁତ ବୋଲର ଇଶାନ୍ତ ଶର୍ମା, ମହମ୍ମଦ ସାମି ଓ ଯଶପ୍ରୀତ ବୁମରାଙ୍କ ସହ ଭାରତ ଏକ ସ୍ପିନରଙ୍କୁ ଖେଳାଇବ। ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା କାନ୍ଧରେ ଦେଖାଦେଇଥିବା ଆଘାତ ସମସ୍ୟାରୁ ବହୁ ପରିମାଣରେ ମୁକ୍ତ ହୋଇ ସାରିଲେଣି। ତେଣୁ ସେ ଉମେଶ ଯାଦବଙ୍କ ସ୍ଥାନରେ ପଡିଆକୁ ଓହ୍ଲାଇବେ ବୋଲି ଆଶା କରାଯାଉଛି। ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ବାମ ତଳି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ ଓ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ନ ଥିବାରୁ ତୃତୀୟ ଟେଷ୍ଟରୁ ବାଦ ପଡିଛନ୍ତି।

ଅପରପକ୍ଷରେ ଅଷ୍ଟ୍ରେଲିଆ ମଧ୍ୟ ଦଳରେ ଗୋଟିଏ ପରିବର୍ତ୍ତନ କରିଛି। ଖରାପ ଫର୍ମ ଦେଇ ଗତିକରୁଥିବା ମିଡିଲଅର୍ଡର ବ୍ୟାଟ୍ସମ୍ୟାନ ପିଟର ହ୍ୟାଣ୍ଡସକମ୍ବଙ୍କୁ ବାଦ ଦେଇ ଅଲରାଉଣ୍ଡର ମିଚେଲ ଷ୍ଟାର୍କଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରିଛି। ମେଲବୋର୍ନର ପିଚ୍‌କୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ପରିବର୍ତ୍ତନ କରିଛି। ଗତ ବର୍ଷ ଡିସେମ୍ବରରେ ଏଠାରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ଡ୍ର ହୋଇଥିଲା।

ମେଲବୋର୍ନ ପିଚ୍‌ରେ କିଛି ଘାସ ରହିଛି। ଉଇକେଟରେ କିଛି ପରିମାଣରେ ଆଦ୍ରତା ମଧ୍ୟ ରହିଛି। ତେଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ତେବେ ଆଡିଲେଡ ଓ ପର୍ଥ ଭଳି ଏଠାରେ ଘାସରୁ ଫାଇଦା ମିଳିବ ନାହିଁ ବୋଲି ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର ଓ ଓପନର ମାର୍କସ ହାରିସ ନିଜ ଦଳର ଖେଳାଳିଙ୍କୁ ସତର୍କ କରାଇ ଦେଇଛନ୍ତି। ସୂର୍ଯ୍ୟ ତଳକୁ ଖସିଲେ ଅର୍ଥାତ ଦିନର ଅନ୍ତିମ ସେସନରେ ପିଚ୍ ଫ୍ଲାଟ ହେବ। ତେଣୁ ଅଷ୍ଟ୍ରେଲିଆ ବୋଲିଂ ବିଭାଗରେ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି।



ପଦକ ସହ ଓଡ଼ିଶା ସିନିୟର ଟେନିସବଲ୍ କ୍ରିକେଟ ଦଳ।

## ଜାତୀୟ ସିନିୟର ଟେନିସ ବଲ୍: ଓଡ଼ିଶା ରନର୍ସଅପ୍

**ଭୁବନେଶ୍ୱର, ୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ଅନୁଷ୍ଠିତ ଜାତୀୟ ସିନିୟର ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ରନର୍ସଅପ୍ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟ୍‌ରେ ଉତ୍ତର ପ୍ରଦେଶଠାରୁ ପରାସ୍ତ ହୋଇଛି। ଓଡ଼ିଶା ଦଳ ଏଥିସହ ଏହି ପ୍ରତିଯୋଗିତାରେ ୫ମଥର ଲାଗି ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି। ଏଥିପୂର୍ବରୁ ଓଡ଼ିଶା ସେମିଫାଇନାଲରେ ୫ ଉଇକେଟ୍‌ରେ ରାଜସ୍ଥାନକୁ ହରାଇଥିଲା। ଓଡ଼ିଶା ଅଧିନାୟକ ପ୍ରକାଶ ସାହୁ ସେମିଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଓଡ଼ିଶା ଟେନିସ ବଲ ଆସୋସିଏଶନର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ସଭାପତି ସୂରଯ ମିଶ୍ର, ସମ୍ପାଦକ ଶିଥିଳ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଶୋକ ଦାସ, ଯୁଗ୍ମ ସମ୍ପାଦକ ସୋମନାଥ ପରିଡ଼ା ଓ ସଞ୍ଜୟ ବିଶୋୟୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓଡ଼ିଶା ଦଳର ସମସ୍ତ ଖେଳାଳି, କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳକୁ ବୁଧବାର ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ ରହିଛି ବୋଲି ଆସୋସିଏଶନ ସମ୍ପାଦକ ଶିଥିଳ କୁମାର ପଣ୍ଡା କହିଛନ୍ତି।

## ଏସିଆନ କପ୍ ଖେଳିବେନି ମୁଇ

**ମେଲବୋର୍ନ, ୨୫।୧୨ (ଏଏଫ୍‌ପି):** ଆଣ୍ଠୁରେ ଆଘାତ ଯୋଗୁ ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳର ମିଡ୍‌ଫିଲ୍ଡର ଆରନ ମୁଇ ଏସିଆନ କପ୍ ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। ଚଳିତମାସ ପ୍ରାରମ୍ଭରେ ଆର୍ସେନାଲ ବିପକ୍ଷ ମ୍ୟାଚରେ ତାଙ୍କ ଡାହାଣ ଆଣ୍ଠୁ ଲିଗାମେଣ୍ଟରେ ସମସ୍ୟା ଦେଖା ଦେଇଛି। ତାଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆ ଦଳର ଟାଇଟଲ ଅଭିଯାନ କଷ୍ଟକର ହୋଇପଡ଼ିବ ବୋଲି ଦଳର କୋଚ୍ ଗ୍ରାହମ ଆର୍ନୋଲ୍ଡ ପ୍ରକାଶ କରିଛନ୍ତି। ଏସିଆନ କପ୍ ଆସନ୍ତା ଜାନୁୟାରୀ ୫ରୁ ଖେଳାଯିବ। ମୁଇଙ୍କୁ ଫିଟ୍ ହେବାଲାଗି ଅତି କମ୍‌ରେ ଏକମାସ ସମୟ ଲାଗିଯାଇପାରେ। ତାଙ୍କ ସ୍ଥାନରେ ଦଳରେ ଜେମ୍ସ ଜେଗୋଙ୍କୁ ଭର୍ତ୍ତି କରାଯାଇଛି। ଏହି ଖେଳାଳି ଅଷ୍ଟ୍ରିଆନ ବୁଣ୍ଡେସ୍‌ଲିଗାରେ ଏଫ୍‌କେ ଅଷ୍ଟ୍ରିଆ ୱିନ ତରଫରୁ ଖେଳିଆନ୍ତି। ଏସିଆନ କପ୍‌ରେ ଅଷ୍ଟ୍ରେଲିଆ ଗ୍ରୁପ୍ ବି’ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଜୋର୍ଡାନ, ସିରିଆ ଓ ପାଲେଷ୍ଟାଇନ ରହିଛନ୍ତି। ପ୍ରତିଯୋଗିତାରେ ଭାଗ ନେବାଲାଗି ଦଳ ଡିସେମ୍ବର ୨୮ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିବ।

## ବିଜୟ-ରାହୁଲଙ୍କ ଅଲୋଡ଼ା ରେକର୍ଡ





**ମେଲବୋର୍ନ, ୨୫।୧୨**

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ କ୍ରିକେଟ ଦଳର ଦୁଇ ଓପନିଂ ବ୍ୟାଟ୍ସମ୍ୟାନ ମୁରଲୀ ବିଜୟ ଓ ଲୋକେଶ ରାହୁଲଙ୍କ ନୈରାଶ୍ୟଜନକ ଫର୍ମ ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଏଥିଲାଗି ଉଭୟ ବିଜୟ ଓ ରାହୁଲଙ୍କୁ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ସିରିଜର ୩ୟ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଖରାପ ଓପନିଂ ଯୋଡ଼ି ରେକର୍ଡ ବିଜୟ-ରାହୁଲଙ୍କ ନାମରେ ଲିପିବଦ୍ଧ ହୋଇଛି। ଉଭୟ ୨୬ଟି ଇନିଂସରେ ଏକାଠି ବ୍ୟାଟିଂ ଆରମ୍ଭ କରି ୨୦.୮୮ ରନ ହାରରେ ୫୪୩ ରନ ସଂଗ୍ରହ କରିଛନ୍ତି। ଟେଷ୍ଟ କ୍ରିକେଟରେ ୨୫ କିମ୍ବା ତଦୂର୍ଦ୍ଧ୍ୱ ଇନିଂସରେ ଓପନିଂ କରିଥିବା କୌଣସି ଯୋଡ଼ି ପାଇଁ ଏହା ସର୍ବନିମ୍ନ ମୋଟ୍ ସ୍କୋର। ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜର ପ୍ରଥମ ୨ଟି ମ୍ୟାଚ୍‌ର ୪ଟି ଇନିଂସରେ ରାହୁଲ ଯଥାକ୍ରମେ ୨, ୪୪, ୨ ଓ ୦ ସ୍କୋର କରିଛନ୍ତି। ସେହିଭଳି ବିଜୟ ୧୧, ୧୮, ୦ ଓ ୨୦ ରନ ସହ ମୋଟ୍ ୪୯ ରନ ସଂଗ୍ରହ କରିଛନ୍ତି। ଭାରତ ଚଳିତ ବର୍ଷ ଓପନିଂ ଯୋଡ଼ିରେ ୫ ଜଣ ବ୍ୟାଟ୍ସମ୍ୟାନଙ୍କୁ ଖେଳାଯାଇ ସାରିଛି। ସେଥିରୁ ୩ଜଣ ବ୍ୟାଟ୍ସମ୍ୟାନଙ୍କ ଆଭରେଜ ୩୦ରୁ କମ୍ ରହିଛି।

## କ୍ରାଉନ୍ ସ୍ପୋର୍ଟିଂ ସେମିଫାଇନାଲରେ

**କାକଟପୁର, ୨୫।୧୨ (ଡି.ଏନ.ଏ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସ ଖେଳରେ କଟକର ଜୁଭେନାଇଲ ସ୍ପୋର୍ଟିଂକୁ ୧୩ ରନରେ ପରାସ୍ତ କରି ଭୁବନେଶ୍ୱରର କ୍ରାଉନ୍ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା କ୍ରାଉନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ବିନିମୟରେ ୨୧୩ ରନ କରିଥିଲା। ଦଳ ପକ୍ଷରୁ ଦୀପ୍ତି ମିଶ୍ର ୬୬ (୪୦ବଲ୍) ଓ ଦେବରାଜ କର ୪୬ ରନ କରିଥିଲେ। ଜୁଭେନାଇଲର ଦେବାଶିଷ ସାମନ୍ତରାୟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୨୧୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଜୁଭେନାଇଲ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୨୦୦ ରନ କରିପାରିଥିଲା। ଦଳର ଅଧିନାୟକ ରାମଚନ୍ଦ୍ର



ଅତିଥି ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।

ବେହେରା ସର୍ବାଧିକ ୯୦ରନ (୫୯ବଲ୍) ଏବଂ ସୁବ୍ରତ ସାମଲ ୨୭ ରନ କରିଥିଲେ। କ୍ରାଉନ୍ ସ୍ପୋର୍ଟିଂର ସୁଜିତ ସାହୁ ୩ଟି ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ କୁମାର ମିଶ୍ର ଓ ହିଜେନ୍ଦ୍ର ଘୋଷ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଦୀପ୍ତି ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଡାକ୍ତର ଆଶିଷ ମହାପାତ୍ର, ଶିକ୍ଷାବିତ୍ ଚିତ୍ତରଞ୍ଜନ ପରିଡ଼ା, ଶ୍ରୀଧର ନାୟକ ଓ ହିମାଂଶୁ ଦୀକ୍ଷିତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆୟୋଜକ ଏମ୍.ସି.ସି.ର ସଭ୍ୟ ଶିବ ଦୀକ୍ଷିତଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୁଧବାର ଖେଳ ଭୁବନେଶ୍ୱରର ଜାଗୃତି ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ହେବ।

## ଜମ୍ମୁ କଶ୍ମୀର ୬୩୪/୮ : ଓଡ଼ିଶା ୫୬

**ବଲାଙ୍ଗୀର ଅଫିସ, ୨୫।୧୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ସିକେ ନାଇଡୁ ଟ୍ରଫିର ଦ୍ୱିତୀୟ ଦିବସରେ ଜମ୍ମୁ କାଶ୍ମୀର ଦଳ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିଲା। ପ୍ରଥମ ଦିବସର ଅସମାପ୍ତ ଇନିଂସ ୩୪୫/୦ ରୁ ଦ୍ୱିତୀୟ ଦିନ ଖେଳ ଆରମ୍ଭ କରି ୮ଉଇକେଟ୍ ବିନିମୟରେ ଆଉ ୨୮୯ ରନ୍ ଯୋଗ କରି ଦଳ ୬୩୪ ରନ୍‌ରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଜାମ୍ମୁ କଶ୍ମୀରର ସଫଳ ବ୍ୟାଟ୍ସମ୍ୟାନ୍ ଭାବେ ସୂର୍ଯ୍ୟାଂଶୁ ରାଇନା ଦ୍ୱିଶତକ ଅର୍ଜନ କରିଥିଲେ। ସୂର୍ଯ୍ୟାଂଶୁ ସର୍ବାଧିକ ୨୨୮ ରନ୍‌ରେ ଆକର୍ଷଣୀୟ ଇନିଂସ ଖେଳିଥିଲେ । ଅନ୍ୟ ଦୁଇ ସଫଳ ବ୍ୟାଟ୍ସମ୍ୟାନ୍ ଅଭିଶାନ୍ତ ବକ୍ସି (୧୫୮ ରନ୍) ଓ ଶୁଭମ ସିଂ ପଣ୍ଡି (୧୦୪ ରନ୍) ଶତକୀୟ ପାଳି ଖେଳିଥିଲେ ।



ସୂର୍ଯ୍ୟାଂଶୁ ରାଇନା



ଅଭିଶାନ୍ତ ବକ୍ସି

ଘରୋଇ ଦଳ ତରଫରୁ ବୋଲର ଭାବେ ଅଂଶୁମାନ ମିଶ୍ର ସର୍ବାଧିକ ୩ଟି ଉଇକେଟ ନେଇଥିବାବେଳେ କାର୍ତ୍ତିକ ବିଶ୍ୱାଳ ୨ଟି, ଆୟୁଷ୍ମାନ ସାହୁ ଓ ସୁନୀଲ କୁମାର ଓ ଆଶିଷ ରାୟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ଦଳ ବ୍ୟାଟିଂ ଆରମ୍ଭ କରି ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୫୬ ରନ୍ କରିଛି । ଓଡ଼ିଶା ଦଳ ତରଫରୁ ଓପନର ସନ୍ଦୀପ୍ ପଟ୍ଟନାୟକ ୩୯ ରନ୍ ଓ ଅମ୍ରିତ ଖଟୁଆ ୧୬ ରନ୍ କରି ଅପରାଜିତ ଅଛନ୍ତି। ରବିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଓ ସମ୍ମାନିତ ଅତିଥି ଭାବେ କ୍ରୀଡା ସଂଗଠକ ତଥା ପୂର୍ବତନ ଖେଳାଳି ବିଜୟ ବଂଶଲ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି ପ୍ରହ୍ଲାଦ ଶତପଥୀ, ସମ୍ପାଦକ ହରିନାରାୟଣ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ସିକେ ନାଇଡୁ ଟ୍ରଫି**
■ ସୂର୍ଯ୍ୟାଂଶୁ ରାଇନାଙ୍କ ଦ୍ୱିଶତକ
■ ଅଭିଶାନ୍ତ ବକ୍ସି, ଶୁଭମ ସିଂ ପଣ୍ଡିଙ୍କ ଶତକ

## ସଂକ୍ଷେପରେ

### ୨ ବଖରା ଜଳିଗଲା

**କୁଜଙ୍ଗ,୨୫।୧୨(ସ୍ୱ.ପ୍ର.):** ଅଭୟଚାନ୍ଦପୁର ଥାନା ନୂଆଗାଁ ପଞ୍ଚାୟତ ମଠସାହିପଡ଼ାରେ ସୋମବାର ରାତି ସାଢେ ୮ଟାରେ ହଡ଼ା ଭୂୟାଁଙ୍କ ୨ ବଖରା ଘର ପୋଡ଼ିଯାଇଛି। ଏଥିରେ ଘରେ ଥିବା ସମସ୍ତ ଜିନିଷ, ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। କୁଜଙ୍ଗ ଦମକଳ ଗାଡ଼ି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସରପଞ୍ଚ ବିଦ୍ୟାଧର ମଲ୍ଲିକ ଦାବି କରିଛନ୍ତି।

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପାଠଚକ୍ର



**ନାଉଗାଁ,୨୫।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ମୁଣ୍ଡାଳସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀମା ଅରବିନ୍ଦଙ୍କ ଦିବ୍ୟ ବାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଆଧାତ୍ମିକ ମାତୃ ପତାକା ଉତ୍ତୋଳନ କରାଯଇଥିଲା। ଛାତ୍ରୀଛାତ୍ର ମାତୃ ବନ୍ଦନା ଗାନ କରିଥିଲେ। ପରେ ଦିବ୍ୟଧାରା ପୁସ୍ତକରୁ 'ଶିକ୍ଷା କଣ ଓ କାହିଁକି' ଉପରେ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ନାଉଗାଁ ବ୍ଲକ ଶ୍ରୀଅରବିନ୍ଦ ପାଠଚକ୍ରର ସଙ୍ଗଠନ ସମ୍ପାଦକ ଅଭୟ କୁମାର ସ୍ୱାଇଁ, ଅନି ଅପା, ଜ୍ୟୋତି ଭାଇ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଦୋଷ କୁମାର ମହାନ୍ତି, ଅଜୟ କୁମାର ବେହେରା, ହେମନ୍ତ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

### ବିଶ୍ୱ ସନାତନ ଯୁବ ସେବାସଂଘ ରୌପ୍ୟ ଜୟନ୍ତୀ

**ନାଉଗାଁ,୨୫।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକର ଆଧାତ୍ମିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ସନାତନ ଯୁବ ସେବାସଂଘର ରୌପ୍ୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ତିହୁଡ଼ାସ୍ଥିତ ମା ଜାଗୁଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୋଠଦା ମଠାଧୀଶ ତଥା ଓଡିଶା ସାଧୁ ସନ୍ଥ ସମାଜ ସଭାପତି ମହନ୍ତ ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲେ। ଏଥିରେ ବାବା ଦୀନବନ୍ଧୁ ଦାସ ମହାରାଜ ମୁଖ୍ୟଅତିଥି, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ମୁଖ୍ୟବକ୍ତା, ଦୟାନିଧି ଦାସ ମହାରାଜ, ଆଡଭୋକେଟ ରବିନାରାୟଣ ପାତ୍ର, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଜଟାଧାରୀ ମହାନ୍ତି, ପୂଜ୍ୟ ଆଚାର୍ଯ୍ୟ ବ୍ରହ୍ମଚାରି ଅରୁଣ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଆଧାତ୍ମିକତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର୧୫୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ନେଇ ବ୍ୟକ୍ତିତ୍ୱ ବିକାଶ ଶିବିର ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ବାବା ଦୀନବନ୍ଧୁ ଦାସ ଶ୍ରୀମଦ ଭାଗବତ ପ୍ରବଚନ ଦେଉଥିଲେ। କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମହାନ୍ତି, ଉପସଭାପତି ହରେକୃଷ୍ଣ ମହାନ୍ତି, ସମ୍ପାଦକ ତ୍ରିଲୋଚନ ପାଢ଼ୀ, ସହ ସମ୍ପାଦକ ହିମାଂଶୁ ମହାନ୍ତି, ସାଂସ୍କୃତିକ ସମ୍ପାଦକ ସୁକାନ୍ତ କୁମାର ଲେଙ୍କା, ସଙ୍ଗଠନ ସମ୍ପାଦକ ମନୋଜ କୁମାର ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

## ଏସ୍‌ଆଇଙ୍କ ପାଇଁ ଅବକାରୀ ବିଭାଗର ଅଜବ ନିୟମ

# ଗୋଟିଏ ଜିଲାରେ କାଟିଲେଣି ୨୧ ବର୍ଷ

**ଯାଜପୁର-ଜଗତ୍‌ସିଂହପୁର ମଧ୍ୟରେ ବଦଳି ସୀମିତ**

**ବାତିଲ ହୋଇଛି ୨ ଥର ବଦଳି ନିର୍ଦ୍ଦେଶ**

**ଜଗତ୍‌ସିଂହପୁର ଅଫିସ,୨୫।୧୨**

ରାଜ୍ୟରେ ଅବକାରୀ ବିଭାଗ କିପରି ଚାଲିଛି ତାହା ଜଣେ ଏସ୍‌ଆଇଙ୍କ ବଦଳି ପ୍ରସଙ୍ଗକୁ ତର୍ଜମା କଲେ ସହଜରେ ଜାଣି ହେବ। ସମ୍ପୃକ୍ତ କର୍ମଚାରୀଙ୍କ ୩୫ ବର୍ଷ ଚାକିରି କାଳ ମଧ୍ୟରୁ ଅର୍ଦ୍ଧାଧିକ ସମୟ ଅର୍ଥାତ୍ ପାଖାପାଖି ୨୧ ବର୍ଷ ଜଗତ୍‌ସିଂହପୁର ଜିଲାରେ କଟିଲାଣି। ସମ୍ପୃକ୍ତ ଏସ୍‌ଆଇ ହେଲେ ରଞ୍ଜିତ କୁମାର ମହାନ୍ତି। ମହାନ୍ତି କନ୍‌ଷ୍ଟେବଲରୁ ଏସ୍‌ଆଇକୁ ପଦୋନ୍ନତି ପାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେ କନ୍‌ଷ୍ଟେବଲ ଚାକିରି କରିଥିବାବେଳେ ନିଲମ୍ବିତ ହୋଇଥିଲେ। ଏହି ସମୟରେ ତାଙ୍କୁ ଜଗତ୍‌ସିଂହପୁରରୁ ଯାଜପୁର ଜିଲାକୁ ବଦଳି କରାଯାଇଥିଲା। ମାତ୍ର ଦେଢ ବର୍ଷ ପରେ ସେ ଜଗତ୍‌ସିଂହପୁର ଫେରି ଆସିଥିଲେ, ତାହା ପୁଣି ଅବକାରୀ ବିଭାଗ କମିଶନରଙ୍କ ନିର୍ଦ୍ଦେଶପ୍ରକାରେ। କେବଳ ଏତିକି ନୁହେଁ, ୨ ଥର ବଦଳି ନିର୍ଦ୍ଦେଶ ଆସିଥିଲେ ସୁଦ୍ଧା ତାହା ବାତିଲ ହେବା ବିଭାଗରେ ତାଙ୍କ ପତିଆରାକୁ ପ୍ରମାଣିତ କରିଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ମହାନ୍ତି ୧୧।୧୧।୧୯୮୩ରେ ଅବକାରୀ ବିଭାଗରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମଙ୍ଗଳବାର ସୁଦ୍ଧା ସେ ଅବକାରୀ କନ୍‌ଷ୍ଟେବଲ ଭାବେ ୨୬ ବର୍ଷ ୮ ମାସ ୧ ଦିନ, ଏଏସ୍‌ଆଇ ଭାବେ ୩ ବର୍ଷ ୬ ମାସ ୧୭ ଦିନ ଓ ଏସ୍‌ଆଇ ଭାବେ ୪ ବର୍ଷ ୧୦ ମାସ ୨୬ ଦିନ କାମ କରିଛନ୍ତି। ଏହା ଭିତରେ ତାଙ୍କୁ ୯ ଥର ବଦଳି କରାଯାଇଛି। କିନ୍ତୁ ଏହି ବଦଳି ଜଗତ୍‌ସିଂହପୁର ଓ ଯାଜପୁର ଜିଲା ଭିତରେ ସୀମିତ। ୧।୮।୧୯୯୪ରେ ତାଙ୍କୁ କଟକରୁ ଜଗତ୍‌ସିଂହପୁର ବଦଳି କରାଯାଇଥିଲା। ପରେ ଅର୍ଥାତ୍ ୧୮।୯।୨୦୦୬ରେ ଜଗତ୍‌ସିଂହପୁରରୁ ଯାଜପୁର, ୯।୬।୨୦୦୮ରେ ଯାଜପୁରରୁ ଜଗତ୍‌ସିଂହପୁର, ୨୯।୧।୧୪ ଜଗତ୍‌ସିଂହପୁରରୁ ଯାଜପୁର, ୨୨।୬।୨୦୧୫ରେ ଯାଜପୁରରୁ ଜଗତ୍‌ସିଂହପୁର ବଦଳି କରାଯାଇଥିଲା। ବର୍ତ୍ତମାନ ସେ ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟରତ। ୧୬।୫।୧୯୯୭ରେ ମହାନ୍ତି କନ୍‌ଷ୍ଟେବଲ ଥିବା ବେଳେ ନିଲମ୍ବିତ ହୋଇଥିଲେ। ସେତେବେଳେ ତାଙ୍କୁ ଜଗତ୍‌ସିଂହପୁରରୁ ଯାଜପୁର ବଦଳି କରାଯାଇଥିଲା। ଯାଜପୁରରେ ମାତ୍ର ଦେଢ ବର୍ଷ ରହି ପୁଣି ଜଗତ୍‌ସିଂହପୁର ଫେରି ଆସିବାକୁ ସକ୍ଷମ ହୋଇଥିଲେ। ୧୨।୬।୧୭ରେ ଅବକାରୀ କମିଶନରଙ୍କ ନିର୍ଦ୍ଦେଶପ୍ରକାରେ ତାଙ୍କୁ ଜଗତ୍‌ସିଂହପୁରରୁ କଟକ ବଦଳି କରାଯାଇଥିଲା। କିନ୍ତୁ ଏହା ଥିଲା ପ୍ରହସନ। ତାଙ୍କୁ ରିଲିଭ୍ କରାଯିବା ପରିବର୍ତ୍ତେ ୬।୧୨।୧୭ରେ ବଦଳି ନିର୍ଦ୍ଦେଶ ବାତିଲ କରି ଦିଆଯାଇଥିଲା। ସେହିପରି ଜଗତ୍‌ସିଂହପୁରରୁ କେନ୍ଦୁଝର ବଦଳି ଆଦେଶକୁ ମଧ୍ୟ ଅନୁରୂପ ଢଙ୍ଗରେ ପ୍ରତ୍ୟାହାର କରି ନିଆଯାଇଥିଲା। ଯେହେତୁ ବଦଳି ନିର୍ଦ୍ଦେଶ ବିଭାଗୀୟ କମିଶନର ଦେଉଥିଲେ, ତେଣୁ ମହାନ୍ତିଙ୍କ ହାତ ବହୁ ଲମ୍ବା ବୋଲି ଚର୍ଚ୍ଚା ହେଉଛି। ଏବେ ସେ ଜଗତ୍‌ସିଂହପୁର ଜିଲାରେ ଚୋରା ମଦ କାରବାରକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଥିଲେ ସୁଦ୍ଧା ବିଭାଗ ଚୁପ ରହିଛି। ଏ ସମ୍ପର୍କରେ ମହାନ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡାଙ୍କୁ ପଚାରିବାରେ ସେ କହିଲେ ଯେ ମୁଁ ଏଠାକୁ ନୂଆ ଆସିଛି। ସେ ଏଠାରେ କେତେଦିନ ରହିଲେଣି ତାହା ମୁଁ ଜାଣିନାହିଁ। ଏନେଇ ଅନୁଧ୍ୟାନ କରାଯିବ।




## ଜ୍ଞାନ ବିକାଶରେ ସହଶୈକ୍ଷିକ କାର୍ଯ୍ୟକ୍ରମ

**କୁଜଙ୍ଗ,୨୫।୧୨(ସ୍ୱ.ପ୍ର.)**

ପଙ୍କପାଳସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନବିକାଶ ସ୍କୁଲରେ ପବିତ୍ର ଖ୍ରୀଷ୍ଟମାସ ଅବସରରେ ବିଭିନ୍ନ ପ୍ରକାର ସହଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ଡ. ଅଭୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସବିତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଛଦ୍ମବେଶ ପ୍ରତିଯୋଗିତା, ଫ୍ୟାଶନ ଶୋ ଓ ବିନା ଅଗ୍ନିରେ ଖାଦ୍ୟ ପ୍ରସ୍ତୁତି ପ୍ରଣାଳି ପ୍ରଦର୍ଶନ କରିଥିଲେ। ଶିକ୍ଷୟତ୍ରୀ ଲିଲିମା ମହାପାତ୍ର, ପଙ୍କଜ ଦାଶଙ୍କ ସହ ଅଭିଭାବିକା ଆଶା ଦେବୀ, ମଧୁସ୍ମିତା ବିଶ୍ୱାଳ, ମୋନାଲିସା କଣ୍ଡ, ସାଗରିକା ସାହୁ, ସମୀତା କଣ୍ଡ, ସ୍ମିତାରେଖା ଶତପଥୀ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ଗୀତାଞ୍ଜଳି ଦାସ, ସ୍ୱର୍ଣ୍ଣଲତା ଦାଶ, ଦେବସ୍ମିତା ଦାଶ, କୃଷ୍ଣଚନ୍ଦ୍ର ଦାସ, ବିକାଶ ରଞ୍ଜନ ସେନାପତି, ନିହାର ବିଶ୍ୱାଳ, ସରୋଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ବିରିଡ଼ି ବଜାର

# ପୋଲିସ ସହାୟକ କେନ୍ଦ୍ର, ଫାଣ୍ଡି ପ୍ରତିଷ୍ଠା ଦାବି

**ବିରିଡ଼ି,୨୫।୧୨(ଡି.ଏନ.ଏ.)**

ବିରିଡ଼ି ହାଟବଜାରରେ ଦିନକୁ ଦିନ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ବ୍ଲକ ଅଫିସ, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମନ୍ୱିତ ଶିଶୁ ବିଭାଗ କାର୍ଯ୍ୟାଳୟ, କୂଳକଇଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ରହିଛି। ତେଣୁ ପ୍ରତ୍ୟେହ ବହୁ ଲୋକ ଏଠାକୁ ଯିବା ଆସିବା କରୁଥିବାବେଳେ ସମ୍ପୃକ୍ତ ଅସାମାଜିକ ଲୋକମାନେ ସେମାନଙ୍କୁ ହଇରାଣ କରୁଛନ୍ତି। ୫ ବର୍ଷ ତଳେ ମଧ୍ୟ ଏଭଳି ଘଟଣା ଘଟୁଥିଲା। ସାଧାରଣ ଲୋକଙ୍କଠାରୁ ଅସାମାଜିକମାନେ ଅର୍ଥ ଆଦାୟ କରିବା ସହ ଗାଳିଗୁଲଜ କରୁଥିଲେ। ଏହାକୁ ଦୃଷ୍ଟିର ରଖି ଏକ ପୋଲିସ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା। କିନ୍ତୁ ପୋଲିସ କର୍ମଚାରୀଙ୍କୁ ବିରିଡ଼ି ଥାନା କର୍ତ୍ତୃପକ୍ଷ ପ୍ରତ୍ୟାହାର କରିନେବା ପରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ପୋଲିସ ସହାୟକ କେନ୍ଦ୍ର ପୁନର୍ବାର ଚାଲୁ କରିବାକୁ ସ୍ଥାନୀୟ ଲୋକେ ବହୁବାର ଦାବି କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବଜାର କମିଟି ପକ୍ଷରୁ ସମ୍ପାଦକ ବେଣୁଧର ବାରିକ ଓ ସଭାପତି ଅରୁଣ ପ୍ରସାଦ ସାହୁ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ଆଇଆଇସି ରଞ୍ଜିତ ମହାନ୍ତି କହିଛନ୍ତି ଯେ, ଷ୍ଟାଫ ଟ୍ରେନିଂରେ ଥିବାରୁ ପୋଲିସ ସହାୟକ କେନ୍ଦ୍ର ବନ୍ଦ କରାଯାଇଛି।

### ବିଜୁ ଯୁବ ବାହିନୀର କ୍ରିକେଟ ଟୁର୍ନାମେଣ୍ଟ

**ପାରାଦୀପ,୨୫।୧୨(ସ୍ୱ.ପ୍ର.)**

ଗୋପବନ୍ଧୁ ଷ୍ଟାଡିୟମଠାରେ ବିଜୁ ଯୁବବାହିନୀ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହା ୩ ଦିନ ଧରି ଚାଲିବ। ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, କ୍ରୀଡ଼ା ସଂସଦ ସମ୍ପାଦକ ରବି ଦାସ, ଫୁଟ୍‌ବଲ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ଉପାଧ୍ୟକ୍ଷା ପ୍ରଭାତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ବାହିନୀର ପ୍ରମୁଖ ସଦସ୍ୟ ଆଲୋକ ମହାପାତ୍ର, ଆଶିଷ ମହାପାତ୍ର ପରିଚାଳନା କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରୁଛନ୍ତି।

## କାଳୀ ଦାସ ମନ୍ଦିରରେ କନ୍ୟାରତ୍ନ ସମ୍ମାନ ଉତ୍ସବ

**ମହାକାଳପଡ଼ା, ୨୫।୧୨ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ କାଳୀ ଦାସ ମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବବକରପୁରସ୍ଥିତ ପୁଣ୍ୟ ଉତ୍କଳ କନ୍ୟାରତ୍ନ ପରିଷଦ କେନ୍ଦ୍ରାପଡ଼ା ପକ୍ଷରୁ କନ୍ୟାରତ୍ନ ସମ୍ମାନ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଉତ୍ସବରେ ବିଶିଷ୍ଟ କବି ତଥା ପୂଣ୍ୟ ଉତ୍କଳ ଅଧକ୍ଷ ମନୋରଞ୍ଜନ ମହାପାତ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ରତ୍ନପୂର୍ଣ୍ଣା ମହାନ୍ତିଙ୍କୁ କନ୍ୟାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କବି ତଥା ପୂର୍ବତଟ ରେଳ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରାକାର ଦାସ, ବିଶିଷ୍ଟ ସାମାଜିକ କର୍ମୀ ପ୍ରୀତିଛନ୍ଦା ଧଳ, ମଧୁଲିତା ପରିଡ଼ା, ଅବନ୍ତି ବେହେରା, ନଳିନୀପ୍ରଭା ଚୌଧୁରୀ, ବିଶିଷ୍ଟ ନାଟ୍ୟକାର ହରପ୍ରିୟା ଓଝା, ସାମାଜିକ କର୍ମୀ ଅମୀୟ ନାୟକ ଓ ଅଧାପକ ତଥା କାଳୀ ଦାସ ଫାଉଣ୍ଡେଶନ ସମ୍ପାଦକ ବୀରବର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାରାଦୀପ ମହୋତ୍ସବ ଆରମ୍ଭ




ପାରାଦୀପ ମହୋତ୍ସବରେ ଉପସ୍ଥିତ ଅତିଥି।

**ପାରାଦୀପ,୨୫।୧୨(ସ୍ୱ.ପ୍ର.)**

ପାରାଦୀପ ବଡ଼ପଡିଆସ୍ଥିତ ଜୟଦେବ ସଦନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୪ ତମ ଜୟନ୍ତୀ ଉତ୍ସବ ତଥା ପାରାଦୀପ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନ ଉତ୍ସବରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ବନ୍ଦର ଯନ୍ତ୍ରୀ କେ.ରାମଚନ୍ଦ୍ର ରାଓ ଓ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ଆଦର୍ଶ ଜୀବନ ଓ କାର୍ଯ୍ୟ ଦକ୍ଷତା ସମ୍ପର୍କରେ କହିଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାଜପେୟୀଙ୍କ ସମ୍ପର୍କରେ ଆଲୋଚନା, କବିତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତ କରାଯାଇଥିଲା। ଉତ୍ସବକୁ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଗତବର୍ଷଠାରୁ ପାରାଦୀପ ମହୋତ୍ସବ ଭାବେ ପାଳନ କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅଧକ୍ଷ ଅଜିତ କୁମାର ଦାସ ଓ ଉପଦେଷ୍ଟା ନିର୍ମଳ ସ୍ୱାଇଁ କାର୍ଯ୍ୟକ୍ରମ ସଞ୍ଚାଳନ କରୁଛନ୍ତି।




## ଚୋରଙ୍କ ଟାର୍ଗେଟରେ ପୁରାତନ ମନ୍ଦିର

# ଓଳାଭରର କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ରାଜକନିକା, ୨୫।୧୨ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଛି। ଦୁର୍ବୃତ୍ତମାନେ ବିଶେଷ କରି ଦେବଦେବୀଙ୍କ ମନ୍ଦିରକୁ ଟାର୍ଗେଟ କରୁଛନ୍ତି। ଗତ ୬ମାସ ମଧ୍ୟରେ ବ୍ଲକ ଅଞ୍ଚଳସ୍ଥିତ ଏକାଧିକ ମନ୍ଦିରରୁ ଚୋରି ହୋଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଓଳାଭରସ୍ଥିତ ୨ଶହ ବର୍ଷର ପୁରାତନ କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ଚାନ୍ଦି ଅଳଙ୍କାର ଚୋରି ହୋଇଛି। ଏ ନେଇ ମଙ୍ଗଳବାର ଜଣାପଡିବା ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଙ୍ଗଳବାର ସକାଳୁ ପୂଜକ ରଞ୍ଜନ କୁମାର ପଣ୍ଡା ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ମନ୍ଦିର ଶଟର କାଟି ମା'ଙ୍କ ଦେହରୁ ସୁନା ଲକେଟ୍, ଚାନ୍ଦି ପାଉଜି, ସୁନା ହାର ଆଦି ଲକ୍ଷାଧିକ ଅଳଙ୍କାର ଲୁଟି ନେଇଥିବା ଦେଖିଥିଲେ। ମନ୍ଦିର ପାର୍ଶ୍ୱରେ ଗ୍ରାମବାସୀ ରୁଣ୍ଡ ହେବା ସହ ଖବରପାଇ ପୋଲିସ, କେନ୍ଦ୍ରାପଡ଼ା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ଥାନାରେ ୨୪୬/୧୮ ନଂ.ରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣାକୁ ନେଇ ମଙ୍ଗଳବାର ମା'ଙ୍କ ମନ୍ଦିରରେ ନୀତି ବନ୍ଦ ରହିଥିବା ଜଣାପଡିଛି।

ସୂଚନାଥାଉ କି, କିଛିଦିନ ପୂର୍ବେ ବ୍ଲକ ଅଧୀନ ଗିରିଆର ରାଧାକାନ୍ତଜୀଉ ମନ୍ଦିର, ଠାକୁରାଣୀପାଳ ସିଦ୍ଧେଶ୍ୱରୀ ମନ୍ଦିର, ଚରପଡା ଶିବ ମନ୍ଦିର ଓ ଦାମୋଦରପୁର ତାରିଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର, ମନ୍ଦିର ସାମଗ୍ରୀ ସମେତ ମୂର୍ତ୍ତି ଚୋରି ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ପୋଲିସ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ଅସମର୍ଥ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମନ୍ଦିରରୁ ବାରମ୍ବାର ଚୋରି ଘଟଣା ଶ୍ରଦ୍ଧାଳୁଙ୍କ ମନରେ କୁଠାରାଘାତ କରିଛି।



ଓଳାଭରସ୍ଥିତ କାଳୀ ମନ୍ଦିର।

୩୯
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଜୟନ୍ତୀ

**ଚଣ୍ଡିଖୋଲ, ୨୫।୧୨ (ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକାସ୍ଥିତ ବିରୂପାକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଭାଜପା ଜିଲା ଉପସଭାପତି ପାଣ୍ଡବ ଚରଣ ଧଳ ଅଧକ୍ଷତା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦିକା ପ୍ରତିଭା ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶାସନ ସମୟରେ ବାଜପେୟୀଙ୍କ ଅବଦାନ ଭାରତବାସୀ ମନେ ରଖିବେ ବୋଲି ମତ ଦେଇଥିଲେ। ଅଟଳ ସ୍ମୃତି କମିଟି ଆବାହକ ଶରତ କୁମାର ରାଉତ ଯୋଗଦେଇ ଜୀବନ ବ୍ୟାପୀ ତ୍ୟାଗ ପାଇଁ ଏ ଦେଶ ଅଟଳଜୀଙ୍କୁ ପୂଜା କରିବ ବୋଲି କହିଥିଲେ। ସୁଧୀର କୁମାର ରାଉତ, ଗଣେଶ୍ୱର ମହାନ୍ତି, ଶିଶିର କୁମାର ବଳ, ପୂର୍ବତନ ବ୍ଲକ୍ ଭାଜପା ସଭାପତି ନୀଳମଣି ବଳ, ନୃସିଂହ ଚରଣ ଭଞ୍ଜ, ପରିକ୍ଷିତ ପଣ୍ଡା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନାଦର୍ଶ ସମ୍ପର୍କରେ କହିଥିଲେ।

### ଅଶୋକ ଦାସ ସ୍ମାରକୀ ପ୍ରତିଯୋଗିତା

**ଯାଜପୁର ଅଫିସ, ୨୫।୧୨:** ଉଦୟବଟର ପରାମର୍ଶଦାତା ତଥା କୋରେଇର ପୂର୍ବତନ ବିଧାୟକ ଅଶୋକ ଦାସଙ୍କ ୧୦ମ ବାର୍ଷିକ ତିରୋଧାନ ଦିବସ ମଙ୍ଗଳବାର ଦୁର୍ଲଭ କାଳା ପରିଷଦ ମଣ୍ଡପରେ ପାଳିତ ହୋଇଯାଇଛି। ଏହି ଅବସରରେ ନୃତ୍ୟ, ଗୀତ, ଅଭିନୟ, ଚିତ୍ରାଙ୍କନ ଏବଂ ଅଶୋକ ଦାସଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ତଥା ଯାଜପୁର ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ମୁଖ୍ୟ ଅତିଥି, ସାମ୍ବାଦିକ ଚିନ୍ତାମଣି ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ବିଧାୟକ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଅକ୍ଷୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ୨୯ ତାରିଖରେ ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

### ସତ୍ୟ ଚେତନା ବିକାଶ ସଂଘର ପ୍ରତିଷ୍ଠା ଦିବସ

**ଜେନାପୁର, ୨୫।୧୨ (ଡି.ଏନ୍.ଏ.):** ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁର ତଳଗଡଠାରେ ଆମ ଆଶ୍ରମ ସତ୍ୟ ଚେତନା ବିକାଶ ସଂଘର ଦ୍ୱାଦଶ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୮୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମଳ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ମନୋଜ କୁମାର ଧୀରଙ୍କ ସଭାପତିତ୍ୱରେ ବିଚିତ୍ରା ନନ୍ଦ ନାୟକ, ବିକାଶ ଚନ୍ଦ୍ର ସାହୁ, ରମାକାନ୍ତ ଦାସ, ବ୍ରଜ କିଶୋର ମହାରଣା ପ୍ରଭୃତିଙ୍କ ସହ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜକାନ୍ତ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଓ ସମାଜିକ କର୍ମୀ ଯୋଗ ଦେଇଥିଲେ।

# 'କଳା, ସଂସ୍କୃତି ଜୀବନର ପ୍ରବହମାନ ଧାରା'

## ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ

**ଧର୍ମଶାଳା, ୨୫।୧୨ (ଡି.ଏନ୍.ଏ.)**

ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକାସ୍ଥିତ ମହୋତ୍ସବ ପଡ଼ିଆଠାରେ ୧୪ତମ ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ରୀତା ତରାଇ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଧର୍ମଶାଳା ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ବୌଦ୍ଧ କିର୍ତ୍ତୀରାଜ ପାଇଁ ଭାରତ ବର୍ଷରେ ଧର୍ମଶାଳା ଅଞ୍ଚଳ ସ୍ୱତନ୍ତ୍ରସ୍ଥାନ ଅଧିକାର କରିଛି। କଳା ଓ ସଂସ୍କୃତି ଜୀବନର ଏକ ପ୍ରବାହମାନ ଧାରା। ମହୋତ୍ସବ ଆୟୋଜନ ଦ୍ୱାରା ଏହି ଧାରା ଅଧିକ ଗତିଶୀଳ ହୋଇଥାଏ ବୋଲି ଏମ୍‌ପି ରୀତା ତରାଇ କହିଛନ୍ତି। ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳା କଳା ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ବହୁ ଆଗରେ ଥିବା ବେଳେ ଏହି ମହୋତ୍ସବ ରାଜ୍ୟର ଏକ ପ୍ରମୁଖ ମହୋତ୍ସବ ଭାବେ ପ୍ରତିଷ୍ଠାଲାଭ କରିଛି ବୋଲି ମତପ୍ରକାଶ କରିଥିଲେ। ଅତିଥି ଭାବେ ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ ଯୋଗଦେଇଥିଲେ। କମିଟି ସଭାପତି ଜଳଧର ମହାନ୍ତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବ୍ୟସାଚୀ ସୁନ୍ଦରରାୟ ଅତିଥି ପରିଚୟ ପ୍ରଦାନ, ଉପ ସଭାପତି ଇନ୍ଦ୍ରମଣି ନାୟକ ସ୍ୱାଗତ ଭାଷଣ, ସତ୍ୟପ୍ରିୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ ଓ ସୁଦିପ୍ତ ସ୍ୱାଇଁ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କମିଟିର ସହସମ୍ପାଦକ ଆନନ୍ଦ କୁମାର ନାୟକ ଓ ସଦସ୍ୟ କ୍ଷୀରୋଦ ମୁଦୁଲି ପ୍ରମୁଖ ମଞ୍ଚ ପରିଚାଳନାରେ ସହାୟତା କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ସୃତିପ୍ରଜ୍ଞା ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ୍ ଚାନ୍ଦବାଲି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# କଳାପଥର ଖାଦାନରେ ପଥର ପଡ଼ି ଶ୍ରମିକ ଗୁରୁତର

**ଧର୍ମଶାଳା, ୨୫।୧୨ (ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ବେଆଇନ ଆରୁହା କଳାପଥର ଖାଦାନରେ ମଙ୍ଗଳବାର ପଥର ଖନନ ବେଳେ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମର ପିଣ୍ଟୁ ସେଠୀ(୨୧)। ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ପିଣ୍ଟୁ ଆରୁହା କଳାପଥର ଖାଦାନରେ କାମ କରୁଥିଲେ। ଏହି ସମୟରେ ଏକ ପଥର ଖଣ୍ଡ ତାଙ୍କ ଆଖିରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ବେଆଇନଭାବେ ଖନନ କରୁଥିବା ଆରୁହା ଗ୍ରାମର ଶରତ ଜେନା ପିଣ୍ଟୁଙ୍କୁ ଜାରକାସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ କଟକସ୍ଥିତ ଏକ ଘରୋଇ ନର୍ସିଂହୋମକୁ ପଠାଯାଇଥିବା ଜଣାପଡିଛି। ଜିଲାରେ ବେଆଇନ ଭାବେ ବହୁ କଳାପଥର ଖାଦାନ ଚାଲୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

# ମଣ୍ଡିରେ ଧାନ କଟନୀକୁ ନେଇ ଅସନ୍ତୋଷ


ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରୁଛନ୍ତି।

**କାଳିଆପାଣି, ୨୫।୧୨ (ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅଧୀନସ୍ଥ ଦୁଧୁଯୋଡ଼ୀ ସମବାୟ ସମିତି ଧାନ ମଣ୍ଡିରେ ମିଲରମାନେ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କ୍ରୟ କରିବା ସହ ଓଜନରେ ତିନି କେଜି ଧାନ କାଟୁଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାଇ ଧାନର ମୂଲ୍ୟ ୧୭୭୦ ଟଙ୍କା ରହିଥିବାବେଳେ ୧୭୫୦ ଟଙ୍କାରେ ଧାନର ମୂଲ୍ୟ ପ୍ରଦାନ କରାଯାଇଛି। ଏଥିସହ କୁଇଣ୍ଟାଲ ପିଛା ୩ କିଲୋ କାଟରେ ମିଲରମାନେ ଧାନ କ୍ରୟ କରିବାକୁ ନେଇ କେତେଜଣ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ସମବାୟ ସଭାପତି ଅଜୟ କୁମାର ବାରିକ ଧାନ ମଣ୍ଡିର ଉଦ୍‌ଘାଟନ କରିଥିଲେ। ମଣ୍ଡିରେ କୁହିକା ବନ୍ଧଗାଁ, ପିମ୍ପୁଡିଆ, ଦୁଧୁଯୋଡ଼ୀ, ଲେମ୍ବୋ ଗ୍ରାମ ପଞ୍ଚାୟତର ୧୪ ଜଣଚାଷୀ ଧାନ ବିକ୍ରୀ କରିଥିବା ଜଣାପଡ଼ିଛି। ସମିତିରେ ପୂର୍ବରୁ ୨୭୭ ଜଣ ପଞ୍ଜୀକୃତ ଚାଷୀରହିଥିବାବେଳେ ଚଳିତ ବର୍ଷ ୩୮ ଜଣ ନୂତନ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ତେବେ ସମବାୟ ସମିତିରେ ୬ ହଜର କୁଇଣ୍ଟାଲ ଧାନ ଚାଷୀ ବିକ୍ରି କରିପାରିବେ ବୋଲି ସମ୍ପାଦକ ବଳରାମ ଦାସ କହିଛନ୍ତି।

# ଦୁର୍ନୀତି ଅଭିଯୋଗ ଆଣିଲେ ବ୍ଲକ ଅଧକ୍ଷା

**କୋରେଇ, ୨୫।୧୨ (ସ୍ୱ.ପ୍ର.)**

ତିତ୍‌ଲି ପ୍ରଭାବରେ କୋରେଇ ବ୍ଲକରେ କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳ ପକ୍ଷରୁ ଏଫ୍‌ଡିଆର୍ ପ୍ରୋଜେକ୍ଟ ନାଁରେ ଅର୍ଥ ଚଳୁ କରିବା ପାଇଁ ଯୋଜନା କରାଯାଉଥିବା ବ୍ଲକ ଅଧକ୍ଷା ମାଳତୀ ଟୁଡୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅଭିଯୋଗ କରିଛନ୍ତି। ତିତ୍‌ଲି ପ୍ରଭାବରେ ବରୀ ଭଳି ବନ୍ୟା ପ୍ରପୀଡ଼ିତ ବ୍ଲକରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ବରୀ ବିଡିଓ ରାଜ୍ୟ ସରକାରଙ୍କୁ ଲିଖିତଭାବେ ଜଣାଇଥିଲେ। କୋରେଇ ଅଞ୍ଚଳରେ ମଧ୍ୟ କୌଣସି କ୍ଷତି ହୋଇ ନ ଥିବା ବେଳେ କେବଳ ଶାସକ ଦଳ ଲୋକଙ୍କୁ ଠିକାଦାରି ଦେବା ପାଇଁ ଏଫ୍‌ଡିଆର୍ ଫଣ୍ଡ ଦାବି କରୁଛି। ବ୍ଲକ ଅଧକ୍ଷାଙ୍କୁ ମଧ୍ୟ ଅନ୍ଧାରରେ ରଖାଯାଇଥିବା କୁହାଯାଇଛି। ଏପରିକି କୋରେଇ ବିଡିଓ ଶାସକ ଦଳ ପ୍ରରୋଚନାରେ ଏଭଳି କରିଥିବା ଅଧକ୍ଷା ଟୁଡୁ ଅଭିଯୋଗ କରିଛନ୍ତି। ତିତ୍‌ଲିରେ କୋରେଇ ବ୍ଲକ୍‌ର କୌଣସି ରାସ୍ତା ନଷ୍ଟ ହୋଇ ନ ଥିବା ବେଳେ କିପରି ଭାବେ ତାଲିକା ପ୍ରସ୍ତୁତ କରାଗଲା, ତାହାର ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। କୋରେଇ ବିଡିଓ ହେମନ୍ତ କୁମାର ବିହାରୀଙ୍କୁ ପଚାରିବାରେ, ସେ ଅଭିଯୋଗକୁ ଖଣ୍ଡନ କରିବା ସହ ତିତ୍‌ଲିରେ କୋରେଇ ବ୍ଲକ୍‌ର ବହୁ ରାସ୍ତାଘାଟ ଭାଙ୍ଗିଥିବା ସହ ସାଧାରଣ ଲୋକଙ୍କ ଘର ମଧ୍ୟ ଭାଙ୍ଗିଛି। ଭାଙ୍ଗିଯାଇଥିବା କଲଭର୍ଟ ମରାମତି ଓ ନିର୍ମାଣର ଆବଶ୍ୟକତା ରହିଛି। ଏଫ୍‌ଡିଆର୍ ପ୍ରକଳ୍ପ ମାଧ୍ୟମରେ ଦିଆଯାଇଥିବା ଟଙ୍କା ବିପନ୍ନଙ୍କ ପାଇଁ ନିଅଣ୍ଟ ହୋଇଛି। ଆହୁରି ଟଙ୍କା ମଞ୍ଜୁର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ୧୮ ବର୍ଷର ସ୍ମୃତି ସାଉଁଟିଲେ ଛାତ୍ରୀଛାତ୍ର

**ଛତିଆ, ୨୫।୧୨ (ଡି.ଏନ.ଏ.)**

ଛତିଆ ହାଇସ୍କୁଲରେ ୨୦୦୦ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ଦୀପକ୍ ସାହୁ ଅଧକ୍ଷତା କରିଥିଲେ। ପୂର୍ବତନ ଶିକ୍ଷକ ଜଗନ୍ନାଥ ନାୟକ ମୁଖ୍ୟ ଅତିଥି, ମୋ ସ୍କୁଲ ଅଭିଯାନର ଅଧକ୍ଷ ପ୍ରହ୍ଲାଦ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁନି କୁନି ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆଜି କଳାଦିବସ ପାଳିବ କଂଗ୍ରେସ

**ବିରଜାକ୍ଷେତ୍ର, ୨୫।୧୨ (ଡି.ଏନ୍.ଏ)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତି, ଦୁର୍ନୀତି ଓ ଭ୍ରଷ୍ଟାଚାର ନୀତି ବିରୋଧରେ ବୁଧବାର ପୂର୍ବାହ୍ନ ୧୧ଟାରେ ଯାଜପୁର ବ୍ଲକ ସମ୍ମୁଖରେ କଂଗ୍ରେସ ତରଫରୁ କଳାବ୍ୟାଜ୍ ପରିଧାନପୂର୍ବକ କଳାଦିବସ ପାଳନ କରାଯିବ। ବିଜେଡ଼ି ସରକାରଙ୍କ ବିଭିନ୍ନ ଯୋଜନାରେ ହରିଲୁଟ୍ ଓ ଅର୍ଥ ବାଟମାରଣ ବିରୋଧରେ ଆମ ଗାଁ ଓ ଆମ ବିକାଶ ତଥା ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତି ପ୍ରବଞ୍ଚନା ବିରୋଧ ସହ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବାଙ୍କୁ ସର୍ବନିମ୍ନ ଟ.୧୦୦୦/- ଭତ୍ତା ପ୍ରଦାନ, କୃଷିଋଣ ଛାଡ଼, ଚାଷୀଙ୍କୁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଓ ତୁରନ୍ତ ଧାନମଣ୍ଡି ଖୋଲିବା, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତ କିମ୍ବା ଆତ୍ମନିଯୁକ୍ତ ସୁଯୋଗ ଦେବା ନଚେତ୍ ବେକାରୀ ଭତ୍ତା ପ୍ରଦାନ, ମହିଳାଙ୍କୁ ସୁରକ୍ଷା ତଥା ମଦକୁ ନିୟନ୍ତ୍ରଣ କରାଯିବା ଓ ସମସ୍ତ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିବା ଆଦି ଦାବି ନେଇ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ। ଏଥିରେ ଯାଜପୁର ଏବଂ ଦଶରଥପୁର ବ୍ଲକର କଂଗ୍ରେସ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ଶ୍ରମିକ କଂଗ୍ରେସ, କୃଷକ କଂଗ୍ରେସର ସମସ୍ତ କର୍ମକର୍ତ୍ତା ଓ କର୍ମୀଙ୍କୁ ବହୁସଂଖ୍ୟାରେ ସାମିଲ ହେବାପାଇଁ ଯାଜପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ଅନୁରୋଧ ଜଣାଇଛନ୍ତି।

# ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ପ୍ରସ୍ତୁତି

**ଯାଜପୁରରୋଡ, ୨୫।୧୨ (ନି.ପ୍ର.)**

କେନ୍ଦ୍ରୀୟ ଶ୍ରମ ସଂଗଠନଗୁଡ଼ିକ ପକ୍ଷରୁ ଆସନ୍ତା ଜାନୁୟାରୀ ୮ ଓ ୯ ତାରିଖରେ ହେବାକୁ ଥିବା ସର୍ବ ଭାରତୀୟ ଧର୍ମଘଟକୁ ଯାଜପୁର ଜିଲାରେ ସଫଳ କରିବା ନିମନ୍ତେ ସୋମବାର ସ୍ଥାନୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଏନଟିୟୁସି ଜିଲା ସଭାପତି ବିଦ୍ୟାଧର ମହାନ୍ତି ଅଧକ୍ଷତା କରିଥିଲେ। ଶ୍ରମିକଙ୍କୁ ସର୍ବନିମ୍ନ ମାସିକ ୧୮୦୦୦ ଟଙ୍କା ପ୍ରଦାନ, ଠିକାଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରି ପରିଚୟପତ୍ର ପ୍ରଦାନ, ଅସଂଗଠିତ ଶ୍ରମିକଙ୍କୁ ପରିଚୟପତ୍ର ଦେବା, ଟ୍ରେଡ୍ ୟୁନିୟନକୁ ୪୫ଦିନ ମଧ୍ୟରେ ପଞ୍ଜୀକରଣ କରିବା ଓ ଶ୍ରମ ଆଇନକୁ କଡ଼ାକଡ଼ିଭାବେ ଲାଗୁ କରିବା ଦାବିରେ ୨୬ ତାରିଖ ସ୍ଥାନୀୟ ବ୍ୟାସଦେବ ଟାଉନ୍‌ହଲଠାରେ ଏକ କନଭେନ୍‌ଶନ ଆୟୋଜିତ ଆଇଏନ୍‌ଟିୟୁସିର ଜିଲା ସମ୍ପାଦକ ନୃସିଂହ ଚରଣ ପହି, ପ୍ରଫୁଲ୍ଲ ନାୟକ, ସୁରେଶ ପ୍ରଧାନ, ପରମାନନ୍ଦ ସେଠୀ, ନିରଞ୍ଜନ ପରିଡ଼ା, ଭଗବାନ ଦାସ ପ୍ରମୁଖ ଯୋଗଦେଇଥିଲେ।

# ୧୦ମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାର ତୃତୀୟ ସନ୍ଧ୍ୟା


ପୁସ୍ତକମେଳାରେ ମଞ୍ଚାସୀନ ଅତିଥି।

**ବିରଜାକ୍ଷେତ୍ର, ୨୫।୧୨ (ଡି.ଏନ୍.ଏ)**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳାର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ପୁସ୍ତକମେଳା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଆଚାର୍ଯ୍ୟ ଯୋଗଦେଇ ପୁସ୍ତକ ବିନା ମନୁଷ୍ୟର ଜ୍ଞାନର ବିକାଶ ସମ୍ଭବ ନୁହେଁ। ପୁସ୍ତକର ବିଳୟ ନାହିଁ। ପୁସ୍ତକ ଚିର ଯୌବନା। ପୁସ୍ତକକୁ ଯେତେ ପଢ଼ିଲେ ମଧ୍ୟ ତାହା ଜିଜ୍ଞାସାକୁ ତୃପ୍ତ କରିପାରେ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ବରିଷ୍ଠ ସଦସ୍ୟ ତଥା ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ପୁସ୍ତକମେଳା ଆଜି ଏକ ବୌଦ୍ଧିକ ଓ ଆଧ୍ୟାତ୍ମିକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ପଣ୍ଡିତ ଅଦ୍ୱୈତ ପ୍ରସାଦ ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ଶିଳାଲେଖ ଯାଜପୁରର ସିଦ୍ଧେଶ୍ୱର ମନ୍ଦିରରେ ୧୪୦୦ ଖ୍ରୀଷ୍ଟାବ୍ଦରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଆବିଷ୍କୃତ ହୋଇଛି ଯାହା ଓଡ଼ିଆ ଭାଷାର ବିକାଶ ଦିଗରେ ଅନନ୍ୟ ଭୂମି ଗ୍ରହଣ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ପୁସ୍ତକର ମୂଳ ଉତ୍ସବ ପୋଥିକୁ ଆମେ ଅସୁରକ୍ଷିତ ଭାବରେ ରଖିଛୁ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଧର୍ମଶାଳା ମହାବିଦ୍ୟାଳୟର ଅଧକ୍ଷା ଇନ୍ଦୁପ୍ରଭା ସାମଲ ଯୋଗଦେଇ ଦୀର୍ଘ ୧୦ବର୍ଷ ଧରି ଏହି ପୁସ୍ତକମେଳା ଏକ ଅଭିଯାନ ପାଲଟିଛି ବୋଲି କହିବା ସହ ପୁସ୍ତକ ଜୀବନର ମାର୍ଗ ଦର୍ଶକ ହୋଇ ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରେମର ବାର୍ତ୍ତା ବହନ କରେ ବୋଲି ପ୍ରକାଶ କରିଥିଲେ। ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅନୁବାଦ ପୁସ୍ତକ 'ଓଁ ପ୍ରଣବ ରହସ୍ୟ'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଅପରାହ୍ନ ଅଧିବେଶନରେ ଚିତ୍ରାଙ୍କନ ପ୍ରତିଯୋଗୀତାକୁ ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ ପ୍ରତିଯୋଗିତା ସହିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

MCL | ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି। ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟଗୁଡ଼ିକୁ ଦେଖନ୍ତୁ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2018_MCL_123804_1 | Supply of Neutral grounding Resistor. | 700920.00 |
| 2 | 2018_MCL_123963_1 | Strengthening of Bituminous road at Budhijam Colony under Orient Sub-Area | 7453626.00 |
| 3 | 2018_MCL_123996_1 | Supply of water to village Bahala Sahi under Hingula Area (Package-19). | 567798.00 |
| 4 | 2018_MCL_124010_1 | Supply of water to village Tilepasi and Khajuria under Hingula Area (Package-10). | 681358.00 |
| 5 | 2018_MCL_124021_1 | Supply of water to Kushachara Sahi, Jamunali village near R and R site under Hingula Area (Package-26). | 652178.00 |
| 6 | 2018_MCL_124032_1 | Supply of water to village Ambapal, Badamahitaila and Sanamahitaila under Hingula Area (Package-23). | 908477.00 |
| 7 | 2018_MCL_124039_1 | Supply of water to village Bhalugadia under Hingula Area (Package-11). | 465846.00 |
| 8 | 2018_MCL_124046_1 | Supply of water to village Joragadia, Tangarasahi, Hadisahi under Hingula Area (Package-08). | 794918.00 |
| 9 | 2018_MCL_124017_1 | SPARES FOR BE1000 BEML HYDRAULIC EXCAVATOR. | 321380.00 |
| 10 | 2018_MCL_124058_1 | Supply of water to village Banabaspur and Baghabaspur under Hingula Area (Package-15). | 931300.00 |
| 11 | 2018_MCL_124068_1 | Supply of water to village Kandhaberini, Baleswarsahi under Hingula Area (Package-07). | 794918.00 |
| 12 | 2018_MCL_124160_1 | PROCUREMENT OF OTR TYRE AND TUBE FOR ACE RHINO CRANE | 44366.00 |
| 13 | 2018_MCL_124238_1 | PROCUREMENT OF ELECTRICAL ITEMS FOR LT POWER SUPPLY | 463690.00 |
| 14 | 2018_MCL_124102_1 | Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area. | 612417.00 |
| 15 | 2018_MCL_124106_1 | Laying old cement concrete interlocking paver blocks at G.M. Colony under Jagannath Area. | 881107.00 |
| 16 | 2018_MCL_124198_1 | Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years | 2870251.00 |
| 17 | 2018_MCL_124258_1 | PROCUREMENT OF 110V 120AH MAINTENANCE FREE BATTERY | 352000.00 |
| 18 | 2018_MCL_124203_1 | Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area | 2029252.00 |
| 19 | 2018_MCL_124319_1 | PROCUREMENT OF DIFFERENT SIZE MS FLANGES FOR PIPE LINE | 537077.00 |
| 20 | 2018_MCL_124330_1 | PROCUREMENT OF SUPPLY AND INSTALLATION OF VIBRATING SCREEN | 625400.00 |
| 21 | 2018_MCL_124212_1 | Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP. | 633150.00 |
| 22 | 2018_MCL_124292_1 | Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area | 116172711.00 |
| 23 | 2018_MCL_124338_1 | Making of maintenance Transit store near Jarada Substation at KOCP of Kaniha Area MCL | 413677.00 |
| 24 | 2018_MCL_124365_1 | PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT. | 87372.00 |
| 25 | 2018_MCL_124371_1 | Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km | 1094619.00 |
| 26 | 2018_MCL_124096_1 | Procurement of Resuscitating / Reviving apparatus with all accessories and tool kit (DGMS Approved) and Testing Kit (Tester) compatible with above mentioned Resuscitating / Reviving apparatus | 3766027.00 |
| 27 | 2018_MCL_124306_1 | Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 12 Hrs. Duty and Average run of 120 KM Per Day) for Orient Area, MCL, for Two years (706 days) | 2285322.00 |
| 28 | 2018_MCL_124327_1 | Repair and maintenance of 1B type quarters (51units) under Talcher Colliery. | 4601101.00 |
| 29 | 2018_MCL_124373_1 | Procurement of computerized automatic speed indicator cum recorder(CASICR) and automatic contrivance (Electronics version) for 02 Nos. of winder | 1276760.00 |
| 30 | 2018_MCL_124376_1 | Supply of Xerox paper A-4 Size. | 417200.00 |
| 31 | 2018_MCL_124385_1 | Repairing of road from GM Office Orient Area main Gate to MRS Colony Gate (1st re-tender). | 580256.00 |
| 32 | 2018_MCL_124379_1 | Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km | 707916.00 |
| 33 | 2018_MCL_124129_1 | Cutting of grass in and around Nehru Shatabdi Central Hospital, CH Area, Talcher (for a period of two years) | 868395.00 |
| 34 | 2018_MCL_124138_1 | Washing and painting of C type quarters (37 Units) at NSCH Colony CH Area Talcher | 1499579.00 |
| 35 | 2018_MCL_124316_1 | Repair and renovation of drains, septic tanks, inspection chambers soak pits in backside area of A and B Type blocks (A/1 to A/23 and B/1 to B/13) at Anand Vihar, MCL HQ. | 21207359.00 |
| 36 | 2018_MCL_124567_1 | Supplying and Installation of Materials, Commissioning and Stamping of 100 T Road In-motion Weigh bridges 1 and 2 at Kaniha OCP | 1330000.00 |
| 37 | 2018_MCL_124555_1 | Spraying of water on both siding no. VII and VIII of Bharatpur Project for a period of two years. | 4755282.00 |
| 38 | 2018_MCL_123769_1 | Engine Assembly Model BS6D170-1 Part No 51Z0000022, applicable for BEML BD355 Dozer | 9011264.00 |
| 39 | 2018_MCL_124698_1 | Procurement of White Dolomite Powder and White Washing Lime. | 356360.00 |
| 40 | 2018_MCL_124620_1 | Hiring of One (01) No. Explosive van (06 Te or Higher Metal Body Truck of TATA / EICHER / ASHOK LEYLAND or equivalent) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km | 1423334.00 |
| 41 | 2018_MCL_124681_1 | Operation and maintenance of Water supply system in Jarada Village at Kaniha OCP of Kaniha Area for a period of One Year | 2261312.00 |
| 42 | 2018_MCL_124690_1 | Erection of 6.6 kV overhead line for operation / marching of dragline coming from Bharatpur Area to Ananta OCP of Jagannath Area | 966967.00 |
| 43 | 2018_MCL_124723_1 | Construction of 22 Nos. of Isolation stopping at WP-VF(B) panel at Nandira Colliery Re Tender | 2063821.00 |
| 44 | 2018_MCL_124601_1 | Procurement Oxygen Booster Pump | 6631110.00 |
| 45 | 2018_MCL_124754_1 | Fixing of tiles and associated civil works including general maintenance at C type and D type quarters of Nandira Colony, Nandira Colliery. | 5503763.00 |

ଏମସିଏଲ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4872
ଆମର ଆୟ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୬/୨୦୧୮ Bhubaneswar, Wednesday, December 26 / 2018

■ ଜେଏସ୍‌ଡବ୍ଲ୍ୟୁର ପ୍ରସ୍ତାବିତ ସ୍ଲରି ପାଇପ ଲାଇନ୍

# ପ୍ରଭାବିତ ହେବ ବହୁ ଜଙ୍ଗଲ, ଚାଷ ଜମି

■ ୩୦ଟି ଗ୍ରାମ ରାସ୍ତା ଅତିକ୍ରମଣ କରିବ
■ କ୍ଷତି ଆଶଙ୍କାରେ ଚିନ୍ତାରେ ଚାଷୀ
■ ଆବଶ୍ୟକ ହେବ ଦୈନିକ ୧୦ହଜାରରୁ ଉର୍ଦ୍ଧ୍ୱ କ୍ୟୁବିକ ମିଟର ପାଣି

**ଯାଜପୁର ଅଫିସ,୨୫।୧୨**

କେନ୍ଦୁଝର ଜିଲା ଯୋଡ଼ାରୁ ଯାଜପୁର ଜିଲାକୁ କୋରେଇ ବ୍ଲକ ରଗଡ଼ି କିଆପଦା ଦେଇ ଜେଏସ୍‌ଡବ୍ଲ୍ୟୁର ସ୍ଲରୀ ପାଇପଲାଇନ ପ୍ରବେଶ କରିବ। ଏହା ପଙ୍କପାଳ ଦେଇ ୫୩ନମ୍ବର ଜାତୀୟ ରାଜପଥରେ ସୁଙ୍ଗୁଡ଼ା-ଚଣ୍ଡିଖୋଲ ଭଳି ୩୦ଟି ଗ୍ରାମରାସ୍ତା ଅତିକ୍ରମଣ କରି ପାରାଦୀପକୁ ଯିବ। ଏହି ମର୍ମରେ ଗ୍ରାମ୍ୟ ନିର୍ମାଣ ବିଭାଗ ଜାରକା ଡିଭିଜନ-୨ ପକ୍ଷରୁ ରାସ୍ତା ଅତିକ୍ରମଣକୁ ନେଇ ସବିଶେଷ ତାଲିକା ପ୍ରସ୍ତୁତ ହୋଇଛି। ତେବେ ଏହା ଦ୍ୱାରା ବହୁ ଜଙ୍ଗଲ ଓ ଚାଷଜମି ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଚାଷୀ ମହଲରେ ଚିନ୍ତା ପ୍ରକାଶ ପାଇଛି।

ଯୋଡ଼ା ଖଣି ଅଞ୍ଚଳରୁ ଯାଜପୁର ଜିଲା ଦେଇ ପାରାଦୀପକୁ ଜେଏସ୍‌ଡବ୍ଲ୍ୟୁର ବାର୍ଷିକ ୩୦ମେଟ୍ରିକଟନ ଦୁଇଅଂଶ ଯୁକ୍ତ(ଡବଲ) ସ୍ଲରି ପାଇପଲାଇନ ପ୍ରକଳ୍ପକୁ ରାଜ୍ୟ ଶିଳ୍ପ ବିଭାଗ ଅନୁମୋଦନ କରିଛି। ଏଥିରେ ୮୦୦ ଏମ୍‌ଏମ୍ ଓ ୬୦୦ଏମ୍‌ଏମ୍ କ୍ଷମତା ବିଶିଷ୍ଟ ଦୁଇ ସ୍ଲରି ପାଇପ ଯୋଗେ ଲୁହାପଥର ପରିବହନ ହେବ। ଏଥିରେ ଦୈନିକ ଗ୍ୟାଲେନ ଗ୍ୟାଲେନ ବୈତରଣୀ ନଦୀ ଜଳ ବ୍ୟବହାର କରାଯିବ। ପୂର୍ବରୁ ଯୋଡ଼ାରୁ ପାରାଦୀପକୁ ଏସାର ଷ୍ଟିଲ୍‌ର ସ୍ଲରି ପାଇପଲାଇନ କାର୍ଯ୍ୟ ଚାଲିଥିବାବେଳେ କଳିଙ୍ଗନଗରକୁ ବିଆର୍‌ପିଏଲ୍‌ର ସ୍ଲରି ପାଇପଲାଇନ ଯୋଗେ ଲୁହାପଥର ପରିବହନ ଜାରି ରହିଛି। ପ୍ରାୟ ୩୫୦କି.ମି. ପାଇପ ବିଛାଇ ଲୁହାପଥର ପରିବହନ କରିବାକୁ ପ୍ରସ୍ତାବ ରହିଛି। ଯୋଡା ଖଣି ଅଞ୍ଚରୁ ଏନ୍‌ଏଚ୍-୨୦ ଦେଇ ରେଭେନ୍ସାପୁର, ଚମ୍ପୁଆ ବ୍ଲକର ପରସଲା, ଝୁମ୍ପୁରା ବ୍ଲକର ସୁସୁଆ, ଘଟଗାଁ ବ୍ଲକର କାଶିବେଡ଼ା ଓ ଆନନ୍ଦପୁର ଗ୍ରାମ ଦେଇ ଏହି ପାଇପ ବିଛାଯିବ। ଏହାପରେ ଘଷିପୁରା ବ୍ଲକ ବଡ଼ଗୋବିନ୍ଦପୁର ଦେଇ ଯାଜପୁର ଜିଲା ସୀମାନ୍ତକୁ ପ୍ରବେଶ କରିବ। ଯାଜପୁର ଜିଲାର କୋରେଇ ବ୍ଲକର ରଗଡି, କିଆପଦା, ଗୋହିରିଗଡିଆ, ରାଣୀପଦା ଓ ଅଶୋକଝର ଦେଇ ଦାନଗଦୀ ବ୍ଲକର ଖୋସଲାପୁର ରାଣୀପଦା ଦେଇ ଏହି ପାଇପଲାଇନ ଅତିକ୍ରମଣ କରିବ। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଜୁ ପଟ୍ଟନାୟକ ମାର୍ଗରେ ଖଇରାଡିହି, ଯଖପୁରା ଦେଇ ୫୩ ନମ୍ବର ଜାତୀୟ ରାଜପଥକୁ ପହଞ୍ଚିବ। ପଙ୍କପାଳ ଗ୍ରାମଦେଇ ବ୍ରାହ୍ମଣୀ ବ୍ରିଜ୍ ଅତିକ୍ରମ କରି ଧର୍ମଶାଳା ବ୍ଲକର କବାଟବନ୍ଧ, ଜେନାପୁର, ସୋରେଇ, ଶ୍ୟାମସୁନ୍ଦରପୁର, ଗୋଡିପାଟିଆ, କମାଗଡ଼, ଗଡ଼ମଧୁପୁର, ନାକପୋଲ, ଜାରକା, ହରିଦାଶପୁର ଦେଇ ବଡ଼ଚଣା ବ୍ଲକ ଅଞ୍ଚଳକୁ ପହଞ୍ଚିବ। ଏହାପରେ ବଡ଼ଚଣା ବ୍ଲକର ଚାରବାଟିଆ, ସୁଙ୍ଗୁଡା, ଚଣ୍ଡିଖୋଲ ଦେଇ କ୍ଷେତ୍ରପାଳ, ଶାନ୍ତିପୁର, ପଦ୍ମନାଭପୁର, ନୂଆହାଟ, ଭାକୁଡା, ସିପୁରା, ଗୋପାଳପୁର, ରୁକୁଟପଟା, ଲଳିତଗିରି ଦେଇ କେନ୍ଦ୍ରାପଡ଼ା ଜିଲାକୁ ଏହି ପାଇପଲାଇନ ପ୍ରବେଶ କରିବ ବୋଲି ଆରଡି ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ଏଥିରେ ବ୍ୟାପକ ଜଙ୍ଗଲ ଧ୍ୱଂସ କରିବା ସହ ଗରିବ ଆଦିବାସୀ ଲୋକଙ୍କ ଚାଷଜମି ନଷ୍ଟ ହେବାର ସମ୍ଭାବନା ରହିଛି। ଏହା ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦ କି.ମି. ସୁରକ୍ଷିତ ଜଙ୍ଗଲ ଓ ୨୦କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ଏହି ପ୍ରକଳ୍ପରେ ବୈତରଣୀ ନଦୀରୁ ଦୈନିକ ୧୦ହଜାରରୁ ଉର୍ଦ୍ଧ୍ୱ କ୍ୟୁବିକ ମିଟର ପାଣି ଆବଶ୍ୟକତା କରିବ। ଏହି ପାଣିରେ ଲୁହାପଥର ଧୋଇ ମଇଳା ଛାଡି ସଫା ଲୁହାପଥର ଗୁଣ୍ଡକୁ ପାଣି ଚାପରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପ୍ଲାଣ୍ଟ ପାରାଦୀପକୁ ବୋହି ନେବ। ଆଉ ଏଥିଯୋଗୁ ଯାଜପୁର ଓ କେନ୍ଦୁଝର ଜିଲାର ୫୦ ହଜାରରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ କ୍ଷତିଗ୍ରସ୍ତ ହେବେ। ପାଇପ ଯୋଗେ ଲୁହାପଥର ପରିବହନ ଯୋଗୁ ବ୍ୟାପକ ମାତ୍ରାରେ ଏସିଡିକ ବାହାରିଥାଏ। ଏହାର ଚାପ ଓ ପ୍ରବଳ ଗତି ଯୋଗୁ ପାଇପରେ କୌଣସି ଛିଦ୍ର କିମ୍ବା ଫାଟିଗଲେ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହେବାର ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି କେତେକ ସର୍ତ୍ତ ଅନୁସାରେ ପାଇପ ଲାଇନ ବିଛାଇବାକୁ ଅନୁମତି ଦିଆଯାଇଛି। ସେହିସବୁ ସର୍ତ୍ତକୁ ଉଲ୍ଲଂଘନ କଲେ ନିଶ୍ଚିତ ଭାବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।




## ଅପହୃତା ନାବାଳିକା ୬ଦିନ ପରେ ଉଦ୍ଧାର, ଅଭିଯୁକ୍ତ ଗିରଫ

**ରସୁଲପୁର,୨୫।୧୨(ଡିଏନଏ)**

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମରୁ ଜନୈକା ନାବାଳିକା ଗତ ୧୯ତାରିଖରେ ଅପହରଣ ହୋଇଥିଲେ। ଏ ନେଇ ୨୧ତାରିଖରେ ନାବାଳିକାଙ୍କ ପରିବାର ପକ୍ଷରୁ କୁଆଖିଆ ଥାନାରେ ଏକ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଥାନାରେ ଏକ ମାମଲା (ନଂ-୨୦୭/୧୮) ରୁଜୁ କରି ତଦନ୍ତ ଅରମ୍ଭ କରିଥିଲା। ୪ଦିନ ଧରି ବିଭିନ୍ନ ସ୍ଥାନରେ ଚଢାଉକରି ମଙ୍ଗଳବାର ସକାଳେ ନାବାଳିକ ଓ ଅଭିଯୁକ୍ତଙ୍କୁ ଯାଜପୁର ରୋଡ ଥାନା ଅନ୍ତର୍ଗତ ଦାନଗଦୀ ବ୍ଲକ ଅଞ୍ଚଳର ବାଘବିନ୍ଧା ଗାଁର ଏକ ଘରୁ ପୋଲିସ କାବୁ କରିଥିଲା। ଅଭିଯୁକ୍ତ ଜଣକ ହେଲେ କୁଆଖିଆ ଥାନାର ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ପରି ସାହାଣିଙ୍କ ପୁଅ ଶେଷଦେବ ସାହାଣି(୩୦) ବୋଲି ଜଣାପଡିଛି। ଅଭିଯୁକ୍ତଜଣକ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ଶିଶୁପୁତ୍ର ରହିଛି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଉଭୟ ଅଭିଯୁକ୍ତ ଓ ନାବାଳିକାଙ୍କ ଡାକ୍ତରୀମାଇନା ଜିଲା ମୁଖ୍ୟଚିକିତ୍ସା କେନ୍ଦ୍ରରେ କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ନାବାଳିକାଙ୍କୁ ସ୍ୱଳ୍ପ ମିଆଦି ରହଣୀ ଗୃହ ସ୍ୱଧାରାଠାରେ ଛଡାଯିବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଅସହାୟ ମହିଳା ଉଦ୍ଧାର

**କୋରେଇ,୨୫।୧୨(ସ୍ୱ.ପ୍ର.):** ପାଣିକୋଇଲି ବଜାରରୁ ପାଣିକୋଇଲି ପୋଲିସ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରି ମଙ୍ଗଳବାର ଯାଜପୁରରୋଡ ସ୍ୱଧାର ଗୃହରେ ରଖିଛି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ସୁନ୍ଦରୀମୁହଁ ଗ୍ରାମର ସୁରେନ୍ଦ୍ର ମହାପାତ୍ରଙ୍କ ସ୍ତ୍ରୀ ଭାଗ୍ୟବତୀ(୪୦)। ପ୍ରକାଶ ଯେ, ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ ସୋମବାର ବିଳମ୍ବିତ ରାତିରେ ସମ୍ପୃକ୍ତା ମହିଳାଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ତାଙ୍କ ବାପଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବନସ୍ତା ଗ୍ରାମରେ ବୋଲି ଜଣାପଡ଼ିଛି। ତାଙ୍କ ସ୍ୱାମୀ ନିଶାଗ୍ରସ୍ତ ହୋଇ ଭାଗ୍ୟବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସେ କହିଥିଲେ। ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ଅଭୟ କୁମାର ନାୟକ, ସଞ୍ଜୟ କୁମାର ଦାଶ ଭାଗ୍ୟବତୀଙ୍କୁ ସ୍ୱଧାର ଗୃହରେ ଛାଡିଥିଲେ ।

୧୧ବର୍ଷ ନାବାଳିକା ପ୍ରତି ଅସଦାଚରଣ

### ଅଭିଯୁକ୍ତ ଗିରଫ

**ରସୁଲପୁର,୨୫।୧୨(ଡି.ଏନ୍.ଏ.):** କୁଆଖିଆ ଥାନା ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ଅଣ୍ଡେଇଗୋଡ଼ା ଗ୍ରାମରେ ସୋମବାର ମଧାହ୍ନରେ ଜନୈକା ୧୧ବର୍ଷିୟା ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ସୋମବାର ନାବାଳିକାଙ୍କ ସମ୍ପର୍କୀୟ ମାମୁଁ ଟଙ୍କା ଲୋଭ ଦେଖାଇ ଘର ଭିତରେ ପୁରାଇ ନାବାଳିକାଙ୍କ ଶରୀରର ସମ୍ବେଦନଶୀଳ ସ୍ଥାନକୁ ହାତ ଲଗାଇବା ସହ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣକ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୦୮/୧୮) ରୁଜୁ କରି ଅଭିଯୁକ୍ତ ଚିନା ଓରଫ ନିର୍ମଳ ସାମୁଲଙ୍କୁ ଗିରଫ କରିଛି।

■ ବେଆଇନ ଜରିମାନା ଆଦାୟ କରୁଛି ପୋଲିସ

## ଏସ୍‌ପି, ଡିସିପିଙ୍କୁ ଚିଠି ଲେଖିଲେ ପରିବହନ କମିଶନର

**କଟକ ଅଫିସ, ୨୫।୧୨**

କ୍ଷମତା ନ ଥାଇ ମୋଟର ଭେଇକିଲ(ଏମ୍‌ଭି) ଆକ୍ଟର କେତେକ ସେକ୍ସନ ଜରିଆରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ପୋଲିସ ଜରିମାନା ଆଦାୟ କରୁଛି। ପୋଲିସର ଏହି ବେଆଇନ କାରବାର ନେଇ ଅଭିଯୋଗ ଆସିବା ପରେ ମଙ୍ଗଳବାର ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲାର ଏସ୍‌ପି ଓ ଡିସିପିଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖାଯାଇଛି। ପରିବହନ କମିଶନର ସଞ୍ଜୀବ ପଣ୍ଡା ଚିଠିରେ ଜଣାଇଛନ୍ତି ଯେ, କେତେଜଣ ପୋଲିସ ଅଫିସର ଏମ୍‌ଭି ଆକ୍ଟର କେତେକ ସେକ୍ସନ ଆଧାରରେ ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରୁଥିବା ସୂଚନା ମିଳିଛି। ଏହା ପୋଲିସ କ୍ଷମତାର ବାହାରେ। ତେଣୁ ପୋଲିସ କେବଳ ଏମ୍‌ଭି ଆକ୍ଟର ସେକ୍ସନ ୧୭୭, ୧୭୯, ୧୮୩(୧), (୨) ଅନୁସାରେ ଜରିମାନା ଆଦାୟ କରୁ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଜରିମାନା ଆଦାୟ ପାଇଁ ଏମ୍‌ଭି ଆକ୍ଟରେ ମୋଟ ୩୩ଟି ସେକ୍ସନ ରହିଛି। ସେଥିମଧ୍ୟରୁ ସେକ୍ସନ ୧୭୭ (ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଗାଡି କାଗଜପତ୍ର ଯାଞ୍ଚ), ୧୭୯ (ଟ୍ରାଫିକ୍ ନିୟମ ପାଳନ ନ କରିବା), ୧୮୩(୧) ଓ (୨)(ଅଧିକ ବେଗରେ ଗାଡି ଚଳାଇବା) ଅନୁସାରେ ଜରିମାନା ଆଦାୟ କରିବାର କ୍ଷମତା ପୋଲିସକୁ ଦିଆଯାଇଛି। ସହରାଞ୍ଚଳରେ ଜଣେ ଏସ୍‌ଆଇ ର୍‍ୟାଙ୍କର ପୋଲିସ ଅଧିକାରୀ ଓ ଗ୍ରାମାଞ୍ଚଳରେ ଜଣେ ଏଏସ୍‌ଆଇ ର୍‍ୟାଙ୍କର ଅଧିକାରୀ ଏହି ଜରିମାନା ଆଦାୟ କରିପାରିବ। ହେଲେ ପରିବହନ ବିଭାଗରୁ ମିଳିଥିବା ସୂଚନାନୁଯାୟୀ, ପୋଲିସ ଓଭର ଲୋଡିଂ ଥିଲେ, ଗାଡିର ଫିଟ୍‌ନେସ୍ ନ ଥିଲେ ଓ ଭୁଲ୍ ରାସ୍ତାରେ ଗାଡି ଚଳାଉଥିଲେ ଚାଳକଙ୍କଠାରୁ ମନଇଚ୍ଛା ଜରିମାନା ଆଦାୟ କରୁଛି। ଏଥିପାଇଁ ପୋଲିସର କ୍ଷମତା ନାହିଁ। କିନ୍ତୁ ପୋଲିସ ଚାହିଁଲେ ଏହି ନିୟମ ଉଲଘଂନକାରୀଙ୍କ ବିରୋଧରେ ଏକ ପ୍ରୋସିକ୍ୟୁଶନ ରିପୋର୍ଟ(ପିଆର୍) କୋର୍ଟକୁ ପଠାଇ ପାରିବ।

■ କୁଆଖିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## କଳାହାଣ୍ଡି ବଜାସାଇ ନୃତ୍ୟରେ ଦୁଲୁକିଲା ମଞ୍ଚ



୩ୟ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ବଜାସାଇ ନୃତ୍ୟ।

**ରସୁଲପୁର, ୨୫।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଅନୁଷ୍ଠିତ ୧୧ତମ କୁଆଖିଆ ମହୋତ୍ସବର ୨ୟ ସନ୍ଧ୍ୟାରେ କଳାହାଣ୍ଡି ବଜାସାଇ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଛି। ମୃଣ୍ମୟୀ କଲଚରାଲ ସୋସାଇଟି ପକ୍ଷରୁ ଆୟୋଜିତ ବଜାସଇ ନୃତ୍ୟରେ ଜଗନ୍ନାଥ ଦାସ ଓ ମୃଣ୍ମୟୀ ଦାସଙ୍କ ସହ ଗ୍ରୁପ୍‌ର ଅନ୍ୟ ସଦସ୍ୟମାନେ ମନୋରମ ନୃତ୍ୟ ପରିବେଷଣ କରିଥିଲେ। କଳାକାରଙ୍କ ଦ୍ୱାରା ନିଖୁଣ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ମଂଚ ତଳେ ବାନ୍ଧି ରଖିଥିଲା। ଗ୍ରୁପ୍ ପକ୍ଷରୁ ପରିବେଷିତ ପାରମ୍ପରିକ ଆଦିବାସୀ ନୃତ୍ୟକୁ ଆଧୁନିକ ଢଙ୍ଗରେ ପରିବେଷଣ କରାଯାଇଥିଲା। ଆସନ୍ତା ଦିବସରେ ଆୟୋଜିତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇପାରିବ ବୋଲି କମିଟିର ସଭାପତି ଅରୁଣ ସାହୁ ପ୍ରକାଶ କରିଛନ୍ତି । ଏଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟିର ସଦସ୍ୟଗଣ ପରିଚାଳନା କରୁଛନ୍ତି ।

■ ରସୁଲପୁର ବ୍ଲକ

## ୧୪ଜଣ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ

**ରସୁଲପୁର,୨୫।୧୨(ଡି.ଏନ୍.ଏ.)**

ରସୁଲପୁର ଶିକ୍ଷା ବ୍ଲକ ଅଧିନସ୍ଥ ସମସ୍ତ ପ୍ରାଥମିକ, ନୋଡାଲ ଉଚ୍ଚ ପ୍ରାଥମିକ, ୟୁଜିଏମଇ, ଘରୋଇ ବିଦ୍ୟାଳୟର ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି ବ୍ଲକର ଏସବୁ ବିଦ୍ୟାଳୟରୁ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ୧୮୨ଜଣ ଓ ୫ମ ଶ୍ରେଣୀ ପାଇଁ ୧୮୭ଜଣ ପିଲା ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୪ଜଣ ପିଲା ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି । ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ବିଦ୍ୟାର୍ଥମାନଙ୍କର ବିଦ୍ୟାଳୟରେ ନିୟମିତ ଉପସ୍ଥାନ, ଉତ୍ତମ ବ୍ୟବାହାର, ଆଚରଣରେ ଅଗ୍ରଗତି ଦିଗକୁ ଯାଞ୍ଚ କରାଯିବ । ୩ୟ ଶ୍ରେଣୀ ବିଦ୍ୟାର୍ଥମାନଙ୍କୁ ମାସିକ ୧୦୦ଟଙ୍କା ଓ ୫ମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କୁ ୨୦୦ଟଙ୍କା ବୃତ୍ତି ବାବଦକୁ ପ୍ରଦାନ କରାଯିବ ବୋଲି ବିଇଓ ସାନ୍ତନୁ କର ପ୍ରକାଶ କରିଛନ୍ତି।

■ ବ୍ରହ୍ମାକୁଣ୍ଡ ପ୍ରବେଶ ଦ୍ୱାର ଭୁଶୁଡ଼ିବା ଘଟଣା

## ମନ୍ଦିର ପ୍ରଶାସନ, ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ

**ବିରଜାକ୍ଷେତ୍ର,୨୫।୧୨(ଡି.ଏନ୍.ଏ)**

ମା’ ବିରଜାଦେବୀଙ୍କ ପଶ୍ଚିମଦ୍ୱାରରେ ନିର୍ମାଣାଧୀନ ପ୍ରବେଶଦ୍ୱାର ଭୁଶୁଡ଼ି ସୋମବାର ଜଣଙ୍କ ମୃତ୍ୟୁ ଘଟିବା ପରେ ମଙ୍ଗଳବାର ମୃତକଙ୍କ ସ୍ତ୍ରୀ ଯାଜପୁର ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ମୃତକ ସ୍ଥାନୀୟ ଦେବୀଦ୍ୱାର ଅଞ୍ଚଳର ତୁଷାର ରଞ୍ଜନ କରଙ୍କ ସ୍ତ୍ରୀ ପ୍ରିୟମ୍ବଦା ବିରଜା ମନ୍ଦିର ପ୍ରଶାସନ ଓ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଅବହେଳାକୁ ଦାୟୀ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୩୨୮/୨୦୧୮)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମା’ ବିରଜାଙ୍କ ବ୍ରହ୍ମାକୁଣ୍ଡର ପ୍ରବେଶ ଦ୍ୱାର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେବାପରେ ସୋମବାର ପ୍ରବେଶଦ୍ୱାରର ସେଣ୍ଟ୍ରିକୁ ଖୋଲାଯାଉଥିଲା। ତେବେ ଖୋଲାଯିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ପ୍ରବେଶଦ୍ୱାରର ଏକ ପଥର ଖଣ୍ଡ ନିକଟରେ ଠିଆ ହୋଇଥିବା ତୁଷାରଙ୍କ ଉପରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ପହଞ୍ଚିବା ପୂର୍ବରୁ ତୁଷାରଙ୍କ ମୃତ୍ୟୁ ଘଟିଥିଲା।

## ହାଇଟେକ୍ ବିଜ୍ଞାନ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ରସୁଲପୁର, ୨୫।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ହାଇଟେକ ବିଜ୍ଞାନ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ବାର୍ଷିକ କ୍ରୀଡ଼ାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କଲେଜର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଲେଜର ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଉତ୍ସବରେ ପ୍ରାଣୀ ବିଜ୍ଞାନ ବିଭାଗର ଅଧାପକ କପିଳଚରଣ ମହାନ୍ତି, କଲେଜର ଉପାଧ୍ୟକ୍ଷ ସନ୍ଦୀପ କୁମାର ବିଶ୍ୱାଳ, କ୍ରୀଷ୍ଣା ଦାସ, ମଧୁସ୍ମିତା ସାହୁ, ନୟନଦିପ୍ତ ସାହୁ, ବାଳକୃଷ୍ଣ ସାହୁ, ସୌମ୍ୟା ସମିତା, ଲୋପାମୁଦ୍ରା ଦାସ, ପ୍ରିୟଦର୍ଶିନୀ ରାଉତ, ବିଜୟ ଭାରତୀ ଜେନା, ଭାନୁପ୍ରିୟା ଲେଙ୍କା, ଶଙ୍କର ପାଣିଗ୍ରାହୀ, ସନ୍ତୋଷ କୁମାର ନାୟକ ପ୍ରମୁଖ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବାସୁଦେବ ଖୁଣ୍ଟିଆ, ସାଗର କୁମାର ଜେନା, ବିକାଶ କୁମାର ସାହୁ, ଜଗମୋହନ ଜେନା, ସଂପଦ ନାୟକ, ସୁବାଷ କୁମାର ବେହେରା କ୍ରୀଡ଼ାକୁ ପରିଚାଳନା କରିଥିଲେ।

# ସାଣ୍ଟାକ୍ଲଜ ମୁଖା ପିନ୍ଧି ବିଶ୍ୱ ରେକର୍ଡ



ଗ୍ଲୋରିୟସ ଇଂଲିସ ମିଡିୟମ ସ୍କୁଲର ଛାତ୍ରୀଛାତ୍ରମାନେ ସାଣ୍ଟା କ୍ଲଜ ମୁଖା ପିନ୍ଧିଛନ୍ତି।

**ଯାଜପୁର ଅଫିସ,୨୫।୧୨**

ଖ୍ରୀଷ୍ଟମାସ ଅବସରରେ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାଣ୍ଟାକ୍ଲଜ ମୁଖା ପିନ୍ଧି ଗ୍ଲୋରିୟସ ଇଂଲିସ ମିଡିୟମ ସ୍କୁଲ(ଜେମ୍ସ) ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି। ଗ୍ଲୋବାଲ ରେକର୍ଡ ଆଣ୍ଡ ରିଶର୍ଚ୍ଚ ଫାଉଣ୍ଡେସନ ଏହାକୁ ସ୍ୱୀକୃତି ଦେଇଛି। ଏହି କାର୍ଯ୍ୟକ୍ରମକୁ କୋରେଇ ବିଧାୟକ ଆକାଶ ଦାସନାୟକ ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ ବିଶ୍ୱାଳ ମୁଖ୍ୟଅତିଥି, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍କୁଲର ସଭାପତି ଅସ୍ମିତା ପତି, ନିର୍ଦ୍ଦେଶକ ଅଭୟ ପତି ଓ ପ୍ରିନ୍ସିପାଲ କଳ୍ପତରୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଳାଷ ବୋଇତେଇ, ବିରେଶ୍ୱର ପତି, ରୋଟ୍ରାକ୍ଟ କ୍ଲବ ବ୍ୟାସଭୂମିର ସମସ୍ତ ସଦସ୍ୟ ଓ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ ବ୍ୟାସନଗର ପ୍ରେସ୍ ଫୋରମ, ଯାଜପୁର ବୈଦ୍ୟୁତିକ ଗଣମାଧ୍ୟମ ସଂଘ, ଇନରହୁଇଲ କ୍ଲବ ଯାଜପୁରରୋଡ ଏବଂ ରୋଟ୍ରାକ୍ଟ କ୍ଲବ ବ୍ୟାସଭୂମିକୁ ପୁରସ୍କୃତ କରାଯାଇଥିଲା।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ବୃଦ୍ଧ ପକ୍ଷରେ ଲୋଭ ନିର୍ବୋଧତା ବ୍ୟତୀତ ଆଉ କିଛି ନୁହେଁ- କାରଣ ଯାତ୍ରା ଶେଷ ହୋଇଗଲା ବେଳକୁ ଆଉ ପାର୍ଥିବ ପାଥେୟର ଆବଶ୍ୟକ କ'ଣ ?

- ଶିଶେରୋ



## ସଂକ୍ଷେପରେ

### ଟି-୨୦ ଖଣ୍ଡପଡ଼ା କପ୍ କ୍ରିକେଟ୍: ମହାବୀର ଟିମ୍ ବିଜୟୀ

**ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.):** ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ଟି-୨୦ ଖଣ୍ଡପଡ଼ା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚାଲିଛି । ମଙ୍ଗଳବାର ଶେଷ ଲିଗ୍ ମ୍ୟାଚ୍‌ରେ ଖଣ୍ଡପଡା ମହାବୀର କ୍ରିକେଟ୍ ଟିମ୍ ୬ ୱିକେଟ୍‌ରେ ନୂଆଗଡିଆ ସାହି କ୍ରିକେଟ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ନୂଆଗଡିଆସାହି ଟିମ୍ ୧୫୫ ରନ୍ କରିଥିଲା । ଜବାବରେ ଖଣ୍ଡପଡା ଟିମ୍ ଅଧିକ ରନ୍ କରି ବିଜୟୀ ହୋଇଥିଲା । ହରିହର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ମ୍ୟାଚ୍‌କୁ ସଚ୍ଚିଦାନନ୍ଦ ମହାନ୍ତି ଓ ଦିବ୍ୟରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଯୁବ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଓ ଶିଶୁ କବି କାଶୀନାଥ ଦାସ ସମ୍ମାନିତ ଅତିଥି ରୁପେ ଯୋଗଦେଇଥିଲେ। ବାଙ୍କୀ କ୍ରିକେଟ ଟିମ୍ ଓ ଖଣ୍ଡପଡା ମଧ୍ୟରେ ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

### ଟ୍ରେନ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

**ବୋଲଗଡ଼,୨୫।୧୨(ଡି.ଏନ.ଏ.):** ବୋଲଗଡ଼ ରେଲଷ୍ଟେଶନ ବ୍ରିଜ ନିକଟରେ ଟ୍ରେନ୍‌ରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବୋଲଗଡ଼ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ପଞ୍ଚୁକୋଟ ଗ୍ରାମର କନକ ବାରିକ(୫୫)। ସୋମବାର ରାତିରେ କନକ ଟ୍ରେନ୍‌ରେ ବସି ଯାଉଥିବା ବେଳେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପୁଅ ମୁନା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ଘଟଣା ନେଇ ୧୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କନକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

### ୨ ଯୁବକଙ୍କ ଦୌରାତ୍ମ୍ୟ

**ନୟାଗଡ଼ ଅଫିସ,୨୫।୧୨:** ସୋମବାର ବିଳମ୍ବିତ ରାତ୍ରିରେ ଦୁଇଜଣ ଯୁବକଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ଏ ନେଇ ଟାଉନ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ବେଳେ ସାଧାରଣରେ ଏହାକୁ ନିନ୍ଦା କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତିରେ ଏକ ବୋଲେରୋରେ ଦୁଇଜଣ ଯୁବକ ସହର ଉପକଣ୍ଠରେ ଥିବା ଏକ ପେଟ୍ରୋଲ ପମ୍ପକୁ ଯାଇଥିଲେ। ସେଠାରେ ସମସ୍ତେ ଶୋଇଥିବା ବେଳେ ଉଭୟ ଗୁଣ୍ଡାଗିରି କରି ଗାଡ଼ିରେ ଜୋରଜବରଦସ୍ତ ତେଲ ପକାଇଥିଲେ। ଏହାପରେ ପୁରୁଣା ସହରଠାରେ ଜଣେ ଚାଉଳ ବେପାରୀଙ୍କୁ ଧମକ ଚମକ ଦେଇ ମାର ଧର କରିଥିଲେ। ଉକ୍ତ ବେପାରୀ କୌଶଳକ୍ରମେ ବୋଲେରୋ ଗାଡ଼ିଟିର ଚାବିକୁ ଛଡ଼ାଇ ଆଣି ଏ ନେଇ ଟାଉନ ପୋଲିସରେ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁଇ ଜଣଙ୍କୁ ଆଣି ଥାନାରେ ଅଟକ ରଖିଥିବା ବେଳେ ବୋଲେରୋକୁ ମଧ୍ୟ ଜବତ କରିଥିଲା। ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଏହାର ଆପୋସ ସମାଧାନ ହୋଇଥିବା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଜିଲାରେ ଖୋଲିବ ଆଉ ୩ ଆହାର କେନ୍ଦ୍ର

**ନୟାଗଡ଼ ଅଫିସ,୨୫।୧୨**

ନୟାଗଡ଼ ଜିଲାରେ ଆଉ ୩ଟି ସ୍ଥାନରେ ଖୋଲାଯିବ ଆହାର କେନ୍ଦ୍ର। ସେଗୁଡ଼ିକ ହେଲା ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ଏନ୍‌ଏସି ଅଞ୍ଚଳ। ଜାନୁୟାରୀ ୨୬ଠାରୁ ଉକ୍ତ ୩ଟି ଏନ୍‌ଏସି ଅଞ୍ଚଳରେ କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ୫ ଟଙ୍କାରେ ରନ୍ଧା ଖାଦ୍ୟ ପରଷାଯିବ। ରବିବାର ଛୁଟି ଦିନ ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଏଠାରେ ୩୦୦ ଲୋକଙ୍କ ପାଇଁ ମିଳିବ ରନ୍ଧା ଖାଦ୍ୟ। ଜିଲା ଆହାର ସୋସାଇଟି ଆନୁକୂଲ୍ୟରେ ଏହିସବୁ ଖାଦ୍ୟ ରନ୍ଧା ଯାଇ ଗାଡ଼ି ମାଧ୍ୟମରେ ଆହାର କେନ୍ଦ୍ରକୁ ଯିବ। ଗାଡ଼ିରେ ଜିପିଆରଏସ୍ ବ୍ୟବସ୍ଥା ଥିବାରୁ ଗାଡ଼ିଟିର ଗତିବିଧି ଉପରେ ନଜର ରହିବ। ଅନ୍ୟପଟେ ଜାନୁୟାରୀ ୧ ତାରିଖଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଓଡ଼ଗାଁ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ର ସନ୍ଧ୍ୟା ସମୟରେ ଖୋଲାଯିବ। ଏହି ଦୁଇଟି କେନ୍ଦ୍ରରେ ସନ୍ଧ୍ୟା ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯିବ ବୋଲି ଜିଲା ଆହାର ସୋସାଇଟିର ସମ୍ପାଦକ ତଥା ନୟାଗଡ଼ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରକାଶ



ଆହାର କେନ୍ଦ୍ରରେ ଲୋକମାନେ ଖାଦ୍ୟ ଖାଉଛନ୍ତି।

- ଜାନୁୟାରୀ ୨୬ରୁ ଆରମ୍ଭ ହେବ
- ଜାନୁୟାରୀ ୧ରୁ ସନ୍ଧ୍ୟାରେ ମିଳିବ ଖାଦ୍ୟ
- ସନ୍ଧ୍ୟାରେ ଓଡ଼ଗାଁ ଓ ନୟାଗଡ଼ରେ ଦିଆଯିବ

କରିଛନ୍ତି। ଫଳରେ ରାତ୍ର ସମୟରେ ମେଡ଼ିକାଲ୍‌କୁ ଆସୁଥିବା ଗରିବ ରୋଗୀଙ୍କ ସମ୍ପର୍କୀୟମାନେ ଖାଦ୍ୟ ପାଇଁ ଆଉ ହଇରାଣ ବା ଅଯଥା ଖର୍ଚ୍ଚାନ୍ତ ହେବେ ନାହିଁ।

ପ୍ରକାଶ ଯେ, ବର୍ତ୍ତମାନ ନୟାଗଡ଼ ଓ ଓଡ଼ଗାଁ ଏନ୍‌ଏସି ଏହି ଦୁଇଟି ଅଞ୍ଚଳରେ ଆହାର କେନ୍ଦ୍ର ରହିଛି। ଜିଲାରେ ଅନ୍ୟ ୩ଟି ଏନ୍‌ଏସିରେ କେନ୍ଦ୍ର ଖୋଲାଯିବା ପରେ ଜିଲାରେ ଆହାର କେନ୍ଦ୍ର ସଂଖ୍ୟା ୫ରେ ପହଞ୍ଚିବ। ନୟାଗଡ଼ରେ ପ୍ରତିଦିନ ୬୦୦ ଜଣଙ୍କ ପାଇଁ ଖାଦ୍ୟ ରନ୍ଧା ଯାଉଥିବା ବେଳେ ଓଡ଼ଗାଁରେ ୩୦୦ ଜଣଙ୍କ ପାଇଁ ଖାଦ୍ୟ ରନ୍ଧା ଯାଉଛି । ୨୦୧୬ ମସିହାରେ ନୟାଗଡ଼ ଏନ୍‌ଏସି ଅଞ୍ଚଳରେ ଆହାର କେନ୍ଦ୍ର ଖୋଲାଯାଇଥିବା ବେଳେ ଚଳିତବର୍ଷ ନଭେମ୍ବରରେ ଓଡ଼ଗାଁ ଆହାର କେନ୍ଦ୍ର ଖୋଲାଯାଇଛି। ଜିଲାରେ ସମସ୍ତ ଏନ୍‌ଏସିରେ ଏହି ଆହାର କେନ୍ଦ୍ର ଖୋଲାଯିବା ପରେ ଅନ୍ୟ ବ୍ଲକର ହେଡ୍‌କ୍ୱାର୍ଟରରେ ମଧ୍ୟ ଆହାର କେନ୍ଦ୍ର ଖୋଲାଯିବା ପାଇଁ ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ରାଜ୍ୟରେ ବର୍ତ୍ତମାନ ୧୧୬ଟି ଆହାର କେନ୍ଦ୍ରରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ୫ଟଙ୍କାରେ ଭାତ ଡାଲମା ଦିଆଯାଉଛି।

# ୮ନଂ. ଜୋନସ୍ତରୀୟ ବିଜେଡି କାର୍ଯ୍ୟକାରିଣୀ ବୈଠକ

**ଗଣିଆ,୨୫।୧୨(ଡି.ଏନ.ଏ.)**

**ଗଣିଆ ବ୍ଲକ**

ଗଣିଆ ବ୍ଲକ ମା' କଳାପାଟ ପୀଠ ପରିସରରେ ମଙ୍ଗଳବାର ୮ନଂ. ଜୋନସ୍ତରୀୟ ବିଜେଡି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଗତ ଦିନରେ ବିଜେଡିର ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରି ପ୍ରତ୍ୟେକ ପଞ୍ଚାୟତରେ ବୁଥ୍ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ବିଶେଷଭାବେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ କିଭଳି ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ନିର୍ବାଚିତ ଜନପ୍ରତିନିଧିମାନେ ମିଳିତ ଭାବେ ଉଦ୍ୟମ କରିବାକୁ ଗଣିଆ ବ୍ଲକ ଅଧ୍ୟକ୍ଷ ଆହ୍ୱାନ କରିଥିଲେ । ବ୍ଲକ ବିଜେଡି ତରଫରୁ ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଦଶପଲ୍ଲା କଳାକାରମାନଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ବିଜୁ ଜନତା ଦଳ ଜିଲା ସମ୍ପାଦକ ଶରତ ଚନ୍ଦ୍ର ସାହୁ, ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ବଳରାମ ମହାନ୍ତିଙ୍କ ସମେତ ଗଣିଆ ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକାରିଣୀ ବୈଠକରେ ଗଣିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁସଂଖ୍ୟାରେ ବିଜେଡି କର୍ମୀ ଯୋଗଦେଇଥିଲେ ।




ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବଡ଼ଦିନ: ପର୍ଯ୍ୟଟନସ୍ଥଳରେ ବଣଭୋଜି ପାଇଁ ଭିଡ଼

**ଖଣ୍ଡପଡା,୨୫।୧୨(ସ୍ୱ.ପ୍ର.)**

ବଡଦିନ ପାଳନ ଅବସରରେ ମଙ୍ଗଳବାର କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ଓ ମହାନଦୀ କୂଳରେ ଅବସ୍ଥିତ ସୌନ୍ଦର୍ଯ୍ୟଭରା ଗୋକୁଳାନନ୍ଦ ପୀଠସ୍ଥିତ ସିଧାମୂଳାକୁ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ଦେଖାଦେଇଛି। ବଣଭୋଜି ପାଇଁ ଶତାଧିକ ଯାତ୍ରୀ ନୀଳମାଧବ ଓ ନିକଟସ୍ଥ ନାରାୟଣୀ ପୀଠ ଭଳି ପର୍ଯ୍ୟଟନସ୍ଥଳରେ ଭିଡ଼ ଜମାଇଥିଲେ। ଶ୍ରୀଜୀଉଙ୍କ ସେବାୟତମାନେ ଭଲ ରୋଜଗାର କରିଥିଲେ ମଧ୍ୟ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ସୁବିଧା କରାଯାଇ ନ ଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି । ଗୋକୁଳାନନ୍ଦ ପୀଠ ଓ ହନୁମନ୍ତପ୍ରସାଦ ଶ୍ରୀରଘୁନାଥ ଆଶ୍ରମରେ ଶାନ୍ତି ଓ ଶୃଙ୍ଖଳାର ସହ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜିର ମଜା ଉଠାଇଥିଲେ। ନୂଆବର୍ଷରେ ୫୦ରୁ ୬୦ ହଜାର ପର୍ଯ୍ୟଟକ ଏଠାରେ ସମାଗମ ହେବାର ଅନୁମାନ କରାଯାଉଛି । ଏହି ସମୟରେ ଯାତ୍ରୀମାନେ ବିଭିନ୍ନ କାର୍ଯ୍ୟ ନିମନ୍ତେ ମହାନଦୀକୁ ଆସି ଜଳରେ ବୁଡ଼ି ପ୍ରାଣ ହରାଉଥିବା ନଜିର ରହିଛି। ଏଣୁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧା ତଥା ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**ବୋଲଗଡ଼,୨୫।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ମାଣିବନ୍ଧସ୍ଥିତ ବୁଢୀ ଠାକୁରାଣୀଙ୍କ ପୀଠରେ ମଙ୍ଗଳବାର ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୋଲଗଡ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଖୋର୍ଦ୍ଧା ଜିଲା ସଭାପତି ଦୀନବନ୍ଧୁ ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଭାଲୁ ବାହୁବଳେନ୍ଦ୍ର ପରାମର୍ଶଦାତା, ଅମିୟ କୁମାର ପଟ୍ଟନାୟକ ସଭାପତି, ବିପିନ ବିହାରୀ ବରାଳ ସମ୍ପାଦକ, ଭଗବାନ ସୁବୁଦ୍ଧି ସଂଗଠକ ସମ୍ପାଦକ ଏବଂ ସୁରେଶଚନ୍ଦ୍ର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।

# ନଡ଼ିଆ ଗଛ ଚଢ଼ି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସୁରେଶ

**ଭାପୁର,୨୫।୧୨(ଡି.ଏନ.ଏ.)**

ନଡ଼ିଆ ଓ ତାଳ ଗଛ ଚଢ଼ି ନିଜର ଆର୍ଥିକ ସ୍ଥିତି ସୁଧାରିବା ସହ ନୟାଗଡ଼ ଜିଲାରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସୁରେଶଚନ୍ଦ୍ର ତ୍ରିପାଠୀ (୬୨)। ଭାପୁର ବ୍ଲକ ମନ୍ଦାରବେରେଣୀ ଗ୍ରାମରେ ଖଲେଶ୍ୱର ତ୍ରିପାଠୀଙ୍କ ୪ ପୁଅ ମଧ୍ୟରୁ ୩ୟ ପୁତ୍ର ହେଉଛନ୍ତି ସୁରେଶ। ପିଲାଦିନରୁ ଆର୍ଥିକ ଅନଟନ ଯୋଗୁ ବଞ୍ଚିବା ପାଇଁ ସେ କଠିନ ପରିଶ୍ରମ କରିଚାଲିଛନ୍ତି। ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିଲେ ମଧ୍ୟ କିଛି ଭିନ୍ନ କାର୍ଯ୍ୟକରି ପରିବାର ଚଳାଇବା ପାଇଁ ଶେଷରେ ପିଲାବେଳୁ ଶିଖିଥିବା ତାଳ ଓ ନଡ଼ିଆ ଗଛ ଚଢ଼ିବା ଭଳି ଦୁଃସାହସିକ କାର୍ଯ୍ୟ କରିଥିଲେ। ଏହା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ଆର୍ଥିକ ସ୍ୱାବଲମ୍ବୀ କରିପାରିଛି। ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟକୁ ଅତି ସହଜରେ ସୁରେଶ(୬୨) ଯୁବସୁଲଭ ଢଙ୍ଗରେ କରିପାରୁଛନ୍ତି। ନୟାଗଡ଼ ଅଞ୍ଚଳ, କଟକ ଜିଲା କଳାପଥର, ବାଙ୍କୀ ଓ ଖୋର୍ଦ୍ଧା ଜିଲାର ବୋଲଗଡ଼ ଓ ବେଗୁନିଆ ଅଞ୍ଚଳରେ ନଡ଼ିଆ ଓ ବିଭିନ୍ନ ଗଛ କାଟିବା ପାଇଁ ତାଙ୍କୁ ଡକାଯାଇଥାଏ। ଦକ୍ଷତାର ସହ ଗଛଗୁଡ଼ିକୁ



ଗଛ ଚଢୁଛନ୍ତି ସୁରେଶ।

କାଟି ସେ ଦିନକୁ ୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥାନ୍ତି। ନିଜର ଏକମାତ୍ର ପୁଅ ଓ ସ୍ତ୍ରୀଙ୍କୁ ନେଇ ଗଠିତ ପରିବାରଟିକୁ ଦୁଃଖସୁଖରେ ଚଳାଇ ଆସୁଥିବା ବେଳେ ସୁରେଶ ଏବେ ଜୀବନର ସାୟାହ୍ନରେ ଉପନୀତ। ବାର୍ଦ୍ଧକ୍ୟ ଯୋଗୁ ସେ ଏବେ କିପରି ପରିବାର ଚଳାଇବେ ସେହି ଚିନ୍ତାରେ ଦିନ ବିତାଉଛନ୍ତି। ସରକାରୀ ଓ ବେସରକାରୀସ୍ତରରେ ଏପରି ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରାଗଲେ ଯୁବ ସମାଜରେ ଏହି କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

ଦ୍ୱିତୀୟ ସନ୍ଧ୍ୟାରେ ଜିଲା ମହୋତ୍ସବ

# ଶୀତୁଆ ସନ୍ଧ୍ୟାରେ ମନ ମୋହିଲା ଆକର୍ଷଣୀୟ ନୃତ୍ୟ



କଳାକାରମାନଙ୍କ ଦ୍ୱାରା ମାଲଖମ୍ବ ପ୍ରଦର୍ଶନ କରାଯାଉଛି ।

**ନୟାଗଡ଼ ଅଫିସ,୨୫।୧୨**

ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୮ର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନୟାଗଡ଼ ଚାଷୀମାନଙ୍କର ଜିଲା ବୋଲି ପ୍ରକାଶ କରିଥିଲେ। ହେଲେ ଚାଷୀମାନଙ୍କ ପାଇଁ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ। ତେଣୁ ଦଶପଲ୍ଲାରେ ବୃତ୍ତଙ୍ଗ ଯୋଜନାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷ ଅଖିଳ କୁମାର ଜାନୀ , ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପିଡ଼ି ଅନାମ ଚରଣ ପାତ୍ର, ଉପ ଜିଲାପାଳ ଜିତେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ନୟାଗଡ଼ ବନ୍ଦନାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଏହା ପରେ ପୁରୀର ମାଲଖମ୍ବ ନୃତ୍ୟ ମଧ୍ୟ ବେଶ ଚମତ୍କାର ହୋଇଥିଲା। ପରେ ଲୋଇସିଙ୍ଗାର ନଚନିଆ, ରଙ୍ଗବତୀ, ମଧ୍ୟପ୍ରଦେଶର ଲୋକନୃତ୍ୟ ଓ ମର୍ଦ୍ଦଣ୍ଡ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ସନ୍ଧ୍ୟାଠାରୁ ବିଳମ୍ବିତ ଶୀତୁଆ ରାତି ଯାଏ କଳାକାରଙ୍କ ଆକର୍ଷଣୀୟ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ମିଳିଲାନି ଷ୍ଟଲ, ନିରାଶରେ ଫେରିଗଲେ ଦୁଇ ମହିଳା

ଜିଲା ମହୋତ୍ସବକୁ ବେପାର କରିବା ପାଇଁ ପୁରୀରୁ ଆସିଥିବା ଦୁଇ ମହିଳାଙ୍କୁ ଷ୍ଟଲ ନମିଳିବାରୁ ଆଜି ନିରାଶରେ ବିକ୍ରି ପାଇଁ ଆଣିଥିବା ଜିନିଷକୁ ଧରି ଫେରିଯାଇଛନ୍ତି। ମହିଳାମାନେ ହେଲେ ପୁରୀ ଜିଲା କୋଣାର୍କର ବିଷ୍ଣୁପ୍ରିୟା ପଣ୍ଡା ଏବଂ ସାକ୍ଷୀଗୋପାଳର ସବିତା ଦାଶ । ପୁରୀ ଜିଲା ଶିଳ୍ପ କେନ୍ଦ୍ରର ଚିଠି ପାଇ ନୟାଗଡ଼ ମହୋତ୍ସବକୁ ସେମାନଙ୍କ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରିବା ପାଇଁ ଆସିଥିଲେ। ଚିଠିରେ ତାଙ୍କୁ ୮୫ ଓ ୮୬ ନମ୍ବର ଦୁଇଟି ଷ୍ଟଲ ମିଳିଥିବା ଦର୍ଶାଯାଇଥିଲା। ସେମାନେ ଷ୍ଟଲରେ ଜିନିଷ ରଖି ଜଳଖିଆ ଖାଇବା ପାଇଁ ବାହାରକୁ ଯାଇଥିଲେ। ଆସିଲା ବେଳକୁ ଉକ୍ତ ଷ୍ଟଲ ଅନ୍ୟକୁ ପ୍ରଦାନ କରାଯାଇ ଥିବାରୁ ସେମାନଙ୍କୁ ଷ୍ଟଲରୁ ବାହାରି ଯିବା ପାଇଁ କେହି ଜଣେ ଭଦ୍ରବ୍ୟକ୍ତି ନିର୍ଦ୍ଦେଶ ଦେଇଥିଲେ। ପରେ ସେମାନଙ୍କୁ ଷ୍ଟଲ ମିଳିବ ବୋଲି ଅନ୍ୟଜଣେ କହିଥିଲେ। ସୋମବାର ମହିଳାମାନେ ଶୀତ, କାକରରେ ଖେଳ ପଡ଼ିଆ ନିକଟରେ ଜଣଙ୍କ ପିଣ୍ଡାରେ ରାତି କଟାଇ ମଙ୍ଗଳବାର ସକାଳୁ ପୁରୀ ଫେରି ଯାଇଛନ୍ତି। ଏ ନେଇ ଜିଲା ଶିଳ୍ପ ନିଗମ କେନ୍ଦ୍ରର ଆଇପିଓ ସୀତାରାମ ସାହୁ କୁହନ୍ତି ମହିଳାଙ୍କୁ ଷ୍ଟଲ ଦିଆଯାଇ ନ ଥିଲା, ସେମାନେ କାହାକୁ ନ ପଚାରି ଆସି ଫେରି ଯାଇଛନ୍ତି।



ଷ୍ଟଲ ନ ପାଇ ଫେରି ଯାଉଥିବା ଦୁଇ ମହିଳା।


MCL
ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2018_MCL_123804_1 | Supply of Neutral grounding Resistor. | 700920.00 |
| 2 | 2018_MCL_123963_1 | Strengthening of Bituminous road at Budhijam Colony under Orient Sub-Area | 7453626.00 |
| 3 | 2018_MCL_123996_1 | Supply of water to village Bahala Sahi under Hingula Area (Package-19). | 567798.00 |
| 4 | 2018_MCL_124010_1 | Supply of water to village Tilepasi and Khajuria under Hingula Area (Package-10). | 681358.00 |
| 5 | 2018_MCL_124021_1 | Supply of water to Kushachara Sahi, Jamunali village near R and R site under Hingula Area (Package-26). | 652178.00 |
| 6 | 2018_MCL_124032_1 | Supply of water to village Ambapal, Badamahitaila and Sanamahitaila under Hingula Area (Package-23). | 908477.00 |
| 7 | 2018_MCL_124039_1 | Supply of water to village Bhalugadia under Hingula Area (Package-11). | 465846.00 |
| 8 | 2018_MCL_124046_1 | Supply of water to village Joragadia, Tangarasahi, Hadisahi under Hingula Area (Package-08). | 794918.00 |
| 9 | 2018_MCL_124017_1 | SPARES FOR BE1000 BEML HYDRAULIC EXCAVATOR. | 321380.00 |
| 10 | 2018_MCL_124058_1 | Supply of water to village Banabaspur and Baghabaspur under Hingula Area (Package-15). | 931300.00 |
| 11 | 2018_MCL_124068_1 | Supply of water to village Kandhaberini, Baleswarsahi under Hingula Area (Package-07). | 794918.00 |
| 12 | 2018_MCL_124160_1 | PROCUREMENT OF OTR TYRE AND TUBE FOR ACE RHINO CRANE | 44366.00 |
| 13 | 2018_MCL_124238_1 | PROCUREMENT OF ELECTRICAL ITEMS FOR LT POWER SUPPLY | 463690.00 |
| 14 | 2018_MCL_124102_1 | Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area. | 612417.00 |
| 15 | 2018_MCL_124106_1 | Laying old cement concrete interlocking paver blocks at G.M. Colony under Jagannath Area. | 881107.00 |
| 16 | 2018_MCL_124198_1 | Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years | 2870251.00 |
| 17 | 2018_MCL_124258_1 | PROCUREMENT OF 110V 120AH MAINTENANCE FREE BATTERY | 352000.00 |
| 18 | 2018_MCL_124203_1 | Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area | 2029252.00 |
| 19 | 2018_MCL_124319_1 | PROCUREMENT OF DIFFERENT SIZE MS FLANGES FOR PIPE LINE | 537077.00 |
| 20 | 2018_MCL_124330_1 | PROCUREMENT OF SUPPLY AND INSTALLATION OF VIBRATING SCREEN | 625400.00 |
| 21 | 2018_MCL_124212_1 | Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP. | 633150.00 |
| 22 | 2018_MCL_124292_1 | Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area | 116172711.00 |
| 23 | 2018_MCL_124338_1 | Making of maintenance Transit store near Jarada Substation at KOCP of Kaniha Area MCL | 413677.00 |
| 24 | 2018_MCL_124365_1 | PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT. | 87372.00 |
| 25 | 2018_MCL_124371_1 | Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km | 1094619.00 |
| 26 | 2018_MCL_124096_1 | Procurement of Resuscitating / Reviving apparatus with all accessories and tool kit (DGMS Approved) and Testing Kit (Tester) compatible with above mentioned Resuscitating / Reviving apparatus | 3766027.00 |
| 27 | 2018_MCL_124306_1 | Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 12 Hrs. Duty and Average run of 120 KM Per Day) for Orient Area, MCL, for Two years (706 days) | 2285322.00 |
| 28 | 2018_MCL_124327_1 | Repair and maintenance of 1B type quarters (51units) under Talcher Colliery. | 4601101.00 |
| 29 | 2018_MCL_124373_1 | Procurement of computerized automatic speed indicator cum recorder(CASICR) and automatic contrivance (Electronics version) for 02 Nos. of winder | 1276760.00 |
| 30 | 2018_MCL_124376_1 | Supply of Xerox paper A-4 Size. | 417200.00 |
| 31 | 2018_MCL_124385_1 | Repairing of road from GM Office Orient Area main Gate to MRS Colony Gate (1st re-tender). | 580256.00 |
| 32 | 2018_MCL_124379_1 | Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km | 707916.00 |
| 33 | 2018_MCL_124129_1 | Cutting of grass in and around Nehru Shatabdi Central Hospital, CH Area, Talcher (for a period of two years) | 868395.00 |
| 34 | 2018_MCL_124138_1 | Washing and painting of C type quarters (37 Units) at NSCH Colony CH Area Talcher | 1499579.00 |
| 35 | 2018_MCL_124316_1 | Repair and renovation of drains, septic tanks, inspection chambers soak pits in backside area of A and B Type blocks (A/1 to A/23 and B/1 to B/13) at Anand Vihar, MCL HQ. | 21207359.00 |
| 36 | 2018_MCL_124567_1 | Supplying and Installation of Materials, Commissioning and Stamping of 100 T Road In-motion Weigh bridges 1 and 2 at Kaniha OCP | 1330000.00 |
| 37 | 2018_MCL_124555_1 | Spraying of water on both siding no. VII and VIII of Bharatpur Project for a period of two years. | 4755282.00 |
| 38 | 2018_MCL_123769_1 | Engine Assembly Model BS6D170-1 Part No 51Z0000022, applicable for BEML BD355 Dozer | 9011264.00 |
| 39 | 2018_MCL_124698_1 | Procurement of White Dolomite Powder and White Washing Lime. | 356360.00 |
| 40 | 2018_MCL_124620_1 | Hiring of One (01) No. Explosive van (06 Te or Higher Metal Body Truck of TATA / EICHER / ASHOK LEYLAND or equivalent) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km | 1423334.00 |
| 41 | 2018_MCL_124681_1 | Operation and maintenance of Water supply system in Jarada Village at Kaniha OCP of Kaniha Area for a period of One Year | 2261312.00 |
| 42 | 2018_MCL_124690_1 | Erection of 6.6 kV overhead line for operation / marching of dragline coming from Bharatpur Area to Ananta OCP of Jagannath Area | 966967.00 |
| 43 | 2018_MCL_124723_1 | Construction of 22 Nos. of Isolation stopping at WP-VF(B) panel at Nandira Colliery Re Tender | 2063821.00 |
| 44 | 2018_MCL_124601_1 | Procurement Oxygen Booster Pump | 6631110.00 |
| 45 | 2018_MCL_124754_1 | Fixing of tiles and associated civil works including general maintenance at C type and D type quarters of Nandira Colony, Nandira Colliery. | 5503763.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4872

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଦଶପଲ୍ଲା,୨୫।୧୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ଗ୍ରାମ ପଞ୍ଚାୟତର ଜିଲିଣ୍ଡା ଗ୍ରାମରେ ପୋଖରୀରେ ବୁଡି ଜଣେ ୯ମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଛାତ୍ର ଗୁରୁତର ହୋଇଛନ୍ତି । ମୃତ ଛାତ୍ରଙ୍କ ନାମ ବିନାୟକ ପାତ୍ର(୧୫)। ଗୁରୁତର ଛାତ୍ର ୧୦ମ ଶ୍ରେଣୀର ଆଶିଷ ପାତ୍ର (୧୫)। ସେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ପ୍ରକାଶ ଯେ, ଗ୍ରାମ ପୋଖରୀକୁ ଗାଧୋଇବାକୁ ବିନାୟକଙ୍କ ସମେତ ୫ଜଣ ସାଙ୍ଗ ପୂର୍ବାହ୍ନ ୧୧ଟାରୁ ଯାଇଥିଲେ । ସେମାନେ ଗାଧୋଉଥିବା ସମୟରେ ପହଁରି ଆରପାରିକୁ ଯିବାକୁ ଚେଷ୍ଟା କରିଥିଲେ ମାତ୍ର କିଛିସମୟ ମଧ୍ୟରେ ବିନାୟକ ଓ ଆଶିଷ ବୁଡିଯାଇଥିଲେ। ପୋଖରୀରେ ଗଧୋଉଥିବା ଅନ୍ୟ ଜଣେ ଯୁବକ ଦୁଇଜଣ ଛାତ୍ର ବୁଡି ଯାଉଥିବା ଦେଖି ପାଣି ଭିତରକୁ ଡେଇଁ ପଡିଥିଲେ। କେବଳ ଆଶିଷଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ବିନାୟକଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦଶପଲ୍ଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ.୧୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ଡ.ନିରୁପମା ଦାଶ ସମ୍ମାନିତ

ଖଣ୍ଡପଡା,୨୫।୧୨(ସ୍ୱ.ପ୍ର.)-କଣ୍ଟିଲୋ ଅଞ୍ଚଳର ଶିକ୍ଷାବିତ୍ ଡକ୍ଟର ନିରୁପମା ଦାଶଙ୍କୁ ରବିବାର ଅପରାହ୍ନରେ ମହେଶ ପ୍ରସାଦ ପୁରୋହିତ ମେମୋରିଆଲ ସମ୍ମାନରେ ସମ୍ମାନିତ କରାଯାଇଛି । ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନରେ ଆୟୋଜିତ ଏକ ସମ୍ମିଳନୀରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡିଶା ଉଦ୍ଭିଦ ବିଜ୍ଞାନ ସୋସାଇଟ୍ର ୪୩ ତମ ବାର୍ଷିକ ଅଧିବେଶନ ଉଦ୍ଘାଟନୀ ସମାରୋହରେ ଓଡିଶାରେ ଉଦ୍ଭିଦ ବିଜ୍ଞାନକୁ ଜନପ୍ରିୟ କରିବାରେ ବିଶେଷ ଅବଦାନ ନିମନ୍ତେ ବିଶ୍ୱ ବିଦ୍ୟାଳୟର ସଭାପତି ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର ଶ୍ରୀମତୀ ଦାଶଙ୍କୁ ସମ୍ମାନିତ କରିଛନ୍ତି। ଡ.ଦାଶ ଶିକ୍ଷକ ସ୍ୱର୍ଗତ ପୁରୁଷୋତ୍ତମ ମିଶ୍ରଙ୍କ ବୋହୂ ତଥା ରମାଦେବୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧାପିକା ଥିଲେ ।

### ପ୍ରଧାନ ଶିକ୍ଷକଙ୍କ ପରଲୋକ

**ନୟାଗଡ଼ ଅଫିସ,୨୫।୧୨:** ନୟାଗଡ଼ ସଦର ଯଦୁମଣି ନଗରରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ମିଶ୍ରଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ପ୍ରଥମେ ସେ ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିବା ବେଳେ ଦର୍ପନାରାୟଣପୁର ହାଇସ୍କୁଲରେ ଦୀର୍ଘ ୨୧ ବର୍ଷ ଧରି ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ତୁଲାଇଥିଲେ । ପରେ ବିନାୟକପୁର ଏବଂ ଶେଷରେ ଗୋବିନ୍ଦପୁର ହାଇସ୍କୁଲରୁ ପ୍ରଧାନଶିକ୍ଷକଭାବେ ଅବସର ଗ୍ରହଣ କରି ଯଦୁମଣି ନଗରରେ ଅବସ୍ଥାନ କରୁଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତିନି ପୁତ୍ରଙ୍କ ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଡ.ଦିଲୀପ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ । ସେ ଜଣେ ଆଦର୍ଶ, ଛାତ୍ରବତ୍ସଳ ଶିକ୍ଷକ ତଥା ଜଣେ ସୁସଂଗଠକ ଭାବେ ସମଗ୍ର ଅଞ୍ଚଳରେ ଜଣାଶୁଣା ଥିଲେ ।

# ମହିଳା ଗୋଷ୍ଠୀ ସହାୟିକାଙ୍କ ବିକ୍ଷୋଭ

**ରଣପୁର,୨୫।୧୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକ ଅଧୀନରେ କାର୍ଯ୍ୟକରୁଥିବା ସିଆର୍‌ପି ଗୋଷ୍ଠୀ ସହାୟିକା ମହିଳାମାନେ ୧୦ଦଫା ଦାବି ନେଇ ମଙ୍ଗଳବାର ରଣପୁର ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନେଇ ଏକ ଦାବିପତ୍ର ରଣପୁର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ପୂର୍ବାହ୍ନ ୧୦ଟାରେ ସାଥୀ ଆଶାମଣୀ ବଳିଆରସିଂଙ୍କ ସଭାପତିତ୍ୱରେ ଏକ ଶୋଭାଯାତ୍ରା ବାହାରି ରଣପୁର ବ୍ଲକରେ ପହଞ୍ଚିଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀମାରଣ ନୀତିକୁ ବିକ୍ଷୋଭକାରୀମାନେ ସମାଲୋଚନା କରିଥିଲେ। ମାସିକ ୧୮ହଜାର ଟଙ୍କା ଦରମା, ସରକାରୀ ମାନ୍ୟତା, ସମାନ କାମକୁ ସମାନ ଦରମା, ପରିଚୟ ପତ୍ର ପ୍ରଦାନ, ସାଇକେଲ, ଫୋନ ଏବଂ ଡ୍ରେସ୍ ଆଦି ବିଭିନ୍ନ ଦାବି କରି ମହିଳାମାନେ ଧାରଣା ଦେଇଥିଲେ । ରଣପୁର ବିଡିଓ ଘଟଣା ସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ । ସିଟୁର ଜିଲା ନେତା ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ପୂର୍ଣ୍ଣିମା ମହାପାତ୍ର, ଚାରୁଲତା ଦେବୀ, ସସ୍ମିତା ପ୍ରଧାନ, ଶୈଳବାଳା ମହାନ୍ତି, ମୁକ୍ତା ସେଠୀ ପ୍ରମୁଖ ସମାବେଶରେ ଉପସ୍ଥିତ ରହିଥିଲେ ।



ବିକ୍ଷୋଭରତ ଗୋଷ୍ଠୀ ସହାୟିକା ମହିଳାମାନେ।

**୧୦ ଦଫା ଦାବି**

# ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ଖଣ୍ଡପଡା,୨୫।୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଦ୍ୱିତୀୟ ବୈଠକ ଖଲିସାହି ତୋଟା ହନୁମାନ ସାଂସ୍କୃତିକ କେନ୍ଦ୍ର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ବାଲୁରି ବାରିକଙ୍କ ସଭାପତିତ୍ୱରେ ରାଜ୍ୟ ସଂଘର ସମ୍ପାଦକ ବିଭୂପ୍ରସାଦ ସାହୁ ସରକାରଙ୍କ ଆଭିମୁଖ୍ୟ ଓ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ୨୦୧୯ ଜାନୁୟାରୀ ୫ରେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏହି ପୀଠରେ ପୁଣି ଏକାଠି ହେବା ପାଇଁ ସାହୁ ନିବେଦନ କରିଥିଲେ। ଆଲୋଚନାରେ ୨୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ । ଉମାକାନ୍ତ ସାହୁ, ଭୋଳାନାଥ ନାୟକ, ଚିତ୍ତରଞ୍ଜନ ପଣ୍ଡା, ବିଳାସିନୀ ମହାନ୍ତି, ନିରଞ୍ଜନ ପଣ୍ଡା, ସିଦ୍ଧାର୍ଥ ମହାପାତ୍ର, ସନ୍ତୋଷ ସାହୁ ଓ ନକୁଳ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟ

# ଚେନ୍ନାଇ ପୋଲିସ ବିଜୟୀ

**ଟାଙ୍ଗୀ (ଖୋର୍ଦ୍ଧା),୨୫।୧୨ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାର କୁହୁଡି ଜନତା ଷ୍ଟାଡିୟମରେ ମହାବୀର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୫୯ ତମ ସର୍ବ ଭାରତୀୟ ମହାବୀର କପ୍‌ର ମଙ୍ଗଳବାର ଥିଲା ୫ମ ଦିବସ । ଏହି ଦିନ ଝାଡଖଣ୍ଡର ଧାନବାଦ ଫୁଟବଲ ଏକାଡେମୀକୁ ୧–୦ ଗୋଲରେ ହରାଇ ତାମିଲନାଡୁର ଚେନ୍ନାଇ ପୋଲିସ ବିଜୟୀ ହୋଇଛି । ଚେନ୍ନାଇ ପୋଲିସର ୨୮ ନଂ ଖେଳାଳି ଏ.କେ. ମୋଚିଦ୍ଦିନ୍ ବିଜୟ ସୂଚକ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ । ଅତିଥି ରୂପେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ବ୍ରଜମୋହନ ମହାପାତ୍ର ଓ ସୋରଣର ପୂର୍ବତନ ସରପଞ୍ଚ ରତିକାନ୍ତ ବୈରିଗଞ୍ଜନ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ । ମ୍ୟାଚ କମିଶନର ଜାତୀୟ ରେଫରି ଡି. ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ପ୍ରିୟବ୍ରତ ବାହିନୀପତି, ଦିଗ୍‌ବିଜୟ ଦାସ ଓ ଲକ୍ଷ୍ମୀ ପ୍ରସାଦ ନାଇଡୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।



ଖେଳର ଏକ ଦୃଶ୍ୟ।

### ରଣପୁରରେ ଖୋଲିଲା ଧାନମଣ୍ଡି

# ୧ମ ଦିନରେ ୩୦୪ କୁଇଣ୍ଟାଲ୍ ଧାନ କ୍ରୟ



ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

**ରଣପୁର,୨୫।୧୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୫ ସେବା ସମବାୟ ସମିତି ରହିଛି। ଏଥିମଧ୍ୟରୁ ମଙ୍ଗଳବାର ପ୍ରଥମ କରି ରଣପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହାର ସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମିତିର ସମ୍ପାଦକ ସର୍ବେଶ୍ୱର ଜେନା ୮ଜଣ ଚାଷୀଙ୍କଠାରୁ ପ୍ରଥମ ଦିନରେ ୩୦୪ କୁଇଣ୍ଟାଲ୍ ଧାନ କ୍ରୟ କରିଥିଲେ । କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଚାଷୀ ଦିଆଯାଇଥିଲା । ବର୍ତ୍ତମାନ ସୁଦ୍ଧା ୨୪୦ଜଣ ଚାଷୀ ସେମାନଙ୍କର ନାମ ସମିତିରେ ପଞ୍ଜୀକୃତ କରିଛନ୍ତି । ୩୧ ତାରିଖ ପର୍ଯ୍ୟନ୍ତ ଚାଷୀମାନେ ନାମ ପଞ୍ଜୀକରଣ କରିବା ଓ ଚାଷ କରିଥିବା ସମସ୍ତ ଧାନ ମଣ୍ଡିରେ ବିକ୍ରି କରିବା ନେଇ ସମ୍ପାଦକ ସୂଚନା ଦେଇଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ରଣପୁର,୨୫।୧୨(ସ୍ୱ.ପ୍ର.):** ରଣପୁର ବ୍ଲକ ରାଜସୁନାଖଲା ସରସ୍ୱତୀ ଶିଶୁ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ଶିଶୁର ଗୁଣାତ୍ମକ ବିକାଶ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସମ୍ପାଦକ ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ତରାସ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ସଭାପତି ବ୍ରଜବନ୍ଧୁ ପଟ୍ଟଯୋଶୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଦୁର୍ଯ୍ୟୋଧନ କାଠୁଆ ବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ ।

### ପ୍ରିମିୟର ଲିଗ୍ : ଦୀକ୍ଷିତପଡ଼ା ଲିଜାଣ୍ଟ, ଏଫ.ଏଫ ଫାଇଟର ବିଜୟୀ

**ଟାଙ୍ଗୀ (ଖୋର୍ଦ୍ଧା),୨୫।୧୨ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଦୀକ୍ଷିତପଡା ଠାରେ ଅବଦୁଲ କଲାମ ଆସୋସିଏଶନ ତରଫରୁ ଦୀକ୍ଷିତପଡା ପ୍ରିମିୟର ଲିଗ୍‌ର ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚଟି ଦୀକ୍ଷିତପଡା ଲିଜାଣ୍ଟ ଓ ଆଜାଦ ୟୁଥ ଲାୟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜାଦ ୟୁଥ ଲାୟନ ୧୨ ଓଭରରେ ୭ ଉଇକେଟ ହରାଇ ୯୧ ରନ ହାସଲ କରିଥିବା ବେଳେ ଦୀକ୍ଷିତପଡା ଲିଜାଣ୍ଟ ୧୦.୨ ଓଭରରେ ୯ ଉଇକେଟ ହରାଇ ୯୨ ରନ ହାସଲ କରି ମ୍ୟାଚଟି ଜିତି ଯାଇଥିଲା । ବିଜୟୀ ଦଳର ନଉସଫ ଖାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚିତ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ଶେଖ ସାହିଦ ଓ ଶେଖ ଖାଲିଦ। ଦ୍ୱିତୀୟ ମ୍ୟାଚଟିରେ ପରସ୍ପରକୁ ଭେଟିଥିଲେ ଏଫ.ଏଫ ଫାଇଟର ଓ ଏସ.ଟି ଜାଗୁଆର। ଏଫ.ଏଫ ଫାଇଟର ୧୨ ଓଭରରେ ୭ ଉଇକେଟ ବିନିମୟରେ କରିଥିଲା ୧୨୦ ରନ । ଜବାବରେ ଏସ.ଟି. ଜାଗୁଆର ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ କରି ମ୍ୟାଚରେ ହାରି ଯାଇଥିଲା । ରାଜେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷକରାଯାଇଥିଲା । ମ୍ୟାଚ ପରିଚାଳନା କରିଥିଲେ ଶେଖ ସାହିଦ ଓ ଶେଖ ସାହାବାଜ ।

# ବିଜେଡି ପକ୍ଷରୁ ୱାର୍ଡସ୍ତରୀୟ ସମାବେଶ

**ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ମା'ଉମାଦେବୀ ପୀଠରେ ବିଜେଡି ପକ୍ଷରୁ ମଙ୍ଗଳବାର ୱାର୍ଡସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡାର ପୂର୍ବତନ ନଗରପାଳ କିଶୋରଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସମାବେଶ ଆୟୋଜିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହି ସହରର ୧୩ ୱାର୍ଡର ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ନେଇ ବିଧାୟକ ଅନୁଭବ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ସେହିପରି ବୁଧବାର ମା'ବାହାଡାଣୁଣୀଙ୍କ ପୀଠରେ ଆୟୋଜିତ ହେବାକୁ ଥିବା ବିଜେଡିର ପ୍ରତିଷ୍ଠା ଦିବସକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଏଠାରେ ନିଷ୍ପତ୍ତି ନିଆଯାଇଥିଲା। ଓକିଲ ହରିଶ୍ଚନ୍ଦ୍ର ପ୍ରଧାନ,ବିଜୟ କୁମାର ମିଶ୍ର, ବରିଷ୍ଠ ନାଗରିକ ସାଗର ସ୍ୱାଇଁ, ସଂଗଠକ ବିନାୟକ ସାହୁଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ସମାବେଶରେ ଉପସ୍ଥିତ ଥିଲେ।




ସମାବେଶରେ ଯୋଗଦେଇଥିବା ବିଜେଡି ବିଧାୟକ, କର୍ମକର୍ତ୍ତା ଓ କର୍ମୀମାନେ।


ଧରିତ୍ରୀ CAREER APPOINTMENT
every Wednesday & Saturday

URGENTLY REQUIRED
PRINCIPAL and LECTURER in a Diploma Pharmacy College.
Jajpur Pharmacy College
7978915845, 8763813222
Send CV to sabyasachi171@gmail.com

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-. (Part Time / Full Time)
Contact: 9938676412

ଶ୍ରୀ ତିରୁପତି କୋରିୟର
ଆବଶ୍ୟକ
Male: 4 ଜଣ
Mob. No.: 9437142064, 9776793415
Address:- 50, Ashok Nagar, BBSR

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

REQUIRED
Requirement for a JCB operator (skid steer Robot 155). Contact:
Eminence Network Solutions
M.: 9777531003
Walk-in on 28th-29th Dec. 2018, Time: 11.30 AM - 2.30 PM
Paikanagar, Plot No.- 192(p), Lane-1, Bhubaneswar

WANTED
3 Nos. of ACCOUNTANT (Minimum 3 years of experience in Tally) in SHREE CEMENT Stockiest in Bhubaneswar. 173, Cuttack Road, Bomikhal, BBSR.
Email: logisticsaikrupa@gmail.com
Contact: 9040096740, 9040096747

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

Required Frontline Sales Officers and Collection Officers
L&T Financial Services, a part of L&T group, is conducting walk-in interviews for experienced / freshers frontline sales officers and Collection Officers for its Micro Loans Business in Orissa.

| | |
|---|---|
| Qualification | : Graduate |
| Age | : 20 to 30 years |
| Nature of work | : Field Work |
| Salary | : Attractive Salary with Best Incentive Scheme |
| Job Location | : Across Orissa |

Interview Address:
Bolangir: L&T Financial Services Limited, At. Tikarpada, Masid Chak P.O. Bolangir. Contact: Bijay Kumar Sahu - (8480100662), Biswajit - (9437511888)
Kantabanji: L&T Financial Services Limited, C/O. Bijaya Kumar Mishra At/Po. Kantabanji (Patel Colony), Ward No. 5, District Bolangir 767 039. Contact: Rajib Lochan Meher - (8249371087/9556737284) Mahesh Boddu - (9178003039)
Bargarh: L&T Financial Services Limited, Near Indian Oil Petrol Pump Bhatli Chowk, Bargarh 768 028. Contact: Srichandan Moharana - (9937090449) Satyaban Sahu - (9776695140)
Sundargarh: L&T Financial Services Limited, At. Siva Nagar, Mission Chowk, Post/District Sundargarh, Odisha 770 001. Contact: Sada Shiba Patra - (9439402210), Amitav Jena - (9090353710)
Bhawanipatna: L&T Financial Services Limited, Plot No. 109, 1st Floor Naktiguda Chowk, Near Old Income Tax Office, Bhawanipatna District Kalahandi. Contact: Manoj Kumar Badatia - (9937429185) Chintamani - (7606855657)
Kuchinda: L&T Financial Services Limited, At. Kuchinda, Near MI Office District Sambalpur 768 222. Contact: Pratap Sahu - (9668233207)
Bamra: L&T Financial Services Limited, At. Bamra, Near M/s. Shiv Enterprise, Po. Govindpur, District Sambalpur 768 221 Contact: Prasanta Sahoo - (9853170345)
Deogarh: L&T Financial Services Limited, C/O. Chandra Sekhar Pradhan House No. 20, At. Kulasahi, Rajmunda, In front of Church District Deogarh 768 108. Contact: Rajkumar Nayak - (9078038214)
Jharsuguda: L&T Financial Services Limited, C/O. Rabindra Debata Near L N College, Badheimunda, Jharsuguda, Odisha 768 202. Contact: Jitendra Kumar Pradhan - (9078072878/7978090878)
Nabrangpur: L&T Financial Services Limited, C/O. Jabaharlal Mishra Gabrialguda, Near U P School, At/Po. Nabarangpur 764 059. Contact Details: Rajkishore - (9938249649) Narayan Pradhan - (9937213247)
Rayagada: L&T Financial Services Limited, Neheru Nagar, 3rd Lane Jyoti Foundry Road, Rayagada, Odisha 765 001. Contact Details: Tushar Ranjan - (9938098211) Diptiraj Satpathy - (9853255922)
Interested candidates are requested to walk in on 26th, 27th & 28th December 2018 along with their resume, 2 passport size photographs, PAN card, address proof & mark sheets of 10th, 12th & graduation, between 10:00 am to 04:00 pm the above location. Male candidates with two wheeler, driving license & smart phone will be preferred.
www.ltfs.com
CIN: U65910WB1993FLC060810
L&T Financial Services

Exp. PGT Chem. / Physics / Maths / Eng. for CBSE / ICSE Resi. Schools in UP, Bihar, Haryana, Rajasthan (Rs. 45,000/- + Accdm. + meals). Fluency in Eng.
Mob: 9748058193
Email: stxc@rediffmail.com

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ପରମାନେଣ୍ଟ ଲାଇସେନ୍ସ ଥିବ। ରହିବା ବ୍ୟବସ୍ଥା ଅଛି।
7750899392, 8249431114

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

WANTED
A reputed Real Estate Company Sahid Nagar, Bhubaneswar required
DEPUTY MANAGER - 6Nos., MARKETING EXECUTIVE - 10Nos.(M/F), ACCOUNTANT - 2, PEON - 2
(Fixed salary + Incentive)
Contact: 9090419636

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

WALK-IN-INTERVIEW
KHURANA BROTHER
(A HOUSE OF FURNISHINGS)
1. SALES MANAGER : Male/Female
2. SALES EXECUTIVE : Male / Female
3. SHOWROOM SERVICE STAFF : M / F
4. EXP. ACCOUNTANT : Male / Female
5. 3 PHASE ELECTRICIAN : Male
SALARY BEST IN INDUSTRY
39-B, Ashok Nagar, BBSR, M : 7809061111

PATLIPUTRA LAW COLLEGE
PO+PS-Beur, Patna-2
WANTED
1. Principal - L.L.M, Ph.D, NET/SLET/SET with 10 yrs. teaching exp. in Law College.
2. Asst. Prof. - L.L.M., NET/SLET/ SET with 5 yrs. teaching Exp. in Law College.
Send Resume with copy of certificates at :
I.T.C. Anisabad, Behind Surya Mandir, Anisabad, Patna-02, Bihar
Ph. : 9709966626, 8210320047

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।